

'ଦ ରାଜା ସାବ୍'ର ଗୀତ ରିଲିଜ୍

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-149 ◆TUESDAY ◆25 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୪୯ ◆ମଙ୍ଗଳବାର ◆୨୫ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




# ବଲିଉଡ୍‌ର 'ହି-ମ୍ୟାନ୍' ଧର୍ମେନ୍ଦ୍ରଙ୍କ ପରଲୋକ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

## ଶୋକ ପ୍ରକାଶ କଲେ ମୋହନ, ନବୀନ

## ମହାନାୟକଙ୍କୁ ଅନ୍ତିମ ବିଦାୟ ଦେଲେ ସିନେ ତାରକା

■ ମୁମ୍ବଇ, ୨୪।୧୧ (ଏଜେନ୍ସି): ଆଉ ଜଣେ କିମ୍ବଦନ୍ତୀ ଅଭିନେତାଙ୍କୁ ହରାଇଛି ବଲିଉଡ୍। ହିନ୍ଦୀ ଚଳଚ୍ଚିତ୍ର ଜଗତର ହି-ମ୍ୟାନ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ହୋଇଛି। ସୋମବାର ଅପରାହ୍ଣ ୧.୧୦ରେ ୮୯ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୬ ଦଶନ୍ଧି ଧରି ସେ ପ୍ରଶଂସକଙ୍କ ହୃଦୟରେ ରାଜ୍ କରୁଥିବା ଧର୍ମେନ୍ଦ୍ର ପ୍ରାୟ ୩୦୦ ସିନେମାରେ ଅଭିନୟ କରିଥିଲେ। ତାଙ୍କ ସହ ବଲିଉଡ୍‌ରେ ଗୋଟିଏ ଯୁଗର ଅବସାନ ହୋଇଛି। ସେ ଆଗାମୀ ପିଢ଼ି ପାଇଁ ଏକ ବଳିଷ୍ଠ ପରମ୍ପରା ଛାଡି ଯାଇଛନ୍ତି। ମୁମ୍ବଇର ଭିଲେ ପାର୍ଲେ ଶ୍ମଶାନରେ ନିରାଡ଼ମ୍ବରରେ ଅପରାହ୍ଣ ୩ଟାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମେନ୍ଦ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ବିୟୋଗରେ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ହେଲା ବୋଲି କହିଛନ୍ତି। ଅଭିନେତା ଅମିତାଭ ବଚ୍ଚନ, ଶାହରୁଖ ଖାନ୍, ସଞ୍ଜୟ ଦତ୍ତ, ସଲମାନ ଖାନ୍, ଅମୀର ଖାନ, ରଣବୀର ସିଂ, ଦୀପିକା ପାଦୁକୋନଙ୍କ ସମେତ ବହୁ ବଲିଉଡ୍ ତାରକା ଶ୍ମଶାନରେ ଉପସ୍ଥିତ ରହି ଏହି ମହାନାୟକଙ୍କ ଅନ୍ତିମ ବିଦାୟ ଦେଇଛନ୍ତି।

ଗତ କିଛିଦିନ ହେବ ଧର୍ମେନ୍ଦ ଅସୁସ୍ଥ ଥିଲେ। ସେ ବୟସାଧିକ ଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୦ ତାରିଖରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ମୁମ୍ବଇର ଏକ ▶ପୃଷ୍ଠା-୭



▶ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି: ପୃଷ୍ଠା-୨

# ମିଲ୍ ଖୁନ୍ଦାଖୁନ୍ଦି: ଧାନ କିଣିବାକୁ ଅମଙ୍ଗ ମିଲର୍

## ପ୍ରତିଶ୍ରୁତି ସତ୍ତ୍ୱେ କଷ୍ଟମ୍ ମିଲିଂ ଦର ବଢ଼ାଇଲେନି ସରକାର

## ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉ ନ ଥିବାରୁ ଅସନ୍ତୋଷ

■ ଭୁବନେଶ୍ୱର, ୨୪।୧୧(ସମିସ): ମିଲ୍‌ରେ ମହଜୁଦ ରହିଛି ପର୍ଯ୍ୟାପ୍ତ ପରିମାଣରେ ଧାନ। ଗତ ଖରିଫ୍ ଋତୁର ଧାନ ମିଲିଂ ସରିନାହିଁ, ରବି ଋତୁ ଧାନ ଆସି ଗଦା ହୋଇଛି। ଏପରି ଅବସ୍ଥାରେ ଚଳିତ ଖରିଫ ଧାନ କିଣିବାକୁ ମିଲର ନାରାଜ। ମିଲ୍‌ରେ ଫାଙ୍କା ସ୍ଥାନ ନ ଥିବାରୁ ଧାନ କିଣିଲେ କେଉଁଠାରେ ରଖିବୁ ବୋଲି ସରକାରଙ୍କୁ ପାଲଟା ପ୍ରଶ୍ନ କରୁଛନ୍ତି। ଏହାକୁ ନେଇ ସରକାର-ମିଲରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଛକାପଞ୍ଝା ଚଳିତ ବର୍ଷ ଧାନ କିଣାରେ ଅହେତୁକ ବିଳମ୍ବ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଚାଷୀ ନେତାମାନେ ମିଲର-ସରକାରଙ୍କ ଏହି ବିବାଦକୁ କେବଳ ଚାଷୀଙ୍କୁ ଭୂଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛନ୍ତି।

ମିଲରମାନଙ୍କ ଅଭିଯୋଗ ଅନୁଯାୟୀ ସରକାର ଧାର୍ଯ୍ୟ ସମୟରେ ଉତ୍ପାଦିତ ସମସ୍ତ ଚାଉଳ ଉଠାଉ ନ ଥିବାରୁ ବହୁ ପରିମାଣରେ ଚାଉଳ ଗଚ୍ଛିତ ରହିଛି। ଧାନକୁ ଚାଉଳ କରି ରଖିଲେ ନଷ୍ଟ ହେବାର ଆଶଙ୍କା ଥିବାରୁ ମିଲିଂ ହୋଇପାରୁନାହିଁ। ସରକାରଙ୍କ ପାଖରେ ଧାନ ଓ ଚାଉଳ ଗଚ୍ଛିତ ରଖିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସେହିପରି ମିଲ୍‌ରେ ଧାନ ଗଚ୍ଛିତ ରଖିଲେ ତାହାର ରକ୍ଷଣାବେକ୍ଷଣ ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ରହିଛି। ମାତ୍ର ଗତ ଦୁଇ ଆର୍ଥିକ ବର୍ଷରେ ଏଥିପାଇଁ ମିଲରମାନଙ୍କୁ ଚାଉଳ ଗଚ୍ଛିତ ରଖିବା ବାବଦ ଅର୍ଥରାଶି ▶ପୃଷ୍ଠା-୭

## ଚାଷୀ-ମିଲର୍ସ ସଲାସୁତ୍ରରେ କଟ୍‌ନୀଛଟ୍‌ନୀ: ମନ୍ତ୍ରୀ

### ମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ: ବିଜେଡି

### ପ୍ରତିଶ୍ରୁତି ଭୁଲିଛନ୍ତି ସରକାର, ସବୁଠାରେ କଟନୀଛଟନୀ: କଂଗ୍ରେସ

■ ଭୁବନେଶ୍ୱର, ୨୪।୧୧(ସମିସ): ଧାନ କିଣା ସମୟରେ ଚାଷୀ ଓ ମିଲର୍ସ ପରସ୍ପର ମଧ୍ୟରେ ସଲାସୁତୁରା ହୋଇ କଟନୀଛଟନୀ କରୁଛନ୍ତି। ଏଥିରେ ସରକାର କଣ କରିପାରିବେ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଟିପ୍ପଣୀକୁ ନେଇ ଆରମ୍ଭ ହୋଇଛି ବିବାଦ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ କଟନୀଛଟନୀ ନେଇ ମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ। ନିଜେ ନିଜର କ୍ଷତି କରିବାକୁ ଚାଷୀ କେମିତି ଚିନ୍ତା କରିବ ବୋଲି ସେ ପ୍ରଶ୍ନ କରିବା ସହ ମନ୍ତ୍ରୀ ତୃଣମୂଳସ୍ତରର ସ୍ଥିତି ଜାଣୁ ନ ଥିବା କଟାକ୍ଷ କରିଛନ୍ତି। ଗତବର୍ଷ ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୧୦ରୁ ୧୨ କିଲୋ ଲେଖାଏଁ କଟନୀଛଟନୀ କରାଯାଇଛି। ବିନା କଟନୀଛଟନୀରେ ଧାନ କିଣା ନେଇ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଚାଷୀର ସ୍ୱାର୍ଥ ରକ୍ଷା କରିବା ଓ କଟନୀଛଟନୀ ରୋକିବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଅପରପକ୍ଷରେ ଚଳିତବର୍ଷ କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୦ ଟଙ୍କା ବଢ଼ାଇଥିବାବେଳେ ତାହାକୁ ରାଜ୍ୟ ସରକାର ଓଡ଼ିଶାର ଚାଷୀଙ୍କୁ ପ୍ରଦାନ ନ କରିବା ପାଇଁ ଯୋଜନା କରିଥିବା ସେ ଅଭିଯୋଗ କରିଛନ୍ତି। ସରକାର ଦେଉଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡିରୁ ଏହି ଟଙ୍କା କାଟିଦେବେ। ଫଳରେ ଚାଷୀ ଆର୍ଥିକ କ୍ଷତିରେ ପଡ଼ିବେ। ଏନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବିଧାୟକ ଦଳ ▶ପୃଷ୍ଠା-୭

# ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ



## ନୂଆ ଉଦାହରଣ ସୃଷ୍ଟିକଲେ ବିଦାୟୀ ସିଜେଆଇ ଗଭାଇ

## ଉତ୍ତରାଧିକାରୀଙ୍କ ପାଇଁ ଛାଡ଼ିଗଲେ ସରକାରୀ ଗାଡ଼ି

■ ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ ତମ ପ୍ରଧାନ ବିଚାରପତି (ସିଜେଆଇ) ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହିନ୍ଦୀରେ ଶପଥ ନେଇ ସାରିବେ ପରେ ସିଜେଆଇ କାର୍ଯ୍ୟକ୍ରମରେ ଉପସ୍ଥିତ ନିଜ ଭଉଣୀ ଏବଂ ବଡ଼ ଭାଇଙ୍କୁ ପାଦ ଛୁଇଁ ପ୍ରଣାମ କରିଥିଲେ। ଏହି ଅବସରରେ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ସେ ଉପ-ରାଷ୍ଟ୍ରପତି ସିପି ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ପୂର୍ବତନ ପ୍ରଧାନ ବିଚାରପତି ବିଆର ଗଭାଇ ନିଜ ଉତ୍ତରାଧିକାରୀଙ୍କୁ କୁଣ୍ଢାଇ ପକାଇ ଥିଲେ। ପ୍ରଥମ ଥର ପାଇଁ ଏହି ସମାରୋହରେ ବ୍ରାଜିଲ, ଭୁଟାନ, କେନିଆ, ମାଲେସିଆ, ▶ପୃଷ୍ଠା-୭

# କମିଲା ଅତିରିକ୍ତ ବଜେଟ ଆକାର

## ୧୧ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ ଚିଠା ପ୍ରସ୍ତାବ

### ୨୮ ତାରିଖରେ ବିଧାନସଭାରେ ଆଗତ ହେବ ଅତିରିକ୍ତ ବଜେଟ

■ ଭୁବନେଶ୍ୱର,୨୪।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅତିରିକ୍ତ ବଜେଟ୍‌କୁ ମିଳିଛି ମଞ୍ଜୁରୀ। ଆସନ୍ତା ଶୀତ ଅଧିବେଶନ ୨୭ ତାରିଖରୁ ଆରମ୍ଭ ହେବ ଓ ୨୮ ତାରିଖରେ ଅତିରିକ୍ତ ବଜେଟ ଚିଠା ପ୍ରସ୍ତାବ ଆଗତ ହେବ। ମନ୍ତ୍ରୀ ପରିଷଦ ବୈଠକରେ ୧୦ ହଜାର କୋଟିରୁ ଅଧିକ ଟଙ୍କାର ଚିଠା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିବା ସୂଚନା ମିଳିଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨,୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦,୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧,୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ତେବେ ଚଳିତ ଆର୍ଥିକ ବର୍ଷରେ ଆବଣ୍ଟିତ ବଜେଟ ଅର୍ଥରେ ଆଖିଦୃଶିଆ ବ୍ୟୟ ହୋଇପାରି ନାହିଁ। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ବେଶ୍ ନିରୁତ୍ସାହଜନକ ରହିଛି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୈଠକରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିଯୋଗୁଁ ଅତିରିକ୍ତ ବଜେଟର ପରିମାଣକୁ ପୂର୍ବ ଆର୍ଥିକ ବର୍ଷ ତୁଳନାରେ କମାଇ ଦିଆଯାଇଥିବା ଆଲୋଚନା ହେଉଛି।

# ରାଜ୍ୟ କ୍ୟାବିନେଟରେ ୩ ପ୍ରସ୍ତାବକୁ ମଞ୍ଜୁରୀ

■ ଭୁବନେଶ୍ୱର, ୨୪।୧୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଅନୁମୋଦିତ ସମସ୍ତ ୩ଟି ପ୍ରସ୍ତାବ ସାଧାରଣ ପ୍ରଶାସନ ବିଭାଗର ହୋଇଥିବା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

୩ଟି ପ୍ରସ୍ତାବ ମଧ୍ୟରୁ ଉଚ୍ଚ ମାଧ୍ୟମିକସ୍ତର କିମ୍ବା ସମାନସ୍ତର ଅଧୀନସ୍ଥ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପୂର୍ବରୁ ଏହି ନିୟମାବଳୀର ଅନୁଚ୍ଛେଦ-୧ରେ ୧୧ଟି ଭିନ୍ନ ପଦବୀ ଅନ୍ତର୍ଭୁକ୍ତ ▶ପୃଷ୍ଠା-୭

# ସମୁଦ୍ର ମଧ୍ୟରେ ଏକାଧିକ ଘୂର୍ଣ୍ଣିବଳୟ

# ଆଗକୁ ବଢ଼ିପାରୁନି ଲଘୁଚାପ



## ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଆଶଙ୍କା କ୍ଷୀଣ

■ ଭୁବନେଶ୍ୱର, ୨୪।୧୧ (ସମିସ): ବର୍ତ୍ତମାନ ପ୍ରଶାନ୍ତ ମହାସାଗରରେ ଗୋଟିଏ ବାତ୍ୟା ସକ୍ରିୟ ରହିଛି। ଏହାସହ ମଲାକ୍କା ସମୁଦ୍ର ଏବଂ ଦକ୍ଷିଣ-ଆଣ୍ଡାମାନ ସାଗର ଉପରେ ଏକ ସଦୃଶ ଲଘୁଚାପ ରହିଛି। ଏହା ବ୍ୟତୀତ କୋମ୍‌ରିନ୍ ପାଶ୍ୱର୍ବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଆରବ ସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସମୁଦ୍ର ମଧ୍ୟରେ ଗୋଟିଏ ସମୟରେ ଏତେଗୁଡ଼ିଏ ଲଘୁଚାପ ଓ ଘୂର୍ଣ୍ଣିବଳୟ ଘେରି ରହିଥିବାରୁ ଉଭୟେ ଉଭୟଙ୍କୁ ପ୍ରଭାବିତ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଦୀର୍ଘ ୬ ଦିନ ପରେ ମଧ୍ୟ ମଲ୍ଲାକା ସମୁଦ୍ର ନିକଟରେ ଥିବା ସଦୃଶ ଲଘୁଚାପ ବଙ୍ଗୋପସାଗରରେ ପହଞ୍ଚିପାରି ନାହିଁ। ଏହି ଲଘୁଚାପ ବାତ୍ୟାରେ ପରିଣତ ହେବ ବୋଲି ଆଇଏମ୍‌ଡି ପୂର୍ବରୁ ଆକଳନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ଆଗକୁ ବଢୁ ନ ଥିବାରୁ ବାତ୍ୟା ସୃଷ୍ଟି ହେବା ଓ ଏହା ଆନ୍ଧ୍ର-ଓଡ଼ିଶା ଉପକୂଳ ମୁହାଁ ହେବା ଉପରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀଲଙ୍କା ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ସହ ଏହା ବାତ୍ୟାରେ ପରିଣତ ହେବା ନେଇ ଆଉ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ▶ପୃଷ୍ଠା-୭

# ଆଇଏଲ୍‌ଏସ୍‌ର ଯକ୍ଷ୍ମା ଟିକା ଗବେଷଣା ସଫଳ




## ବିଶ୍ୱ ବଜାରରେ ଟିକା ପହଞ୍ଚାଇବା ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

■ ଭୁବନେଶ୍ୱର, ୨୪।୧୧ (ସମିସ): ଯକ୍ଷ୍ମା ନିରାକରଣରେ ଦିଗରେ ଏକ ଅଭୂତପୂର୍ବ ସଫଳତା ମିଳିଛି। ଭୁବନେଶ୍ୱର ଆଇଆଇଟି ଏବଂ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲଏସ), ଭୁବନେଶ୍ୱର ମିଳିତ ଭାବେ ଏକ ପ୍ରଭାବଶାଳୀ ଯକ୍ଷ୍ମା ଟିକାର ଉଦ୍ଭାବନ କରିଛନ୍ତି। ଏହି ଟିକାକୁ ବିଶ୍ୱ ବଜାରରେ ପହଞ୍ଚାଇବା ଏବଂ ଅଧିକ ଗବେଷଣା ପାଇଁ ସୋମବାର ଆଇଆଇଟି, ଆଇଏଲ୍‌ଏସ୍ ଏବଂ ନ୍ୟାସନାଲ ରିସର୍ଚ୍ଚ ଡେଭଲପମେଣ୍ଟ କର୍ପୋରେସନ୍ ପକ୍ଷରୁ ଟେକ୍-ଇନଭେନସନ୍ ଲାଇଫ କେୟାର ନାମକ ଘରୋଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଚ୍‌ଏସ୍‌ପି ସବ-ୟୁନିଟ୍ ନାମକ ଏହି ଭାକ୍ସିନ୍ ଯକ୍ଷ୍ମା ନିୟନ୍ତ୍ରଣରେ ବହୁତ ଭଲ ପ୍ରଭାବ ଦେଖାଉଛି। ଆଇଆଇଟିର ପ୍ରଫେସର୍ ଆଶିଷ ବିଶ୍ୱାସ, ଆଇଏଲସର ଡ. ସୁନୀଲ କୁମାର ରାଘବଙ୍କ ନେତୃତ୍ୱରେ ଗବେଷକଙ୍କ ଦଳ ଏହି ସଫଳତା ପାଇଛି।

# ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ଡାକ୍ତରଖାନାରେ ନିର୍ଯାତନା !

## ବୟାନ ବଦଳାଇବାକୁ ନାବାଳିକାଙ୍କ ଉପରେ ପୁଲିସର ଚାପ

## ତଦନ୍ତ ଅଧିକାରୀଙ୍କ ଭୂମିକାକୁ ନେଇ ମା' ଆଣିଲେ ସାଂଘାତିକ ଅଭିଯୋଗ

## ହସ୍ପିଟାଲରେ ନାବାଳିକାଙ୍କୁ ଭେଟିଲେ ବିଜେଡି-କଂଗ୍ରେସ ନେତା

## ନିଜ ଆଡୁ ମାମଲା ରୁଜୁ କଲେ ଶିଶୁ ସୁରକ୍ଷା ଅଧିକାର କମିସନ

■ ଭୁବନେଶ୍ୱର, ୨୪।୧୧ (ସମିସ): ଖୋର୍ଦ୍ଧା ନାବାଳିକା ଗଣଦୁଷ୍କର୍ମ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଚିକିତ୍ସାଧୀନ ପୀଡ଼ିତାଙ୍କୁ ଡାକ୍ତରଖାନାରେ ନିର୍ଯାତନା ଦିଆଯାଉଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ତଦନ୍ତକାରୀ ପୁଲିସ ଅଧିକାରୀ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ସହ ବୟାନ ବଦଳାଇବାକୁ ମାନସିକ ନିର୍ଯାତନା ଦେଉଥିବା ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ଖୋର୍ଦ୍ଧା ବାଘମାରୀ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଗଣଦୁଷ୍କର୍ମ ମାମଲାରେ କିଏ କିଏ ସମ୍ପୃକ୍ତ ଅଛନ୍ତି। ଅପରାଧ କିଭଳି ସଂଗଠିତ ହେଲା, କେଉଁ ପରିସ୍ଥିତିରେ ଅପରାଧ ଘଟିଲା, ଘଟଣା ପଛରେ କେଉଁକେଉଁ ଲୋକ ଅଛନ୍ତି ଆଦି ଅନେକ ପ୍ରଶ୍ନ ପୀଡ଼ିତାଙ୍କୁ କରାଯାଇଛି। ସେ ମଧ୍ୟ ପୁଲିସକୁ ବିସ୍ତୃତ ଭାବରେ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ତେବେ ଏହି ଘଟଣାରେ ପୁଲିସର ଭୂମିକାକୁ ନେଇ ପୀଡ଼ିତାଙ୍କ ମା' ସନ୍ଦେହପ୍ରକଟ କରିବା ସହ ତାଙ୍କ ଝିଅକୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ବୟାନରେ ପୀଡ଼ିତା ଯାହା କହୁଛନ୍ତି ତାକୁ ରେକର୍ଡ ପରିବର୍ତ୍ତେ ବୟାନ ବଦଳାଇବା ଓ ମାମଲା ରଫାଦଫା ପାଇଁ ତଦନ୍ତକାରୀ ଅଧିକାରୀ ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ପ୍ରଭାବଶାଳୀ ଅଭିଯୁକ୍ତଙ୍କୁ ମାମଲାରୁ ଖସାଇବା ପାଇଁ ପୁଲିସ ଆରମ୍ଭରୁ ଯୋଜନା କରୁଛି ବୋଲି ସେ କହିଛନ୍ତି।

ପୀଡ଼ିତାଙ୍କ ମା' ଏପରି ଅଭିଯୋଗ ଆଣିବା ପରେ ପୁଲିସର ଭୂମିକା ଉପରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ କ'ଣ ପାଇଁ, କାହାକୁ ସୁରକ୍ଷା ଦେବାକୁ ଓ କାହା ନିର୍ଦ୍ଦେଶରେ ଚାପ ପକାଉଛି ତାହା ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ପୁଲିସର ତଦନ୍ତ ଉପରେ ପରିବାର ଲୋକ ପ୍ରଶ୍ନ ଉଠାଉଥିବାରୁ ଘଟଣାର ତଦନ୍ତକାରୀ ଅଧିକାରୀଙ୍କୁ କାହିଁକି ବଦଳାଯାଉ ନାହିଁ ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ବିଜେଡି ଓ କଂଗ୍ରେସ ଦଳର ନେତାମାନେ ଡାକ୍ତରଖାନାରେ ପୀଡ଼ିତାଙ୍କୁ ଭେଟି ତାଙ୍କର୍ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଶିଶୁ ସୁରକ୍ଷା କମିଶନରଙ୍କ ଅଧ୍ୟକ୍ଷତାରେ ଶିଶୁ ସୁରକ୍ଷା ଆୟୋଗର ଏକ ୩ ଜଣିଆ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟିଛନ୍ତି। ଆୟୋଗ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିସନର ବବିତା ପାତ୍ର କହିଛନ୍ତି। ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୬ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଭିନ୍ନ ସ୍ଥାନରେ ଚଢଉ କରିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

## ଆଉଟସୋର୍ସିଂ କର୍ମଚାରୀମାନଙ୍କ ଅଭିନବ ପ୍ରତିବାଦ

# ପୋଷ୍ଟ କାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ସମସ୍ୟା

ମାଲକାନଗିରି,୨୪।୧୧(ସମିସ): ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର ଆଉଟସୋର୍ସିଂ କର୍ମଚାରୀମାନଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦ, ଅଭିନବ ଉପାୟରେ ପୋଷ୍ଟ କାର୍ଡ ମାଧ୍ୟମରେ ନିଜର ସମସ୍ୟାକୁ ଲିଖିତ ଭାବେ ପ୍ରଧାନମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ତେବେ ଏହି କର୍ମଚାରୀମାନଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘବର୍ଷ ଧରି ସ୍ୱଳ୍ପ ବେତନରେ ସେମାନେ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ସରକାର ସେମାନଙ୍କ ଦୁଃଖ କେବେ ବୁଝି ନାହାନ୍ତି। ସରକାର ସେମାନଙ୍କ ଦୁଃଖ ଶୁଣିବା ବଦଳରେ ପ୍ରାୟ ୬୫ ଭାଗ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଛଟେଇ କରିଛନ୍ତି। ତେଣୁ ଏହି କର୍ମଚାରୀମାନଙ୍କ ପାଇଁ ସେମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି।



ତେବେ ଗତ ମାର୍ଚ୍ଚ ମାସରେ ନିଜର ନ୍ୟାର୍ଯ୍ୟ ଦାବି ନେଇ ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଭୁବନେଶ୍ୱରଠାରେ ଧାରଣାରେ ବସିଥିଲା। ବର୍ତ୍ତମାନର ସରକାର ସେମାନଙ୍କୁ ପ୍ରତିଶୃତି ଦେବା ପରେ କର୍ମଚାରୀମାନେ ଧାରଣରୁ ମଧ ଓହରିଥିଲେ। ବର୍ତ୍ତମାନ ସୁଦ୍ଧା କିନ୍ତୁ କର୍ମଚାରୀମାନଙ୍କ ଦୁଃଖ ବୁଝିଲାନି ରାଜ୍ୟ ସରକାର। ତେଣୁ ଆଜି ମାଲକାନଗିରି ଜିଲ୍ଲା ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଏହି ଅଭିନବ ଉପାୟରେ ପୋଷ୍ଟ କାର୍ଡ ମାଧ୍ୟମରେ ନିଜର ସମସ୍ୟା ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଜଣାଯାଇଛି। ଆଜି ପାଖାପାଖି ୮୦୦ ପୋଷ୍ଟ କାର୍ଡ ପୋଷ୍ଟ ଅଫିସରେ ଦିଆଯାଇଥିବା ଜଣାପଡିଛି। ତେବେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଯଦି ଏହି ଆଉଟସୋର୍ସିଂ କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲ୍ଲା ଆଉଟସୋର୍ସିଂ କର୍ମଚାରୀ ସଂଘ ସଭାପତି ବିକ୍ରମ ରାଉତ ସୂଚନା ଦେଇଛନ୍ତି। ଆଜିର ଏହି ପ୍ରତିବାଦରେ ସଙ୍ଘ ଜିଲ୍ଲା ସମ୍ପାଦକ ପ୍ରମୋଦ ବାଜିଙ୍ଗ, ଶ୍ୟାମ ସଗରିଆ, ଗୌତମ ଦେବାନନ୍ଦଙ୍କ ସମେତ ଅନ୍ୟକର୍ମଚାରୀମାନେ ଉପସ୍ଥିତ ଥିଲେ।

## ନେଚୁରୋପାଥି ଆୟୁର୍ବେଦ ଉପରେ କର୍ମଶାଳା

ରାୟଗଡା,୨୪।୧୧(ସମିସ): ଆଧୁନିକ ଯୁଗର ଦୂଷିତ ପରିବେଶ, ଅସୁସ୍ଥ ଜୀବନ ଶୈଳୀ ଏବଂ ରୋଗ-ବ୍ୟାଧିର ଭଉତିକ ଚାପରେ ମାନବ ଜୀବନ ବିକ୍ଷୁବ୍ଧ ହେଉଥିବା ବେଳେ, ନେଚୁରୋପେଥି, ଆୟୁର୍ବେଦ, ଯୋଗ ଏବଂ ଧ୍ୟାନର ଗୁରୁତ୍ୱ ଦିନକୁ ଦିନ ବଢୁଛି। ଏହି ପରିପ୍ରେକ୍ଷ୍ୟରେ ପ୍ରାକୃତିକ ଓ ସତ୍ୱିକ ଜୀବନ ଶୈଳୀ ବିଷୟରେ ସଚେତନତା ବୃଦ୍ଧି ପାଇଁ ରାୟଗଡାର ଦି କ୍ୟାମ୍ବ୍ରିଜ୍ ସ୍କୁଲ୍‌ର ଇକୋକ୍ଲବ୍ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ସେମିନାର ଏବଂ କର୍ମଶାଳାର ଭବ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଅଭିଭାବକ, ସ୍କୁଲ୍ ମାତୃମାନେ, ୱାକର୍ସ କ୍ଲବ, ଡିଭାଇନ ଲାଇଫ ସୋସାଇଟି ସଦସ୍ୟମାନେ ଓ ବିଭିନ୍ନ ଆମନ୍ତ୍ରିତ ଅତିଥିମାନେ ଉପସ୍ଥିତ ହୋଇଥିଲେ। ହୋଲିଷ୍ଟିକ୍ ନାଚୁରୋପେଥି ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ ପଞ୍ଚତତ୍ୱ, ପଞ୍ଚଭୂତ ଓ ମାନବ ଶରୀରର ସମ୍ବନ୍ଧକୁ ବିସ୍ତୃତ ଭାବରେ ବୁଝାଇଥିଲେ। ବିଶିଷ୍ଟ ଲାଇଫ୍-ଷ୍ଟାଇଲ୍ ବକ୍ତା ପ୍ରୋଫେସର କୃଷ୍ଣପ୍ରିୟା ସାହାନୀ ଧ୍ୟାନ, ଯୋଗ ଓ ନିୟମିତ ଶ୍ୱାସ ବ୍ୟାୟାମ କିପରି ମାନବ ମାନସିକ ସ୍ୱାସ୍ଥ୍ୟ ଓ ଶାରୀରିକ ସୁସ୍ଥତାକୁ ଗଢ଼ିଏ, ତାହା ଉପରେ ବିସ୍ତାରିତ ଭାବେ କହିଥିଲେ। ଦି କ୍ୟାମ୍ବ୍ରିଜ୍ ସ୍କୁଲ୍‌ର ଡାଇରେକ୍ଟର ସୁରେଶ କୁମାର ମହାପାତ୍ର ଜଙ୍କ ଫୁଡ୍‌ର କ୍ଷତିକାରକ ପ୍ରଭାବ ଉପରେ ସତର୍କ କରି ଅଭିଭାବକମାନଙ୍କୁ ପିଲାମାନଙ୍କ ସକାଳ ବ୍ରେକଫାଷ୍ଟରେ ଅଙ୍କୁରିତ ଦାନା ଦେବାକୁ ପ୍ରେରିତ କରିଥିଲେ। ସେମିନାରର ଶେଷରେ ଦି କ୍ୟାମ୍ବ୍ରିଜ୍ ସ୍କୁଲ୍ ଶିକ୍ଷୟିତ୍ରୀ ସ୍ମିତା ବିଜୟ ସାନ୍ତି ସମସ୍ତ ଅତିଥି, ଅଭିଭାବକ ଓ ପ୍ରତିଭାଗୀମାନଙ୍କୁ ଧନ୍ୟବାଦ ଜଣାଇ ସେମିନାରକୁ ସଫଳ କରିବାରେ ସମସ୍ତଙ୍କ ସହଯୋଗ ପ୍ରଶଂସା କଲେ। ସ୍କୁଲ୍‌ର ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଭୂମିକାରେ ଏହି ସେମିନାର ସଫଳତାର ଶିଖରରେ ପହଞ୍ଚିଲା। ପ୍ରାକୃତିକ ଜୀବନ ଶୈଳୀ, ଆୟୁର୍ବେଦିକ ଚିକିତ୍ସା, ଯୋଗ ଓ ଧ୍ୟାନ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟଜ୍ଞାନକୁ ଆହୁରି ଦୃଢ଼ କରିଥିଲା।




## ମାଲକାନଗିରିରେ ଏକତା ପଦଯାତ୍ରା

ମାଲକାନଗିରି, ୨୪।୧୧(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ସାମିଲ ହୋଇ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏକ ଭାରତ ଓ ଶ୍ରେଷ୍ଠ ଭାରତର ପ୍ରତୀକ ଥିଲେ। ରାଷ୍ଟ୍ର ଭକ୍ତ, ଜାତୀୟତାବାଦୀ ଓ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାରଙ୍କ ଭୂମିକା ତାଙ୍କୁ ଚିର ଅମର କରି ରଖିଥିବ ବୋଲି କହିଛନ୍ତି। କ୍ରୀଡ଼ା ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଏମଭି-୩ ବିଏସଏଫ୍ ପଡ଼ିଆ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଏକତା ପଦଯାତ୍ରା ଆୟୋଜିତ ହୋଇଥିଲା। ସାଂସଦ ବଳଭଦ୍ର ମାଝୀ ଙ୍କ ସହ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ବିନୋଦ ପାଟିଲ ଏଚ୍, ବିଏସଏଫ୍ ଡେପୁଟି କମାଣ୍ଡାଣ୍ଟ ରବି ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଓ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ବିଏସଏଫ୍ ପଡିଆଠାରେ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଏନସିସି କ୍ୟାଡେଟ୍, ଯୁବ ସଂଗଠନର ସଦସ୍ୟ, ପୋଲିସ୍, ବିଏସଏଫ୍ ଯବାନ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଲୌହ ମାନବଙ୍କ ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣର ପ୍ରେରଣା ଦିଏ ବୋଲି ସାଂସଦ କହିଥିଲେ। ଡିଏନକେ ପଡିଆଠାରେ ଶୋଭାଯାତ୍ରାରେ ସମସ୍ତେ ପହଞ୍ଚିବା ପରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଂସଦ ସମସ୍ତଙ୍କୁ ଆତ୍ମନିର୍ଭର ଭାରତର ଶପଥ ପାଠ କରାଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍, ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା, ଯୁବ ଅଧିକାରୀ ବି ରମେଶ ଓ ଖାଦ୍ୟ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ କଳାକାରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନ କରିବାରେ ନେହେରୁ ଯୁବ କେନ୍ଦ୍ର, ଖାଦ୍ୟ ଯୋଗାଣ, କ୍ରୀଡ଼ା ଓ ସଂସ୍କୃତି ବିଭାଗର କର୍ମଚାରୀ ସହଯୋଗ କରିଥିଲେ।



### 'ଦିଗହରା ମନରେଗା'

## ଅଟକିଛି ୮୮ ରୋଜଗାର ସେବକ ନିଯୁକ୍ତି

କାଳିମେଳା,୨୪।୧୧(ସମିସ): ମନରେଗା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ବର୍ଷ ୮୮ ଟି ଗ୍ରାମ୍ୟ ରୋଜଗାର ସେବକ ପଦବୀ ନିମନ୍ତେ ଇସ୍ତାହାର ପ୍ରକାଶ ପାଇଥିଲା। ଏହାପରେ ଶତାଧିକ ଆଶାୟୀ ଏନେଇ ଆବେଦନ କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ଏକ ମେଧା ତାଲିକା ମଧ ପ୍ରକାଶ ପାଇଥିଲା। ଏହାପରେ ଚୁଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ ରାଜ୍ୟବ୍ୟାପୀ ଏହି ପଦବୀର ନିଯୁକ୍ତି ନେଇ କୋର୍ଟରେ ଏକ ମାମଲା ରୁଜୁ କରାଯିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ରୋଜଗାର ସେବକ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ କରାଗଲା। ଏହାପରେ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯିବା ସହ ମାନ୍ୟବର କୋର୍ଟ ଉକ୍ତ ମାମଲାର ଶେଷ ଶୁଣାଣି କରି ରାଜ୍ୟ ସରକାରଙ୍କ ଓଆରଭି ସଂଶୋଧନ ଆଇନ ୨୦୨୩ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଅନ୍ୟାନ୍ୟ ସରକାରୀ ନିୟମକୁ ଆଇନ ବିଭାଗକୁ ଏକ ଆଇନଗତ ସମୀକ୍ଷା ପାଇଁ ବିଗତ ତିନି ଚାରି ମାସ ପୂର୍ବରୁ ପଠାଯାଇଛି। ସରକାର ଏ ଦିଗରେ କୌଣସି ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ନଦେବାରୁ ଗ୍ରାମ୍ୟ ରୋଜଗାର ସେବକ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଛି। ଯାହାଫଳରେ ମାଲକାନଗିରି ଭଳି ପଛୁଆ ଜିଲ୍ଲା ଗୁଡିକର ପଞ୍ଚାୟତରେ ଗ୍ରାମ୍ୟ ରୋଜଗାର ସେବକ ନଥିବାରୁ ମନରେଗା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେଭଳି ମାଲାକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍‌ରେ ଆଠ ଜଣ ପରିବର୍ତ୍ତେ ୨ ଜଣ ଓ କାଳିମେଳା ବ୍ଲକ୍‌ରେ ୨୩ ଜଣ ପରିବର୍ତ୍ତେ ୪ ଜଣ ଗ୍ରାମ୍ୟ ରୋଜଗାର ସେବକଙ୍କ ଜରିଆରେ ମନରେଗା କାର୍ଯ୍ୟ ଜାରି ରହିଛି। ଯାହାଫଳରେ ଗାଁ ଗୁଡିକରେ ଗରିବ ଲୋକମାନଙ୍କୁ ବାର୍ଷିକ ୧୦୦ ଦିନର କାମ ଯୋଗାଇ ଦେବା, ଜବକାର୍ଡ ପାଇଁ ପଞ୍ଜୀକରଣ, ବିତରଣ, ଗ୍ରାମ ସଭା ଡକାଇବା ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକ ସୁଚାରୁରୂପେ ସମ୍ପନ୍ନ ହୋଇପାରୁ ନାହିଁ। ଏଥିସହ ଗ୍ରାମାଞ୍ଚଳରେ ରୋଜଗାର ସେବକ ସମ୍ପୃକ୍ତି କମିବାରୁ ଦୈନିକ ଶହଶହ ଲୋକ ପୁଣି ପଡୋଶୀ ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁ ଓ ଛତିଶଗଡ଼ ଭଳି ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି। ଏଣୁ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ଏଦିଗରେ ଉଚିତ ପଦକ୍ଷେପ ନେଲେ ଜିଲ୍ଲା ଗୁଡିକରେ ଗ୍ରାମ୍ୟ ରୋଜଗାର ସେବକ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



● ଚନ୍ଦ୍ରପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

## ୪୫ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲ୍ଲାପାଳ



ଚନ୍ଦ୍ରପୁର,୨୪।୧୧(ସମିସ): ସୋମବାର ଦିନ ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକ୍‌ସଦର ମହକୁମା ସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲ୍ଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜିନୀ ଦେବୀ, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ କାନ୍ତ ବଙ୍ଗାଳ, ତହସିଲଦାର ସୁନୀଲ କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧକ୍ଷ କୋୟାନ କିମ୍ବାକା ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୪୫ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୨୬ଟି ବ୍ୟକ୍ତିଗତ ଓ ୧୯ଗୋଟି ଗ୍ରାମବାସୀମାନଙ୍କର ସାମୂହିକ ଅଭିଯୋଗ ଥିଲା। ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

## ସାବେରୀ ନଦୀରେ ଭାସିଗଲେ ବୃଦ୍ଧା

ମାଥିଲି,୨୪।୧୧(ସମିସ): ସାବେରୀ ନଦୀରେ ଭାଷୀ ଯାଇ ଜଣେ ବୃଦ୍ଧା ନିଖୋଜ ହୋଇଛନ୍ତି। ମାଥିଲି ଅଗ୍ନିଶମ ବାହିନୀ ବୃଦ୍ଧାଙ୍କ ସନ୍ଧାନ ଜାରି ରଖିଛନ୍ତି। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତ୍ତନପାଲ୍ଲୀ ପଞ୍ଚାୟତ ସଦର ଗ୍ରାମର ମଙ୍ଗୁଳି ଭୂମିଆ ଆଜି ସକାଳେ ନିକଟସ୍ଥ ସାବେରୀ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଅସସାବଧାତା କାରଣରୁ ତାଙ୍କର ପାଦ ଖସି ଯାଇଥିଲା। ପାଦ ଖସି ଯିବା ପରେ ନଦୀର ପ୍ରଖର ସ୍ରୋତରେ ମଙ୍ଗୁଳି ଭାସି ଯାଇଥିଲେ। ସାଙ୍ଗରେ ଯାଇଥିବା ଅନ୍ୟ ମହିଳାମାନେ ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ମାଥିଲି ଅଗ୍ନିଶମ ବାହିନୀର ଅଧିକାରୀ ରେଣୁବାଲା ଦିଶାରୀଙ୍କ ସହ ଟିମ ଓ ମାଥିଲି ପୁଲିସ କର୍ତ୍ତନପାଲ୍ଲୀରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଛନ୍ତି। ସନ୍ଧ୍ୟା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ନିଖୋଜ ମଙ୍ଗୁଳିଙ୍କ କୌଣସି ପତ୍ତା ମିଳି ନଥିବା ଅଗ୍ନିଶମ ଅଧିକାରୀ ଶ୍ରୀ ଦିଶାରୀ ସୂଚନା ଦେଇଛନ୍ତି।

## ସ୍ୱର୍ଗତ ଭୋବନି ପାତ୍ରଙ୍କ ସ୍ମୃତିରେ ରକ୍ତଦାନ ଶିବିର



ସେମିଳିଗୁଡ଼ା,୨୪।୧୧(ସମିସ): ନିଜ ପିତା ସ୍ୱର୍ଗତ ଭୋବନି ପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ କୋରାପୁଟ ଜିଲ୍ଲାର ସେମିଳିଗୁଡା ସ୍ଥିତ ପାତ୍ର ପରିବାରର ଗୁପ୍ତେଶ୍ୱର କନଷ୍ଟ୍ରକସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ସହଯୋଗରେ ବେହେରାଗୁଡ଼ା ସ୍ଥିତ ଗୁପ୍ତେଶ୍ୱର ଫିଲିଙ୍ଗ ଷ୍ଟେସନଠାରେ ଆୟୋଜିତ ଉକ୍ତ ଶିବିରରେ ପାତ୍ର ପରିବାରର ସାତ ଜଣ ସଦସ୍ୟ ବନଜ କୁମାର ପାତ୍ର, ଅମନ୍ ପାତ୍ର, ଆଶୁତୋଷ ପାତ୍ର, ସୁନିଲ ପାତ୍ର, ତିରୁପତି ପାତ୍ର, ମିଳନ ପାତ୍ର, ଜ୍ୟୋତିର୍ମୟୀ ପାତ୍ର ଶିବିରରେ ସର୍ବ ପ୍ରଥମେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଅନ୍ୟ ମାନଙ୍କ ମଧରେ ସୁଶ୍ରୀ ସଙ୍ଗୀତା ବରାଡ, ମୀରା ଭଟ୍ଟାଚାର୍ଯ୍ୟ, ପ୍ରଦୀପ କୁମାର ସ୍ୱାଇଁ, ଚେତନ ବିଷୋୟୀ, ପବିତ୍ର ପ୍ରଧାନ, ଶ୍ରୀଧର ପ୍ରଧାନ, ସନ୍ତୋଷ ବଡନାୟକ, ଉମେଶ ଦାସ, ସୂର୍ଯ୍ୟ କାନ୍ତ ବିଶ୍ୱାଳଙ୍କ ସମେତ ବହୁ ଯୁବ ରକ୍ତଦାତା ରକ୍ତଦାନ କରି ନିଜର ଖୁସି ପ୍ରକାଶ କରିଥିଲେ। ଏହି ଅବସରରେ ଡିବିଡିଏମଏଫ୍‌ର ବରିଷ୍ଠ କର୍ମକର୍ତ୍ତା ଶେଖ ଇବ୍ରାହିମ, ଦୁର୍ଗା

### ୫୬ ୟୁନିଟ ରକ୍ତ ସଂଗ୍ରହ

ପ୍ରସାଦ ପାତ୍ର, ଗୋବିନ୍ଦ ବଲ୍ଲଭ ପାଢ଼ୀ , ଶାହେଦା ପରୱିନ, ସ୍ୱରାଜ ରାୟ,ହେମନ୍ତ କୁମାର ମାଝୀ, କନ୍ଧ ମହାରଣା, ବିଲସେନ ସତ୍ୟ, ନବୀନ କୁମାର ଚୌଧୁରୀ, ଜ୍ୟୋତି ରଞ୍ଜନ ନନ୍ଦଙ୍କ ସମେତ ପ୍ରଦୀପ କୁମାର ସ୍ୱାଇଁ, ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନା କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ପକ୍ଷରୁ ଶିବିର ଆୟୋଜକ ବନଜ କୁମାର ପାତ୍ର (ଗୁପ୍ତେଶ୍ୱର କନଷ୍ଟ୍ରକସନ)ଙ୍କୁ ଉପଢ଼ୌକନ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସପିଟାଲ ରକ୍ତ ଭଣ୍ଡାରର କର୍ମକର୍ତ୍ତା କୈବଲ୍ୟ ଦାସ, ଭି. ଗଙ୍ଗାଧର ରାଓ, ଅଜିତ କୁମାର ଗୌଡ଼, ରବୀନ୍ଦ୍ର କୁମାର ମିଶ୍ର, ସୋନାଲିକା ପୃଷ୍ଟି, ସ୍ମିତ ପ୍ରଜ୍ଞା ସ୍ୱାଇଁ ସମୁଦାୟ ୫୬ ଜଣ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

## ନାବାଳିକାକୁ ଅପହରଣ ଅଭିଯୋଗ

ମାଲକାନଗିରି,୨୪।୧୧(ସମିସ): ମାଲକାନଗିରି ସଦର ଥାନା ଅନ୍ତର୍ଗତ ମାଟାପକା ପଞ୍ଚାୟତ ଅଞ୍ଚଳର ଏକ ନାବାଳିକାର ଅପହରଣ ହୋଇଥିବା ନେଇ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ ହରିମୋହନ ସରଦାର ନାମକ ଏମ୍‌ଭି ୧୨ ଗ୍ରାମର ଜଣେ ଯୁବକ ଉକ୍ତ ଅଞ୍ଚଳରେ ମିସ୍ତ୍ରୀ କାର୍ଯ୍ୟ କରୁଥିଲେ। ତେବେ ହରିମୋହନ ଅଞ୍ଚଳର ଜୈନିକ ନାବାଳିକାକୁ ପ୍ରଲୋଭିତ କରି ଅପହରଣ କରିଥିବା ସୂଚନା ମିଳିଛି। ଏହାକୁ ନେଇ ନାବାଳିକାର ପିତା ଥାନାରେ ଏତେଲା ଦେଇଥିବା ବେଳେ ପୁଲିସ ଅଭିଯୋଗକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି। ଉକ୍ତ ଏତେଲାରେ ନାବାଳିକାକୁ ୧୮ବର୍ଷରୁ ଉର୍ଦ୍ଧ୍ୱ ପ୍ରମାଣିତ କରିବା ପାଇଁ ତାର ନକଲି ଜନ୍ମ ପ୍ରମାଣ ପତ୍ର ମଧ କରାଯାଇଥିବା ପରିବାର ବର୍ଗ ଅଭିଯୋଗ ଆଣିଛନ୍ତି। ନିଜ ନାବଳିକା ଝିଅକୁ ସୁରକ୍ଷିତ ଫେରାଇ ଆଣିବାକୁ ପରିବାର ଲୋକେ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

## ପପୁଲୁରରେ ଯୁଗ୍ମ ଅଭିଯୋଗ ଶୁଣାଣି



ମାଲକାନଗିରି/ଚିତ୍ରକୋଣ୍ଡା,୨୪।୧୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ଥିତ ପପୁଲୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗଗୁଡିକୁ ଶୁଣିଥିଲେ। ଏହି ଶିବିରରେ ମୋଟ ୩୯୩ ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୨୫୬ ଗୋଟି ବ୍ୟକ୍ତିଗତ ଓ ୧୩୭ ଟି ସାମୁହିକ ଅଭିଯୋଗ ରହିଥିଲା। ବିଭିନ୍ନ ଯୋଜନାର ହାତପାହାନ୍ତାରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ବସୁନ୍ଧରା ଯୋଜନାରେ ୫୯ ଜଣ ହିତାଧିକାରୀଙ୍କୁ ଜିଲ୍ଲାପାଳ ପଟ୍ଟା ବଣ୍ଟନ କରିଥିଲେ। ସେହିପରି ୫୬ ଜଣଙ୍କୁ ନୂତନ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୬ ଜଣ ନାମ ପଞ୍ଜିକରଣ କରିଥିଲେ। ୮ ଜଣ ଶ୍ରମିକଙ୍କର କାର୍ଡ ନବୀକରଣ କରାଯାଇଥିବା ବେଳେ ମୋଟ ୮୫ ଜଣ କ୍ୟାମ୍ପରେ ଯୋଗ ଦେଇଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

## ସମସ୍ୟା ଘେରରେ କଡାପାଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ନାହାଁନ୍ତି ଆବଶ୍ୟକୀୟ ଶିକ୍ଷକ; ଶୌଚ ପାଇଁ ବାହାରକୁ ଯାଉଛନ୍ତି ଛାତ୍ରଛାତ୍ରୀ

ମାଥିଲି.୨୪।୧୧(ସମିସ): ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତମାନର ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର କୋଟି କୋଟି ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ସେହି ଅର୍ଥ କିପରି ବିନିଯୋଗ ହେଉଛି ତାହାର ବାସ୍ତବ ଚିତ୍ର ଭିନ୍ନ ଦେଖିବାକୁ ମିଳୁଛି। ଶିକ୍ଷାର ଭିତ୍ତିଭୂମି ବିକାଶ ଦିଗରେ ସରକାରୀ ଅଧିକାରୀ, ଅଞ୍ଚଳର ନେତା, ରାଜନେତା କାହାରି ନିଘା ନଥିବା ପରି ମନେହେଉଛି। ସ୍ୱାଧୀନତାର ସାତ ଦଶନ୍ଧି ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଶିକ୍ଷାର ଭିତ୍ତିଭୂମି ବିକାଶ ହୋଇ ପାରିଲା ନାହିଁ। କେଉଁଠି ଭିତ୍ତିଭୂମି ଅଭାବ ତ ଅନେକ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ଯୋଗୁଁ ଶିକ୍ଷାଦାନ ଅନେକ ସ୍ଥାନରେ ବାଧାପ୍ରାପ୍ତ ହୋଇଥିବା ନଜରକୁ ଆସିଛି। ରାଜ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ଥିବା ସତ୍ୱେ ତରବରିଆ ଭାବେ ଅନେକ ସ୍ଥାନରେ ଉଚ୍ଚ ବିଦ୍ୟାଳୟ ଖୋଲି ଦେଇ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ କରିବାରେ ବିଫଳ ହୋଇଛନ୍ତି ସରକାର। ଏହାର ଏକ ଜ୍ୱଳନ୍ତ ଉଦାହାରଣ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କଡାପାଲ୍ଲୀ ପଞ୍ଚାୟତ ସଦର ମହକୁମାଠାରେ ଥିବା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ। ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ ଉଚ୍ଚ ବିଦ୍ୟାଳୟକୁ ପରିବର୍ତ୍ତିତ କରାଯାଇଛି। ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁଛି। କଡାପାଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିଶୁ ବଟିକାରେ-୫, ପ୍ରଥମ-୬, ଦ୍ୱିତୀୟ-୮, ତୃତୀୟ-୭, ଚତୁର୍ଥ-୧୧, ପଞ୍ଚମ-୧୫, ଷଷ୍ଠ-୩୯, ସପ୍ତମ-୪୨, ଅଷ୍ଟମ-୩୪, ନବମ-୧୮, ଦଶମ-୧୭ ଜଣ ପାଠ ପଢୁଛନ୍ତି। ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଶିଶୁ ବାଟିକା,ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀମାନଙ୍କ ପାଇଁ ୨ ଜଣ ଶିକ୍ଷକ ଓ ଜଣେ ମାତ୍ର ଶିକ୍ଷୟିତ୍ରୀ ଥିବା ବେଳେ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ବିଜ୍ଞାନ ଓ ଗଣିତ ପାଇଁ ଜଣେ ଶିକ୍ଷକ ଜଣେ ଶିକ୍ଷୟିତ୍ରୀ ଥିବା ବେଳେ ଓଡ଼ିଆ ଶିକ୍ଷକ ଭାବେ ନିଜେ ପ୍ରଧାନ ଶିକ୍ଷକ ସହ ମାତ୍ର ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀରେ ଚାଲିଛି ଶିକ୍ଷାଦାନ, ବାକି ବିଷୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ତାହାଲେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କିପରି ଚାଲିଛି ପାଠପଢ଼ା ଏହି ଚିତ୍ରରୁ ସହଜରେ ଅନୁମେୟ। ଏହାବ୍ୟତିତ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଘୋଷଣା ପରେ ଉଚ୍ଚ ବିଦ୍ୟାଳୟ ପାଇଁ ନୂତନ ବିଦ୍ୟାଳୟ ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ପାଇଖାନା ତିଆରି ହୋଇଛି। କିନ୍ତୁ ପରିତାପର ବିଷୟ ଯେ ଶୌଚ ହେବା ପାଇଁ ପାଣିର ବ୍ୟବସ୍ଥା କରିଥିଲେ ସତ ତରବରିଆ ଭାବରେ ନଳକୂପ ଖୋଳି ଦେଲେ ସିନା ତାହା ପାଣି ବାହାରୁ ନଥିବାରୁ ଶୌଚାଳୟ ଗୁଡିକ ବ୍ୟବହାର କରିପାରୁ ନାହାଁନ୍ତି ଛାତ୍ରଛାତ୍ରୀ। ବାଧ ହୋଇ ଛାତ୍ରଛାତ୍ରୀମାନେ ବାହାରକୁ ଶୌଚ କରିବାକୁ ଯାଉଥିବାର ଦେଖିବାକୁ ମିଳିଛି। ତାହା ସହିତ ଯେଉଁଠି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚାଲିଛି ସେହିଠାରେ ୪୦ ଶଯ୍ୟା ବିଶିଷ୍ଟ ବାଳକ ହଷ୍ଟେଲ ମଧ ରହୁଛନ୍ତି। ବିଦ୍ୟାଳୟରେ ବଉଣ୍ଡାରୀ ନଥିବାରୁ ୪୦ ଛାତ୍ରମାନଙ୍କୁ ସମ୍ଭାଳିବା ବହୁ କଷ୍ଟ ହେଉଥିବା ପ୍ରଧାନ ଶିକ୍ଷକ ଫକୀର ମୋହନ ନାୟକ କହିଛନ୍ତି। ଏବିଷୟରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍. ପ୍ରମୋଦ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରୁ କାହାକୁ କହି ବିଦ୍ୟାଳୟରେ କଣ କଣ ସମସ୍ୟା ରହିଛି ତାହା ଲିଖିତ ଭାବେ ଦେଲେ ମୁଁ ଆମର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯନ୍ତ୍ରିତ ଦଳ ପଠାଇ ସ୍ଥିତି ଅନୁଧ୍ୟାନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ସମସ୍ୟା କିପରି ବ୍ଲକ ପ୍ରଶାସନ ତଥା ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନଜରକୁ ଆସିନି ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଏହାକୁ ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଇ ବିଦ୍ୟାଳୟ ସମସ୍ୟା ସମାଧାନ କରାଇଲେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରଛାତ୍ରୀମାନେ ଉନ୍ନତ ମାନର ଶିକ୍ଷାଦାନ କରି ପାରିବେ ବୋଲି ବହୁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।



● ଶିକ୍ଷକ ନିଯୁକ୍ତି ଦାବି

## ବିଦ୍ୟାଳୟ ଫାଟକରେ ତାଲା, ବାହାରେ ବସିଲେ ଛାତ୍ରଛାତ୍ରୀ

ହାଟଡିହୀ,୨୪।୧୧(ସମିସ): ହାଟଡିହୀ ବ୍ଲକ୍ ଡଅଁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ନେଇ ସୋମବାର ପୂର୍ବାହ୍ନରେ ବିଦ୍ୟାଳୟ ଫାଟକରେ ତାଲା ପକାଯାଇଥିଲା। ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ଫାଟକ ସମ୍ମୁଖରେ ତଳେ ବସି ରହିଥିଲେ। ଏ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପର୍କରେ ହାଟଡିହୀ ବିଇଓ ରାଜୀବ ଦଳେଇଙ୍କୁ ପଚାରିବାରୁ ଏପରି ଘଟଣା ସମ୍ପର୍କରେ ସେ ଜାଣିନାହାଁନ୍ତି କି କେହି ତାଙ୍କୁ ଜଣାଇନାହାଁନ୍ତି ବୋଲି କହିଛନ୍ତି। ସୂଚନା ମୁତାବକ, ଡଅଁର ବିଦ୍ୟାଳୟରେ ୮ଟି ଶ୍ରେଣୀ ଓ ଶିଶୁବାଟିକାରେ ୨୧୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଏଠାରେ ୯ ଜଣ ଶିକ୍ଷକ ଥିଲେ। ଏବେ ୪ ଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଫଳରେ ଶିକ୍ଷାଦାନ ଠିକ୍ ଭାବେ ହୋଇପାରୁନି। ଅଭିଭାବକ ଓ ଗ୍ରାମବାସୀ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଖବର ପାଇ ଏବିଇଓ ପ୍ରମୋଦ କୁମାର ନାୟକ ଓ ପୂର୍ଣ୍ଣଚନ୍ଦ୍ର ଜେନା ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଚେଷ୍ଟା କରିବା ସହ ଆସନ୍ତାକାଲିଠାରୁ ସିଆରସିସି ଶ୍ରୀକାନ୍ତ ମିଶ୍ର ମଧ୍ୟାହ୍ନ ଭୋଜନ ଯାଏଁ ଶିକ୍ଷାଦାନ କରିବେ ବୋଲି ଏବିଇଓ ପ୍ରମୋଦ ନାୟକ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

# ତୀର୍ଥଯାତ୍ରାରେ ଯାଇ ବରିଷ୍ଠ ନାଗରିକ ନିଖୋଜ

କେନ୍ଦୁଝର,୨୪।୧୧(ସମିସ):



> ସରନାଥର ଏକ ହୋଟେଲରୁ ରାତିରେ ନିଖୋଜ ସୂଚନା
> ୧୬ ଦିନ ହେଲା ମିଳୁନି ପତ୍ତା

କେନ୍ଦୁଝରରୁ ସରକାରୀ ତୀର୍ଥଯାତ୍ରା ଯୋଜନାରେ ବୁଲିବାକୁ ଯାଇଥିବା ଜଣେ ବରିଷ୍ଠ ନାଗରିକ ବିଗତ ୧୬ ଦିନ ଧରି ନିଖୋଜ ରହିଥିବା ଖବର ମିଳିଛି। ସାଥୀରେ ଯାଇଥିବା ନିଖୋଜ ବରିଷ୍ଠ ନାଗରିକଙ୍କ ପତ୍ନୀଙ୍କଠାରୁ ଶୁଣିବା ପରେ ତାଙ୍କ ପରିବାରବର୍ଗ ଆଶା ଆଶଙ୍କାରେ ରହିଛନ୍ତି। ଏହି ଘଟଣା ଜିଲ୍ଲା ପ୍ରଶାସନକୁ ମଧ୍ୟ ଆଡୁଆରେ ପକାଇଛି।

ସୂଚନା ମୁତାବକ, ଗତ ୬ ତାରିଖରେ ଆଇଆରସିଟି ସି ଦ୍ୱାରା ପରିଚାଳିତ ୩ ଗୋଟି ବସ ଯୋଗେ କେନ୍ଦୁଝର ଜିଲ୍ଲାରୁ ୧୪୦ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ବୁଲିବାକୁ ଯାଇଥିଲେ। ବସ୍ ଗୁଡିକ ୮ ତାରିଖରେ ଉତ୍ତରପ୍ରଦେଶ ରାଜ୍ୟର ବନାରସ ଜିଲ୍ଲା ସରନାଥରେ ପହଞ୍ଚିବା ପରେ ରାଜଶାନ୍ତି ନାମକ ହୋଟେଲରେ ଏମାନଙ୍କୁ ରଖାଯାଇଥିଲା। ସେଦିନ ରାତ୍ରିରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଯାଇଥିବା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଟାଙ୍ଗିରିଗାଁର ଜଗନ୍ନାଥ ନାଏକ (୬୫) କେଉଁଆଡ଼େ ନିଖୋଜ ହୋଇଯାଇଥିବା କୁହାଯାଉଛି। ତାଙ୍କ ସହିତ ଯାଇଥିବା ତାଙ୍କ ପତ୍ନୀ ମଧ୍ୟ ସେ କେଉଁଆଡେ ଗଲେ ଜାଣିପାରି ନ ଥିଲେ। ତୀର୍ଥଯାତ୍ରା ବସ ଛାଡ଼ିବା ପୂର୍ବରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା ଓ ବସ୍‌ରେ ୪ ଜଣ ସରକାରୀ କର୍ମଚାରୀ ଓ ଆଇଆରସିଟିସି କର୍ମଚାରୀ ମଧ୍ୟ ଯାଇଥିଲେ। ଏଭଳି ପରିସ୍ଥିତିରେ ବରିଷ୍ଠ ନାଗରିକ ଜଣଙ୍କ କିଭଳି ହୋଟେଲରୁ ନିଖୋଜ ହେଲେ ତାହା ଚିନ୍ତାର କାରଣ ସାଜିଛି। ତାଙ୍କୁ ଖୋଜାଖୋଜି ପରେ ନ ପାଇବାରୁ ଅନ୍ୟ ସାଥି ଅନେକ ଦିନ ହେଲା ଫେରିସାରିଲେଣି। କିନ୍ତୁ ଜଗନ୍ନାଥଙ୍କର ଖୋଜ ଖବର ମିଳିନାହିଁ। କେନ୍ଦୁଝରେ ଜିଲ୍ଲା ପ୍ରଶାସନକୁ ଏ ଘଟଣା ଚିନ୍ତାରେ ପକାଇଥିବାବେଳେ କେନ୍ଦୁଝର ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ରମେଶ ନାୟକଙ୍କ ନେତୃତ୍ୱରେ ତିନିଜନ କର୍ମଚାରୀ ଗତ କିଛିଦିନ ହେବ ବନାରସର ସରନାଥକୁ ଯାଇ ଅନେକ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିବା ଅଧିକାରୀ ଜଣଙ୍କ ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ସରନାଥ ଥାନାରେ ତାଙ୍କର ନିଖୋଜ ସମ୍ପର୍କରେ ଏତେଲା ଦାୟର ହୋଇଛି। ସେଠାକାର ପୁଲିସ ଥାନା କେଶ ନଂ ୦୦୯୬/୨୦୨୫ ଅନୁସାରେ ତଦନ୍ତ ଚଲାଇଥିବା ସଂସ୍କୃତି ଅଧିକାରୀ କହିଛନ୍ତି। ସବୁଠୁ ବଡ଼ କଥା ହେଲା ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ନେବାବେଳେ ସାଙ୍ଗରେ ଯାଉଥିବା କର୍ମଚାରୀଙ୍କ ଦାୟିତ୍ୱହୀନତା ସମ୍ପର୍କରେ ସବୁବେଳେ ଅଭିଯୋଗ ହେଉଥିଲେ ମଧ୍ୟ ଏହାର ସୁଧାର ହେଉ ନ ଥିବା କୁହାଯାଉଛି। ତାଙ୍କର ନିଖୋଜ ପରେ ପରିବାର ଚିନ୍ତାରେ ରହିଥିବାବେଳେ ଏଥିପାଇଁ କାହାକୁ ଦୋଷୀ କରାଯିବ ନା ନିଖୋଜ ବ୍ୟକ୍ତିଙ୍କ ଦୋଷ କହି ପ୍ରଶାସନ ନିଜର ଦାୟିତ୍ୱକୁ ଏଡାଇଯିବ, ତାହା ଆଲୋଚନାର ବିଷୟ ହୋଇଛି।

## ଗୟଲମୁଣ୍ଡାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ଆନନ୍ଦପୁର, ୨୪।୧୧(ସମିସ): ଆନନ୍ଦପୁର ବ୍ଲକ୍‌ର ଉପାନ୍ତ ଅଞ୍ଚଳ ଗୟଲମୁଣ୍ଡାରେ ଉପଖଣ୍ଡ ପ୍ରଶାସନ ଓ ଆନନ୍ଦପୁର ବ୍ଲକ୍ ପକ୍ଷରୁ ଜନଶୁଣାଣି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୟଲମୁଣ୍ଡା ବିଡ଼ିଓ ମନୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ନୀଳମାଧବ ସୁନା ଯୋଗଦେଇ ଆଖପାଖ ଅଞ୍ଚଳବାସୀଙ୍କ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ। ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା, ଅନ୍ତୋଦୟ ଅନ୍ନ ଯୋଜନା, ଅଙ୍ଗନବାଡି ସମସ୍ୟାର ବିଚାର କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଥାନାରେ ୩ ଅଟୋ, ୭ ଗୋରୁ ଅଟକ

ତୁରୁମୁଙ୍ଗା, ୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ବାଉଁଶୁଳି ନିକଟରୁ ରବିବାର ସକାଳୁ ୩ ଗୋରୁ ବୋଝେଇ ଅଟୋକୁ ବଜରଙ୍ଗ ଦଳ କର୍ମୀ ଅଟକ ରଖି ତୁରୁମୁଙ୍ଗା ପୁଲିସ ଜିମା ଦେଇଥିଲେ। ୩ଟି ଅଟୋ ସହ ୪ଟି ବଳଦ ଓ ୩ ଗାଈକୁ ଥାନାରେ ଅଟକ ରଖି ପୁଲିସ ଘଟଣାର ତଦନ୍ତ କରୁଛି। ଏ ନେଇ ଥାନାରେ ୨୯୯/୨୫ରେ ମାମଲା ରୁଜୁ କରାଯାଇଛି। ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଗୋଶାଳାକୁ ସ୍ଥାନାନ୍ତର କରାଯିବ ବୋଲି ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା




କେନ୍ଦୁଝର, ୨୪।୧୧(ସମିସ): ରାଜ୍ୟ ଆଇନସେବା ପ୍ରାଧିକରଣ, ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ଶିଶୁ ଦିବସ ପାଳନ ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପରିଚାଳନା କରିଥିଲେ। ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ସ୍କୁଲରୁ ଆସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ଗ୍ରୁପ କରାଯାଇଥିବାବେଳେ ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ନେଇ ଆଉ ଗୋଟିଏ ଗ୍ରୁପ କରାଯାଇଥିଲା। ଉଭୟ ଗ୍ରୁପ ଛାତ୍ରଛାତ୍ରୀଙ୍କୁ ଭିନ୍ନ ଭିନ୍ନ ବିଷୟରେ ଚିତ୍ରାଙ୍କନ ବିଷୟବସ୍ତୁ ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲରୁ ୬୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଭଗବାନ ପ୍ରଧାନ, ବରିଷ୍ଠ ସିଭିଲ ଜଜ୍ ତଥା ମହିଳା ବିଚାରପତି ନେହା ଦାସ, ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମ୍ବିକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ସହାୟତା କରିଥିଲେ। ଏଥିସହ ଆନନ୍ଦପୁର, ଚମ୍ପୁଆ, ବଡବିଲ, ହାଟଡିହୀ ତାଲୁକ ଆଇନସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲ୍ଲାର ସମସ୍ତ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ ପରେ ଉଭୟ ଗ୍ରୁପରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଆଗାମୀ ୨୬ ତାରିଖ ସମ୍ବିଧାନ ଦିବସରେ ପୁରସ୍କୃତ କରାଯିବା ସହ ଉଭୟ ଗ୍ରୁପର ପ୍ରଥମ ୩ ଜଣ ପ୍ରତିଯୋଗୀଙ୍କ ଚିତ୍ରାଙ୍କନ ରାଜ୍ୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ରାଜ୍ୟ ଆଇନସେବା ପ୍ରାଧିକରଣ କଟକ ପାଖକୁ ପଠାଯିବ ବୋଲି ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ବାଇକ୍ ଦୁର୍ଘଟଣାଗ୍ରସ୍ତ; ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ତୁରୁମୁଙ୍ଗା,୨୪।୧୧(ସମିସ):କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ହାଟରୁ ରବିବାର ସନ୍ଧ୍ୟାରେ ସ୍ୱାମୀ-ସ୍ତ୍ରୀ ବାଇକ୍ ଯୋଗେ ଫେରୁଥିବା ସମୟରେ ଭାଲିଆଡିହା ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥଲା। ଗୁରୁତର ସ୍ୱାମୀ ଓ ସ୍ତ୍ରୀଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ସ୍ତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସ୍ତ୍ରୀ ହେଲେ ପିଙ୍ଗୁପାଟଣା ଗ୍ରାମର ସୁରେନ୍ଦ୍ର ଟୁଡୁଙ୍କ ସ୍ତ୍ରୀ ସୁରୁମଣି ଟୁଡୁ (୪୫)। ସୋମବାର ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ୨୮୪/୨୫ରେ ଏକ ମାମଲା ରୁଜୁ ହୋଇଛି।

## ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ ଓ ପଞ୍ଚକୁଣ୍ଡଳୀ ଗାୟତ୍ରୀ ମହାଯଜ୍ଞ



ବଡ଼ବିଲ,୨୪।୧୧(ସମିସ):

କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳର କଳିଙ୍ଗନଗରଠାରେ ଥିବା ଗାୟତ୍ରୀ ଶକ୍ତିପୀଠର ୧୬ତମ ବାର୍ଷିକ ଉତ୍ସବ ଓ ପଞ୍ଚକୁଣ୍ଡଳୀ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। କଳିଙ୍ଗ ଲୌହ କାରଖାନାର ମୁଖ୍ୟ ପରିଚାଳକ ରଞ୍ଜନ ବେହେରା ଗାୟତ୍ରୀ ଧ୍ୱଜା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ସମାଜସେବୀ ପ୍ରଣବ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୫ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ଏକ ବିଶାଳ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇ ସ୍ଥାନୀୟ ଚମ୍ପକେଶ୍ୱର ମନ୍ଦିର ନାଳରୁ ଜଳ ଅଣାଯାଇଥିଲା। ଶୋଭାଯାତ୍ରା ଯଜ୍ଞସ୍ଥଳରେ ପହଞ୍ଚି ଜଳାଭିଷେକ କରିବା ପରେ ପରେ ପଞ୍ଚକୁଣ୍ଡଳୀ ଯଜ୍ଞର ଆହୂତି ଦିଆଯାଇ ଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଏହି ଯଜ୍ଞ ଅବସରରେ ଗାୟତ୍ରୀ ଶକ୍ତି ପୀଠ ପରିବାର ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ଅବସରରେ ପ୍ରବଚକ ଗୁରୁ ରାଜେଶ ପଣ୍ଡାଙ୍କ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଛି। ଯଜ୍ଞସ୍ଥଳରେ କୌଣସି ବ୍ୟକ୍ତି ନିଜ ପିଲାର ନାମକରଣ ଓ ମୁଣ୍ଡନ ବିଧି ନିଃଶୁଳ୍କ ଭାବେ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ସୁବଳ ସାହୁ, ସଭାପତି ପ୍ରଶାନ୍ତ ସାହୁ, ଉପସଭାପତି ଗିରିଧାରୀ ଲାଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ସାହାରପଡ଼ା ବ୍ଲକ୍‌ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ତୁରୁମୁଙ୍ଗା, ୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଜିଲ୍ଲାପାଳ କିମ୍ବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜନଶୁଣାଣିରେ ଅନୁପସ୍ଥିତ ଥିଲେ। ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର, ଘଟଗାଁ ଏସ୍‌ଡ଼ିପିଓ ବିଜୟ କୃଷ୍ଣ ମହାପାତ୍ର ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ସାହାରପଡା ବିଡିଓ ରଣଜିତ ମହାନ୍ତ ଓ ତହସିଲଦାର ଲୀଳାବତୀ ନାୟକଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ୧୪୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବିଶେଷ କରି ଭତ୍ତା, ରାସନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ଥିଲା। ଜିଲ୍ଲାପାଳ ଆସି ନ ଥିବାରୁ କିଛି ଲୋକ ଅଭିଯୋଗ ନ କରି ଚାଲିଯାଇଥିବା ଦେଖିବାକୁ ମିଳିଥିଲା।

## ଝାଡ଼େଶ୍ୱର ଅପେରା କମିଟି ବୈଠକ



ଆନନ୍ଦପୁର,୨୪।୧୧(ସମିସ):ଘସିପୁରା ବାବା ଝାଡ଼େଶ୍ୱର ଅପେରା କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ୍ ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପେରା କମିଟି ଉପଦେଷ୍ଟା ଯଦୁନାଥ ଓଝା, ଦୀପକ ଜେନା, ରଶ୍ମିରଞ୍ଜନ ନନ୍ଦ, ପଙ୍କଜ ସାହୁ, ଅମୂଲ୍ୟ ସାହୁ, କ୍ଷମାକର ସାହୁ, ଆଶୁତୋଷ ପୁହାଣ, ଆନନ୍ଦ ସା, କାଠିଆ ସାହୁ, ମଙ୍ଗଳ ପ୍ରସାଦ ନାୟକଙ୍କ ସଂଯୋଜନାରେ ନୂତନ ଅପେରା କମିଟି ଗଠନ କରାଯାଇ ସଭାପତି ଭାବେ ପୋଲସ୍ତ୍ୟ ସାହୁ, ସମ୍ପାଦକ ଆଶିଷ ବେହେରା, ସହସମ୍ପାଦକ ଦୀପକ ସାହୁ, କୋଷାଧ୍ୟକ୍ଷ ଦିଲ୍ଲୀପ ବେହେରାଙ୍କୁ ନୂତନ ଭାବେ ଚୟନ କରାଯାଇଛି। ଅପେରା କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅପେରା ପାର୍ଟି ବାରୁଣୀ ମେଳାରେ ତିନିଦିନ ଧରି ଶାନ୍ତିଶୃଙ୍ଖଳା ଓ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କମିଟି ସଦସ୍ୟ ଦୀନକୃଷ୍ଣ ସାହୁ, ମାନସ ରଞ୍ଜନ ସାହୁ, ଦେବେନ୍ଦ୍ର ବେହେରା, ଚକ୍ରଧର ସାହୁ, ମାନସ କୁମାର ସାହୁ, ପ୍ରଳୟ ସାହୁ, ଅମୀୟ ମିଶ୍ର, ପିନୁ ସାହୁ, ଲାଲଟୁ ନାହାକ, ସଦାଶିବ ସାହୁ, ମନ୍ମଥ ସାହୁ, ସରୋଜ ସାହୁ, ରମେଶ ବାରିକ, ରଜତ ଖଟୁଆ, ସିଦ୍ଧାର୍ଥ ସାହୁ, ତପନ ସାହୁ, ସଞ୍ଜୟ ସାହୁ, ମଳୟ ସାହୁ, ଦୀପକ କୁମାର ସାହୁ, ଓମକାର ନାରାୟଣ, ସତ୍ୟ ନାରାୟଣ ସାହୁ, ଚିନ୍ମୟ ସାହୁ, ମିଲୁ ନାହାକ ସମେତ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ଆନନ୍ଦପୁର କଲେଜରେ ଏନସିସି ଦିବସ ପାଳିତ

ଆନନ୍ଦପୁର,୨୪।୧୧(ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ୭୮ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ୭ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏସ୍‌ଏସ୍ ରଘୁ ବଂଶୀସ ଓ ଓଡ଼ିଶା ନାଭାଲ ୟୁନିଟର କମାଣ୍ଡିଂ ଅଫିସର କମାଣ୍ଡର ସୁଦୀପ କୁମାର ସାହୁ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ ଓ ଏନସିସି ଅଫିସର ଲେଫ୍ଟନାଣ୍ଟ ରଘୁଦୀପ୍ତି ନାୟକ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଏନସିସି ଅଫିସର ମେଜର ଡ. ଦିଲ୍ଲୀପ କୁମାର ଦାସ ଯୋଗ ଦେଇଥିଲେ। ଏ ଅବସରରେ ଆନନ୍ଦପୁର ମହାବିଦ୍ୟାଳୟ ଏନସିସିର ପୂର୍ବତନ ଛାତ୍ର ତଥା ଆନନ୍ଦପୁର ମାଟିର ବୀରପୁତ୍ର ସହିଦ ସୁଶାନ୍ତ କୁମାର ଖୁଣ୍ଟିଆଙ୍କ ପତ୍ନୀ ପୂର୍ଣ୍ଣିମା ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱଜିତ ରାଉତ ସଭା ପରିଚାଳନା କରିଥିବାବେଳେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




ଅଧା କାମ କରି ଠିକାଦାର ଛୁ'

# ୧୧ ଏକର ପରିମିତ ଜଳାଶୟ ଏବେ ଶୁଖିଲା

ଯୋଡ଼ା, ୨୪।୧୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡ କମାରଯୋଡ଼ାଠାରେ ଥିବା ୧୧ ଏକର ଜମିରେ ବିସ୍ତୃତ ଏକ ପୂର୍ଣ୍ଣ ଜଳାଶୟ ଏବେ ଶୁଖିଲା ପଡ଼ିଛି। ଏହି ଜଳାଶୟ ଉପରେ ନିର୍ଭର କରୁଥିବା ପ୍ରାୟ ୫୦୦୦ ଲୋକ ଏବେ ନିତ୍ୟବ୍ୟବହାର, ପନିପରିବା ଚାଷ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଜଳାଶୟର ପୁନରୁଦ୍ଧାର ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ଠିକାଦାର ଅଧା କାମ କରି ୨ କୋଟି ଟଙ୍କା ଉଠାଇ ଛୁ ମାରିଛି। ଫଳରେ ଅବଶିଷ୍ଟ ଟଙ୍କା ଫେରିଯାଇଛି ଓ ଜଳାଶୟ କାମ ଅସମ୍ପୂର୍ଣ୍ଣ ରହିଛି। ଏହି ଜଳାଶୟ କାମ ଶେଷ କରାଯିବାକୁ ଦାବି ହେଉଛି ।ଉକ୍ତ ଜଳାଶ୍ରୟଟି ଆଜି କିମ୍ବା କାଲିର ନୁହେଁ। ପ୍ରାୟ ୫୦/୬୦ ବର୍ଷର ଜଳାଶ୍ରୟ। ପ୍ରାକୃତିକ ଝରଣା ସାଙ୍ଗକୁ ବର୍ଷା ପାଣି ଦ୍ୱାରା ପରିପୂର୍ଣ୍ଣ ଜଳାଶୟ ଉପରେ କମାର ଯୋଡ଼ା, ବାଂଶପାଣି, ଭୂୟାଁ ବସ୍ତି ଅଞ୍ଚଳର ପ୍ରାୟ ୫୦୦୦ରୁ ୭୦୦୦ ଲୋକ ଦୈନିକ ଗାଧୁଆ ନିମନ୍ତେ ବ୍ୟବହାର କରିବା, ବାହାଘର, ବ୍ରତଘର, ଶୁଦ୍ଧିକ୍ରିୟା ନିମନ୍ତେ ବ୍ୟବହାର କରିବା ସହ ନିକଟରେ ଥିବା ଭୂୟାଁ ବସ୍ତିର ଲୋକେ ଜଳାଶୟ ପାଣିକୁ ପନିପରିବା, ଧାନଚାଷରେ ବ୍ୟବହାର କରନ୍ତି। ଟାଟା କମ୍ପାନୀ ଏହାର ରକ୍ଷଣାବେକ୍ଷଣ



କାମ ନ ହୋଇ ଫେରିଗଲା ଟଙ୍କା

ଦାୟିତ୍ୱ ନେଇ କିଛି ବର୍ଷ ବ୍ୟବଧାନରେ ପୁନରୁଦ୍ଧାର କରି ଆସୁଥିଲା। ତେବେ ୨୦୧୬ରେ ଉକ୍ତ ଜଳାଶ୍ରୟର ନବୀକରଣ ପାଇଁ ସରକାରୀ ଯୋଜନାରେ ସାମିଲ କରାଯାଇ ଓଡ଼ିଶା ଖଣିଜ ବିୟରିଂ ଏରିଆ ଡେଭେଲପମେଣ୍ଟ ସୋସାଇଟିରୁ ୬.୩୧ କୋଟି ଟଙ୍କା ଆବଣ୍ଟିତ ହୋଇ ଇ-ଟେଣ୍ଡର ମାଧ୍ୟମରେ କଟକର ଠିକାଦାର ହରି ସ୍ୱାଇଁ କାର୍ଯ୍ୟାଦେଶ ପାଇ କାମ ଆରମ୍ଭ କରିଥିଲେ। ଉକ୍ତ ଜଳାଶୟର ନବୀକରଣ ସାଙ୍ଗକୁ ଜଳାଶୟର ଚାରି ପାଶ୍ୱର୍ରେ ସୁନ୍ଦର ବଗିଚା ସହ ଆଲୋକ ବ୍ୟବସ୍ଥା କରାଯିବାକୁ ଥିବାବେଳେ ଠିକାଦାର ୬ ମାସ ଭିତରେ କେବଳ ଜଳାଶୟରୁ ମାଟି ଓ ପଙ୍କ ଉଦ୍ଧାର କରି ୨ କୋଟି ଟଙ୍କା ଉଠାଇ ଛୁ ମାରିବା ଓ ପରେ କାର୍ଯ୍ୟ ନ କରିବାରୁ କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲା। ବାକି ଥିବା ୪ କୋଟି ଟଙ୍କା ଫେରିଯାଇଥିଲା। ଯଦ୍ୱାରା ବ୍ୟବହାରଯୋଗ୍ୟ ଜଳାଶୟଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଆଜି ପଡ଼ିରହିଛି। ଏ ନେଇ କମାର ଯୋଡ଼ାବାସୀ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ପୁନରୁଦ୍ଧାର ହୋଇପାରିଲେ ପାଖାପାଖି ୫୦୦୦ରୁ ୭୦୦୦ ଲୋକ ପୁଣି ଏହାକୁ ବ୍ୟବହାର କରିପାରିବେ ବୋଲି କମାର ଯୋଡ଼ା ଅଞ୍ଚଳର ରାମଚନ୍ଦ୍ର ପାତ୍ର, କରୁଣାକର ପାତ୍ର, ବରୁଣ ଆପଟ, କାଳୀପଦ ଆପଟ, ବଳରାମ ଆପଟ, ଶୁଭେନ୍ଦୁ ମିଶ୍ର, ରମା ପାତ୍ର, ଶ୍ୟାମ ପାତ୍ର ପ୍ରମୁଖ କହିଛନ୍ତି।

▶ ବୈଧ ମାପ ବିଜ୍ଞାନ ବିଭାଗ ପକ୍ଷରୁ ହେଉନି ରେନ୍ୟୁ

## ସାପ୍ତାହିକ ହାଟରେ ଖାଉଟି ଓଜନରେ ଠକେଇର ଶିକାର



ଚମ୍ପୁଆ,୨୪।୧୧(ସମିସ): ଚମ୍ପୁଆ ବ୍ଲକ୍ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତରେ ହେଉଥିବା ସାପ୍ତାହିକ ହାଟ ପଞ୍ଚାୟତବାସୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଠାରୁ ପନିପରିବା ପର୍ଯ୍ୟନ୍ତ ଆବଶ୍ୟକତା ପୂରଣ କରୁଛି। ତେବେ ଓଜନ ମାପ କ୍ଷେତ୍ରରେ ଖାଉଟି ଠକେଇର ସମ୍ମୁଖୀନ ହେଉଛନ୍ତି। ବୈଧ ମାପ ବିଜ୍ଞାନ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉ ନ ଥିବାରୁ ଖାଉଟି ଠକେଇର ଶିକାର ହେଉଥିବା ଅଭିଯୋଗ ହେଉଛି।ସପ୍ତାହିକ ହାଟରେ କେତେକ ବ୍ୟବସାୟୀ ନୂତନ ଇଲେକ୍ଟ୍ରନିକ୍ସ ଓଜନ ମାପ କଣ୍ଟା ବ୍ୟବହାର କରୁଥିବାବେଳେ କେତେକ ପୂର୍ବରୁ ପ୍ରଚଳିତ ହୋଇଆସୁଥିବା ସାଧାରଣ ନିକିତିକୁ ବ୍ୟବହାର କରିଆସୁଛନ୍ତି। ଫଳରେ ଓଜନ ମାପରେ ବ୍ୟାପକ ଠକେଇ ହେଉଛି। ଏପରିକି ବେପାରୀ ମାନେ ବଟକରା ରେନ୍ୟୁ କରୁନଥିବା ତଥା ରେନ୍ୟୁ ବଟକରାକୁ ବ୍ୟବହାର ନ କରି ବ୍ୟବସାୟ ପସରା ମେଲାଇ ଚାଲିଛନ୍ତି। ଚମ୍ପୁଆ ବ୍ଲକ୍ ଅଧୀନରେ ଥିବା ୨୨ଟି ପଞ୍ଚାୟତରେ ପ୍ରାୟତଃ ସପ୍ତାହକୁ ଗୋଟାଏ ବା ଦୁଇଦିନ ଧରି ହାଟ ବସିଥାଏ। ଏହି ହାଟରେ ପନିପରିବାଠାରୁ ଆରମ୍ଭ କରି କୁକୁଡା, ବତକ, ଧାନ, ଚାଉଳ ଓ ଗ୍ରୋସରୀ ସାମଗ୍ରୀ ବିକ୍ରି ହୋଇଥାଏ। ଗ୍ରାହକ ବା ଖାଉଟି ସପ୍ତାହର ଆବଶ୍ୟକତାକୁ ଲକ୍ଷ୍ୟ କରି ଆବଶ୍ୟକ ସାମଗ୍ରୀ ହାଟରୁ ପ୍ରାୟତଃ କ୍ରୟ କରିଥା'ନ୍ତି। ଫଳରେ ଏମାନେ ବହୁ ସମୟରେ ଠକାମିର ଶିକାର ହୋଇଥା'ନ୍ତି। ବିକ୍ରେତାଙ୍କ ପ୍ରତି କୌଣସି ଅଙ୍କୁଶ ନ ଥିବାରୁ ଅନ୍ୟାୟସରେ ସେମାନେ ଗ୍ରାହକଙ୍କୁ ଠକି ଚାଲିଛନ୍ତି। ଏ ନେଇ ବୈଧ ମାପ ବିଜ୍ଞାନ ବିଭାଗ ସହକାରୀ ନିୟନ୍ତ୍ରକ ଉତ୍କଳ କେଶରୀ ମହାନ୍ତିଙ୍କୁ ପଚାରିବାରୁ ଆଗାମୀ ଦିନରେ ଏହା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତ ଦେଇଛନ୍ତି।

## ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

**ବଲାଙ୍ଗିର,୨୪ ।୧୧(ସମିସ):**ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ୨୬ ନଂ ଜାତୀୟ ରାଜପଥ ବୁଢ଼ିପଦର୍ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ଯୋଗ୍ୟ ଦୁଇଟି ବାଇକ୍‌ରେ ଦୁଇ ଜଣ ଯୁବକ ରାଜ୍ୟ ବାହାରରୁ କାମ କରି ଫେରୁଥିବା ବେଳେ ସେମାନଙ୍କ ଗାଁର ଦୁଇ ଜଣ ଯୁବକ ବାଇକ୍‌ରେ ନେବାପାଇଁ ଯାଇଥିଲେ । ସେମାନେ ମିଶି ଦୁଇଟି ବାଇକ୍‌ରେ ଫେରୁଥିବା ବେଳେ ବୁଢିପଦର୍ ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି । ମୃତ ଓ ଆହତ ଯୁବକମାନଙ୍କ କୌଣସି ପରିଚୟ ମିଳିନଥିବା ବେଳେ ଲୋଇସିଂହା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଛି । ଉକ୍ତ ବାଇକ୍‌କୁ ଅନ୍ୟ ଗାଡ଼ି ଧକ୍କା ଦେଇଛି ନା ଉଭୟ ନିଜେ ନିଜେ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି ସ୍ପଷ୍ଟ ହୋଇନାହିଁ ।

## ଟ୍ରେନ୍ ଧକ୍କାରେ ନାବାଳକର ଗୋଡ଼ କଟିଲା

**ଲାଞ୍ଜିଗଡ,୨୪ ।୧୧(ସମିସ):** କଳାହଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଚମ୍ପାଦେଇପୁର ପଞ୍ଚାୟତ ହରେକୃଷ୍ଣପୁର ନିକଟସ୍ଥ ଆମ୍ବାଦଳା-ଲାଞ୍ଜିଗଡ ବେଦାନ୍ତ କାରଖାନାକୁ ଯାଉଥିବା ମାଲବାହୀ ରେଳଗାଡ଼ି ଧକ୍କାରେ ଜଣେ ନାବାଳକର ଗୋଡ଼ କଟିଯାଇଛି । ରେଳ ଧାରଣା ପାର ହେଉଥିବା ବେଳେ ହରେକୃଷ୍ଣପୁର ଗ୍ରାମର କାନ୍ତ ମାଝୀର ନାବାଳକ ପୁଅ ଥବିର ମାଝୀ (୧୧)ଙ୍କ ବାମ ଗୋଡ଼ ସଂପୂର୍ଣ୍ଣ ଭାବେ କଟିଯାଇଛି । ସୋମବାର ଅପରାହ୍ନ ସାଢେ ୪ ଘଣ୍ଟା ସମୟରେ ସେ ରେଳ ଧାରଣା ପାର ହେଉଥିବା ବେଳେ ବେଦାନ୍ତ ପ୍ରକଳ୍ପକୁ ଯାଉଥିବା ଏକ ଟ୍ରେନ ବଗିରେ ଓହଳିଥିବା ଦଉଡି ଥବିର ଗୋଡରେ ଲାଗିଯାଇଥିଲା ଏବଂ ତାକୁ ଟାଣି ନେବାରୁ ଡାହାଣ ଗୋଡ଼ର ପାଦ ସଂପୂର୍ଣ୍ଣ ଭାବେ ଛିଣ୍ଡି ଅଲଗା ହୋଇଯାଇଛି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଲାଞ୍ଜିଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅତ୍ୟଧିକ ଗୁରୁତର ହେବା ଏବଂ ପାଦ ଛିଣ୍ଡି ଯାଇଥିବା ହେତୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ପରିବାର ଲୋକେ ଭୁବନେଶ୍ୱର ଚିକତ୍ସା ପାଇଁ ନେଇଥିବା ଲାଞ୍ଜିଗଡ଼ ମେଡିକାଲ ଅଫିସର ଭବାନୀ ଶଙ୍କର ଲେଙ୍କା ପ୍ରକାଶ କରିଛନ୍ତି । ଏହାକୁ ନେଇ ହରେକୃଷ୍ଣପୁର ଗାଁରେ ପ୍ରବଳ ଜନ ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ଉତ୍ୟକ୍ତ ଲୋକେ ରେଳରୋକ କରିଥିଲେ । ଏପରିକି ଦୁର୍ଘଟଣାର ଶିକାର ହୋଇଥିବା ଥବିରଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ସହିତ ତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଅଡ଼ି ବସିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସ୍‌ଆଇ ବଳଭଦ୍ର ଗୌଡ଼ ଓ ଏଏସ୍‌ଆଇ ସଞ୍ଜୟ କୁମାର ବୈଠାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପରେ ଧାରଣ ପ୍ରତ୍ୟାହୃତ ହୋଇଥିବା ଲାଞ୍ଜିଗଡ଼ ଏଏସ୍‌ଆଇ ବଳଭଦ୍ର ଗୌଡ଼ ପ୍ରକାଶ କରିଛନ୍ତି ।

ମଣ୍ଡି ଖୋଲିନି

# ସମ୍ଭାବ୍ୟ ଲଘୁଚାପକୁ ନେଇ ଚିନ୍ତାରେ ଚାଷୀ

**ଜୟପାଟଣା,୨୪ ।୧୧(ସମିସ)**



କଳାହାଣ୍ଡି ଜିଲ୍ଲାର ଜୟପାଟଣା ଅଞ୍ଚଳରେ ଜୋରସୋରରେ ଧାନ ଅମଳ ଚାଲିଥିବା ବେଳେ ଅନେକ ଚାଷୀ ଧାନ କାଟି ସାରିଲେଣି । କିନ୍ତୁ ଏଯାଏଁ ମଣ୍ଡି ଖୋଲି ନଥିବାରୁ ଦଲାଲଙ୍କୁ ସାଗ ମାଛ ଦରରେ ଧାନ ବିକ୍ରି କରି ଦେଉଛନ୍ତି ଛୋଟ ଛୋଟ ଚାଷୀ । ସେପଟେ ଆସନ୍ତା ୨୯ ତାରିଖରୁ ଜିଲ୍ଲାରେ ଖରିପ ଋତୁ ଧାନ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ବେଳେ ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ଆଶଙ୍କାକୁ ନେଇ ଚିନ୍ତାରେ ଚାଷୀ । ଧାନ ମଣ୍ଡି ଖୋଲିନଥିବା ବେଳେ ଗାଁ ଗାଁରେ ଦଲାଲ ବୁଲିଲେଣି । ଏପଟେ ସମ୍ଭାବ୍ୟ ଲଘୁଚାପକୁ ନେଇ ଚିନ୍ତାରେ ଚାଷୀ,ଏହାର ସିଧା ସଳଖ ଫାଇଦା ମାରୁଛନ୍ତି ଧାନ ଦଲାଲ । ଧାରକରଜ,ଋଣ କରି ଚାଷ କରିଥିବା ଚାଷୀ ଧାର ଟଙ୍କା ତଥା ଧାନ କଟା ଗାଡ଼ି ଓ ଟ୍ରାକ୍ଟର ଭଡ଼ା ଶୁଝିବା ପାଇଁ କମ ମୂଲ୍ୟରେ ନିଜ ଅମଳ ବିକ୍ରି କରିବାକୁ ବାଧ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ପ୍ରାୟ ୨୦ପ୍ରିତିଶତ ଚାଷୀଙ୍କ ଧାନ ଅମଳ ହୋଇ ସାରିଲାଣି । ହେଲେ ଏଯାଏଁ ମଣ୍ଡି ଖୋଲି ନ ଥିବାରୁ କୁଇଣ୍ଟାଲ ପିଛା ୧୫ ଶହରୁ ୧୮ ଶହ ଟଙ୍କାରେ ଦଲାଲଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ଚାଷୀ । ଦୀର୍ଘ ୬ମାସ ଅକ୍ଲାନ୍ତ ପରିଶ୍ରମ ପରେ ଚାଷୀଙ୍କ ଧାନ କ୍ଷେତରେ ସୁନାର ଫସଲ ଫଳିଛି । ଅନେକ ଅଞ୍ଚଳରେ ଚାଷୀ ଧାନ ଫସଲ ଅମଳ କରି ରଖିଲେଣି କିନ୍ତୁ ଏଯାଏଁ ମଣ୍ଡି ଖୋଲି ନାହିଁକି ଚାଷୀଙ୍କ ମୋବାଇଲକୁ ଟୋକାନ ମେସେଜ ଆସିନାହିଁ । ସମ୍ଭାବ୍ୟ ଲଘୁଚାପକୁ ବର୍ତ୍ତମାନ ଚିନ୍ତାରେ ଚାଷୀ । ତାଙ୍କ ପାଖରେ ପାଚଲା ଧାନର ସୁରକ୍ଷା ବ୍ୟବସ୍ଥା ନାହିଁ କି ଅମଳ ହୋଇଥିବା ଧାନକୁ ସୁରକ୍ଷିତ ରହିବା ପାଇଁ ବନ୍ଦୋବସ୍ତ ଅଛି । ଏଭଳିସ୍ଥିତି ଚାଷୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ମଣ୍ଡି ଆରମ୍ଭ ପାଇଁ ବ୍ୟବସ୍ଥା ଚାଲିଥିବା ସୂଚନା ମିଳିଛି ।

## ଫେରାର ହତ୍ୟାକାରୀ ୬ ବର୍ଷ ପରେ ଗିରଫ

**ଲାଞ୍ଜିଗଡ,୨୪ ।୧୧(ସମିସ):**କଳାହାଣ୍ଡି ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ଥାନା ଅଞ୍ଚଳର ଏକ ହତ୍ୟା ମାମଲାର ଫେରାର ଥିବା ଅଭିଯୁକ୍ତକୁ ରବିବାର ବିଜେପୁର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ତ୍ରିଲୋଚନପୁରପଞ୍ଚାୟତ ଆମଠା ପଦର ଗ୍ରାମର ବଟୁ ମାଝୀ (୪୬) ଗତ ୨୦୧୯ ମସିହା ମଇ ମାସ ୨ ତାରିଖ ଦିନ ଜଣକୁ ହତ୍ୟାକରୀ ଫେରାର ହୋଇଯାଇଥିଲା । ଏ ନେଇ ବିଜେପୁର ଥାନା କେଶ ନଂ ୫/୧୯ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଆସାମୀ ନିଜ ଗ୍ରାମ ଛାଡି କେଉଁଆଡେ ଫେରାର ହୋଇଯାଇଥିଲା । ଦୀର୍ଘ ଛଅ ବର୍ଷ ହେବ ପୁଲିସ ଅସାମୀକୁ ଖୋଜୁଥିବା ବେଳେ



ପାଇନଥିଲେ । ରବିବାର ଦିନ କୌଣସି ସୂତ୍ରରୁ ଖବର ପାଇ ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କ ନେତୃତ୍ୱରେ ଏସଆଇ ଶ୍ୟାମ କୁଲସୀକା ଓ ପୁଲିସ ବଳ ସହିତ ବିଜେପୁର ପଞ୍ଚାୟତ ସିମିଳିଭଟା ଗ୍ରାମକୁ ଯାଇ ଅସାମୀକୁ ଗିରଫ କରି ଥାନାକୁ ଆଣିଥିଲେ । ଏ ନେଇ ବିଜେପୁର ଥାନା କେଶ ନଂ ୫/୧୯ରେ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନ ମିଳିବାରୁ କୋର୍ଟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଶ୍ରୀ ଜାନୀ ସୂଚନା ପ୍ରଦାନ କରିଛନ୍ତି ।

## ଭାଲୁକୁନ୍ଦର ବିଭିନ୍ନ ସମସ୍ୟା ନେଇ ଗ୍ରାମସଭା

**ଦେଓଗାଁ,୨୪ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଭାଲୁକୁନ୍ଦ ଗାଁ ମଣ୍ଡପରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଟାଇଛି । ଲୋକ ଉନ୍ନତି ସଂଗଠନ ପକ୍ଷରୁ ବିକଶିତ ଯାତ୍ରା ଉପଲକ୍ଷେ ସୋମବାର ଅପରାହ୍ନରେ ଗାଁରେ ଏହି ସଭା ବସିଥିଲା । ଏଥିରେ ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟା ଅଧକ୍ଷତା କରିଥିଲେ । ଗାଁରେ ରହିଥିବା ବିଭିନ୍ନ ସମସ୍ୟା ତଥା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ଲୋକ ସ୍ଥାନୀୟ ସୋନଗଡ ନଦୀରେ ଚେକଡ୍ୟାମ୍ ନିର୍ମାଣ କରି ପାଣି ଅଟକାଇବା ସୁବିଧା କରାଗଲେ ଦେଷଣ୍ଡ ଅଞ୍ଚଳବାସୀ ଜଳସେଚନ ଓ ପାନୀୟଜଳର ସୁବିଧା ପାଇପାରିବେ ବୋଲି ଦାବି କରିଥିଲେ । ଏଥିସହ ଜଙ୍ଗଲ ଜମି ଅଧିକାର ଅନୁସାରେ ପୂର୍ବରୁ ଦଖଲରେ ଥିବା ଆଦିବାସୀ ଲୋକମାନେ କେମିତି ନିଜ ନାମରେ ପଟ୍ଟା ପାଇପାରିବେ ସେ ଉପରେ ଆଲୋଚନା କରାଯାଇଥିଲା । ବିଭିନ୍ନ ସରକାରୀ ଯୋଜନା ବିଷୟରେ ଠିକ୍ ସମୟରେ ଅବଗତ ହୋଇପାରୁ ନ ଥିବାରୁ ଅନେକ ଯୋଜନା



ହତଛଡା ହେଉଥିବା ଗାଁର ମଦନ କାଲସାଏ, କୃପା ରାଉତ, ପଦ୍ମଲୋଚନ ବେମାଲ, ଜିବର୍ଦ୍ଧନ ଧରୁଆ, ଚମାର ବରିହା, ସଦାନନ୍ଦ ବରିହା, ଶ୍ୟାମ ଧରୁଆ, କୁବେର ଧରୁଆ ପ୍ରମୁଖ ସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ନିରନ୍ତର କୃଷି ପଦ୍ଧତି ଓ ଜଳ ସଂଚାଳନ ବିଷୟରେ ଆଲୋକପାତ କରିଥିଲେ । ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ତଥା ଜୈବିକ ଅର୍କ ଜୀବାମୃତ, ନିମ୍ବ ଗୋମୂତ୍ର ଅର୍କ, ଲଙ୍କା ରସୁଣ ଅର୍କ, ମିଶ୍ରିତ ପତ୍ରର ଅର୍କ ଆଦି ପ୍ରସ୍ତୁତି ଓ ତାହାର ବ୍ୟବହାର ସମ୍ପର୍କରେ ଅବଗତ କରିଥିଲେ । ସଂଗଠନର ସଂଯୋଜକ ପୁଟା ଜଙ୍ଗଲଜାତ ଦ୍ରବ୍ୟର ଉପକାରିତା ଓ ବିଲୁପ୍ତ ହେବାକୁ ବସିଥିବା ପାରମ୍ପରିକ ଖାଦ୍ୟ, ଫଳମୂଳ, ଚେରମୂଳି ଔଷଧ ବିଷୟରେ ଧାରଣା ଦେଇଥିଲେ । ଏହାସହ ପାରମ୍ପରିକ ବିହନ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ । ସଭାରେ ଗାଁର ୱାର୍ଡ ସଭ୍ୟ, ଏସଏଚଜି ସଦସ୍ୟା, ଭିଏଲସି ସଭ୍ୟା, ଗ୍ରାମବାସୀ ଉପସ୍ଥିତ ଥଲେ । ସଂଗଠନର କର୍ମକର୍ତ୍ତା ସୁଶୀଳ ନନ୍ଦ, ଶରତ ସୁନା, ବିଦ୍ୟାଧର ଜାଲ ପ୍ରମୁଖ ସହଯୋଗ କରିଥିଲେ ।

## ଗାଁ ଗାଁରେ ପହଞ୍ଚୁଛି ସମ୍ବିଧାନର ଗାଥା ଓ ଗାରିମା

## ବିଭିନ୍ନ ଅଞ୍ଚଳ ପରିକ୍ରମା କଲା ସଚେତନତା ରଥ

ଲାଞ୍ଜିଗଡ଼,୨୪ ।୧୧(ସମିସ):ନଭେମ୍ବର ୨୬ ତାରିଖ ସମ୍ବିଧାନ ଦିବସ ଅବ୍ୟବହିତ ପୂର୍ବରୁ ରାଉରକେଲାରୁ ଶୁଭାରମ୍ଭ ହୋଇଛି ସମ୍ବିଧାନ ସଚେତନତା ରଥଯାତ୍ରା । ବିଭିନ୍ନ ଜିଲ୍ଲା ପରିକ୍ରମା କରିସାରିବା ପରେ କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ୍ ଦେଇ ସଚେତନତା ରଥ ଲାଞ୍ଜିଗଡ଼ ବ୍ଲକରେ ପ୍ରବେଶ କରିଥିଲା । ମୂଳନିବାସୀ ବହୁଜନ ମିଳିତ ମହାସଂଘ, ସମ୍ବିଧାନ ସଚେତନତା ଅଭିଯାନ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟସ ଫେଡେରେସନ, ଅନୁସୂଚିତ ଜାତି ଓ ଜନଜାତି ଆଇନଜୀବୀ ସଂଗଠନ, ଓବିସି,ଏସଟି-ଏସସି ଆସୋସିଏସନ ତରଫରୁ ଆରମ୍ଭ ହୋଇଥିବା ଅଭିଯାନ ଲାଞ୍ଜିଗଡ଼ ବ୍ଲକ୍ ଗୋବର୍ଦ୍ଧନପୁର ପଞ୍ଚାୟତ ପାଣିମୁଣ୍ଡାରେ ପହଞ୍ଚିଥିଲା । ସେଠାରେ



ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀଙ୍କ ସହିତ ଯୁବ ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ,ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ପଞ୍ଚାୟତ ସଭାପତି ଘାସିରାମ ବାଗ,ସଂପାଦକ ଯୁଧିଷ୍ଠିର କରୁଆଁ, ସଦସ୍ୟ ଜଳଧର ସାଗର, ମୋହନ ବାଗ, ରତ୍ନା କରୁଆଁ, ପ୍ରତିମା ମହାନନ୍ଦଙ୍କ ସହିତ ବହୁସଂଖ୍ୟକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ । ଏହାପରେ ସଚେତନତା ରଥ ଲକଟାଖମନ,ମଧୁପୁର, ରାମଚନ୍ଦ୍ରପୁର ଓ ଗୋପାଳପୁର ପହଞ୍ଚିଥିଲା । ରଥ ସହିତ ମହାସଂଘର ରାଜ୍ୟ ସାଧାରଣ ସଂପାଦକ ଦିଗାମ୍ବର ଦୁରିଆ, କଳାହାଣ୍ଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯତୀନ୍ଦ୍ର କର,ରାଜ୍ୟ ମହିଳା ସଭାନେତ୍ରୀ ଏସ ସୁଜାତା, ଜିଲ୍ଲା ସଭାନେତ୍ରୀ ସ୍ନେହଲତା ଦୁର୍ଗା, କର୍ମକର୍ତ୍ତା ପଙ୍କଜ ବାଗ,ଜିଲ୍ଲା ଯୁବ ଯାଦବ ସଭାପତି ଡାକେଶ୍ୱର ଲହଜଲ,ବାମସେଫର କର୍ମକର୍ତ୍ତା କିଶୋର ଚନ୍ଦ୍ର ପଟେଲ, ସାବିତ୍ରୀବାଇ ଫୁଲେ ମହିଳା ସଂଗଠନର ସଭାନେତ୍ରୀ ରମଣୀ ଦୁରିଆ, ଗାଡେବନ୍ଧ ସରପଞ୍ଚ କବିତା ବାଗ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ଆଇନ ପରାମର୍ଶ ଦାତା ଛବିଲାଲ ନିଆଲ, କାର୍ଯ୍ୟକାରୀ ସଭାପତି ଜୟପ୍ରକାଶ ଜାଲ,କେସିଙ୍ଗା ବ୍ଲକ୍ ସଭାପତି ଯୁଧିଷ୍ଠିର ଭଗତ,ସଦସ୍ୟ ସତ୍ୟାନନ୍ଦ ନାଗ, ଡମ୍ବରୁ କରୁଆଁ, ଅଭିଜିତ କର ପ୍ରମୁଖ ସାମିଲ ଥିଲେ । ଦ୍ୱିତୀୟ ଦିନରେ ସଚେତନତା ରଥ କାଉଗୁଡ଼ା ଆବାସିକ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରା, ଲାଞ୍ଜିଗଡ଼ ରୋଡ଼ ସରପଞ୍ଚ ମମତା ଶବର, ଯୁବ ସାମ୍ବାଦିକ ନୀଲେଶ କୁମାର ନାଗ ପ୍ରମୁଖ ସ୍ୱାଗତ ଜଣାଇଥିଲେ । ଶିକ୍ଷକ ସତ୍ୟବାଦୀ ନାଏକ ଧନ୍ୟବାଦ ଦେଇଥିଲେ । ଶିକ୍ଷକ ସନ୍ଦୀପ ମିଶ୍ର, କୋକିଳ ଶବର, ନମିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱନାଥପୁର ମାଁ ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ କଙ୍କଣ କୁମାର ରାୟ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ ଲାଞ୍ଜିଗଡ଼ ବ୍ଲକ ଶାଖାର ସଭାପତି ଜଗଦୀଶ ବେନିଆ,କାର୍ଯ୍ୟକାରୀ ସଭାପତି ହରିହର କୁମାର ପ୍ରମୁଖ ସ୍ୱାଗତ କରିଥିଲେ । ସେହିପରି ଲାଞ୍ଜିଗଡ଼ସ୍ଥିତ ନିୟମଗିରି ବେଦାନ୍ତ ନଗରରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବୀରମହାରାଜପୁର,୨୪ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ରବୀନ୍ଦ୍ରନାଥ କଲେଜରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କର୍ଯ୍ୟମକ୍ରମକୁ କଲେଜ ଅଧକ୍ଷ ଜଗବନ୍ଧୁ ବେରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଛାତ୍ର ଛାତ୍ରୀ ମାନଙ୍କୁ ଦୂରେଇ ରହିବାକୁ ଉପଦେଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଶରତଦଲେଇ ନିଶାଦ୍ରବ୍ୟ ଠାରୁ ଦୂରେଇ ରହି ଛାତ୍ର ଜୀବନରେ ଶୃଙ୍ଖଳା ରହିଲେ ଭବିଷ୍ୟତ ଉଜ୍ଜଳ ହେବବୋଲି ଉଦ୍‌ବୋଧନ



ଦେଇଥିଲେ । ଅଧ୍ୟାପକ ସଞ୍ଜୟ ସାହୁ ନିଶା କେବେ କାହାରି ମଙ୍ଗଳ କରିନାହିଁ, ବରଂ ମଣିଷକୁ ମୃତ୍ୟୁମୁଖକୁ ଟାଣିନେବା ସହ ପରିବାର ରେ ଆସନ୍ତି ସୃଷ୍ଟି କରିଥାଏ ବୋଲି କହିଥିଲେ । ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକାରୀ ସଭାପତି ସୁଶାନ୍ତ ଭୋଇ ମଦଜନିତ ମୃତ୍ୟୁ ଓ ବିଭିନ୍ନ ରୋଗର କାରଣ ବୋଲି ଉପସ୍ଥାପନ କରାଇଥିଲେ । ବରିଷ୍ଠସଦସ୍ୟ ପ୍ରମୋଦ ପଣ୍ଡା ନିଶା ନିବାରଣ ପ୍ରଥମେ ନିଜେ ପାନ ନ କରି ଅନ୍ୟକୁ ନିଜପରି ନିଶା ଠାରୁ ଦୁରେଇ ରହିବାକୁ କହିଥିଲେ । ସୁଦାମ ଗାଇଗରିଆ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଲୋଚନା କରିବା ସହ ଓଡ଼ିଶାରେ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ୍ ଲାଗୁ କରିବା ବିଷୟରେ ଉପସ୍ଥାପନ କରିବାସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା





**ଭବାନୀପାଟଣା,୨୪ ।୧୧(ସମିସ):**ମହାପୁରୁଷ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ଜିଲ୍ଲା କ୍ରୀଡା ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା । ସାଂସଦ କଳାହାଣ୍ଡି ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଉପସ୍ଥିତିରେ ମା ମାଣିକେଶ୍ୱରୀଙ୍କ ଫଟୋ ଓ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ ମାଲ୍ୟାର୍ପଣ କରାଯାଇ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଯାଇଥିଲା । ଅତିଥିଙ୍କ ଦ୍ୱାରା ପତାକା ଦେଖାଇ ଏକତା ପଦ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ପଦଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଜିଲ୍ଲା କାରାଗାର, ନୂଆ ବସଷ୍ଟାଣ୍ଡ, ଘୋଡାଘାଟ ଛକ,ସତ୍ୟମ୍ ସିନେମା,ଦୟାନିଧି ଛକ, ମାଣିକେଶ୍ୱରୀ ଛକ ଦେଇ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ବିଶ୍ୱ ବିଦ୍ୟାଳୟର ପରିସର ମଧ୍ୟରେ ସମାବେଶ ହୋଇଥିଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏକତା ରଥ ମାଧ୍ୟମରେ ବନ୍ଦେ ମାତରମ ରାଷ୍ଟ୍ରୀୟ ସଂଗୀତ ଗାନ କରି ସମସ୍ତେ ଜାତୀୟ ପତାକା ହାତରେ ଧରି ସହର ପରିକ୍ରମା କରିଥିଲେ । ମୁଖ୍ୟ ଅତିଥି ଭାବେ ସାଂସଦ, କଳାହାଣ୍ଡି (ଲୋକସଭା) ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି, ପାୱାର ସଚିନ ପ୍ରକାଶ, ଭାରପ୍ରାପ୍ତ ଭି. ସି,ଡ. ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ରେଜିଷ୍ଟର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡ. ଜୟଦେବ ସାହୁ, ୬୪ ବାଟାଲିୟନ ଡେପୁଟି କମାଣ୍ଡେଣ୍ଟ ସଚ୍ଚିଦାନନ୍ଦ ପାତ୍ର,ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଜୟ ଶଙ୍କର ନାୟକ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ଯୁବ ବ୍ୟାପାର ଅଧିକାରୀ ପ୍ରସନ୍ନ ମେହେର ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଶାରିରୀକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଶିଶୁ ସୁରକ୍ଷା ୟୁନିଟ୍ ର ଅଂଶୁମାନ ବାବୁ ସହଯୋଗ କରିଥିଲେ । ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଧର୍ମଗଡ଼:** ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଇଙ୍କ ଜୟନ୍ତୀ ଉପଲକ୍ଷେ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମସ୍ତ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀଙ୍କୁ ନେଇ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବି,ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ,ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ,ଧର୍ମଗଡ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ନଗରପାଳ ଅଶୋକ ମହାନ୍ତି,



ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବିଡ଼ିଓ ସଦାଶିବ ନାୟକ, ତହସିଲଦାର କାର୍ତ୍ତି ଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ, ପ୍ରମୁଖ ଉପସ୍ଥିତ ରହି ଧର୍ମଗଡ ଅଧିଷ୍ଠାତ୍ରୀ ଦେବି ମା'ଭଣ୍ଡାର ଘରୁଣୀ ମନ୍ଦିର ଠାରୁ ଗୋଡ଼ଭଞ୍ଜା ବିଜୁ ଏକ୍ସପ୍ରେସ ଗୋଲେଇ ଛକ ପର୍ଯ୍ୟନ୍ତ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ । ଗୋଡ଼ଭଞ୍ଜା ଗୋଲେଇ ଛକ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ପଦଯାତ୍ରାରେ ସାମିଲ ହୋଇ ଭାଇଚାରାର ବାର୍ତ୍ତା ପ୍ରେରଣା ଦେଇଥିଲେ ।

● ଅଖିଳ ଭାରତୀୟ ସାହିତ୍ୟ ପରିଷଦ

## ଓଟିଟି ପ୍ଲାଟଫାର୍ମ ଉପରେ କଟକଣା ଲଗାଇବାକୁ ଦାବି

**ଭବାନୀପାଟଣା,୨୪ ।୧୧(ସମିସ):**ଅଖିଳ ଭାରତୀୟ ସାହିତ୍ୟ ପରିଷଦ,ମାଁ ମାଣିକେଶ୍ୱରୀ କଳାହାଣ୍ଡି ଶାଖା ପକ୍ଷରୁ ଓଟିଟି ପ୍ଲାଟ୍‌ଫର୍ମ ସମ୍ପର୍କିରେ ଆଇନ ପ୍ରଣୟନ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଅଧକ୍ଷ ଜଗଦୀଶ୍ୱର ମୁଣ୍ଡଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧକ୍ଷ ଧବଳେଶ୍ୱର ପାତ୍ର, ସଂଯୋଜକ ମନୋଜ କୁମାର ନାୟକ ଓ କାର୍ଯ୍ୟକାରିଣୀ ସଦସ୍ୟା ଦୀପ୍ତି ମୁଣ୍ଡ ଉପସ୍ଥିତ ଥିଲେ । ସମ୍ପାଦିକା ସୁଦେଷ୍ଣା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଓଟିଟି ତଥା ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଗେମ୍ ଏବଂ ଅନ୍ୟ ବିଷୟ ଉପରେ କଟକଣା ନିମନ୍ତେ ଦାବିର ଯୁକ୍ତିକୁ ଉପସ୍ଥାପନା କରାଯାଇଥିଲା । ମଧ୍ୟପ୍ରଦେଶର ରେବା ଠାରେ ଆୟୋଜିତ ରାଷ୍ଟ୍ରୀୟ ଆଧିବେଶନରେ ଆଇନ ପ୍ରଣୟନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାସରିଛି । ଓଟିଟି ପ୍ଲାଟ୍ ଫର୍ମ ଏବଂ ଗେମି ଆପରେ ପ୍ରସାରିତ ହେଉଥିବା ପ୍ରତ୍ୟେକ ସାମଗ୍ରୀ ଉପରେ ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି । ଡିଜିଟାଲ ମାଧ୍ୟମରେ ପ୍ରସ୍ତୁତ ଯେକୌଣସି ଦୃଶ୍ୟ, ସମ୍ବାଦ, ଅଥବା ବିଚାର ଯାହା ଭାରତର ସାମ୍ବିଧାନିକ ଗାରିମା, ଧାର୍ମିକ ଆସ୍ଥା, ସାଂସ୍କୃତିକ ମୂଲ୍ୟବୋଧ ଅଥବା ସାମାଜିକ ମର୍ଯ୍ୟାଦା ଏବଂ ସନାତନ ପରମ୍ପରାକୁ ଆହତ କରୁଛି ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଉ । କିଶୋର ଓ ଯୁବ ବର୍ଗଙ୍କ ପାଇଁ ଉପଯୁକ୍ତ ସାମଗ୍ରୀର ବୟସ ଆଧାରରେ ନିୟନ୍ତ୍ରଣ କରାଯାଉ । ଯାହା ମଞ୍ଚ ବା ଅଶ୍ଳୀଳତା, ହିଂସା, ନିଶା କାରବାର,ବିକୃତ ଜୀବନ ମୂଲ୍ୟର ପ୍ରଚାର କରୁଛନ୍ତି ସେମାନଙ୍କ ବିରୋଧରେ କଠୋର ଦୃଷ୍ଟାନ୍ତମୂଳକ ଆଇନ ପ୍ରଣୟନ ହେଉ ବୋଲି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି । କାରଣ ଏହା ଆଜିର ଯୁବ ସମାଜ ପାଇଁ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏ ଦିଗରେ ଜନଜାଗରଣ ପାଇଁ ସହଯୋଗର ହାତ ବଢାଇବାକୁ ଅନୁରୋଧ କରାଯାଇଛି ।





# ଭୁବନେଶ୍ୱର ସିଟି

## ଜାତୀୟ ରାଜପଥରେ ଚାହିଁ ବସିଛି ବିପଦ

# ବାଇକ୍‌ଚାଳକଙ୍କୁ ଖଣ୍ଡିଆ ରାସ୍ତା ବଇରୀ

ଭୁବନେଶ୍ୱର, ୨୪।୧୧(ସମିସ):୨୦୨୫ ସୁଧା ଭାରତୀୟ ସଡ଼କ ଆମେରିକାର ସଡ଼କ ସହ ସମକକ୍ଷ ହେବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତୀନ୍ ଗଡ଼କରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ, ଓଡ଼ିଶାରେ ଜାତୀୟ ରାଜପଥର ଅବସ୍ଥାକୁ ଦେଖିଲେ ଏହା ଓଡ଼ିଶା ପାଇଁ ସ୍ୱପ୍ନ ବୋଲି ଅନୁମାନ କରିହେବ। କାରଣ ଏଠି ଜାତୀୟ ରାଜପଥରେ ଚାହିଁ ବସିଛି ବିପଦ। ୧୬ ନମ୍ବର ଜାତୀୟ ରାଜପଥ ବାଇକ୍ ଚାଳକଙ୍କ ପାଇଁ ବଇରୀ ସାଜିଛି। ରାଜପଥରେ ଅନେକ ସ୍ଥାନରେ ବଡ଼ବଡ଼ ଖାଲ ରହିଥିବାରୁ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି ଗାଡ଼ି ଚାଳକ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଜନଗହଳିପୂର୍ଣ୍ଣ ଖଣ୍ଡଗିରି ଓ ବରମୁଣ୍ଡାକୁ ମଧ୍ୟରେ ରହିଥିବା ରାସ୍ତାରେ। ଖୋର୍ଦ୍ଧା ପଟୁ ବରମୁଣ୍ଡା ଆଡ଼କୁ ଯାଉଥିବା ବେଳେ ଖଣ୍ଡଗିରି ଛକ ନିକଟ ରାଜପଥରେ ଭଡ଼ବଡ଼ ଖାଲ ରହିଥିବାରୁ ରାତି ସମୟରେ ଅନେକ ବାଇକ ଚାଳକଙ୍କ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି।

ସହରରେ ବିଭିନ୍ନ ସ୍ଥାନରେ ଭିଡ଼କୁ ନିୟନ୍ତ୍ରଣ କରାଯିବାକୁ ଫ୍ଲାଏଓଭର ନିର୍ମାଣ କରାଯାଇଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ହେଭି ଭେଇକିଲ ସମେତ କାର୍, ବାଇକ, ଅଟୋ ମଧ୍ୟ ଫ୍ଲାଏଓଭର ଉପରେ ଯାଇଥାନ୍ତି। ବିଶେଷ କରି ଟ୍ରାଫିକ୍ ଗହଳି ଓ ସମୟକୁ ଅପଚୟ ନକରିବାକୁ ଅନେକ ଚାଳକ ଫ୍ଲାଏଓଭର ଉପରେ ଯିବାକୁ ପସନ୍ଦ କରିଥାନ୍ତି। ହେଲେ ସମୟ ଓ ଭିଡ଼ରୁ ନିଜକୁ ରକ୍ଷା କରିବାକୁ ଯାଇ ମରଣ ମୁହଁରେ ପଡ଼ୁଛନ୍ତି ଚାଳକ। କାରଣ ଫ୍ଲାଏଓଭରରେ ଅଧିକାଂଶ



ସ୍ଥାନରେ ରହିଛି ବିପଦର ଖାଲ। ଫଳରେ କମ୍ ସ୍ପିଡ୍‌ରେ ଯାଉଥିଲେ ବି ସ୍କୁଟି ଓ ବାଇକ୍ ଚାଳକମାନେ ଏଠାରେ ପଡ଼ି ଆହତ ହେଉଛନ୍ତି। ଖଣ୍ଡଗିରିରୁ ବରମୁଣ୍ଡାକୁ ସଂଯୋଗ କରୁଥିବା ଏହି ଜାତୀୟ ରାଜପଥ ସାରା ଭର୍ତ୍ତି ହୋଇଛି ବିପଦ ଖାଲ। ଏଭଳି ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ପ୍ରତିଦିନ ଶହଶହ ସଂଖ୍ୟାରେ ଯାନବାହନ ଯାତାୟତ କରୁଥିବା ବେଳେ ଏହି ଖାଲ ଗୁଡ଼ିକ ଉପରେ କିଭଳି କାହାର ନଜର ପଡୁନି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ଷା ସମୟରେ ହେଉ ଅବା ଅନ୍ୟ ସମୟରେ ଦ୍ରୁତଗତିରେ ଆସୁଥିବା ଚାଳକ ହଠାତ୍ ଜାଣି ନପାରି ଖାଲରେ ପଡ଼ି ଆହତ ହେଉଥିବା ସୂଚନା ରହିଛି। ଫ୍ଲାଏଓଭରରେ ବିଭିନ୍ନ ସ୍ଥାନରେ ବ୍ଲାକସ୍ପଟ୍ ଚିହ୍ନଟ କରାଯାଇ ଦୁର୍ଘଟଣା ରୋକିବାକୁ ଲୋକଙ୍କୁ ସଚେତନ କରାଯାଉଛି। ସେହିପରି ଉଭୟ ବାଇକ୍ ଚାଳକ ଓ ପଛରେ ବସିଥିବା ବ୍ୟକ୍ତିଙ୍କ ପାଇଁ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ସମେତ କାର୍ ଚାଳକଙ୍କ ପାଇଁ ସିଟ୍‌ବେଲଟ୍ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଏହାସହ ସ୍ପିଡ୍ ରୋକିବାକୁ ସ୍ପିଡ ବ୍ରେକର୍, ଇନଷ୍ଟରସେପ୍ଟର, ଟିଭି ଡିଏସ୍ ଆଦି ମାଧ୍ୟମରେ ଗାଡ଼ି ଚାଳକଙ୍କୁ ସଚେତନ କରାଯାଉଛି। ସମସ୍ତ ନିୟମକୁ ଅନୁପାଳନ କରି ମଧ୍ୟ ପ୍ରତିଦିନ ଅନେକ ଯାତ୍ରୀ ଜାତୀୟ ରାଜପଥରେ ଦୁର୍ଘଟଣାର ଶିକାର ହେଉଥିବାରୁ ଏଥିପାଇଁ କିଏ ଉତ୍ତରଦାୟୀ ବୋଲି ପ୍ରଶ୍ନ ଉଠିଛି। ଜାତୀୟ ରାଜପଥର ଏଭଳି ଅବସ୍ଥା ପାଇଁ ଏନ୍‌ଏଚଆଇ କାହିଁକି ପଦକ୍ଷେପ ନେଉ ନାହିଁ ବୋଲି ଚାଳକମାନେ ପ୍ରଶ୍ନ କରିଛନ୍ତି। ଏହି ରାସ୍ତା କେବଳ ସହରର ଚିତ୍ରକୁ ନଷ୍ଟ କରୁନି ବରଂ ଅନେକ ମୂଲ୍ୟବାନ ଜୀବନ ନେବାରେ ପ୍ରମୁଖ ଭୂମିକା ନେଇଥିବା କୁହାଯାଉଛି। ତେଣୁ ଏଥିପ୍ରତି ଏନ୍‌ଏଚ୍‌ଏଆଇ ଦୃଷ୍ଟି ଦେଇ ରାସ୍ତାକୁ ମରାମତି କରିବାକୁ ଶିଘ୍ର ପଦକ୍ଷେପ ନେବା ଜରୁରୀ ବୋଲି ଯାତ୍ରୀମାନେ କହିଛନ୍ତି। ଏନେଇ ଏନଏଚଏଆଇ ଅଧିକାରୀଙ୍କ ପ୍ରତିକ୍ରିୟା ନିଆଯାଇ ପାରି ନାହିଁ।

## ଉତ୍କଳିକାର ନୂତନ ବିକ୍ରୟ କେନ୍ଦ୍ର ‘ଉତ୍କଳିକା ଆତିଥ୍ୟ’ ଉଦ୍‌ଘାଟିତ

● ବିଦେଶରେ ବଢ଼ିବ ଓଡିଆ ହସ୍ତଶିଳ୍ପର ଚାହିଦା




ଭୁବନେଶ୍ୱର,୨୪।୧୧(ସମିସ): ଓଡିଶା ହସ୍ତଶିଳ୍ପ କାରିଗରମାନଙ୍କର ଆର୍ଥିକ ଉନ୍ନତି ତଥା ଓଡିଆ ହସ୍ତଶିଳ୍ପ ସାମଗ୍ରୀର ପ୍ରଚାର ପ୍ରସାର ଲକ୍ଷ୍ୟରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରେ ଉତ୍କଳିକାର ନୂତନ ବିକ୍ରୟ କେନ୍ଦ୍ର ‘ଉତ୍କଳିକା ଆତିଥ୍ୟ’ ଉଦଘାଟିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଛନ୍ତି, ଏହା ଦ୍ୱାରା ରାଜ୍ୟ ବାହାର ତଥା ଅନ୍ୟ ଦେଶର ପର୍ଯ୍ୟଟକମାନେ ଓଡ଼ିଶାର ପାରମ୍ପରିକ ଉତ୍କୃଷ୍ଟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ମାରକ ସେମାନଙ୍କ ଘରକୁ ନେଇପାରିବେ। ଫଳରେ ଆମ ବୁଣାକାର ଓ କାରିଗରଙ୍କ ଜୀବନ-ଜୀବିକା ସମୃଦ୍ଧ ହେବା ସହ ଓଡିଆ ହସ୍ତଶିଳ୍ପ ଅସ୍ମିତାର ଗରିମା ବୃଦ୍ଧି ହୋଇପାରିବ। ‘ଉତ୍କଳିକା ଆତିଥ୍ୟ’ ଉତ୍କଳିକା ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଅଭିନବ ପ୍ରୟାସ। ଆମ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଦର୍ଶନ ସହ ଏବଂ ବିକ୍ରୟ ବୃଦ୍ଧିକୁ ଲକ୍ଷ୍ୟ ରଖି ଏହାର ଖୋଲାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅର୍ଥ ପରାମର୍ଶ ଦାତା ତଥା ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ବେହେରା, ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଯୁଗ୍ମ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଦଶମ ନାଟକ ମହୋତ୍ସବ’

# ପ୍ରଥମ ସନ୍ଧ୍ୟାରେ ‘ଯଥା ଗୌତମସ୍ୟ ଅହଲ୍ୟା’

ଭୁବନେଶ୍ୱର, ୨୪।୧୧(ସମିସ): ଅଗ୍ରଣୀ ନାଟ୍ୟ ସଂସ୍ଥା ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ‘ଦଶମ ନାଟକ ମହୋତ୍ସବ-୨୦୨୫’ ଭଞ୍ଜକଳା ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନିଆ ନାଟକ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନାଟକ ‘ଯଥା ଗୌତମସ୍ୟ ଅହଲ୍ୟା’। ପଞ୍ଚଧ୍ୱନି ନାଟ୍ୟ ପରିଷଦର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ଏହି ନାଟକର ରଚନା ପଞ୍ଚାନନ ଦାଶ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ବରିଷ୍ଠ ଅଭିନେତା ଓ ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ମହାରଣା। ନାଟକର କାହାଣୀ ଅନୁସାରେ, ସତୀ, ଅସତୀ



ନାରୀର ସଜ୍ଞା। କଠିନ ମାର୍ଗଦର୍ଶିକା ମଧ୍ୟରେ ଆବହମାନ କାଳରୁ ଯୁଗଯୁଗ ଧରି ନାରୀର ଜୀବନ ଡୋରୀ ବନ୍ଧା। କିନ୍ତୁ ଏହି ସାମାଜିକ ନିୟମର ପ୍ରଣେତା, ପ୍ରବକ୍ତା ପୁରୁଷମାନେ ନାରୀର ସତୀତ୍ୱ ଲୁଣ୍ଠନ କରିବାରେ ତିଳେମାତ୍ରେ ପାପ, ପୁଣ୍ୟର ବିଚାର କରନ୍ତି ନାହିଁ। ଅପରପକ୍ଷରେ ପୁରୁଷ ପ୍ରଣୋଦିତ ନାରୀର ସାମାନ୍ୟ ଚାରିତ୍ରିକ ତ୍ରୁଟି ପାଇଁ ତାକୁ ନିନ୍ଦା, ଅପବାଦ ମୁଣ୍ଡାଇବା ସହ ବହୁ କଷ୍ଟ, ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ। ନାରୀର ପବିତ୍ରତା, ଚାରିତ୍ରିକ ସୁରକ୍ଷାର ଦାୟିତ୍ୱ କେବଳ ନାରୀର ନୁହେଁ, ସମାନ ରୂପରେ ପୁରୁଷର ମଧ୍ୟ ରହିଛି। ଏହି ପୁରୁଷ ପ୍ରାଧାନ୍ୟ ସ୍ୱାମୀପଣ ମାନସିକତା ତଥା ନାରୀ ପ୍ରତି ଥିବା କାମୁକ ପୁରୁଷମାନଙ୍କ ଶ୍ୟେନ ଦୃଷ୍ଟିର ଛକାପଞ୍ଝା ପତିବ୍ରତା ନାରୀର ଜୀବନ କେମିତି ସନ୍ତୁଳିତ ହୋଇଯାଏ ତାହାର ବଳିଷ୍ଠ ନିଦର୍ଶନ ହେଉଛି ଗୌତମ ଓ ଅହଲ୍ୟାଙ୍କ ପୌରାଣିକ ଆଖ୍ୟାନ। ଛଦ୍ମବେଶୀ ଅହଲ୍ୟାଙ୍କ ସତୀତ୍ୱ ଅପହରଣ କରିବାରେ ଅହଲ୍ୟାଙ୍କ ଦୋଷ ରହିଲା କେଉଁଠି? ତଥାପି ସେ କାହିଁକି ହେଲେ ଦଣ୍ଡିତା, ଅଭିଶପ୍ତା? ପୁଣି ସେ ପାଇଲେ କେମିତି ମହାସତୀର ମାନ୍ୟତା? ଏଭଳି ଅନେକ ପ୍ରଶ୍ନବାଚୀକୁ ନେଇ ମଞ୍ଚସ୍ଥ ଏହି ନାଟକଟି ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଡ. ନାଟ୍ୟ ନିର୍ଦ୍ଦେଶକ ଉପନ୍ଦ୍ରେ ପ୍ରସାଦ ନାୟକ, ଓଡ଼ିଶା ନାଟ୍ୟ ସଂଘର ସମ୍ପାଦକ ମିହିର ମେହେର, ସାଧାରଣ ସମ୍ପାଦକ ସୁଧାକର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଲେଖକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଚିନ୍ମୟ ପଟ୍ଟନାୟକ, ଅଭିନେତା ତଥା ନିର୍ଦ୍ଦେଶକ ପ୍ରକାଶ ମହାରଣା, ନାଟ୍ୟ ପ୍ରଯୋଜକ ଶୁଭକାନ୍ତ ପାଢ଼ୀ, କଣ୍ଠଶିଳ୍ପୀ ରୂପକ କୁମାର ପରିଡ଼ା ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଏହାସହ ପଞ୍ଚାନନ ଦାଶଙ୍କ ନାଟ୍ୟପୁସ୍ତକ ‘ପଶାପାଲି ଓ ଅନ୍ୟାନ୍ୟ ନାଟକ’ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ବଳିୟାରସିଂହ ପରିଚାଳନା କରିଥିବା ବେଳେ ପଞ୍ଚାନନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଦିଲ୍ ମୋର ଧୁକୁର ଧୁକୁର’ ରିଲିଜ୍

ଭୁବନେଶ୍ୱର, ୨୪।୧୧ (ସମିସ): ଅଲିଭା ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ସମ୍ବଲପୁରୀ ମିକ୍ସ ମ୍ୟୁଜିକ ଭିଡିଓ ଦିଲ୍ ମୋର ଧୁକୁର ଧୁକୁର ରିଲିଜ୍ କାର୍ଯ୍ୟକ୍ରମ ଗଜପତିନଗର ସ୍ଥିତ ଗାର୍ଡେନ ଭିୟୁ ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଯୁବ ନିର୍ଦ୍ଦେଶକ ପପୁ ରାଉତ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଫୁଲ କୁମାର କୋରିଓଗ୍ରାଫି କରିଛନ୍ତି। ସେହିପରି ମ୍ୟୁଜିକରେ ବ୍ରହ୍ମା କୁମ୍ଭାର, ଲିରିକ୍ସରେ ଶରତ ବୁଦେକ ରହିଥିଲା ବେଳେ କଣ୍ଠଦାନ କରିଛନ୍ତି ରୁକୁସୁନା ଓ ଅନ୍ତରା ଚର୍କବର୍ତ୍ତୀ। ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଫିଲ୍ମ ନିର୍ଦ୍ଦେଶକ ନିରଞ୍ଜନ ବାରିକ, ଅଭିନେତା ବାବୁରାଜାଙ୍କ ସମେତ ଅଲିଭା ଏଣ୍ଟରଟେନମେଣ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଫଟୋ ଚିତ୍ରରେ ମାଲ୍ୟାପର୍ଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉପସ୍ଥିତ ସମସ୍ତ ବ୍ୟକ୍ତି କ୍ୟାଣ୍ଡେଲ ଜାଳି ନିରବ ପ୍ରାଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ।

## ‘ବିଜୟ ଏକ ଉଲ୍ଲାସ’ରେ ‘ଅପୂର୍ବ ଅପୁ’ ମଞ୍ଚସ୍ଥ




ଭୁବନେଶ୍ୱର, ୨୪।୧୧(ସମିସ): ନାଟ୍ୟକାର ଡ. ବିଜୟ ମିଶ୍ରଙ୍କ ନାମରେ ନାମିତ ସଂସ୍ଥା ‘ବିଜୟ’ ଏକ ଉଲ୍ଲାସ। ଡ. ବିଜୟ ମିଶ୍ରଙ୍କ ଲେଖକୀୟ ଜୀବନର ସ୍ମୃତିରେ ଏବଂ ‘ବିଜୟ’ ଏକ ଉଲ୍ଲାସର ୧୩ତମ ଜନ୍ମ ବାର୍ଷିକ ପାଳନ ହୋଇଛି। ଏହି ଅବସରରେ ‘ଅପୂର୍ବ ଅପୁ’ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ଭାଇ, ଭଉଣୀ ଭିତରେ ଏକ ଅସଜଡା ସମ୍ପର୍କକୁ ନେଇ ମଞ୍ଚସ୍ଥ ହୋଇଛି ଏହି ନାଟକ। ଯେଉଁଥିରେ ଗୋଟେ ପରିବାରରେ ଥାଇବି ସେମାନେ ଅପରିଚିତ ଓ ଅଜଣା। ପ୍ରାକ୍ ଐତିହାସିକ କାଳରୁ ଏକବିଂଶ ଶତାବ୍ଦୀ ମାନେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପରିବାରର ପରିସ୍ଥିତି ବଦଳି ଚାଲିଛି। ପରିବାର ଭିତରେ ଅନ୍ତର୍ଦ୍ୱନ୍ଦ, ପ୍ରେମ, ପ୍ରତାରଣା, ସ୍ୱାର୍ଥପରତା ଅହରହ ବଢ଼ି ଚାଲିଛି। ଏବେ ପରିବାର ଭିତରେ ସମ୍ପର୍କର ଅନେକ ମୋଡ଼ ଆଡ଼କୁ ଅଗ୍ରସର। ଏଇଭଳି ଏକ ସତ୍ୟ ଉଦାହରଣ, ଦିନେ ପାଇଥିଲେ ଡ. ବିଜୟ ମିଶ୍ର ଓ ଅରିନ୍ଦମ ମିଶ୍ର। ନାଟକର ମୁଖ୍ୟ ନାୟକ ଅପୂର୍ବ ଓରଫ ଅପୁ, ସମୟର ଡୋରିରେ ବାନ୍ଧି ରହିଥିବା ନାୟିକା ଅନୁ ଓରଫ ଅନୁକମ୍ପାର ସମ୍ପର୍କ କାହାଣୀର ମୋଡ଼ ବଦଳାଇଦେଇଛି। ଦିନେ ସେମାନେ ଭାଇ, ଭଉଣୀର ସମ୍ପର୍କକୁ ଆବିଷ୍କାର କରିଛନ୍ତି। ଯେଉଁ ସମୟ, ସେମାନଙ୍କୁ ଦୂରେଇ ଦେଇଥିଲା ସିଏ ପୁଣି ପାଖକୁ ନେଇଆସିଲା। ଏହାକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ ‘ଅପୂର୍ବ ଅପୁ’। ଯାହାର ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଡ. ବିଜୟ ମିଶ୍ର, ଅନ୍ତର୍ଯ୍ୟାମୀ ପଣ୍ଡା ଏବଂ ଅରିନ୍ଦମ ମିଶ୍ର। ସନ୍ଧ୍ୟାରେ ଅତିଥି ଭାବେ ବିଧାୟକ. ଅଭିନେତା ଆକାଶ ଦାସ ନାୟକ, ଏ.ସି. ବି ମେଡିକାଲ କଲେଜ ପ୍ରଫେସର ଓ ହସ୍ପିଟାଲ କଟକ ଜୟନ୍ତ କୁମାର ପଣ୍ଡା, ନାଟ୍ୟ ଅନୁଷ୍ଠାନର ସଭାପତି ବଟକୃଷ୍ଣ ତ୍ରିପାଠୀ, ଡ. ଅଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜୟ ସମ୍ମାନ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ଆମ ରାଜଧାନୀ ଆମ ଐତିହ୍ୟ

# ଗଙ୍ଗବଂଶ ସମୟର ଲଡୁବାବା ମନ୍ଦିର



ଭୁବନେଶ୍ୱର, ୨୪।୧୧(ସମିସ): ପୁରାତନ ମନ୍ଦିର, ପ୍ରାଚୀନ ଗୁମ୍ଫା, ପୁଷ୍କରିଣୀ ଓ ମଠ ଆଦିକୁ ନେଇ ମନ୍ଦିରମାଳିନୀ ସହରର ଭାବେ ପରିଚିତ ରାଜଧାନୀ ଭୁବନେଶ୍ୱର। ଯେଉଁଥିରେ ଦେଖିବାକୁ ମିଳେ ଉତ୍କଳୀୟ ଐତିହ୍ୟ ଏବଂ କିର୍ତ୍ତିରାଜି। ସେହି କିର୍ତ୍ତିରାଜି ମଧ୍ୟରୁ ଅନ୍ୟତମ ହେଉଛି ଲଡୁ ବାବା ମନ୍ଦିର।

ଏହି ମନ୍ଦିରଟି ରୋଡର ଡାହାଣ ପାର୍ଶ୍ୱରେ ଅବସ୍ଥିତ। ଅର୍ଥାତ୍ ଚିତ୍ରକାରିଣୀ ମନ୍ଦିରର ସାମ୍ନା ଏବଂ ପଥୁରିଆ ବଡୁ ସାହିରେ ଅବସ୍ଥିତ। ପୂର୍ବରୁ ଏଠାରେ ପ୍ରଭୁ ଶିବଙ୍କୁ ଆରାଧନା କରାଯାଇଥାଏ। କିନ୍ତୁ ବର୍ତ୍ତମାନ ସମୟରେ ଏଠାରେ କୌଣସି ଅଧିଷ୍ଠାତ୍ରୀ ଦେବତା ପୂଜା ପାଉନାହାଁନ୍ତି। ସ୍ଥାପତ୍ୟ କଳାରୁ ଅନୁମାନ କରାଯାଏ ଏହା ତ୍ରୟଦଶ ଶତାବ୍ଦୀରେ ଗଙ୍ଗ ବଂଶର ଶାସନ ସମୟରେ ନିର୍ମିତ ହୋଇଥିଲା। ଏହି ମନ୍ଦିରର ଅନ୍ୟ ନାମ କାଇଞ୍ଚି ମନ୍ଦିର ବୋଲି ମଧ୍ୟ କୁହାଯାଏ। ସେହିଭଳି ସ୍ଥାନୀୟଲୋକଙ୍କ କହିବା ଅନୁଯାୟୀ ବର୍ତ୍ତମାନ ଏହାକୁ କେବଳ ପଥୁରିଆ ବଡୁସାହି ଶିବ ମନ୍ଦିର ଭାବରେ ଲୋକ ଜାଣିଛନ୍ତି। ମନ୍ଦିରର ପାର୍ଶ୍ୱ ଦେବାଦେବୀ ଭାବେ ଗଣେଶ, କାର୍ତ୍ତିକ ଏବଂ ପାର୍ବତୀ ରହିଛନ୍ତି। ଏହି ପଶ୍ଚିମମୁଖୀ ମନ୍ଦିରରେ ପାର୍ଶ୍ୱ ଦେବତା ଗଣେଶଙ୍କ ଏକ ଚାରିଭୁଜ ପ୍ରତିମା ରହିଛି। ମୂର୍ତ୍ତିରେ ଆଂଶିକ ଭଙ୍ଗା ଶୁଣ୍ଢ ସହ ପଦ୍ମ ପୀଠ ଉପରେ ଛିଡା ହୋଇଛନ୍ତି। କୁହାଯାଏ ଏହି ମନ୍ଦିରର ସାମଞ୍ଜସ୍ୟ ପାତାଳେଶ୍ୱର ଶିବ ମନ୍ଦିର ସହ ରହିଛି। କେହି କେହି ଏହାର କିମ୍ବଦନ୍ତୀକୁ ମହାଭାରତର ପାଣ୍ଡବମାନଙ୍କ ସହିତ ସଂଯୋଗ କରନ୍ତି କି, ସେମାନଙ୍କର ନିର୍ବାସନ ସମୟରେ ଏହି ମନ୍ଦିରର ତିଆରି କାର୍ଯ୍ୟ ଆରମ୍ଭ କରି ଛାଡି ଦେଇଥିଲେ। ପରବର୍ତ୍ତୀ ସମୟରେ ଏହାର ପୁରା କାର୍ଯ୍ୟ ଗଙ୍ଗ ବଂଶର ରାଜୁତି ସମୟରେ ତିଆରି ହୋଇଥିଲା। ଯଦିଓ ଏହାର କୌଣସି ପ୍ରମାଣ ମିଳିପାରି ନାହିଁ। ତେଣୁ ଏହାର ପ୍ରକୃତ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଅଜଣା ହୋଇ ରହିଛି ବୋଲି ଐତିହାସିକ ମତ ଦିଅନ୍ତି।



### ଏବେ କେମିତି ରହିଛି

ମନ୍ଦିରରେ ବର୍ତ୍ତମାନ କୌଣସି ଦେବତା ପୂଜା ପାଉ ନାହାନ୍ତି। ଅନେକ ବର୍ଷଧରି ଏହା ଆଂଶିକ ଭାବରେ ପୋତି ହୋଇଯାଇଛି। ତାସହ ଏହାର ତିନି ପାର୍ଶ୍ୱରେ ଆବାସିକ କୋଠାଘର ଦ୍ୱାରା ଶ୍ୱାସରୁଦ୍ଧ ଭାବେ ମନ୍ଦିରକୁ ଘେରିହୋଇ ରହିଛି। ଫଳରେ ଏହି ଦଶନ୍ଧି ପୁରୁଣା ଐତିହ୍ୟର କୌଣସି ପରିଚୟ ପର୍ଯ୍ୟଟକଙ୍କୁ ମିଳିପାରୁ ନାହିଁ କି ଏହାର ସୁରକ୍ଷା ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଦେଖିବାକୁ ମିଳୁଛି। ମନ୍ଦିର ଉପରେ ଅନାବନା ଗଛ ସହ ତାର ସୌନ୍ଦର୍ଯ ମଧ୍ୟ କ୍ଷୟ ହେବାକୁ ବସିଲାଣି। ଏପରିସ୍ଥଳେ ଶତାବ୍ଦୀ ପୁରୁଣା ଏହି ମନ୍ଦିର ତାର ମାହାତ୍ମ୍ୟ ହରେଇବା ସହ ଇତିହାସ ପୃଷ୍ଠାରୁ ଲିଭିଯିବାର ଭୟ ରହୁଥିବା କହିଛନ୍ତି ଜଣେ ସ୍ଥାନୀୟ ପୂଜକ।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ଅନୀତା ଦଣ୍ଡପାଟ
ଆବିର୍ଭାବ: ୧୭.୦୫.୧୯୫୭ ସ୍ୱର୍ଗାରୋହଣ: ୧୫.୧୧.୨୦୨୫
ସ୍ୱାମୀ: ୰ ସୁଧାଂଶୁ ଶେଖର ଦଣ୍ଡପାଟ
କାଶିଆବେଡା, ବଡ଼ଶୋଳ, ମୟୂରଭଞ୍ଜ
ଅଭୁଲା ସେ ଅନୁଭୂତି... ଅପାସୋରା ଗାଥା...
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...
ଶୋକସନ୍ତପ୍ତ: ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରଞ୍ଜନ, ଯାଆ ସୁଲେଖା, ନାତି ଓମ୍‌ପ୍ରକାଶ, ରାଜା, ସାଇ, କ୍ରିଶ୍, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରୀଷ୍ଟି ଓ ସମସ୍ତ ବନ୍ଧୁ ଓ ପରିଜନବର୍ଗ

# ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ହେବ ମେଲ୍ ଏକ୍ସପ୍ରେସ



**ବଦଳିବ ଇଞ୍ଜିନ ଓ ଚଳାଚଳ ସମୟ ସାରଣୀ**

ବାରିପଦା, ୨୪ ।୧୧(ସମିସ): ଆସନ୍ତା ବର୍ଷ ଫେବୃଆରୀ ପହିଲାରୁ ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ମେଲ ଏକ୍ସପ୍ରେସ ଭାବେ ଚଳାଚଳ କରିବ। ଏଥିସହିତ ଚଳାଚଳ ସମୟ ସାରଣୀ ସହ ଟ୍ରେନ ଇଞ୍ଜିନ ମଧ୍ୟ ବଦଳିବ ବୋଲି ଏ ନେଇ ଇଷ୍ଟ କୋଷ୍ଟ ରେଳବାଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ସୁପରଫାଷ୍ଟ ଟ୍ରେନଟି ପୂର୍ବରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାଉଥିବା ବେଳେ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବା ପରେ ପ୍ରତିଦିନ ବିଳମ୍ବିତ ସମୟରେ ଚଳାଚଳ କରୁଛି। ଏ ନେଇ ବିଭାଗ ପକ୍ଷରୁ ସୁପରଫାଷ୍ଟ ଏକ୍ସପ୍ରେସ ପରିବର୍ତ୍ତେ ମେଲ ଏକ୍ସପ୍ରେସ ବର୍ଗକୁ ଖସାଇ ଦିଆଯିବ। ସମୟ ସାରଣୀରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଟ୍ରେନଟି ଭୋର ୪.୨୦ରେ ବାଙ୍ଗିରିପୋଷି ରେଳ ଷ୍ଟେସନରୁ ବାହାରି ପୁରୀରେ ୧୧.୦୫ରେ ପହଞ୍ଚିବାର ସମୟ ସାରଣୀ ରହିଥିଲା। ତାହାକୁ ପରିବର୍ତ୍ତନ କରାଯାଇ ଭୋର ୪ଟା ସମୟରେ ବାହାରି ବାରିପଦାରେ ୫ଟା, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ସାକ୍ଷୀ ଗୋପାଳ ହୋଇ ୧୧.୩୦ରେ ପୁରୀ ରେଳ ଷ୍ଟେସନରେ ପହଞ୍ଚିବ। ସେହିପରି ପ୍ରତ୍ୟାବର୍ତ୍ତନ ସମୟ ସାରଣୀକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଅପରାହ୍ନ ୪.୨୦ ପରିବର୍ତ୍ତେ ୪ଟା ସମୟରେ ପୁରୀ ରେଳ ଷ୍ଟେସନରୁ ଟ୍ରେନ ବାହାରି ରାତି ୧୧.୧୧ସମୟରେ ବାଙ୍ଗିରିପୋଷି ରେଳ ଷ୍ଟେସନରେ ପହଞ୍ଚିବ। ସେହିପରି ରେଳ ଇଞ୍ଜିନ ନମ୍ବର ୧୨୮୯୧ ଓ ୧୨୮୯୨କୁ ପରିବର୍ତ୍ତନ କରି ୧୮୪୦୧ ଓ ୧୮୪୦୨ ନମ୍ବର ବିଦ୍ୟୁତ ରେଳ ଇଞ୍ଜିନ ଭାବେ ଚଳାଚଳ କରିବାର ସୂଚନା ମିଳିଛି।

## ବିଜିପୁରରେ ଫିଜିଓଥେରାପି ଚିକିତ୍ସା ଶିବିର



ମାଣତ୍ରୀ/ବଡ଼ସାହି, ୨୪ ।୧୧(ସମିସ): ବଡସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁରସ୍ଥିତ ଶ୍ରୀମା' ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ପକ୍ଷରୁ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କଟକସ୍ଥିତ ଓଲଟପୁରର ଫିଜିଓଥେରାପି ବିଶେଷଜ୍ଞ ଡାକ୍ତରଙ୍କ ସହାୟତାରେ ଏକ ବିଶାଳ ଫିଜିଓଥେରାପି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ବହୁ ଦୂରଦୂରାନ୍ତ ୫୦ ଜଣ ରୋଗୀଙ୍କ ଯୋଗଦେଇ ନିଜର ଚିକିତ୍ସା କରିଥିଲେ। ଫିଜିଓଥେରାପି ବିଶେଷଜ୍ଞ ଡାକ୍ତର ପତିତପାବନ ମହାନ୍ତି ଏବଂ ତାଙ୍କ ସାଥୀ ବସନ୍ତ ନନ୍ଦ ଓ ବିଶ୍ୱଜିତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସରସ୍ୱତୀ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜିପୁର ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଏହି କେନ୍ଦ୍ରରେ ବହୁବିଧ ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନିୟମିତ ଭାବେ ଚାଲୁଥିବାରୁ ସାଧନା କେନ୍ଦ୍ର ପରିସରରେ ପାଚେରୀ ଏବଂ ଶୌଚାଳୟ ନିର୍ମାଣ ନିମନ୍ତେ ବହୁ ବରିଷ୍ଠ ବୁଦ୍ଧିଜୀବୀ ନିଜର କ୍ଷୋଭ ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚଠାରୁ ବିଧାୟକ ସହିତ ଏ ବିଷୟରେ ଆଲୋଚନା ହୋଇଛି ବୋଲି ସଭାପତି ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏଣୁ ଗଣମାଧ୍ୟମ ପ୍ରତିନିଧିମାନେ ଏଥିରେ ସହଯୋଗ କରି ଆଗାମୀ ଦିନରେ ଏ ବ୍ୟବସ୍ଥା କରିବାକୁ ବହୁ କର୍ମକର୍ତ୍ତା ମତ ପ୍ରକାଶ କରିଛନ୍ତି। ଏହି କେନ୍ଦ୍ର ପକ୍ଷରୁ ଯୋଗଶିକ୍ଷା, ଗରିବ ପିଲାଙ୍କୁ ମାଗଣାରେ କୋଚିଂ, ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ, ନିୟମିତ ମାଗଣାରେ ସ୍ୱାସ୍ଥ୍ୟ ଶିବିର ଏବଂ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲୁ ରହିଛି।

## 'ପୁଥି' ସାହିତ୍ୟ ଆନ୍ଦୋଳନର ସାରଥୀ



ବେତନଟୀ, ୨୪ ।୧୧(ସମିସ): ବେତନଟୀର ଇନ୍ଦିରା ନଗରଠାରେ ରବିବାର ଆଡମ୍ବର ସହକାରେ 'ପୁଥି' ନାମକ ଏକ ପାଠାଗାର ଶୁଭାରମ୍ଭ ହୋଇଛି। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଦିଲ୍ଲୀପ କୁମାର ମୁର୍ମୁ ଓ ସଂଯୋଜକ ବିଶ୍ୱନାଥ ହେମ୍ବ୍ରମଙ୍କ ପରିଚାଳନାରେ ପାଠାଗାର ଶୁଭାରମ୍ଭ ହେବା ସହିତ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ଓଡିଆ, ଇଂରାଜୀ ଓ ଅଲଚିକି ଭାଷାର ଅନେକ ପୁସ୍ତକ ପାଠକଙ୍କ ନିମନ୍ତେ ସଂଗ୍ରହ କରାଯାଇଛି। ପାଠକଗଣ ଏହିସବୁ ଭାଷାର ଉପଯୋଗ କରିପାରିବେ ବୋଲି ମୁଖ୍ୟ ଅତିଥି ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି ଉପସ୍ଥିତ ବିଭିନ୍ନ ଭାଷାର ଶତାଧିକ ପୁସ୍ତକପ୍ରେମୀଙ୍କୁ ବକ୍ତବ୍ୟରେ କହିଥିଲେ। ଏଥି ସହିତ ଦାମୋଦର କିସ୍କୁ, ରୁପାଇ ମାରାଣ୍ଡି, କିଶନ ଟୁଡୁ ସମ୍ମାନିତ ଅତିଥିଭାବେ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଶ୍ୟାମସୁନ୍ଦର ମୁର୍ମୁ ଯୋଗଦେଇ ଗିରୀଶ ମୁର୍ମୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ପାଠାଗାରର ସୃଷ୍ଟି ଓ ଆଗାମୀ ଦିନର ଉଜ୍ଜ୍ୱଳ ଭବିଷ୍ୟତ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସିଭିଲ ସୋସାଇଟି ତରଫରୁ ବାସୁଦେବ ନାପିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟବକ୍ତା ଓ ସମ୍ମାନିତ ବକ୍ତାଭାବେ ବିଜୟ କୁମାର ଦ୍ୱିବେଦୀ ଓ ସହଦେବ ଗିରି ପ୍ରମୁଖ ଯୋଗଦେଇ ପାଠାଗାରର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ଦୁର୍ଯ୍ୟୋଧନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆହାଟ ଛକରେ ହାଇମାକ୍ସ ଲାଇଟ ସ୍ଥାପନ ଦାବି

ବଡସାହି, ୨୪।୧୧(ସମିସ): ବଡସାହି ବ୍ଲକ ଭୀମଦା ପଞ୍ଚାୟତ ନୂଆହାଟ ଛକରେ ହାଇମାଷ୍ଟି ଲାଇଟ ସ୍ଥାପନ କରିବାକୁ ଦାବି ହେଉଛି। ଏହି ଛକଟି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ସୀମାନ୍ତରେ ରହିଛି। ଛକରେ ବିଭିନ୍ନ ଦୋକାନ ଥିବା ବେଳେ ଏଠାରେ ସପ୍ତାହରେ ଦୁଇ ଦିନ ହାଟ ବସେ। ସୀମାନ୍ତ ଅଞ୍ଚଳ ପାଇଁ ଏଠାରେ ବହୁ ଅସାମାଜିକ ଲୋକଙ୍କ ଆଡ୍ଡା ମଧ୍ୟ ଜମେ। ଏପରିକି ବିଭିନ୍ନ ଅପରାଧାତ୍ମକ କାର୍ଯ୍ୟକଳାପ ଘଟାଇ ଏହି ରାସ୍ତା ଦେଇ ଅନ୍ୟ ଜିଲ୍ଲାକୁ ଖସି ଯିବା ପାଇଁ ଏ ରାସ୍ତାଟି ଅପରାଧୀଙ୍କ ପାଇଁ ଏକ ନିରାପଦ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରତିଦିନ ଏହି ରାସ୍ତା ଦେଇ ଚୋରା ଦେଶୀ ମଦ ସହିତ ଚେରା ବାଲି, ମୋରମ ଓ ପଥର ଆଦି ଚାଲାଣ ହେଉଛି। ତେଣୁ ଛକରେ ଥିବା ହାଇମାଷ୍ଟ ଲାଇଟଟି ଅଚଳ ହୋଇ ରହିଛି। ଏହାର ମରାମତି ହେଉ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଛକର ମଧ୍ୟସ୍ଥଳରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମଧ୍ୟ ଅନ୍ଧାରରେ ରହିଛି। ସେହିପରି ନିକଟସ୍ଥ ଚେଙ୍ଗୁଆମଙ୍ଗଳପୁର ଷ୍ଟାଡିୟମରେ ମଧ୍ୟ ଦୀର୍ଘଦିନ ଧରି ଖରାପ ହୋଇ ପଡ଼ିଥିଲା। ମାତ୍ର ଗତ କିଛି ଦିନ ତଳେ ଏଠାରେ ଅନୁଷ୍ଠିତ ହେଉଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ମୁଖ୍ୟଅତିଥି ହୋଇ ଯୋଗ ଦେଇଥିବା ବେଳେ କର୍ମକର୍ତ୍ତାମାନେ ଏ ସମ୍ପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରି କରିଥିଲେ। ଫଳରେ ସେ ବାଲେଶ୍ୱରରୁ ଟେକ୍ନିସିଆନ ପଠାଇ ନୂତନ ଲାଇଟ ଲଗାଇଛନ୍ତି।

**ମୟୂରଭଞ୍ଜ ଜିଲା ସାମ୍ବାଦିକ ସଙ୍ଘର ବାର୍ଷିକ ଉତ୍ସବ**

## ବିଶ୍ୱସନୀୟତା ବଜାୟ ପାଇଁ ସାଧନ ନୁହେଁ, ସାଧନାର ଆବଶ୍ୟକ

ବେତନଟୀ/ବୈଶିଙ୍ଗା, ୨୪।୧୧(ସମିସ): ବିଶ୍ୱସନୀୟତା ବଜାୟ ପାଇଁ ସାଧନ ନୁହେଁ, ସାଧନାର ଆବଶ୍ୟକ ରହିଛି ବୋଲି ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଜିଲ୍ଲା ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସଦର ଉପଜିଲାପାଳ ଡ ଦୟାସିନ୍ଧୁ ପରିଡ଼ା, ସ୍ୱତନ୍ତ୍ର ଅତିଥିଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ରାଜ୍ୟ ଉପ ସଭାପତି ସୌରଭ କୁମାର ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲ ଯୋଗଦାନ କରିଥିଲେ। ସାମ୍ବାଦିକମାନେ ସତ୍ୟ ଓ ସମାଜ ଉପରେ ପ୍ରଭାବ ପକାଇବା ଭଳି ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ପ୍ରଦାନ କରିବା ଉପରେ ଦୃଷ୍ଟିଦେଲେ ସମାଜର ରୂପରେଖ ବଦଳିବ ବୋଲି ମତ ପ୍ରକାଶ ପାଇଥିଲା। ଗୋଡାଣିଆ ନ ହୋଇ ନିଜର ଲେଖନୀ ଉପରେ ବିଶ୍ୱାସ ଓ ଭରସା ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସାମ୍ବାଦିକତା, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସଞ୍ଜୟ ମିଶ୍ର, ବୁଲୁରାମ ଦାସ, ଅନଶନ ମହାନ୍ତ, ଅକ୍ଷୟ କୁମାର ଅଗ୍ରୱାଲ, ତପନ କୁମାର ସେଠୀ, ତରୁଣ କୁମାର ଦାଶ, କିଶୋର କୁମାର ସେଠୀ, ରଜତ କୁମାର ଦାଶ, କ୍ଷେତ୍ର ମୋହନ ପଣ୍ଡା ଓ ସଂଯୁକ୍ତା ବସାଙ୍କୁ ସଙ୍ଘ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସଞ୍ଜୟ ଅଗ୍ରୱାଲା ସମ୍ପାଦକୀୟ ପାଠ କରି ସାମ୍ବାଦିକଙ୍କ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ବିନୋରୀ ସଙ୍ଗୀତ ଏକାଡେମୀ ଦ୍ୱାରା ସ୍ୱାଗତ ସଙ୍ଗୀତ, ବନ୍ଦେ ଉତ୍କଳ ଜନନୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଶିକ୍ଷକ ବଙ୍କିମ୍ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସାମ୍ବାଦିକା ତଥା ଉଦଳା ଏନଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ଶିକ୍ଷାର ବିକାଶ ନେଇ ଆଲୋଚନାଚକ୍ର




ରାଇରଙ୍ଗପୁର, ୨୪।୧୧(ସମିସ): ସ୍ଥାନୀୟ କଲ୍ୟାଣୀ ମଣ୍ଡପରେ ଶିକ୍ଷା ବିକାଶ ଏଜୁକେସନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଏକ ଦିବସୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ର ଜରିଆରେ ଆଦିବାସୀ ଯୁବକ ଯୁବତୀଙ୍କ ଶିକ୍ଷା, ମାନସିକ, ଶାରୀରିକ ତଥା ଆର୍ଥିକ ସ୍ଥିତିର ସୁଦୃଢ କରିବା ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ନବ ଚରଣ ମାଝୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ବାମନଘାଟି ଉପଖଣ୍ଡ ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ କିଭଳି ବିକାଶ ହୋଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ସେହିପରି ସରକାରଙ୍କ ପ୍ରତିଟି ଯୋଜନା ଲାଭ ନେଇ ସାମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ବାବଦ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ରରେ ଶତାଧିକ ଆଦିବାସୀ ଯୁବକ, ଯୁବତୀ ଓ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତ ଥିଲେ।

## ଡିଗ୍ରୀ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ




କୁଆମରା, ୨୪।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ୭୭ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ ହୋଇଯାଇଛି। ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଅଧ୍ୟାପକ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ଓ ଇତିହାସ ବିଭାଗ ଅଧ୍ୟାପକ ଗଣେଶ ପ୍ରସାଦ ସେଠୀ ଯୋଗ ଦେଇ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା ହେବା ସହ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ୮ ଜଣ କ୍ୟାଡେଟଙ୍କୁ ପଦକ ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ବଜାର ପରିକ୍ରମା କରିଥିଲେ।

## ପୁରାତନ ଛାତ୍ର ସଂସଦ ପକ୍ଷରୁ ସାଧାରଣ ପରିଷଦ ବୈଠକ



ବେତନଟୀ, ୨୪।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ପି ଏମ ଶ୍ରୀ ଏମ ପି ସି ହାଇସ୍କୁଲ ପରିସରରେ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଗତ ବୈଠକମାନଙ୍କର କାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। ପୁରାତନ ଛାତ୍ରଙ୍କ ଉପସ୍ଥିତିରେ ବିଗତ କିଛି ବର୍ଷ ପୂର୍ବେ ଗଠିତ ହୋଇଥିବା ଆଲୁମିନି କମିଟିକୁ ଭଙ୍ଗ କରାଯାଇ ନୂତନ ଆଲୁମିନି କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସଭାପତି ଭାବେ ଜୟନ୍ତ କୁମାର ପଟ୍ଟନାୟକ, ଉପସଭାପତି ଭାବେ ରାମେଶ୍ୱର ମିଶ୍ର, ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ନାମକୁ ପ୍ରସ୍ତାବକ୍ରମେ ସମସ୍ତେ ସମର୍ଥନ କରିଥିଲେ। ଆଲୁମିନି କୋର କମିଟିରେ ମୋଟ ୨୫ଜଣ ରହିବା ନେଇ ନିଷ୍ପତ୍ତି ନିଆଯିବା ସହ ବୈଠକରେ ୨୫ ଜଣ ସଦସ୍ୟଙ୍କୁ ବଛା ଯାଇଥିଲା। ସେମାନେ ହେଲେ ବିଶ୍ୱନାଥ ହେମ୍ବ୍ରମ, ସୁଶାନ୍ତ ବଳ, ସୁନୀଲ ଖଣ୍ଡେଲୱାଲ, ଜ୍ଞାନରଞ୍ଜନ ବେହେରା, ବିକାଶ ବେହେରା, ମଳୟ ଦାସ, ସୁନ୍ଦର ମୋହନ ମହାନ୍ତ, ଭାଗିରଥି ମିସ୍ତ୍ରୀ, ନରତ୍ତମ କୁମାର ମହାନ୍ତ, ଅରୂପ ରଞ୍ଜନ ଲେଙ୍କା, ରଣଜିତ ସିଂ, ଉଦିତ କୁମାର ପରିଡ଼ା, ଅନିଲ କୁମାର ମହାପାତ୍ର, କିଶୋର କୁମାର ନାୟକ, ସଞ୍ଜୀବ କୁମାର ଜେନା, ତପନ କୁମାର ପରିଡ଼ା, ସୁଧାକର ପଣ୍ଡା, ସତ୍ୟକାମ ପଣ୍ଡା, ସଞ୍ଜୟ ମଡୁଆଳ, ଯାମିନୀ ନାଏକ, ଦଶରଥ ହେମ୍ବ୍ରମ, ସର୍ବେଶ୍ୱର ଦାସ, ଶିରୀଶ ଚନ୍ଦ୍ର ବାରିକ, ମନୋଜ ଓଡ଼ା, ରଣଜିତ ଗନ୍ତାୟତ। ଆଗାମୀ ଦିନରେ ବଙ୍ଗାଳଛକରେ ଥିବା ସ୍କୁଲ ଜାଗା ମାପ ପାଇଁ ତାରିଖ ନିର୍ଦ୍ଧାରଣ କରି ସଦସ୍ୟଙ୍କୁ ଜଣାଇ ଦିଆଯିବ ବୋଲି କୁହାଯାଇଥିଲା। ସଭାପତି ଜୟନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୈଶିଙ୍ଗା, ୨୪।୧୧(ସମିସ): ଖୁଣ୍ଟାପୁର ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗଦେଇ ପ୍ରକୃତି ଓ ପରିବେଶର ସୁରକ୍ଷା ସହିତ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ସୁଶ୍ରୀ ଧାନୀ କିସ୍କୁ, ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୁଷ୍ପାଞ୍ଜଳି ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଚଳିତ ବର୍ଷ ଅବସର ନେଇଥିବା ପ୍ରଧାନଶିକ୍ଷକ ରାମ ରଞ୍ଜନ ରଣା, ଅନ୍ୟତ୍ର ବଦଳି ହୋଇଯାଇଥିବା ଶିକ୍ଷକ ଶିଶିର କୁମାର ନାୟକ, ମଧୁସ୍ମିତା ଉପାଧ୍ୟାୟ ଓ ମାନସୀ ଗିରିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଶିକ୍ଷକ ମୁକୁନ୍ଦ ସେନାପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ, ହିନ୍ଦୀ ଶିକ୍ଷୟିତ୍ରୀ ସ୍ନିଗ୍ଧା ଲେଙ୍କା ଅତିଥି ପରିଚୟ, ତୃପ୍ତା ଦାଶ ମଞ୍ଚ ସଂଯୋଜନା ଓ ଶିକ୍ଷକ ବିଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଇଂରାଜୀ ମେଧା ଚୟନ

ବାରିପଦା, ୨୪ ।୧୧(ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷା ସଂଗଠନ ଏଲିଟ୍ ଅଲିମ୍ପିଆଡ୍ ଫାଉଣ୍ଡେସନ୍ ପକ୍ଷରୁ ୪ର୍ଥରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ଇଂରାଜୀ ଅଲିମ୍ପିଆଡ୍ ମେଧା ଚୟନ ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ଟି ଜିଲ୍ଲାର ୬ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ପ୍ରଧାନଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଧାଚୟନ ପରୀକ୍ଷା ଶୃଙ୍ଖଳିତଭାବେ ଶେଷ ହୋଇଛି। ଏଥିନିମନ୍ତେ ଏଲିଟ୍ ଅଲିମ୍ପିୟାଡ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଅଧ୍ୟାପକ ପ୍ରଭାତ କୁମାର ମିଶ୍ର ଏବଂ ସମ୍ପାଦିକା ସୁବାସିନୀ ମିଶ୍ର ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟତ୍ରୀ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଆଗାମୀ ଡ଼ିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ବିଦ୍ୟାଳୟ ସ୍ତରୀୟ ଗଣିତ ଅଲିମ୍ପିୟାଡ ମେଧାଚୟନ ପରୀକ୍ଷା ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

BEST OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

## ବିପଦରେ ଗୋବରଯୋଡ଼ା ନଦୀ ପୋଲ



ମହୁଲଡିହା, ୨୪।୧୧(ସମିସ): ଠାକୁରମୁଣ୍ଡା-କେଶଡିହା ରାସ୍ତାର ମିଟୁଆଣି ଗ୍ରାମ ନିକଟ ଗୋବରଯୋଡ଼ା ନଦୀ ଉପରେ ଥିବା ପୋଲର ସଂଯୋଗ ରାସ୍ତା ଧୋଇ ହୋଇଯାଇଛି। ଫଳରେ ପୋଲ ପ୍ରତି ଏବେ ବିପଦ ଦେଖାଦେଇଛି। ବନ୍ୟା ପାଣି ମାଡ଼ ହେବା ଫଳରେ କେଶଡିହା ପଟୁ ସଂଯୋଗ ରାସ୍ତା ଧୋଇ ହୋଇଯାଇଛି। ଏ ନେଇ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ଆଜି ପର୍ଯ୍ୟନ୍ତ ପ୍ରକାଶ ପାଉନାହିଁ। ପୋଲଟି ଏବେ ଲତା, ଗଛ, ଗୁଳ୍ମ ଭର୍ତ୍ତି ହୋଇଥିବାରୁ ରାସ୍ତା ଧୋଇ ହେଉଥିବା ସାଧାରଣରେ ଠିକ ଭାବେ ଜଣାପଡୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଜୁଲାଇ ୪ ତାରିଖରେ ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲେ ମଧ୍ୟ କୌଣସି ସୁଧାର ଆସିନାହିଁ। ମାଟି ପ୍ୟାକିଂ, ସୁରକ୍ଷା ପାଚେରୀ କିମ୍ବା ପଥର ପ୍ୟାକିଂ କରା ନ ଗଲେ ଆଗାମୀ ଦିନରେ ବିପଦ ଦେଖାଦେବା ସହିତ ଅଘଟଣକୁ ମଧ୍ୟ ଏଡାଇ ଦିଆଯାଇନପାରେ ବୋଲି ମତପ୍ରକାଶ ପାଇଛି।

## ରାସ୍ତା କାମ ନ ସରୁଣୁ ଉଠିଲାଣି ପିଚୁ



କପ୍ତିପଦା, ୨୪।୧୧(ସମିସ): କପ୍ତିପଦାରୁ ଜାମବଣୀ ଓ କଟୁରିଆରୁ ନୋଟ ଛକ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମ ନ ସରୁଣୁ ପିଚୁ ଉଠିଗଲାଣି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତା ପାଇଁ କୋଟି କୋଟି ଟଙ୍କାର ଅଟକଳ କରାଯାଇଥିବା ବେଳେ ରାସ୍ତା କାମ ନିମ୍ନମାନର ହୋଇଛି। କାର୍ଯ୍ୟାଦେଶ ପାଇଥିବା ଠିକାଦାର କାମ କରୁଥିବାବେଳେ ବିଭାଗ ପକ୍ଷରୁ ଏହାକୁ ଅଣଦେଖା କରାଯାଇଛି। ତେଣୁ ଠିକାଦାର ଜଣକ ନିଜ ମନଇଚ୍ଛାରେ କାମ କରୁଛନ୍ତି। କେତେ ମାସ ହେବ ଏହି ରାସ୍ତା ନିର୍ମାଣ ସରିଥିବା ବେଳେ ପିଚୁ ଉଠି ଖାଲଖମା ହୋଇଯାଇଛି। ଠିକା ସଂସ୍ଥା ପକ୍ଷରୁ ମରାମତି କାମ ଚାଲିଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଚି। ସେହିପରି ନୟନଜୋରୀରେ ମୋରମ ପକାଇବା ଯାଗାରେ ନିକଟରେ ଥିବା ଡ଼ିଆଇ ମାଟି ପକାଇ ଦେଇ କାମ ସାରି ଦେଉଛି। କିଛିବର୍ଷ ପୂର୍ବରୁ ଏହି ରାସ୍ତା କାମ ହୋଇଥିବା ବେଳେ ମାତ୍ର ୨/୩ ବର୍ଷରେ ନଷ୍ଟ ହୋଇଯାଇଥିଲା। ପୁଣି ଏହି ରାସ୍ତା କାମ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେଉଛି। ଏ ନେଇ ପୂର୍ତ୍ତବିଭାଗ ଯନ୍ତ୍ରୀ ରାଜେନ୍ଦ୍ର କିଶାନଙ୍କୁ ପଚାରିବାରୁ ରାସ୍ତା ପାର୍ଶ୍ୱରେ ପିଚୁ ଉଠିଛି। ବର୍ଷା ଦିନ ହୋଇଥିବା ଯୋଗୁଁ ଏପରି ହୋଇଛି। ତେବେ ୩ବର୍ଷ ଅବଧି ମଧ୍ୟରେ ରାସ୍ତାର ଯାହା କିଛି ହେବ ସେଥିପାଇଁ ଠିକାଦାର ଦାୟୀ ରହିବାର ନିୟମ ରହିଛି। ତେଣୁ ହସ୍ତାନ୍ତର ପୂର୍ବରୁ ରାସ୍ତା ଠିକ ଭାବରେ କାମ ହୋଇଯିବ ବୋଲି କହିଛନ୍ତି।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



✓ ଅନୀତା ଦଣ୍ଡପାଟ

ଆବିର୍ଭାବ: ୧୭.୦୫.୧୯୫୭ ସ୍ୱର୍ଗାରୋହଣ: ୧୫.୧୧.୨୦୨୫

ସ୍ୱାମୀ: ✓ ସୁଧାଂଶୁ ଶେଖର ଦଣ୍ଡପାଟ

କାଶିଆବେଡା, ବଡ଼ଶୋଳ, ମୟୂରଭଞ୍ଜ

ଅଭୁଲା ସେ ଅନୁଭୂତି... ଅପାସୋରା ଗାଥା...
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...

ଶୋକସନ୍ତପ୍ତ: ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରଞ୍ଜନ, ଯାଆ ସୁଲେଖା, ନାତି ଓମ୍‌ପ୍ରକାଶ, ରାଜା, ସାଇ, କ୍ରିଶ୍, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରୀଷ୍ଟି ଓ ସମସ୍ତ ବନ୍ଧୁ ଓ ପରିଜନବର୍ଗ

# ଶାମ୍ବ ଦଶମୀ ମହୋତ୍ସବ ପ୍ରସ୍ତୁତି ବୈଠକ



କିଶୋରନଗର,୨୪।୧୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡାରେ ଥିବା ଗୋଣ୍ଡୱାନା ଗୋଣ୍ଡ ସମାଜର ପେନଠାନାଠାରେ ଆସନ୍ତା ଡିସେମ୍ବର ୩୦ ତାରିଖ ଜଂଘାବଡ଼ଦେଓଙ୍କ ବାର୍ଷିକ (ଶାମ୍ବ ଦଶମୀ) ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ୧୬ଟି ପୁଞ୍ଜିର ସଭାପତି ଓ ସମ୍ପାଦକ ଯୋଗଦେଇଥିଲେ। ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ନେଇ ଆଲୋଚନା ହୋଇଥିଲା। ଗୋଣ୍ଡୱାନା ଗୋଣ୍ଡ ମହାସଭାର କେନ୍ଦ୍ର କମିଟି ଆଠମଲ୍ଲିକ ସଭାପତି ପ୍ରସନ୍ନ କୁମାର ନାୟକଙ୍କ ଆହ୍ୱାନକ୍ରମେ ବୈଠକ ହୋଇଥିଲା। ତାଳଚେର ପୁଞ୍ଜି ସଭାପତି ଚୈତନ୍ୟ ଗଡ଼ନାୟକ ସଭା ପରିଚାଳନା କରିଥିଲେ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି



ଅନୁଗୋଳ,୨୪।୧୧(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୫୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ଓ ୬ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ




ଅନୁଗୋଳ,୨୪।୧୧(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ। ଶିବିରରେ ସମୁଦାୟ ୫୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ଓ ୧୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ତାଳଚେର ତହସିଲଦାର ଆଲଫା ଜେନା, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବଣ୍ଡଁରପାଳ,୨୪।୧୧(ସମିସ): ବଣ୍ଡଁରପାଳ ବ୍ଲକ ତୁଳସୀପାଳ ଓ ଲଙ୍ଗୁଳିଆବେଡ଼ା ଗ୍ରାମ ତାସିରୀମଠ ପରିସରରେ ନିର୍ମାଣାଧୀନ ନୂତନ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ଓ ବଜ୍ରବାରକ ଇନ୍ଦ୍ରଇନ୍ଦ୍ରାଣୀ ପୂଜା ଆସନ୍ତା ୩୦ ତାରିଖ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ପରିଚାଳନା କମିଟି ସଭାପତି କମଳକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉତ୍ସବକୁ କିପରି ସୁଚାରୁରୂପେ ସମ୍ପାଦନ କରାଯିବ ସେ ବିଷୟରେ ଆଲୋଚନା କରାଯାଇ କମିଟି ସଭ୍ୟମାନଙ୍କୁ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା। ବୈଠକରେ କମିଟି ସମ୍ପାଦକ ସନ୍ତୋଷ କୁମାର ଦାସ, ଗ୍ରାମ ସଭାପତି ବ୍ରଜେନ୍ଦ୍ର ନାରାୟଣ ବିଶ୍ୱାଳ, ପୂର୍ବତନ ସଭାପତି ଅକ୍ଷୟ କୁମାର ବିଶୋଇ, ନରେଶ ଚନ୍ଦ୍ର ଦେହୁରୀ, ବାଉରୀବନ୍ଧୁ ସାହୁ, ଭଜମନ ମହାନ୍ତି, ଦେବହରି ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ଦୁର୍ଯ୍ୟୋଧନ ପରିଡ଼ା, ପୀତାମ୍ବର ବିଶ୍ୱାଳ, ଅଜୟ ସାହୁ, ଲୋଚନ ସାହୁଙ୍କ ସମେତ ନିକଟସ୍ଥ ତୁଳସୀପାଳ ଓ ଗାଡ଼ରଖାଇ ଗ୍ରାମବାସୀ ଉପସ୍ଥିତ ଥିଲେ। ବରିଷ୍ଠ ଉପଦେଷ୍ଟା ଉଦୟନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପ୍ଳବୀ ଜନନାୟକ ନବକୃଷ୍ଣଙ୍କ ୧୨୪ତମ ଜୟନ୍ତୀ



ଅନୁଗୋଳ,୨୪।୧୧(ସମିସ): ଜିଲ୍ଲା ସଂସ୍କୃତି ପାଠାଗାର ପରିସରରେ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଛି। ଅନୁଗୋଳ ସାହିତ୍ୟ ସଂସଦ, ନବ-ମାଳତୀ ଟ୍ରଷ୍ଟ ଓ ଓଡ଼ିଶା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ନାୟକ ନିଜ ଅଭିଭାଷଣରେ ନବକୃଷ୍ଣଙ୍କୁ ଜଣେ ଦରଦୀ ମଣିଷ ଓ ମଣିଷ ପଣିଆର ଉପାସକ ରୂପେ ଚିତ୍ରଣ କରିଥିଲେ। ମୌଳିକ ଶିକ୍ଷାର ବିକାଶ, କୃଷି ଓ କୃଷକର ଉନ୍ନତି, ଭାଷା ସାହିତ୍ୟର ବିକାଶ ପାଇଁ ତାଙ୍କ ନିରଳସ ଉଦ୍ୟମ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ନବବାବୁଙ୍କ ତ୍ୟାଗପୂତ ଜୀବନଚର୍ଯ୍ୟା ଜନସାଧାରଣଙ୍କ ପାଇଁ ଅନୁଶୀଳନୀୟ। ସମାଜ ସୁଧାର କ୍ଷେତ୍ରରେ ତାଙ୍କ ବିଶେଷ ଅବଦାନ ଏ ଜାତି ସବୁଦିନେ ମନେରଖିବ ବୋଲି କହିଥିଲେ। ସଭାରେ ପୌରୋହିତ୍ୟ କରି ଅନୁଗୋଳ ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ ନବକୃଷ୍ଣଙ୍କୁ ମାର୍କ୍ସବାଦୀ ଆନ୍ଦୋଳନର ପ୍ରବକ୍ତା ରୂପେ ଚିତ୍ରଣ କରିବା ସହ ସେ ଆତ୍ମପ୍ରଚାର ପ୍ରତି ବିମୁଖ ଥିଲେ ବୋଲି କହିଥିଲେ। ଏହି ଅବସରରେ ସମାଜସେବୀ ଶୋଭାକର ସ୍ୱାଇଁଙ୍କୁ ଜନସେବା ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ରମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଶୋକବାର୍ତ୍ତା ପାଠ କରିଥିଲେ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି। ଗାଳ୍ପିକା ବସନ୍ତ ମଞ୍ଜରୀ ମିଶ୍ରଙ୍କ ପୁସ୍ତକ ଆକାଶ କଇଁଆକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମାରୋହରେ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରିନ୍ସ ରାଉତ ପ୍ରଥମ, ଦୀପଶିଖା ମାଝୀ ଦ୍ୱିତୀୟ ଓ ଶିବାନୀ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ସଂସଦ ଉପସଭାପତି ଇନ୍ଦିରା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ନବ-ମାଳତୀ ଟ୍ରଷ୍ଟ ସମ୍ପାଦକ ଶିବରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଶିକ୍ଷାମଞ୍ଚରେ ସମ୍ବର୍ଦ୍ଧିତ ହେଲେ ଓଡ଼ିଆ ପୁଅ




ଅନୁଗୋଳ,୨୪।୧୧(ସମିସ): ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଏକମାତ୍ର ଓଡ଼ିଆ ଭାବେ ଜାତୀୟ ଶିକ୍ଷାମଞ୍ଚରେ ସମ୍ବର୍ଦ୍ଧିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ନଭେମ୍ବର ୨୩ ତାରିଖ ପଶ୍ଚିମବଙ୍ଗ କୋଲକାତାଠାରେ ନ୍ୟାସନାଲ ଏଜୁକେଶନ ଫୋରମ୍ (ଏନ୍‌ଇଏଫ୍)ର ବାର୍ଷିକ ଶିକ୍ଷା ସମ୍ମିଳନୀ ଉତ୍ସବ ମଞ୍ଚ ଇନ୍‌ଡୋର ହଲରେ ବେଙ୍ଗଲ ଏଜୁକେସନ ଫୋରମ୍ ସହାୟତାରେ ଆୟୋଜିତ ହୋଇଛି। ଏହି ଉତ୍ସବରେ ଡ. ପଣ୍ଡାଙ୍କୁ ଏନଇଏଫ୍ ତରଫରୁ ରାଷ୍ଟ୍ରୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଛି। ଉତ୍ସବରେ ପଶ୍ଚିମବଙ୍ଗ ମାନିକତାଲା ବିଧାୟିକା ସୁପ୍ତି ପାଣ୍ଡେ, ନ୍ୟାସନାଲ ଏଜୁକେଶନ ଫୋରମ୍‌ର ରାଷ୍ଟ୍ରୀୟ ଅଧ୍ୟକ୍ଷା ଡ. ଗୀତାଞ୍ଜଳି ମୁଖାର୍ଜୀ ଓ ଯୁଗ୍ମ ନିର୍ଦ୍ଦେଶକ ପିଏସ ମୁଖାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ର ସଫଳ ପ୍ରୟୋଗ ଉପରେ ମତ ରଖିବା ସହ ଦେଶର ବିଭିନ୍ନ ରାଜ୍ୟରୁ ମନୋନୀତ ହୋଇଥିବା ଶିକ୍ଷକମାନଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଶିକ୍ଷକମାନେ ଦେଶର ବିଭିନ୍ନ ସରକାରୀ ଓ ଘରୋଇ ବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି ଉପରେ ବିଭିନ୍ନ ପ୍ରକଳ୍ପ ଏବଂ ସମ୍ମିଳନୀରେ ଯୋଗଦେବା ସହ ସଚେତନତା ପାଇଁ ଏକ କାର୍ଯ୍ୟକ୍ରମ ଏନଇଏଫ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି।

# ଚେନ୍ନାଇରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ



ପାଲଲହଡ଼ା,୨୪।୧୧(ସମିସ): ଚେନ୍ନାଇର ମିନାମବାକମସ୍ଥିତ ଏଏମ ଜୈନ କଲେଜର ଜ୍ଞାନ ଭବନରେ ଚେନ୍ନାଇ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ରବିବାର କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ଆମ ଚାଟଶାଳୀର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ୱତନ୍ତ୍ର ମୁଖ୍ୟଅତିଥି ରୂପେ ଯାଜପୁର ସାଂସଦ ରବିନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ଶିଳ୍ପପତି ଡିମ୍ପଲ ଚୌଧୁରୀ, ମୁଖ୍ୟବକ୍ତା ରୂପେ ପ୍ୟାରୀ ଏଣ୍ଟରପ୍ରାଇଜେସର ସିଇଓ ରଶ୍ମିରଞ୍ଜନ ମହାପାତ୍ର, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ବିଧାୟକ ମହାନ୍ତି ଓଡ଼ିଆ ସଂସ୍କୃତି ବିଷୟରେ ଆଲୋକପାତ କରିବା ସହ ପାଲଲହଡ଼ା ପରି ଉପାନ୍ତ ଅଞ୍ଚଳର ସାଂସ୍କୃତିକ ପରିଭାଷା ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପାର୍ଥସାରଥି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉଦଯାପିତ

ବଣ୍ଡଁରପାଳ,୨୪।୧୧(ସମିସ): ସ୍ଥାନୀୟ ପିବିକେ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ବଣ୍ଡଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଖେଳକୁଦ ସମାରୋହ ଉଦଯାପିତ ହୋଇଛି। ବିଦ୍ୟାଳୟର ସଭାପତି ସତ୍ୟବାନ ବରାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଣ୍ଡଁରପାଳ ଥାନା ଇନ୍ସପେକ୍ଟର ଅର୍ଚ୍ଚନା ନାୟକ, ସମ୍ମାନିତ ଅତିଥି ଭାବେ ସଙ୍କୁଳ ପ୍ରମୁଖ କାଶୀନାଥ ବେହେରା, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର ଓ ଉପସଭାପତି ପ୍ରକାଶ କୁମାର ସିଂହ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କନିଷ୍ଠ, ଶିଶୁ ଓ ବାଲ୍ କିଶୋର ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୪୫ ଶିଶୁ ଅଂଶଗ୍ରହଣ କରିଥିଲେ। କୃତୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ତନ୍ମୟ ନାଥ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରମୁଖ ହେମପ୍ରଭା ସାମଲଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପରିଚାଳିତ ହୋଇଥିଲା।



# ମା' ବନଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ



ତାଳଚେର,୨୪।୧୧(ସମିସ): ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତ ତାଳବେଡ଼ା ଗ୍ରାମ ଡବଲୀନ ଅଞ୍ଚଳରେ ମା' ବନଦୁର୍ଗାଙ୍କ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ସକାଳେ ମହିଳାମାନେ ପୂଜାର୍ଚ୍ଚନା କରି ବ୍ରାହ୍ମଣୀ ନଦୀ କୂଳରୁ ଜଳ ସଂଗ୍ରହ କରି କଳସଯାତ୍ରାରେ ମା'ଙ୍କ ମନ୍ଦିରକୁ ଆସିଥିଲେ। ପରେ ପୁରୋହିତ ଗୌରୀ ମାଧବ ଆଚାର୍ଯ୍ୟ ଓ ମିଟୁ ନନା ଯଜ୍ଞ ଓ ଅନ୍ୟାନ୍ୟ ପୂଜାର୍ଚ୍ଚନା କରି ରତ୍ନମୁଦ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ଯୋଶବନ୍ତି ବେହେରା, ସମିତି ସଭ୍ୟ ସୁବର୍ଣ୍ଣ ସାହୁ, ସମାଜସେବୀ ସିଲୁ ସାହୁ, ପପୁ ସାହୁ, ରାଜକିଶୋର ସାହୁ, ଲୁଲୁ ସାହୁ, କମିଟି ସଭାପତି କାଶୀନାଥ ବେହେରା, ଅଇଁଠୁ ବେହେରା, କେଶବ ବେହେରା, ସଞ୍ଜୟ ଶତପଥୀ, ରବି ଶତପଥୀ, ସୂର୍ଯ୍ୟ ନାରାୟଣ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ପୋଖରୀରୁ ଗାଈ ଚରାଳିଙ୍କ ମୃତଦେହ ଉଦ୍ଧାର

କଣିହାଁ,୨୪।୧୧(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା କୁଲୁମା ଗ୍ରାମର ଗାଈ ଚରାଳି ମଙ୍ଗୁଲୁ ବେହେରା (୬୫)ଙ୍କ ମୃତଦେହ ସୋମବାର ଗାଁ ପୋଖରୀରୁ ଉଦ୍ଧାର କରାଯାଇଛି। ମଙ୍ଗୁଲୁ ରବିବାର ଗାଈ ଚରାଇବାକୁ ଯାଇ ନିଖୋଜ ଥିଲେ। ଏ ନେଇ ମଙ୍ଗୁଲୁଙ୍କ ପୁଅ ସନୁ ବେହେରା ଥାନାରେ ଅଭିଯୋଗ କରିଥିଲେ। ରବିବାର ପୁଲିସ ଗାଁରେ ପହଞ୍ଚି ତଦନ୍ତ କରିଥିଲା। ଅଗ୍ନିଶମ ବାହିନୀ ପୋଖରୀରେ ଖୋଜାଖୋଜି କରି ମଙ୍ଗୁଲୁଙ୍କ ମୃତଦେହ ଜବତ କରିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସାଂସଦଙ୍କ ଛେଣ୍ଡିପଦା ଅଞ୍ଚଳ ଗସ୍ତ

ଛେଣ୍ଡିପଦା,୨୪।୧୧(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ସୋମବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ସାଂସଦ ପ୍ରଥମେ ଛେଣ୍ଡିପଦା ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବ୍ଲକର କର୍ମୀ ଓ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମସ୍ୟା ସମ୍ପର୍କରେ ଜଣାଇ ସମାଧାନ କରାଯିବ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ସାଂସଦଙ୍କ ସହ ଅକ୍ଷୟପାଦ ବେହେରା, ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସଦ ନୂଆପଡ଼ାର ବିଜେପିର ବରି କର୍ମକର୍ତ୍ତା ଧୀରେନ୍ଦ୍ର ମହାପାତ୍ରଙ୍କ ମୃତ୍ୟୁ ଖବର ପାଇ ତାଙ୍କ ବାସଭବନରେ ପହଞ୍ଚି ପରିବରକୁ ସମବେଦନା ଜଣାଇଥିଲେ।

# ରାଜ୍ୟସ୍ତରୀୟ ଚଷା ସମାଜ ସମାରୋହରେ ଯୋଗଦେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ



କିଶୋରନଗର,୨୪।୧୧(ସମିସ): କିଶୋରନଗର ବ୍ଲକ ବାମୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚଷା ସମାଜ ସମାରୋହରେ ସମାଜ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରାଯାଇଛି। ସମାଜର ୮୦ ଜଣ ପ୍ରତିନିଧି ସୋମବାର ସମ୍ବଲପୁରଠାରେ ମନ୍ତ୍ରୀ ପ୍ରଧାନଙ୍କୁ ଭେଟି ଏହି ସମାରୋହରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ଏଥିରେ ମନ୍ତ୍ରୀ ସହମତି ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଚଷା ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତିନିଧି ମଣ୍ଡଳୀରେ ସମ୍ବଲପୁରର ଦୁଲାଲ ପ୍ରଧାନ, ଆଠମଲ୍ଲିକ ଉପଖଣ୍ଡ ସଭାପତି ଉପେନ୍ଦ୍ର ପ୍ରଧାନ, ସମ୍ପାଦକ କୃପାସିନ୍ଧୁ, ଆବାହକ ସୁରେନ୍ଦ୍ର ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ସୁଶାନୁ ପ୍ରଧାନ, ଦେବରାଜ ପ୍ରଧାନ, କ୍ଷୀରୋଦ ପ୍ରଧାନ, କୃପାସିନ୍ଧୁ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଅନୁଗୋଳ,୨୪।୧୧(ସମିସ): ଅନୁଗୋଳ ବ୍ଲକ୍ ବ୍ରହ୍ମପୁର ଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆର୍ତ୍ତତ୍ରାଣ ପ୍ରଧାନଙ୍କ ୮୦ ବର୍ଷ ବୟସରେ ସୋମବାର ଅପରାହ୍ନ ୧ଟାରେ ତାଙ୍କ ବାସଭବନରେ ପରଲୋକ ହୋଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ଅଞ୍ଚଳର ବହୁ ଜନସାଧାରଣ ତ । ଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ସହ ମିଷ୍ଟଭାଷୀ, ମେଳାପି, ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ଉନ୍ନତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଅନେକ ଛାତ୍ରଛାତ୍ରୀ ଆଜି ସମାଜରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଶାଳ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଗାଁ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ଅନୀତା ଦଣ୍ଡପାଟ
ଆବିର୍ଭାବ: ୧୭.୦୫.୧୯୫୭ ସ୍ୱର୍ଗାରୋହଣ: ୧୫.୧୧.୨୦୨୫
ସ୍ୱାମୀ: ୰ ସୁଧାଂଶୁ ଶେଖର ଦଣ୍ଡପାଟ
କାଶିଆବେଡା, ବଡ଼ଶୋଳ, ମୟୂରଭଞ୍ଜ
ଅଭୁଲା ସେ ଅନୁଭୂତି... ଅପାସୋରା ଗାଥା...
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...
ଶୋକସନ୍ତପ୍ତ: ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରଞ୍ଜନ, ଯାଆ ସୁଲେଖା, ନାତି ଓମପ୍ରକାଶ, ରାଜା, ସାଇ, କ୍ରିଶ୍, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରୀଷ୍ଟି ଓ ସମସ୍ତ ବନ୍ଧୁ ଓ ପରିଜନବର୍ଗ

# ସଫେଇ ହେଉନି ତାଳଚେର ସହରର ମୁଖ୍ୟ କେନାଲ



ତାଳଚେର,୨୪।୧୧(ସମିସ): ତାଳଚେର ସହର ଦେଇ ଯାଇଥିବା ମୁଖ୍ୟ ରେଙ୍ଗାଳି ଦକ୍ଷିଣ କେନାଲ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଅଳିଆ ଆବର୍ଜନା ସହ ଦଳ ଓ ଅନାବନା ପାଣିଜାତୀୟ ଲଟାରେ ପୋତିହୋଇ ରହିଛି। ତାଳଚେରର ଏହି ମୁଖ୍ୟ କେନାଲ ଉପରେ ତାଳଚେର ସହର ଉପକଣ୍ଠ ୱାର୍ଡବାସୀ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ନିର୍ଭର କରନ୍ତି। ତେବେ ବର୍ଷବର୍ଷ ଧରି କେନାଲରୁ ଦଳ, ଅନାବନା ଗଛ ସମେତ ଅଳିଆ ସଫା କରାଯାଉ ନ ଥିବାରୁ ଅଞ୍ଚଳବାସୀ ଦୈନନ୍ଦିନ ଚଳଣିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଯେଉଁ ଗ୍ରାମଗୁଡ଼ିକରେ ଜଳ ପଞ୍ଚିବା ବ୍ୟବସ୍ଥା ନ ଥିଲା ଏବଂ ସେମାନେ ନିଜ ଚାଷବାସ କାର୍ଯ୍ୟ କରିବାରୁ ଅନେକ ସମୟରେ ନିବୃତ୍ତ ରହୁଥିଲେ; ସେହି ଗ୍ରାମଗୁଡ଼ିକ କିପରି ସହଜରେ ଜଳ ପାଇପାରିବେ ତାହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି କେନାଲ ନିର୍ମାଣ କରାଯାଇଥିଲା। ତେବେ ଏହି କେନାଲର ନିକଟରେ ରହିଥିବା ସହର ୱାର୍ଡବାସୀ କିମ୍ବା ଗ୍ରାମାଞ୍ଚଳ ଲୋକେ ନିର୍ଭର କରି ଏହି ଜଳକୁ ନିଜ ଘରୋଇ କାର୍ଯ୍ୟରେ ବ୍ୟବହାର କରିବା ସହ ଗ୍ରାମାଞ୍ଚଳର ଚାଷୀମାନେ ଚାଷକାର୍ଯ୍ୟରେ ଏହି ଜଳ ବ୍ୟବହାର କରୁଛନ୍ତି। କେନାଲ ଭିତରକୁ କୌଣସି ବର୍ଜ୍ୟବସ୍ତୁ ନ ପକାଇବାକୁ ରେଙ୍ଗାଳି ଦକ୍ଷିଣ କେନାଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ରହିଛି। ଏହି କେନାଲର ପାଣିକୁ ଜଳସେଚନ ସହ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଗାଧୋଇବା ଏବଂ ପିଇବାରେ ବ୍ୟବହାର କରନ୍ତି। ତେଣୁ ଏହାକୁ ପରିଷ୍କାର ରଖିବା ଆମ ସମସ୍ତଙ୍କ କାର୍ଯ୍ୟ ବୋଲି ବୋର୍ଡରେ ସ୍ପଷ୍ଟ ଲେଖାଯାଇଛି। ହେଲେ ଏହା କାର୍ଯ୍ୟକାରୀ ହେଉ ନ ଥିବା ପରିତାପର ବିଷୟ ପାଲଟିଛି। ଅପରପକ୍ଷେ ପୌରପରିଷଦ ଅଞ୍ଚଳରେ ଏହି କେନାଲ ଯାଇଥିବାରୁ ପୌରପରିଷଦ ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ରଖିବାର କାର୍ଯ୍ୟଭାର ତୁଲାଇବା କଥା, ମାତ୍ର ତାହା କରାଯାଉନାହିଁ କିମ୍ବା ରେଙ୍ଗାଳି ଦକ୍ଷିଣ କେନାଲ ବିଭାଗ ପକ୍ଷରୁ କେନାଲ ସଫାସୁତରା ଉପରେ ସେମିତି କୌଣସି ତତ୍ପରତା ଦେଖାଉ ନ ଥିବା ନିକଟବର୍ତ୍ତୀ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଲୋକଙ୍କ ସ୍ୱାସ୍ଥ୍ୟଗତ ଦିଗ ଉପରେ ଦୃଷ୍ଟି ଦେଇ ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



# ଯୁବକଙ୍କୁ ମାରି ରାସ୍ତାକଡ଼ରେ ଫିଙ୍ଗିଲେ

ଭୁବନେଶ୍ୱର, ୨୪।୧୧ (ସମିସ): ଗୋଠପାଟଣା ଥୋଡ଼ିଆବନ୍ଧ ନିକଟରୁ ମିଳିଥିବା ଭୀମ ହାଁସଦାଙ୍କ ମୃତ୍ୟୁର କାରଣ ଜଣା ପଡ଼ିନଥିବା ବେଳେ ଚନ୍ଦକା ଥାନା ଅଞ୍ଚଳରୁ ଆଉ ଏକ ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି ବଡ଼ଚଣା ଥାନା ନଳିଦା ଗାଁର ଶତ୍ରୁଘ୍ନ ବିରୁଆ (୨୬)। ପିତାପଲ୍ଲୀ - ଚନ୍ଦକା ରାସ୍ତାର ଗୋଡ଼ିବାରି ନିକଟରୁ ତାଙ୍କ ମୃତଦେହ ଠାବ ହୋଇଛି। ମୁହଁ

**■ ଦିନକ ପରେ ଠାବ ହେଲା ମୃତଦେହ**
**■ ସ୍କୁଟି ଜବତ; ମିଳୁନି ମୋବାଇଲ୍**

ସମେତ ଅନ୍ୟାନ୍ୟ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁସାରେ, ଭୋଲା ଅଞ୍ଚଳର ଜଣେ ଠିକାଦାରଙ୍କ ନିକଟରେ ରହି ଟେଣ୍ଟ କାମ କରୁଥିଲେ ବଡ଼ଚଣାର ଶତ୍ରୁଘ୍ନ। ରବିବାର ଶତ୍ରୁଘ୍ନ ଓ ଜଣେ ସହକର୍ମୀ ସ୍କୁଟି ନେଇ ଭୋଲା ବଜାରକୁ ଯାଇଥିଲେ। ସହକର୍ମୀଙ୍କୁ ସେଲୁନରେ ଛାଡ଼ି ଶତ୍ରୁଘ୍ନ କେଉଁଆଡେ ଚାଲି ଯାଇଥିଲେ। ଶତ୍ରୁଘ୍ନ ନ ଆସିବାରୁ ସହକର୍ମୀ ଜଣକ ବସାକୁ ଫେରି ଯାଇଥିଲେ।

ବିଳମ୍ବିତ ରାତି ପର୍ଯ୍ୟନ୍ତ ଶତ୍ରୁଘ୍ନ ନ ଫେରିବାରୁ ଠିକାଦାର ଓ ସହକର୍ମୀ ତାଙ୍କୁ କଲ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିବାବେଳେ ଘରକୁ ମଧ୍ୟ ଫେରି ନ ଥିଲେ। ସୋମବାର ଦ୍ୱିପହର ସମୟରେ ପିତାପଲ୍ଲୀ - ଚନ୍ଦକା ରାସ୍ତାର ଗୋଡ଼ିବାରି ନିକଟରେ ଏକ ମୃତଦେହ ପଡ଼ିଥିବା ଖବର ପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ନିକଟରେ ଏକ ସ୍କୁଟି ଠାବ ହୋଇଥିବା ବେଳେ ମଦ ବୋତଲ ଓ ଅନ୍ୟାନ୍ୟ ଜିନିଷ ପଡ଼ିଥିଲା। ଗାଡ଼ିଟି



ଭୋଲା ଅଞ୍ଚଳର ଠିକାଦାରଙ୍କର ବୋଲା ସ୍କୁଟି ନମ୍ବରରୁ ପୁଲିସ ଜାଣିବାକୁ ପାଇଥିଲା। ସୂଚନା ପାଇ ଭୋଲା ଅଞ୍ଚଳର ଠିକାଦାର ମଧ୍ୟ ସେଠାରେ ପହଞ୍ଚି ମୃତଦେହଟି ଶତ୍ରୁଘ୍ନଙ୍କର ବୋଲି ଚିହ୍ନଟ କରିଥିଲେ। ସେ ଗତକାଲି ଠାରୁ ଘରକୁ ଫେରି ନ ଥିବା ପୁଲିସକୁ ଜଣାଇଥିଲେ।

ନିକଟରେ ମଦ ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ପଡ଼ିଥିବାରୁ ଘଟଣାସ୍ଥଳରେ ମଦ୍ୟପାନ କରାଯାଇଥିବା ଅନୁମାନ କରାଯାଉଛି। ଏଥିସହିତ ଶତ୍ରୁଘ୍ନଙ୍କ ମୁହଁରେ କ୍ଷତ ଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ଗାଡ଼ି ମିଳିଥିଲେ ମଧ୍ୟ ମୋବାଇଲ ମିଳିନଥିବାରୁ ଘଟଣାକୁ ଆହୁରି ସନ୍ଦେହ ଘେରକୁ ଟାଣି ଆଣିଛି। କାଲିଠାରୁ ମୃତଦେହ ପଡ଼ିଥିଲେ ମଧ୍ୟ ପୁଲିସ କିପରି



ଜାଣି ପାରିଲା ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚନ୍ଦକା ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଠିକାଦାରଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି ଓ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ବିଶୃଙ୍ଖଳାକୁ ବିରୋଧ କରିବାରୁ ଘରେ ପଶି ଛୁରାମାଡ଼

ଭୁବନେଶ୍ୱର, ୨୪।୧୧ (ସମିସ): ବିଶୃଙ୍ଖଳାକୁ ବିରୋଧ କରିବାରୁ ଘରେ ପଶି ଛୁରା ମାଡ଼ କରିଛନ୍ତି ବାପ ପୁଅ। ଛୁରା ମାଡ଼ରେ ମାଆ, ଦୁଇ ପୁଅ ଓ ପୁତୁରା ଆହତ ହୋଇଛନ୍ତି। ଗତକାଲି ବୀରବନ୍ଧ ଗାଁରେ ଏଭଳି ଘଟଣା ଘଟିଥିବା ବେଳେ ବାପା ଓ ପୁଅକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶଙ୍କର ଓରଫ୍ ଶଙ୍କର୍ଷଣ ପ୍ରଧାନ (୪୫) ଓ ତାଙ୍କ ପୁଅ।



ପୁଲିସ ସୂଚନା ଅନୁସାରେ, ରବିବାର ରାତିରେ ବୀରବନ୍ଧସ୍ଥିତ ମା ଦକ୍ଷିଣକାଳୀଙ୍କ ରୌପ୍ୟ ଜୟନ୍ତୀ ଅବସରରେ ଅପେରା ଶୋ ଚାଲିଥିଲା। ସେଠାରେ ଶଙ୍କରଙ୍କ୍ ପୁଅ ମଦ୍ୟପାନ କରି ରାସ୍ତା ମଝିରେ କାଚ ବୋତଲ ଭାଙ୍ଗି ଅଶାନ୍ତି ସୃଷ୍ଟି କରିଥିଲା। ସିପୁ ଭୋଇ ଓ ଗ୍ରାମବାସୀମାନେ ବିରୋଧ କରିବାରୁ ତାଙ୍କ ପୁଅ ଘରକୁ ପଳାଇଥିଲା। ଘରେ ଘଟଣା ବିଷୟରେ କହିବା ପରେ ବାପା ଶଙ୍କର, ଅପୁ ଓ ଅନ୍ୟମାନଙ୍କ ସହ ସେ ଛୁରି ଧରି ସିପୁ ଘରକୁ ଯାଇଥିଲେ। ସେଠାରେ ଗେଟ୍ ଭାଙ୍ଗି ଗାଳିଗୁଲଜ କରିଥିଲେ। ସିପୁର ବାପାଙ୍କୁ ଠେଲି ଦେବା ସହ ମାଆଙ୍କୁ ଛୁରା ମାଡ଼ କରିଥିଲେ। ସିପୁ ଓ ପପୁଙ୍କ ହାତକୁ ମଧ୍ୟ ଛୁରିରେ ଆକ୍ରମଣ କରିଥିଲେ। ପୁତୁରା ଜଗବନ୍ଧୁଙ୍କୁ ଆକ୍ରମଣ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଘଟଣାରେ ସିପୁ, ପପୁ, ତାଙ୍କ ବାପା, ମାଆ ଓ ସମ୍ପର୍କୀୟ ଭାଇ ଜଗବନ୍ଧୁଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ଏନେଇ ସିପୁର ମାଆ ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଶଙ୍କର୍ଷଣ ଓ ତାଙ୍କ ପୁଅକୁ ଗିରଫ କରିବା ସହ ଛୁରିକୁ ଜବତ କରିଛି। ପୂର୍ବରୁ ଶଙ୍କର ନାମରେ ଏୟାରଫିଲ୍ଡ ଥାନାରେ ୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଅଠା ଯନ୍ତାରେ ଲାଖିଲା ନାଗ

ଭୁବନେଶ୍ୱର, ୨୪।୧୧(ସମିସ): ଇନଫୋସିଟି ଅଞ୍ଚଳରେ ଥିବା ଫ୍ଲିପକାର୍ଟ ଇଣ୍ଡିଆର ଗ୍ରୋସରି ଗୋଦାମରେ ମୂଷା ଉପଦ୍ରବରୁ ରକ୍ଷା ପାଇବା ପାଇଁ ବସାଯାଇଥିବା ଅଠା ଯନ୍ତାରେ ନାଗ ସାପ ପଡ଼ିଯାଇଥିଲା। ଯନ୍ତାରେ ପଡ଼ିଥିବା ସାପର ଗର୍ଜନ ଶୁଣି ଜଣେ ସିକ୍ୟୁରିଟି ଗାର୍ଡ ଖୋଜାଖୋଜି କରିବା ପରେ ଗୋଟିଏ ଅଠା ଯନ୍ତାରେ ଏକ ନାଗ ସାପ ଲାଖି ରହିଥିବା ଦେଖିଥିଲେ। ଫ୍ଲିପକାର୍ଟ କର୍ମଚାରୀମାନେ ଉଦ୍ଧାର କରିବା ପାଇଁ ସ୍ନେକ ହେଲ୍ପଲାଇନକୁ ଖବର ଦେବା ପରେ ସ୍ନେକ ହେଲ୍ପଲାଇନ ସଦସ୍ୟ ଆଶିଷ ଘଟଣାସ୍ଥଳରେ ପହଞ୍ଚି ଏକ ଦୁଇ ଫୁଟ ଲମ୍ବର ନାଗ ସାପ ଯନ୍ତାରେ ପଡ଼ିଥିବା ଦେଖିଥିଲେ। ଏହି ଅଠା ଯନ୍ତାରେ ନାଗ ସାପ ବ୍ୟତୀତ ଏକ ଚମ୍ପେଇ ନେଉଳ ଏବଂ ଅନ୍ୟ ଏକ ଏଣ୍ଡୁଅ ଛୁଆ ମଧ୍ୟ ସେଇ ଅଠାରେ ଲାଗିଥିଲେ। ତେବେ ଏକୁଟିଆ ସାପ ଦେହରୁ ଅଠା ଛଡେଇବା ସମ୍ଭବ ହୋଇ ନ ପାରିବାରୁ ଆଶିଷ ଅଠା ଯନ୍ତାକୁ ସ୍ନେକ ହେଲ୍ପଲାଇନ ଅଫିସକୁ ନେଇ ଆସିଥିଲେ। ସେଠାରେ ସ୍ନେକ ହେଲ୍ପଲାଇନର



ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏବଂ ଆଶିଷ ନଡ଼ିଆ ତେଲ ଲଗେଇ କାଗଜ ଏବଂ କପଡ଼ା ସାହାଯ୍ୟରେ ୩ଟି ଯାକ ପ୍ରାଣୀଙ୍କୁ ଏଠାରୁ ଉଦ୍ଧାର କରିଥିଲେ। ସାପ ଦେହରୁ ଅଠା ଛାଡ଼ି ଯିବା ପରେ ତାକୁ ପାଣି ପିଇବା ଏବଂ ପହଁରିବା ପାଇଁ ପାଣି ଡବାରେ ଛଡ଼ାଯାଇଥିଲା। ତାପରେ ଚମ୍ପେଇନେଉଳ ଏବଂ ଶେଷରେ ଏଣ୍ଡୁଅ ଛୁଆକୁ ଯତ୍ନର ସହିତ ଅଠାରୁ କାଢ଼ି ସେମାନଙ୍କୁ ମଧ୍ୟ ପାଣି ଦିଆଯାଇଥିଲା। ନାଗ ସାପଟିକୁ ସହର ବାହାରେ ଏକ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଛି ବୋଲି ସ୍ନେକ ହେଲ୍ପଲାଇନ ପକ୍ଷରୁ କୁହାଯାଇଛି।

## ଶ୍ରମ ସଂହିତା ବାତିଲ ଦାବିରେ ବିକ୍ଷୋଭ




ଭୁବନେଶ୍ୱର, ୨୪।୧୧(ସମିସ): ଲାଗୁ ହୋଇଥିବା ୪ ଶ୍ରମ କୋଡ୍‌କୁ ତୁରନ୍ତ ରଦ୍ଦ କରିବାକୁ ଏଆଇସିସିଟିୟୁ ଦାବି କରିବା ସହିତ ସୋମବାର ଶ୍ରମ କୋଡ୍‌ର କପିକୁ ଗାନ୍ଧୀ ମାର୍ଗଠାରେ ପୋଡିଛନ୍ତି। ଏହି କୋଡ୍‌ରେ ଶ୍ରମିକଙ୍କ ଲାଗି ସେଭଳି କିଛି ବିଶେଷ ଧରଣର କିଛି ନାହିଁ। କେବଳ ନାମ ପରିବର୍ତ୍ତନ ହୋଇଛି ଯାହା ବିଜେପିର ଲଗାତାର କାର୍ଯ୍ୟ ବୋଲି ଏଆଇସିସିଟିୟୁ ଦାବି କରିଛି। ୬୫ଟି ଉପଧାରାକୁ ପୁରାପୁରି ଭାବରେ ଉଚ୍ଛେଦ କରାଯାଇଛି। ଶ୍ରମିକ ମାନଙ୍କ ମଜୁରୀ, ରେକର୍ଡ ଯାଞ୍ଚ, ବହୁବିଧ ଲାଇସେନ୍ସ, ବିନା ବିଜ୍ଞାପନ କାର୍ଯ୍ୟାନୁଷ୍ଠାନକୁ ହଟେଇ ଦିଆଯାଇଛି। ଇପିଏଫ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି। ଏ କୋଡ଼ ଶ୍ରମିକ ଶ୍ରେଣୀର ଅନେକ କ୍ଷତି ପହଁଚାଇବା ପୂର୍ବରୁ ସରକାର ଏହି କୋଡ଼୍‌କୁ ରଦ୍ଦ କରିବାକୁ ଏଆଇସିସିଟିୟୁ ଦାବି କରିଛି। ଏହି ବିକ୍ଷୋଭରେ ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀ, ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଫେଇ କର୍ମଚାରୀ ସଂଘ ସମ୍ପାଦକ ବିଜୟ ବେହେରା, ବନବିହାରୀ ଦାସ ପ୍ରମୁଖ ଶ୍ରମକୋଡ଼୍‌କୁ ବାତିଲ କରିବା ପାଇଁ ଦାବି କରିବା ସହିତ ସାରା ରାଜ୍ୟରେ ଶ୍ରମିକ ନୀତି ବିରୁଦ୍ଧରେ ଆସନ୍ତା ୨୬ରେ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ କରିଛି।

**ଶ୍ରମ କୋଡ୍‌ର କପି ପୋଡ଼ିଲା ଏଆଇସିସିଟିୟୁ**

## ବେକରେ ଶାଢ଼ି ବାନ୍ଧି ଝୁଲି ପଡ଼ିଲେ ଯୁବକ

ବାଲିପାଟଣା, ୨୪।୧୧(ସମିସ): ବାଲିପାଟଣା ଥାନା ଅଠାନ୍ତର ମହାନ୍ତି ସାହିର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୁଅ ବିଶ୍ୱଜିତ ଦାସ ଓରଫ ଚିକୁ (୩୦) ଘର ଭିତରେ ପିନ୍ଧା ଲୁଗା ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ବାପା ଓ ମାଆ ତୀର୍ଥ ରେ ଯାଇଥିଲେ। ଚିକୁନଙ୍କ ପତ୍ନୀ ବାପ ଘରକୁ ଚାଲି ଯାଇଥିଲେ। ଘରେ କେହି ନ ଥିବା ବେଳେ ଯୁବକ ନିଜ ଶୋଇବା ଘର ଫ୍ୟାନରେ ପତ୍ନୀଙ୍କ



ଶାଢ଼ିକୁ ବେକରେ ଗୁଡ଼ାଇ ଝୁଲି ପଡ଼ିଥିଲେ। ସୋମବାର ସକାଳୁ ପଡୋଶୀ ଚିକୁନଙ୍କୁ କବାଟ ବାଡ଼େଇ ଉଠେଇବା ବେଳେ ଘର ଭିତରୁ ଶବ୍ଦ ଶୁଣାଯାଇ ନ ଥିଲା। କବାଟ ଭାଙ୍ଗିବା ପରେ ସେ ଝୁଲନ୍ତା ଅବସ୍ଥା ରେ ଥିବା ଦେଖିବାକୁ ମିଳିଛି। ଖବର ପାଇ ପରିବାର ଲୋକେ ଗାଁ ରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଚିକୁ ୨୦୨୩ରେ ବିବାହ କରିଥିଲେ। ତାଙ୍କର ଗୋଟିଏ ଦେଢ଼ ବର୍ଷର ପୁଅ ଅଛି। ଚିକୁନ ବାପା, ମାଆଙ୍କ ଏକମାତ୍ର ପୁଅ ଥିଲେ। ପୁଅର ମୃତ୍ୟୁ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଚିକୁନ ଭୁବନେଶ୍ୱରସ୍ଥିତ କୃଷି ବିଭାଗ ରେ ଅସ୍ଥାୟୀ ଭାବେ କାମ କରୁଥିଲେ। ବାଲିପାଟଣା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ପାରିବାରିକ ଅଶାନ୍ତି ଯୁବକଙ୍କ ମୃତ୍ୟୁର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି।

## ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ‘ଭିନ୍ନ ଏକ ଋତୁ ସମ୍ଭାର’

ଭୁବନେଶ୍ୱର, ୨୪।୧୧(ସମିସ): ଭାଗ୍ୟଲିପି ମଲ୍ଲଙ୍କ ରଚିତ ଭିନ୍ନ ଏକ ଋତୁ ସମ୍ଭାରରେ ଛଅ ଋତୁକୁ ନେଇ ସଙ୍ଗୀତ ପରିବେଷଣ ହୋଇଥିଲା। ସଙ୍ଗୀତର ରୂପ ଦେଇଥିଲେ ଡ. ଜୟଶ୍ରୀ ଧଳ ଓ ସାନ୍ତୁନୁ ନାୟକ। ଜୟଶ୍ରୀ ଧଳଙ୍କ ତମେ କେବେ ଆସି କେବେ ଫେରିଯାଅ..ର ଗୀତରେ ଝୁମିଥିଲେ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଥିବା ଦର୍ଶକ। ଭାଗ୍ୟଲିପି ମଲ୍ଲ ଓ ଦେବଦାସ ଛୋଟରାୟଙ୍କ ସଂଯୋଜନା ଏହା ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାଗ୍ୟଲିପି ମଲ୍ଲଙ୍କ ରଚିତ କବିତା ପୁସ୍ତକ ‘ଋତୁ ଓ ରାତି’ ଉନ୍ମୋଚିତ କରିଥିଲେ। ବହିକୁଟିକୁ ପକ୍ଷୀଘର ପକ୍ଷରୁ ପ୍ରକାଶିତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ, ସ୍ତମ୍ଭକାର ଦାସ ବେହୁରା, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଅବନୀ କୁମାର ସାହୁ, ମମତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚକୁ ଅଧ୍ୟକ୍ଷତା କରିଥିଲେ ଫନି ମହାନ୍ତି। ଏହି ଅବସରରେ ଖଲ୍ଲିକୋଟର ସମାଜସେବୀ ପୂର୍ଣଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଦିବଙ୍ଗତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, କବି ଶଙ୍କର ପରିଡ଼ା ଓ କବି ରାଜେନ୍ଦ୍ର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ବସୁନ୍ଧରାକୁ ଷଷ୍ଠ ‘ଇନ୍ଦରଜିତ୍ ଖୁରାନା ଜାତୀୟ ପୁରସ୍କାର’

ଭୁବନେଶ୍ୱର, ୨୪।୧୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ରବି ଟକିଜ୍‌ସ୍ଥିତ ଲତିକା ଏନକ୍ଲେଭ ଠାରେ ‘ଷଷ୍ଠ ଇନ୍ଦରଜିତ୍ ଖୁରାନା ଜାତୀୟ ପୁରସ୍କାର’ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା କଟକ ଜିଲ୍ଲାର ଶିଶୁ ଅଧିକାର ସଂଗଠନ ବସୁନ୍ଧରାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୧ଲକ୍ଷ ଟଙ୍କା ଅର୍ଥରାଶି ସମେତ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଥିଲା। ତେବେ ଏକ ଉଚ୍ଚସ୍ତରୀୟ ଜୁରୀ କମିଟି ଗଠନ କରାଯାଇ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦରଖାସ୍ତ ଗୁଡ଼ିକୁ ବିଚାର କରାଯାଇ ଏହି ପୁରସ୍କାର ପାଇଁ ବସୁନ୍ଧରା ସଂଗଠନକୁ ମନୋନୀତ କରାଯାଇଥିଲା। ବସୁନ୍ଧରା ପକ୍ଷରୁ ଏହାର ସମ୍ପାଦିକା ଶୈଳ ବେହେରା ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଚଳିତ ବର୍ଷ ରୁଚିକା ପକ୍ଷରୁ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ଉପରେ ଅବଦାନ ପାଇଁ ୬ଟି ଅନୁଷ୍ଠାନକୁ



‘ଇନ୍ଦରଜିତ୍ ଖୁରାନା ସୋସିଆଲ ଇମ୍ପାକ୍ଟ ଆୱାର୍ଡ’ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେକ୍ ମହିନ୍ଦ୍ରାର ପୂର୍ବତନ ସିନିଅର ଉପସଭାପତି ବସନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ସମାଜସେବୀ ଜଗଦାନନ୍ଦ, ବେଲଜିୟମ ଦେଶର ଡ. ଭାଲେଣ୍ଟାଇନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଇନ୍ଦରଜିତ୍‌ଙ୍କ ସାଧନା ଓ କାର୍ଯ୍ୟ ଉପରେ ଲିଖିତ ପୁସ୍ତିକା ‘ପ୍ଲାଟଫର୍ମ ଦିଦି’ ଉନ୍ମୋଚିତ ହୋଇଥିଲା। ରୁଚିକାର ସଭାପତି ପ୍ରଫେସର ସବିତା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଉମା ଶଙ୍କର ଷଡ଼ଙ୍ଗୀ ସ୍ୱାଗତଭାଷଣ ଦେଇଥିବା ବେଳେ ଉପସଭାପତି ଗୌରଙ୍ଗ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ କୁମାର ସାହୁ, ରମେଶ୍ୱରୀ ପ୍ରସାଦ ଦ୍ୱିବେଦୀ, ଡ. ବେଣୁଧର ସେନାପତିଙ୍କ ସମେତ ରୁଚିକାର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଜୁଡିସିଆଲ୍ ଏକାଡେମୀ ଛକରେ ସିରିଜ୍ ଦୁର୍ଘଟଣା; ୪ ଆହତ

**କଟକ,୨୪।୧୧(ସମିସ):** ଜୁଡିସିଆଲ୍ ଏକାଡେମୀ ଛକରୁ ଡଗରପଡ଼ା ହନୁମାନ ମନ୍ଦିର ଛକ ଭିତରେ ଥିବା ଫିଂବନ୍ଧରେ ଆଜି ଏକ ସିରିଜ୍ ଦୁର୍ଘଟଣା ଘଟି ୪ଜଣ ଆହତ ହୋଇଛନ୍ତି। ଏକ ଚିପ୍ସ ବୋଝେଇ ମିନିଟ୍ରକ ଚଳାଉଥିବା ମଦ୍ୟପ ଡ୍ରାଇଭର ଜୁଡିସିଆଲ୍ ଏକାଡେମୀ ଛକରେ ପ୍ରଥମେ ଏକ ପାସେଞ୍ଜର୍ ଅଟୋକୁ ଧକ୍କା ଦେଇଥିଲା। ଏହାପରେ ଡଗରପଡ଼ା ହନୁମାନ ମନ୍ଦିର ଛକରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତି ଓ ଜଣେ ମହିଳା ଆହତ ହୋଇଥିଲେ। ପାସେଞ୍ଜର୍ ଅଟୋରେ ବସିଥିବା ୨ଜଣ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି। ମଦ୍ୟପ ଡ୍ରାଇଭରର ଉନ୍ମତ୍ତକାଣ୍ଡ ଯୋଗୁଁ ସମୁଦାୟ ୪ଜଣ ଆହତ ହୋଇଥିବା ଜଣାପଡ଼ିଛି। ଡ୍ରାଇଭରକୁ ସ୍ଥାନୀୟ ଟ୍ରାଫିକ୍ ପୁଲିସ କାବୁ କରି ମର୍କତନଗର ଥାନା ପୁଲିସକୁ ହସ୍ତାନ୍ତର କରିଥିଲା।

# ରାଜଧାନୀର ୨୧ ରାସ୍ତାରେ ପାର୍କିଂ କଟକଣା

ଭୁବନେଶ୍ୱର, ୨୪।୧୧ (ସମିସ): ରାଜଧାନୀରେ ଟ୍ରାଫିକ ସମସ୍ୟା ଯେତିକି ଜଟିଳ ହେଉଥିବା ବେଳେ ବେଆଇନ ପାର୍କିଂ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଟ୍ରାଫିକ ପୁଲିସ ପକ୍ଷରୁ ଧରପଗଡ଼ କରାଯାଉଥିଲେ ମଧ୍ୟ ଚେତୁନାହାନ୍ତି ଅମାନିଆ। ଯୋଉଠି ପାରୁଛନ୍ତି ସେଇଠି ଗାଡ଼ି ପାର୍କିଂ କରୁଛନ୍ତି। ବେଆଇନ୍ ପାର୍କିଂ ଯୋଗୁଁ ରାସ୍ତା ସଙ୍କୁଚିତ ହେବା ସହିତ ଦୁର୍ଘଟଣା ଘଟୁଛି। କାହାରି ଜୀବନ ଯାଉଛି ତ ଆଉ କେହି ସାରା ଜୀବନ ପଙ୍ଗୁ ହୋଇଯାଉଛି। ତେବେ ଏହି ବେଆଇନ ପାର୍କିଂରେ ରୋକ୍ ଲଗାଇବାକୁ ପଦକ୍ଷେପ ନେଇଛି କମିସନରେଟ ପୁଲିସ। ଓଡ଼ିଶା ଅର୍ବାନ୍ ପୁଲିସ ଆକ୍ଟ ୨୮ ଓ ୨୯ ଅନୁଯାୟୀ ରାଜଧାନୀର ୨୧ଟି ପ୍ରମୁଖ ରାସ୍ତାରେ ବେଆଇନ୍ ପାର୍କିଂକୁ ନିଷିଦ୍ଧ ଘୋଷଣା କରାଯାଇଛି। ବ୍ୟବସାୟ କେନ୍ଦ୍ର, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ଯାନବାହାନ ଯାତାୟାତ ବୃଦ୍ଧି ସହିତ ସୁନିୟନ୍ତ୍ରିତ ଟ୍ରାଫିକ ପରିଚାଳନା ଏବଂ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ଆଜି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ନିୟମ ନ ମାନିଲେ ଗାଡ଼ି ଗୁଡ଼ିକ କ୍ରେନ ଦ୍ୱାରା ଉଠାଇ ନିଆଯିବ ବୋଲି ଚେତାବନୀ ଦେଇଛି ପୁଲିସ। ଗାଡ଼ି ମୁକୁଳାଇବାକୁ ଜରିମାନା ସହ କ୍ରେନ୍ ବାବଦ ଖର୍ଚ୍ଚ ଦେବାକୁ ପଡ଼ିବ ବୋଲି ପୁଲିସ କହିଛି।

**■ ନ ମାନିଲେ ଗାଡ଼ି ଉଠାଇନେବ ପୁଲିସ**
**■ ଭରିବେ ଜରିମାନା ସହ କ୍ରେନ୍ ଚାର୍ଜ**



### କେଉଁ କେଉଁ ରାସ୍ତାରେ ଯାନବାହନ ପାର୍କିଂ ନିଷେଧ


୧. ରାଜଭବନ ଛକରୁ ଜୟଦେବ ବିହାର ଛକ ଦେଇ କଳାରାହଙ୍ଗା ଛକ
୨. ଏୟାରପୋର୍ଟରୁ ଆଚାର୍ଯ୍ୟ ବିହାର ଛକ ଦେଇ ନାଲକୋ ଛକ
୩. ଶିଶୁଭବନ ଛକରୁ ରାଜମହଲ ଛକ ଓ ମାଷ୍ଟରକ୍ୟାଣ୍ଟିନ ଠାରୁ ବାଣୀବିହାର ଛକ
୪. ରସୁଲଗଡ଼ ଛକରୁ ଜୟଦେବ ବିହାର ଛକ
୫. ଶ୍ରୀୟା ଛକରୁ ପିଏଚଡି ଅଫିସ
୬. ବାପୁଜୀ ନଗର ଅଞ୍ଚଳ
୭. ଆଇଡିବିଆଇ ବ୍ୟାଙ୍କ ଛକ ଠାରୁ ଏମ୍ପାୟାର ହୋଟେଲ ଦେଇ ଜାତୀୟ ରାଜପଥ ୧୬
୮. ଆଲୋକ ଭାରତୀ ବିଲ୍ଡିଂ ଠାରୁ ସହିଦନଗର ଦୁର୍ଗାପୂଜା ମଣ୍ଡପ ଓ ଜନପଥ ରାସ୍ତା
୯. ଜନପଥ (କଲ୍ୟାଣ ଜୁଏଲର୍ସ) ଠାରୁ ସ୍ୱର୍ଶ ହସ୍ପିଟାଲ ଚରକ ମେଡିକାଲ ଷ୍ଟୋର
୧୦. ତୃପ୍ତି ସର୍ଭିସ ଷ୍ଟେସନ ଜନପଥ ଠାରୁ ସହିଦନଗର ପ୍ରବେଶ ପଥ
୧୧. ଗୋପବନ୍ଧୁ ଛକ ଠାରୁ କଳ୍ପନା ଛକ (ଉଭୟ ପାର୍ଶ୍ୱ)
୧୨. କଳାରାହାଙ୍ଗା ଛକ ଠାରୁ ନନ୍ଦନକାନନ ଛକ (ଉଭୟ ପାର୍ଶ୍ୱ)
୧୩. ଉଭୟ ପାର୍ଶ୍ୱ ସର୍ଭିସ ରାସ୍ତା ଦେଇ ଜୟଦେବ ବିହାର ଛକ ଠାରୁ ତମାଣ୍ଡୋ ଛକ
୧୪. ଜୟଦେବ ବିହାର ଛକରୁ ଏକାମ୍ର କାନନ ରାସ୍ତା ଦେଇ ସିଆରପି ଛକ
୧୫. ସିଆରପି ଛକ ଠାରୁ ୟୁନିଟ - ୮ ଡିଏଭି ସ୍କୁଲ (ଉଭୟ ପାର୍ଶ୍ୱ) ଦେଇ ପାୱାର ହାଉସ୍ ଛକ
୧୬. ଫାୟାର ଷ୍ଟେସନ ଛକ ଠାରୁ ସିଟି ଓମେନ୍ସ କଲେଜ ଛକ (ଉଭୟ ପାର୍ଶ୍ୱ) ଦେଇ ଜାଗମରା ଛକ
୧୭. ଖଣ୍ଡଗିରି ଛକ ଠାରୁ ପୋଖରୀପୁଟ ଛକ (ଉଭୟ ପାର୍ଶ୍ୱ)
୧୮. ନୂଆପଲ୍ଲୀ ଅଣ୍ଡରପାସ ଠାରୁ ଆଇଡି ମାର୍କେଟ (ଉଭୟ ପାର୍ଶ୍ୱ) ଦେଇ ଜୟଦେବ ବିହାର
୧୯. କିଟ୍ ଛକ ଠାରୁ ସିଲିକନ ଇଞ୍ଜିନିୟରିଂ କଲେଜ (ଉଭୟ ପାର୍ଶ୍ୱ) ଦେଇ ଇନଫୋସିଟି ଛକ
୨୦. ଡମଣା ଛକ ଠାରୁ ଶୈଳଶ୍ରୀ ବିହାର ପର୍ଯ୍ୟନ୍ତ (ଉଭୟ ପାର୍ଶ୍ୱ)
୨୧. ଜାଭିୟର ଛକ ଠାରୁ ଉତ୍କଳ ହସ୍ପିଟାଲ (ଉଭୟ ପାର୍ଶ୍ୱ) ଦେଇ ସାଇ ମନ୍ଦିର ଛକ

## ଏସ୍‌ବିଆର ସ୍ୱୟଂଶାସିତ ସରକାରୀ ମହିଳା ମହାବିଦ୍ୟାଳୟରେ ଅବ୍ୟବସ୍ଥା

# ୪ ବର୍ଷ ହେଲା ସବୁ ଲିଫ୍ଟ ଅଚଳ

ବ୍ରହ୍ମପୁର,୨୪।୧୧(ସମିସ)

ସରକାରକା ମାଲ୍ ଦରିଆରେ ଡାଲ। ଏଭଳି ଏକ ଘଟଣା ନଜରକୁ ଆସିଛି ବ୍ରହ୍ମପୁର ସହରରେ। ପୂର୍ବ ସରକାର ଅମଳରେ ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା। ଏହି କ୍ରମରେ ସ୍ଥାନୀୟ ଶଶୀଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫ମହଲା ବିଶିଷ୍ଟ ନୂତନ କୋଠାର ନିର୍ମାଣ କରାଯାଇ ସ୍ଥାନାଭାବ ଭଳି ଗୁରୁତର ସମସ୍ୟାର ସ୍ଥାୟୀ ପ୍ରତିକାର କରାଯାଇଥିଲା। ବହୁତଳ ବିଶିଷ୍ଟ କୋଠାରେ ଛାତ୍ରୀଙ୍କ ସମେତ ଉଭୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଚଳପ୍ରଚଳରେ ସୁବିଧା ପାଇଁ ଦୁଇଟି ଲିଫ୍ଟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସମସ୍ତ କାର୍ଯ୍ୟ ପୂର୍ତ୍ତବିଭାଗ ଦ୍ୱାରା ସମ୍ପାଦନ କରାଯାଇଥିଲା। ତେବେ ବିଡ଼ମ୍ବନାର ବିଷୟ ହେଲା ଦିର୍ଘ ୪ବର୍ଷ ପରେ ମଧ୍ୟ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ପ୍ରାୟ ୫୦ଲକ୍ଷ ଟଙ୍କା ବିନିଯୋଗରେ ପ୍ରତିଷ୍ଠା ହୋଇଥିବା ଦୁଇଟି ନୂତନ ଲିଫ୍ଟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ୪ବର୍ଷରେ ପରୀକ୍ଷାମୂଳକ ଭାବେ ମାତ୍ର ୧୦ଦିନ ଚାଲୁ ପରେ ପୁଣି ଅଚଳ ହୋଇପଡିଛି। ଲିଫ୍ଟ ଅଚଳ ଯୋଗୁ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଯୁକ୍ତଦୁଇ ଶ୍ରେଣୀ ଠାରୁ ସ୍ନାତକୋତର ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪ହଜାର ଛାତ୍ରୀ ଓ ଶତାଧିକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ସର୍ବଦା କୋଠାରେ ତଳଉପର ଯାତାୟତ କରିବାରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ପରିସ୍ଥିତିରେ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରୀମାନେ ନିଜ ଶ୍ରେଣୀରେ ସହପାଠୀଙ୍କ ସହ ଏକାଠି ବସି ପାଠପଢିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଶିକ୍ଷାନୁଷ୍ଠାନର ଲିଫ୍ଟ ଜନିତ ସମସ୍ୟା କର୍ତ୍ତୃପକ୍ଷଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଥିବା ସ୍ୱୀକାର କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚିତ୍ତ ରଂଜନ ଶତପଥୀ। ଏନେଇ ସେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।






ପ୍ରକାଶ ଯୋଗ୍ୟ ଯେ, ୫ମହଲା ବିଶିଷ୍ଟ କୋଠାର ନିର୍ମାଣ କାର୍ଯ୍ୟ ପୂର୍ତ୍ତବିଭାଗ ହାତକୁ ନେଇଥିଲା। କୋଠା ନିର୍ମାଣ ଶେଷ ହୋଇସାରିଥିଲେ ହେଁ ସେଥିରେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ନଥିଲା। ପରବର୍ତ୍ତି ସମୟରେ ପୁଣି ବିଦ୍ୟୁତ୍ ସଂଯୋଗ କରାଗଲା। ତେବେ ପୁରୁଣା ଟ୍ରାନ୍ସଫର୍ମର ଯୋଗୁଁ ନୂତନ କୋଠାରେ ଲିଫ୍ଟ ଚାଲିବା ସମ୍ଭବପର ନଥିଲା। ଏଥିପାଇଁ ନୂତନ ଟ୍ରାନ୍ସଫର୍ମର ପ୍ରତିଷ୍ଠା କରିବା ଆବଶ୍ୟକତା ଥିଲା। ଏଥିପାଇଁ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଟାଟାପାୱାର ନିକଟରେ ପ୍ରାୟ ୨୦ଲକ୍ଷ ଟଙ୍କା ଡିପୋଜିଟ କରାଯାଇଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ଜଣାପଡିଛି। ଏହାପରେ ଆରମ୍ଭରୁ ବ୍ୟବହାର ହୋଇନଥିବା ଲିଫ୍ଟକୁ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରାଯାଇଥିଲା। ତେବେ ମାତ୍ର ୫ଦିନ ଚାଲିବା ପରେ ତାହା ଅଚଳ ହୋଇଯାଇଥିଲା। ଫଳରେ ସମ୍ପୃକ୍ତ କମ୍ପାନୀ ସହିତ ଯୋଗାଯୋଗ କରାଯିବା ସହିତ ପ୍ରାୟ ୯୦ହଜାର ଟଙ୍କା ଖର୍ଚ୍ଚ କରି ମରାମତି କରାଯାଇଥିଲା। ତେବେ ତାହା ପୁଣି ଅଚଳ ହୋଇଯାଇଥିଲା। ଶିକ୍ଷାନୁଷ୍ଠାନରେ ଅଚଳ ଲିଫ୍ଟକୁ କାର୍ଯ୍ୟକ୍ଷମ କରିବାକୁ ହେଲେ ଇଲେକ୍ଟ୍ରିକାଲ ଇନ୍ସପେକ୍ଟରଙ୍କ ଠାରୁ ସାର୍ଟିଫିକେଟ ଆଣିବାକୁ ହେବ। ଏବଂ ଉକ୍ତ ସାର୍ଟିଫିକେଟ ସଂଗ୍ରହ କରିବାକୁ ହେଲେ କୋଠା ନିର୍ମାଣ କରିଥିବା ପୂର୍ତ୍ତବିଭାଗ ଠାରୁ ପ୍ଲାନ ଓ ମ୍ୟାପ ସଂଗ୍ରହ କରିବା ଜରୁରୀ। ଏଭଳି ପରିସ୍ଥିତିରେ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ପ୍ରାୟ ୫୦ଲକ୍ଷ ଖର୍ଚ୍ଚ ଓ ୪ବର୍ଷ ପରେ ମଧ୍ୟ ଲିଫ୍ଟର ସୁବିଧା ନେବାରୁ ବଞ୍ଚିତ ହୋଇଛନ୍ତି ଶିକ୍ଷାନୁଷ୍ଠାନର ଛାତ୍ରୀ ଓ କର୍ମଚାରୀ। ଏଦିଗରେ ଜିଲ୍ଲା ପ୍ରଶସନ ଓ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

- ୫ ମହଲା ବିଶିଷ୍ଟ କୋଠା ଚଢୁଛନ୍ତି ଛାତ୍ରୀ ଓ କର୍ମଚାରୀ
- ୫୦ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ୧୦ଦିନ ଚାଲିଲାନି ନୂତନ ଲିଫ୍ଟ
- ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବରୁ ଜଟିଳ ପରିସ୍ଥିତି

## ● ତାଲାବନ୍ଦ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ୧୦ ଲକ୍ଷ ଟଙ୍କା, ୧୦ ଭରି ସୁନା ଓ ଅଧାକିଲୋ ରୁପା ଲୁଟିନେଲେ

ବ୍ରହ୍ମପୁର,୨୪।୧୧(ସମିସ): ଟାଉନ ଥାନା ଅନ୍ତର୍ଗତ ନିଳାଦ୍ରୀବିହାରର ଏକ ତାଲାବନ୍ଦ ଘରୁ ନଗଦ ୧୦ଲକ୍ଷ ଟଙ୍କା ସହ ୧୦ଭରି ସୁନା ଓ ଅଧା କିଲୋ ଓଜନର ରୁପା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ନିଳାଦ୍ରୀବିହାର ୨ୟ ଲାଇନ ନିବାସୀ ଟି. ମନୋଜ କୁମାର ପାତ୍ର ଘରେ ତାଲା ପକାଇ ଗତ ୨୨ତାରିଖ ରାତିରେ ନିଜ ପରିବାର ସହିତ ଘଟଗାଁ ବୁଲିବାକୁ ଯାଇଥିଲେ। ୨୩ ତାରିଖ ବିଳମ୍ବିତ ରାତିରେ ମନୋଜ ଓ ତାଙ୍କ ପରିବାର ବ୍ରହ୍ମପୁର ଫେରିଥିଲେ। ଘର ଭିତରକୁ ପ୍ରବେଶ ପୂର୍ବରୁ ମୁଖ୍ୟ କବାଟର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯାଇ ଯାଞ୍ଚ ପରେ ଘରେ ଥିବା ନଗଦ ୧୦ଲକ୍ଷ ଟଙ୍କା, ୧୦ଭରି ଓଜନର ସୁନା ଅଳଙ୍କାର, ୫୦୦ଗ୍ରାମ ଓଜନର ରୁପା ଅଳଙ୍କାର ଚୋରି ହୋଇଥିବା ମନୋଜ ଜାଣିବାକୁ ପାଇଥିଲେ। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ସନ୍ଧାନୀ କୁକୁର ସହାୟତାରେ ଛାନଭିନ୍ କରିଥିଲା। ଅନ୍ୟପକ୍ଷରେ ମନୋଜ ଓ ତାଙ୍କ ପରିବାର ଲୋକେ ଘରର ତାଲାବନ୍ଦ କରି ବାହାରକୁ ଯାଇଥିବା ସମ୍ପର୍କରେ ଚୋର ଗ୍ୟାଙ୍ଗ ଆଗୁଆ ସୂଚନା ପାଇଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଚୋରଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର



ବ୍ରହ୍ମପୁର,୨୪।୧୧(ସମିସ): ଖଲ୍ଲିକୋଟ ଏକକ ବିଶ୍ୱିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟଅତିଥି ଭାବେ ଜାତୀୟ ବୈଷୟିକ ଅନୁଷ୍ଠାନର ବରିଷ୍ଠ ପ୍ରଧ୍ୟାପକ ଡ. ଦେବାଶିଷ ମିଶ୍ର ଯୋଗଦେଇ ବିପରୀତ ଶାସ୍ତ୍ର ଓ ତାର ପ୍ରୟୋଗ ଉପରେ ମତ ରଖିଥିଲେ। ଏହାସହ ସମସ୍ତ ଜିନିଷର ପୁନଃବ୍ୟବହାର ଗାଣିତିକ ମାଧ୍ୟମରେ କିପରି ହୋଇପାରିବ ପ୍ରୟୋଗିକ ମାଧ୍ୟମରେ ପ୍ରତିପାଦିତ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଧ୍ୟାପକ ଡ. ପବିତ୍ର କୁମାର ଜେନା, ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱିଦ୍ୟାଳୟ କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ ଓ ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ ମୁଦୁଲି ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଠଚକ୍ରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଚିନ୍ମୟ ରାଉତ, ଜଗନ୍ନାଥ ଚୌଧୁରୀ, ଛାତ୍ରଛାତ୍ରୀ ପ୍ରତିନିଧି ମାନସୀ ସ୍ୱାଇଁ, କୁନ୍ଦନ କୁମାର ବାଗ, ସମୀର କୁମାର ସାହୁ, କୁନୁ ପଣ୍ଡା, ବିଶ୍ୱଜିତ ପାଢ଼ୀ, ଲିପ୍ସିତା ବେହେରା, ସ୍ୱାତୀ ସମ୍ପ୍ରତି ତ୍ରିପାଠୀ, ସଜିତ ଶତ୍ରୁସଲ୍ୟ, ରଶ୍ମି ଜେନା ଓ ବର୍ଷା ରାଣୀ ବେହେରାଙ୍କ ସହିତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମାଇକ୍ରୋ ବାୟୋଲୋଜି ବିଭାଗର ସଚେତନତା କର୍ମଶାଳା



ବ୍ରହ୍ମପୁର,୨୪।୧୧(ସମିସ): ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ମାଇକ୍ରୋ ବାୟୋଲୋଜି ବିଭାଗ ପକ୍ଷରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ସଂଘମିତ୍ରା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଡ଼ିନ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ଏମକେସିଜି ମେଡ଼ିକାଲର ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ, ଫୁଲବାଣୀ ଜିଏମସି ମେଡ଼ିକାଲ କଲେଜ ମାଇକ୍ରୋ ବାୟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ଏମ.ଭି. ନରସିଂହମ୍ ଓ ଡ଼ା. ପୂରବୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ଆଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧକ ସମ୍ପର୍କରେ ସଚେତନତା କରାଯାଇଥିଲା। ବିଭିନ୍ନ ସମୟରେ ରୋଗୀମାନେ ଅନାବଶ୍ୟକ ଆଣ୍ଟିବାୟୋଟିକ ସେବନ କରିଥାନ୍ତି। ଯାହାଫଳରେ ମନୁଷ୍ୟର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସହ ଅନ୍ୟ ଔଷଧ ଗୁଡ଼ିକ ସଠିକ ଭାବେ କାର୍ଯ୍ୟକରେ ନାହିଁ। ଏଭଳି କ୍ଷେତ୍ରରେ ରୋଗୀଙ୍କୁ ଡ଼ାକ୍ତର ବାଧ୍ୟ ହୋଇ ଅଧିକା ମାତ୍ରାର ଔଷଧ ସେବନ କରିବାକୁ ପରାମର୍ଶ କରିଥାନ୍ତି। ଯାହା ପରେ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ କିଭଳି ଭାବରେ ଆଣ୍ଟିମାଇକ୍ରୋବାୟଲ୍ ବ୍ୟବହାର କରିବା ଉଚିତ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଇକ୍ରୋ ବାୟୋଲୋଜି ବିଭାଗର ଡା. ନେହା ସାମଲ ଓ ଡ଼ା. ସୁମେଶ କୁମାର ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୁବକଙ୍କ ଠାରୁ ୪୦ଲକ୍ଷ ଠକିନେଲେ ବ୍ୟବସାୟୀ

ବ୍ରହ୍ମପୁର,୨୪।୧୧(ସମିସ): ଫାଷ୍ଟଗେଟ୍ ନିକଟ ପାଣିଗ୍ରାହୀନଗରର ଜଣେ ଯୁବକଙ୍କ ଠାରୁ ସାନବଜାରର ଜଣେ ହୋଲସେଲ୍ ରୁପା ବ୍ୟବସାୟୀ ୪୦ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ମିଳିତ ଭାବେ ବ୍ୟବସାୟ କରିବାର ପ୍ରତିଶ୍ରୁତି ଦେଇ ଟଙ୍କା ନେବା ପରେ ଫେରାର ହୋଇଯାଇଛନ୍ତି। ଏନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ପାଣିଗ୍ରାହୀନଗରର ଚନ୍ଦ୍ରକାନ୍ତ ପ୍ରଧାନଙ୍କ ବାପାଙ୍କ ଜଣେ ସାଙ୍ଗ ହୋଲସେଲ ରୁପା ବ୍ୟବସାୟୀ ହୋଇଥିବା ବେଳେ ସାନବଜାର ଛକରେ ତାଙ୍କର ଏକ ଅଳଙ୍କାର ଦୋକାନ ରହିଛି। ବ୍ୟବସାୟୀ ଜଣକ ୨ବର୍ଷ ପୂର୍ବେ ଚନ୍ଦ୍ରକାନ୍ତଙ୍କ ନିକଟକୁ ଆସି ରୁପା ବ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଯେହେତୁ ବ୍ୟବସାୟୀ ଜଣକ ସୂର୍ଯ୍ୟକାନ୍ତଙ୍କ ବାପାଙ୍କ ପରିଚିତ ବ୍ୟକ୍ତି ଥିଲେ ତେଣୁ ସେ ତାଙ୍କ କଥାରେ ବିଶ୍ୱାସ କରି ବ୍ୟବସାୟ କରିବାକୁ ସହମତି ପ୍ରଦାନ କରିଥିଲେ। ଏଥିପାଇଁ ୪୦ଲକ୍ଷ ଟଙ୍କା ନିବେଶ କରିବାକୁ ହେବ ବୋଲି ସୂର୍ଯ୍ୟକାନ୍ତଙ୍କୁ କହିବା ସହ ବ୍ୟବସାୟରେ ଯାହା ଲାଭ ହେବ ସେଥିରୁ ଲାଭାଂଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଥିଲା। ହେଲେ ୨ବର୍ଷ ପରେ ମଧ୍ୟ ବ୍ୟବସାୟୀ ଜଣକ ସୂର୍ଯ୍ୟକାନ୍ତଙ୍କୁ କୌଣସି ପ୍ରକାର ଲାଭାଂଶ ଦେଇନଥିଲେ କି ମୂଳ ଟଙ୍କା ମଧ୍ୟ ଫେରସ୍ତ କରିନଥିଲେ। ଟଙ୍କା ଫେରାଇବାକୁ ବାରମ୍ବାର କହିବା ପରେ ନିରାଶ ହୋଇ ସୂର୍ଯ୍ୟକାନ୍ତ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି।

# ବିଧାୟକଙ୍କୁ ଦାବି ଜଣାଇଲା ଅସ୍ଥାୟୀ କର୍ମଚାରୀ ସଂଘ




ବ୍ରହ୍ମପୁର,୨୪।୧୧(ସମିସ): ବ୍ରହ୍ମପୁର ମହାନଗର ପୌର ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ବିଧାୟକ କେ. ଅନିଲ କୁମାରଙ୍କ ସହ ତାଙ୍କ ଗାନ୍ଧିନଗର ସ୍ଥିତ କାର୍ଯ୍ୟାଳୟରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଓଡିଶାରେ କାର୍ଯ୍ୟରତ ପ୍ରାୟ ୩୫ଶହ କର୍ମଚାରୀଙ୍କୁ ନିୟମିତ କରାଗଲେ ସେମାନଙ୍କ ଦରମା ବାବଦକୁ ପ୍ରତିମାସରେ ମାତ୍ର ୩୦ରୁ ୪୦କୋଟି ଟଙ୍କାର ଆବଶ୍ୟକତା ରହିଛି। ତେଣୁ ଏହି ବିଷୟକୁ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନ କରିବା ସହ ଅନୁମୋଦନ କରାଗଲେ କର୍ମଚାରୀମାନେ ନିୟମିତ ହୋଇପାରିବେ ବୋଲି ସଂଘର ପକ୍ଷରୁ କୁହାଯାଇଥିଲା। ଏନେଇ ଆଗାମୀ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିବାକୁ ବ୍ରହ୍ମପୁର ବିଧାୟକଙ୍କୁ ସଂଘ ଅନୁରୋଧ କରିଛି। ଆଲୋଚନାରେ ସଂଘର ସଭାପତି ଟି. ପ୍ରକାଶ ରାଓ, ଉପସଭାପତି କୈଳାଶ ଘଡେଇ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ସୁନ୍ଦର ନାୟକ, ସମ୍ପାଦକ ବାଲାଜୀ ନାୟକ, ସଂଗଠନ ସମ୍ପାଦକ ଲାବଣ୍ୟ ଦଳବେହେରା, ତ୍ରିନାଥ ନାୟକ, ଘନଶ୍ୟାମ ବେହେରା, ପୂର୍ଣ୍ଣଚନ୍ଦ୍ର ଘଡେଇ, ମିଟୁ ଘଡେଇ ଓ ବାଲୁ ମୁଖୀଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ୭ ଦଫା ଦାବି ନେଇ ଆୟୁଷ ଛାତ୍ର ସଂଗଠନର ଆନ୍ଦୋଳନ



ବ୍ରହ୍ମପୁର,୨୪।୧୧(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରଛାତ୍ରୀ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ରାଜ୍ୟ ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ଦଫା ଦାବି ନେଇ ୧୯ଦିନ ଧରି କଳାବ୍ୟାଜ୍ ପରିଧାନ କରିଥିଲେ। ଏହାପରେ ମଧ୍ୟ ସରକାରଙ୍କ ପକ୍ଷରୁ ଛାତ୍ର ସଂଗଠନର କୌଣସି ଦାବିକୁ ଗ୍ରହଣ କରାଯାଇନାହିଁ। ଏପରିକି ଦାବିପୂରଣ ନେଇ ଆଲୋଚନା ପାଇଁ ମଧ୍ୟ ସରକାର ଆଗକୁ ଆସିଲେ ନାହିଁ। ଯାହାର ପ୍ରତିବାଦରେ ଛାତ୍ର ସଂଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଛାତ୍ରଛାତ୍ରୀ କଲେଜ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଛନ୍ତି। ୫ବର୍ଷ ଧରି ପାଠପଢ଼ିବା ପରେ ପଦବୀ ଅଭାବରୁ ଡାକ୍ତରୀ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ତୁରନ୍ତ ଓପିଏସ୍‌ସି ଜରିଆରେ ଆୟୁଷ ଡାକ୍ତର ପଦବୀ ସୃଷ୍ଟି କରିବା ସହ ନିଯୁକ୍ତି ପ୍ରଦାନ କରିବା ଭଳି ୮ଦଫା ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି। ଏହାକୁ ନେଇ ସଂଗଠନ ପକ୍ଷରୁ ଦେଢ଼ବର୍ଷରୁ ଅଧିକ କାଳ ଧରି ଆନ୍ଦୋଳନ ଜାରି ରହିଛି। ରୋଗୀସେବା ପ୍ରଭାବିତ ନହେବା ପାଇଁ ବହିଃରୋଗ ବିଭାଗ କାର୍ଯ୍ୟକ୍ଷମ ରହିବ ବୋଲି ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରସଂସଦ ସଭାପତି ସିଦ୍ଧାର୍ଥ ପଣ୍ଡା କହିଛନ୍ତି। ଧାରଣାରେ ସଂସଦର ସାଧାରଣ ସମ୍ପାଦକ ଆୟୁଷ୍ମାନ ମିଶ୍ର, ଉପସଭାପତି କୁଶ କୁମାର ସୋରେନ୍, ଅତିରିକ୍ତ ସାଧାରଣ ସମ୍ପାଦକ ଅଶ୍ୱିନୀ କୁମାର ମଲ୍ଲିକଙ୍କ ସମେତ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ଡକାୟତି ଯୋଜନା ବେଳେ ୨ କୁଖ୍ୟାତ ଅପରାଧୀ ଗିରଫ

ବ୍ରହ୍ମପୁର,୨୪।୧୧(ସମିସ): ପଦରବାଲି ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ବେଳେ ସଦର ଥାନା ପୁଲିସ ୨ କୁଖ୍ୟାତ ଅପରାଧୀଙ୍କୁ କାବୁ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ କାତି, ଲଙ୍କା ଗୁଣ୍ଡ ପ୍ୟାକେଟ ଓ ମ୍ୟାପ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲାଠି ଗ୍ରାମର ପିଣ୍ଟୁ ଗୌଡ ଓରଫ ପାଣ୍ଡା(୩୦) ଏବଂ ଶ୍ୟାମସୁନ୍ଦର ଗୌଡ ଓରଫ ଚେରୁ (୨୯)। ଘଟଣାସ୍ଥଳରୁ ଆଉ ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସଦର ଥାନା ଅନ୍ତର୍ଗତ ବାଇଗଣବାଡି ଗ୍ରାମ ନିକଟ ବିରିବାଡିଆ ଠାରେ ଥିବା ଏକ ନିଛାଟିଆ ସ୍ଥାନରେ କିଛି ଯୁବକ ଡକାୟତି ଯୋଜନା କରୁଥିବା ଖବର ପାଇ ଏଏସ୍‌ଆଇ ଏଚ.ଏସ. ପ୍ରଧାନ ଓ ତାଙ୍କ ଟିମ୍ ଅତର୍କିତ ଚଢ଼ଉ କରି ଚେରୁ ଓ ପାଣ୍ଡାଙ୍କୁ କାବୁ କରିଥିଲେ। ଏନେଇ ସଦର ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ପାଣ୍ଡା ନାମରେ ପୂର୍ବରୁ ୯ଟି ଓ ଚେରୁ ନାମରେ ୮ଟି ଡକାୟତି, ହତ୍ୟା ଉଦ୍ୟମ ଓ ଆର୍ମସ୍ ଆକ୍ଟ ଭଳି ସଙ୍ଗୀନ ମାମଲା ରହିଛି।

## ● ୧୨ କେଜି ଗଞ୍ଜେଇ ଜବତ ମାମଲା

# ୩ ଅଭିଯୁକ୍ତଙ୍କୁ ୬ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ


ବ୍ରହ୍ମପୁର,୨୪।୧୧(ସମିସ): ଏକ ଗଞ୍ଜେଇ ଜବତ ମାମଲାର ବିଚାରଣା କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତମାନେ ହେଲେ ବିହାରର ଏମ. ମିଥୁନ, ଏମ. କୌଶର ଏବଂ ପି. ସୁନ୍ଦର। ଅଭିଯୁକ୍ତଙ୍କୁ ୬ବର୍ଷ ଲେଖାଏଁ ଜେଲଦଣ୍ଡ ସହ ୫୦ହଜାର ଲେଖାଏଁ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତବର୍ଷ ଏହି ୩ଜଣ ଅଭିଯୁକ୍ତ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରା ପଡିଥିଲେ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ମାମଲାର ବିଚାରଣା ବେଳେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି।


## ୧୦ମ ଦିନରେ ବ୍ରହ୍ମପୁର ବାଣିଜ୍ୟ ମେଳା

# ମନ ମୋହୁଛି ନୟାଗଡ଼ର 'ପଟ୍ଟଚିତ୍ର' ଓ 'ପଟି ମାଛ'

ବ୍ରହ୍ମପୁର,୨୪।୧୧(ସମିସ)

ଗତ ୧୫ତାରିଖରୁ 'ଅରୁପା' ଆନୁକୂଲ୍ୟରେ ସ୍ଥାନୀୟ ଚର୍ଚ୍ଚ ପଡିଆରେ ଚାଲିଥିବା ଜାତୀୟସ୍ତରୀୟ ବାଣିଜ୍ୟ ମେଳା ୧୦ମ ଦିନରେ ପହଞ୍ଚିଛି। ମେଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କାରୀଗରମାନେ ହସ୍ତକଳା ଓ ହସ୍ତଶୀଳ୍ପ ଭଳି ବିଭିନ୍ନ ସମାଗ୍ରୀର ପ୍ରଦର୍ଶନୀ ସହିତ ବିକ୍ରୀବଟା କରୁଛନ୍ତି। ସେଥିମଧ୍ୟରୁ କାଠରେ ନିର୍ମିତ ସାମଗ୍ରୀର ଚାହିଦା ବେଶ ରହିଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ଆଡ଼କଟା ପଞ୍ଚାୟତ ଧୂଆଁମଡ଼ା ଗ୍ରାମରୁ ବିଭିନ୍ନ କାଠ ନିର୍ମିତ ସାମଗ୍ରୀ ନେଇ ଆସିଥିବା ପ୍ରମିଳା ମହାରଣାଙ୍କ ଷ୍ଟଲରେ ଦର୍ଶକଙ୍କ ବେଶ୍ ଭିଡ଼ ଜମୁଛି। ଏଠାରେ କାଠ ତିଆରି ଦଶ ଅବତାର ମୂର୍ତ୍ତି, ପଟି ଗଣେଶ, ପଟି ମାଛ, ପଟ୍ଟଚିତ୍ର, ପାନିଆଁ, ଚାବି ରିଂ, ଡ଼ମ୍ବୁରୁ, ରୋଷେଇ ସାମଗ୍ରୀ ଓ ବଂଶୀ ସମେତ ଛୋଟପିଲାଙ୍କ ଖେଳନା ଆଦି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ରକାରର ସାମଗ୍ରୀ ରହିଛି। ୩୦ଟଙ୍କାରୁ ଆରମ୍ଭ କରି ୨ହଜାର ଟଙ୍କା ପର୍ଯ୍ୟନ୍ତ କାଠ ନିର୍ମିତ ସାମଗ୍ରୀ ରହିଛି।







ସେଥିମଧ୍ୟରୁ ପଟି ମାଛ ଓ ପଟ୍ଟଚିତ୍ରର ଚାହିଦା ବେଶ ରହିଛି। ୫ଶହରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ପଟ୍ଟଚିତ୍ର ରହିଥିବା ବେଳେ ପଟି ମାଛ ୩୦୦ଟଙ୍କାରେ ବିକ୍ରି ହେଉଛି। ଘରର ସୌନ୍ଦର୍ଯ୍ୟବୃଦ୍ଧି ପଟ୍ଟଚିତ୍ରକୁ ବ୍ୟବହାର କରାଯାଉଥିବା ବେଳେ ଘରର ଶୁଭ ଓ ଶାନ୍ତି ପାଇଁ ପଟି ମାଛକୁ ବ୍ୟବହାର କରାଯାଉଥିବା ଗ୍ରାହକ କହିଛନ୍ତି। ଗମ୍ଭାରୀ, ନିମ୍ବ ଓ ଶାଗୁଆନ ଭଳି କାଠରେ ଏହି ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଅନ୍ୟ କାଠ ତୁଳନାରେ ଏହି କାଠ ହାଲୁକା ହୋଇଥିବା ବେଳେ ପଲିସ୍ କରିବାରେ ସହଜ ହେଉଥିବାରୁ ଏହି କାଠକୁ ବ୍ୟବହାର କରାଯାଉଥିବା କହିଛନ୍ତି କାରିଗର ପ୍ରମିଳା ମହାରଣା।

ପୂର୍ବରୁ ପ୍ରମିଳାଙ୍କ ପରିବାର ଲୋକେ କାଠରେ ବହୁ ସାମଗ୍ରୀ ପ୍ରସ୍ତୁତ କରୁଥିବା ବେଳେ ୨୦୨୩ମସିହାରେ ସେ ୧ଲକ୍ଷ ୨୦ହଜାର ଟଙ୍କା ଋଣ ଅର୍ଥରେ ଏବଂ ୧୦ଜଣ ମହିଳାଙ୍କୁ ନେଇ ପ୍ରଥମେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ତାଙ୍କ ଏସଏଚଜି ଗ୍ରୁପରେ ୩୦ଜଣ ସଦସ୍ୟା ରହିଛନ୍ତି। ରାଜ୍ୟରେ ପ୍ରଥମ କରି ପ୍ରମିଳା କାଠରେ ନିର୍ମିତ ପଟି ମାଛ ପ୍ରସ୍ତୁତି କରିଥିବା ବେଳେ ବିଭିନ୍ନ ମେଳାରେ ଏହାର ଚାହିଦା ରହିଥିବା ସେ କହିଛନ୍ତି। ପ୍ରମିଳାଙ୍କ ସମେତ ତାଙ୍କ ସ୍ୱାମୀ ଚକ୍ରଧର ମହାରଣା ମଧ୍ୟ ବ୍ରହ୍ମପୁର ବାଣିଜ୍ୟ ମେଳାରେ କାଠ ନିର୍ମିତ ବିଭିନ୍ନ ସାମଗ୍ରୀ ଅନ୍ୟ ଏକ ଷ୍ଟଲରେ ବିକ୍ରି କରୁଛନ୍ତି। ଏଭଳି କାଠରେ ନିର୍ମିତ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ସମୟରେ ପ୍ରମିଳା ସମ୍ବର୍ଦ୍ଧିତ ହୋଇଛନ୍ତି। କାଠ ନିର୍ମିତ ସାମଗ୍ରୀ ବିକ୍ରି କରି ସେ ଭଲ ରୋଜଗାର କରୁଥିବା କହିଛନ୍ତି।

୨୪/୧୧/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୦୪,୦୫୬/- ସୁନା: ୦୨.୧୨୦ ଗ୍ରାମ୍ ରୁପା: ୩୪.୧୦୦ ଗ୍ରାମ୍





ସୋମବାର ସକାଳେ କୁହୁଡ଼ି ଚାଦରରେ ଆଚ୍ଛାଦିତ ଶ୍ରୀମନ୍ଦିର । ଫଟୋ:ଅନିଲ

# ମହାପ୍ରଭୁଙ୍କ ଜମିରେ ଜମୁଛି ମଦ ଆସର

## ପ୍ରଶ୍ନ ଉଠାଇଲା ଆପ୍; ଅନୁମତି ମିଳିଲା କେମିତି?

ପୁରୀ,୨୪।୧୧(ସମିସ)

ପୁରୀ ସହରର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ଜବରଦଖଲ କରାଯାଇଛି । ଏହି ଜମିରେ କିଏ ଘର ତ ଆଉ କେହି ବ୍ୟାବସାୟିକ ପ୍ରତିଷ୍ଠାନ କରିଛନ୍ତି । ପୁଣି କେହି ଚଞ୍ଚକତା କରି ଏହାକୁ ଅନ୍ୟମାନଙ୍କୁ ବିକ୍ରି ମଧ୍ୟ କରୁଛନ୍ତି । ତେବେ ସବୁଠୁ ସମ୍ବେଦନଶୀଳ କଥା ହେଉଛି, ମହାପ୍ରଭୁଙ୍କ ଜମିରେ ରହିଛି ଏକାଧିକ ମଦ ଦୋକାନ । କିନ୍ତୁ ଏ ନେଇ କେହି ପାଟି ଖୋଲୁନାହାନ୍ତି । ନିକଟରେ ସ୍ୱର୍ଗଦ୍ୱାର ଅଞ୍ଚଳରେ ନୂତନ ଭାବେ ଏକ ବାର୍‌କୁ ଅନୁମତି ମିଳିଛି । ଶ୍ରୀଜଗନ୍ନାଥଙ୍କ ଜମିରେ ଏହି ବାର୍ ଖୋଲିଥିବାବେଳେ ଏଠାରେ ମଦର ଆସର ଜମୁଛି ବୋଲି ଅଭିଯୋଗ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) । ଏ ନେଇ ସୋମବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ମହାପ୍ରଭୁଙ୍କ ଜମିରେ ବାର୍ ଖୋଲିବାକୁ ଅନୁମତି ଦେଲା କିଏ? କେବଳ ମଦ ପାଇଁ ନୁହେଁ, ଏଠାକୁ ଖାଦ୍ୟ, ପାନୀୟ, ବିଦ୍ୟୁତ୍ ସଂଯୋଗ ହେଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ପ୍ରଥମେ ରାଜ୍ୟର ନୂଆ ବିଜେପି ସରକାର ପକ୍ଷରୁ ଶ୍ରୀମନ୍ଦିରଠାରୁ ୨ କି.ମି. ପରିଧି ମଧ୍ୟରେ କୌଣସି ମଦ ଦୋକାନ ରହିବ ନାହିଁ ବୋଲି ଘୋଷଣା କରାଯାଇଥିଲା । ହେଲେ ଏହାର କିଛିଦିନ ପରେ ଏହି ଘୋଷଣାନାମା ବଦଳି ଯାଇଥିଲା । ପୁନଶ୍ଚ ଶ୍ରୀମନ୍ଦିରଠାରୁ ୧ କି.ମି. ପରିଧି ମଧ୍ୟରେ କୌଣସି ମଦ ଦୋକାନ ଖୋଲିବନି ବୋଲି କୁହାଗଲା । ତେବେ ନିକଟରେ ସ୍ୱର୍ଗଦ୍ୱାର ଅଞ୍ଚଳରେ ଏକ ବାର୍‌କୁ ଲାଇସେନ୍ସ ପ୍ରଦାନ କରାଯାଇଛି । ଏହା ଶ୍ରୀମନ୍ଦିରଠାରୁ ୧୨୦୦ ମିଟରରେ ରହିଛି । ତେବେ ଆଇନ ମନ୍ତ୍ରୀ ପ୍ରଥମେ ୨ କି.ମି. ଘୋଷଣା କରିଥିଲେ । ହେଲେ କାହାକୁ ସୁରକ୍ଷା ଦେବା ପାଇଁ ପୁଣି ୧ କି.ମି. ଘୋଷଣା କରାଗଲା ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ । ଏଠାରେ ବାର୍ ଖୋଲିବା ପାଇଁ ଅବକାରୀ ବିଭାଗ କିପରି ଅନୁମତି ଦେଲା । ବାର୍ ଖୋଲିବା ପୂର୍ବରୁ ଯେଉଁସବୁ ନିୟମ ରହିଛି ତାହାକୁ ପାଳନ କରାଗଲାନି କିପରି? ଏହି ଜମି ମହାପ୍ରଭୁଙ୍କ ନାଁରେ ରହିଥିବାବେଳେ ଏହାକୁ ଏନ୍‌ଓସି ଦେଲା କିଏ? ଶ୍ରୀମନ୍ଦିର ପରିଚାଳନା କମିଟିର ବିନା ଏନ୍‌ଓସିରେ କିଭଳି ଏହି ଜମିରେ ମଦ ଦୋକାନ ଖୋଲିଲା? ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାକୁ ଖାଦ୍ୟ, ବିଦ୍ୟୁତ୍ ଓ ପାଣି ଆଦି ସଂଯୋଗ ଦିଆଗଲା କିପରି? ଏଥିରେ ଏକ ବଡ଼ଧରଣର ଘୋଟାଲା ହୋଇଛି, ଯେଉଁଥିରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କର ହାତ ରହିଛି ବୋଲି ସନ୍ଦେହ କରିଛନ୍ତି ସଞ୍ଜୀବ । ଏହାର ଉପଯୁକ୍ତ ତଦନ୍ତ କରା ନ ଗଲେ ଆପ୍ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଘେରଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

ପୁରୀ,୨୪।୧୧(ସମିସ): ପୁରୀ ବିଜେପି ପକ୍ଷରୁ ସୋମବାର 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । ଭାରତକୁ ସମୃଦ୍ଧ ଏବଂ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଲାଗି ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆତ୍ମନିର୍ଭର ଭାରତ ଓ ବ୍ୟକ୍ତିର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପିର ବରିଷ୍ଠ ନେତା ଶାରଦା ଶତପଥୀ ଯୋଗଦେଇଥିଲେ । ମୁକ୍ତାକାଶ ରଙ୍ଗମଞ୍ଚରେ ବିଜେପି କର୍ମୀମାନେ ସ୍ୱଦେଶୀ ବସ୍ତୁକୁ ବ୍ୟବହାର କରିବା ନେଇ ସଂକଳ୍ପ କରିବା ସହ ଗୁଣ୍ଡିଚା ମନ୍ଦିର ନିକଟରୁ ପଦଯାତ୍ରାରେ ଯାଇଥିଲେ । ସ୍ୱଦେଶୀ ବସ୍ତୁର ବହୁଳ ବ୍ୟବହାରକୁ ନେଇ ଲୋକଙ୍କୁ ସଚେତନ କରିବା ନେଇ ଏହି ପଦଯାତ୍ରା କରାଯାଇଥିଲା । ଜନଜାଗରଣ ପଦଯାତ୍ରାରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ, ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲ୍ଲା ସଂଯୋଜିକା ରଞ୍ଜିତା ଦାଶ ପାଢ଼ୀ, କେନ୍ଦ୍ରୀୟ ନେତା ମଧୁସୂଦନ ସିଂହାରୀ ଏବଂ ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ଜ୍ୟୋତି ମହାପାତ୍ର, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଜୟନ୍ତ ଦାସ ତଥା ପୁରୀ ବିଧାନସଭାର ବିଭିନ୍ନ ମଣ୍ଡଳ ସଭାପତି ଓ ମଣ୍ଡଳ ଟୋଲିର ପ୍ରମୁଖ ଯୋଗଦେଇଥିଲେ ।

## ଦାଦାବଟି ମାଗି ବନ୍ଧାହେଲେ ୫

ପୁରୀ,୨୪।୧୧(ସମିସ): ଦାଦାବଟି ମାଗିବା ଅଭିଯୋଗରେ ଦୁଇଟି ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଟାଉନ୍ ଥାନା ପୁଲିସ ଗିରଫ କରିଥିବା ୪ ଅଭିଯୁକ୍ତ ହେଲେ ଜେବିପିସିରେ ରହୁଥିବା ଗଞ୍ଜାମ ଭଞ୍ଜନଗରର ରାମଚନ୍ଦ୍ର ପ୍ରଧାନ, କୁମୁଟିସାହିର ରାମଚନ୍ଦ୍ର ପ୍ରଧାନ, ଗୌଡ଼ବାଡ଼ ସାହିର ଦିବାକର ପଣ୍ଡା, ଜଗନ୍ନାଥ ବଲ୍ଲଭରେ ରହୁଥିବା ଢେଙ୍କାନାଳ କାମାକ୍ଷାନଗରର ଧୀରୁ କୁମାର ନାୟକ । ଏମାନେ ସୋମବାର ପୂର୍ବାହ୍ଣ ପ୍ରାୟ ୧୧ଟା ୨୦ରେ ଶ୍ରୀସେତୁ ନିକଟରେ ନିଶା ସେବକ କରି ପଥଚାରୀଙ୍କୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରୁଥିଲେ । ଖବର ପାଇ ଟାଉନ ପୁଲିସ ପହଞ୍ଚି ଏମାନଙ୍କୁ କାବୁ କରିଥିଲା । ସେମାନଙ୍କ ନିକଟରୁ ଗୋଟିଏ ଲୁହାରଡ, ଗୋଟିଏ ମୋବାଇଲ ଏବଂ ୩୫୦ ଟଙ୍କା ଜବତ କରାଯାଇଥିବା ବେଳେ ଏ ନେଇ ଏକ ମାମଲା (ନଂ.୬୫୬/୨୫) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଅନୁସନ୍ଧାନ ବେଳେ ଅଭିଯୁକ୍ତମାନେ ଚୋରି, ଡକାୟତି, ରାହାଜାନି ଆଦି ମାମଲାରେ ସମ୍ପୃକ୍ତି ରହିଛନ୍ତି । ସେହିପରି ଗୌଡ଼ବାଡ଼ ସାହିର ଜଣେ ମହିଳାଙ୍କୁ ୫୦୦ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବଳିଆପଣ୍ଡା ବସ୍ତିର ଜୟନ୍ତ ସାହୁ । ଦାଦାବଟି ନ ଦେବାକୁ ମହିଳା ଲକ୍ଷ୍ମୀପ୍ରିୟା ମିଶ୍ର ମନା କରିବାରୁ ତାଙ୍କୁ ଗାଳିମନ୍ଦ ଏପରିକି ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ପୁଲିସ କହିଛି ।

## ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଦେଲେ ୭୨୫ ଛାତ୍ରଛାତ୍ରୀ



ପୁରୀ,୨୪।୧୧(ସମିସ): ଅନ୍ତର୍ଜାତୀୟ ଚାରଣଗୋଷ୍ଠୀ ତରଫରୁ ଶ୍ରୀଜଗନ୍ନାଥ ସଂସ୍କୃତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲାରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ୭୨୫ ଜଣ ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ଏହି ପରୀକ୍ଷାରେ ଭାଗ ନେଇଥିଲେ ।

ମହାପ୍ରଭୁଙ୍କ ନୀତିକାନ୍ତି, ଯାହା ଖାଉଛନ୍ତି, ପିନ୍ଧୁଛନ୍ତି, ଶ୍ରୀକ୍ଷେତ୍ର ପରିକ୍ରମା, ଶ୍ରୀମନ୍ଦିର ପରିକ୍ରମା, ମଠ, ମନ୍ଦିର, ମହାପ୍ରସାଦ, ଭୋଗ, ପୁଷ୍ପ ଅଳଙ୍କାର, ବସ୍ତ୍ର ଅଳଙ୍କାର, ଶ୍ରୀମନ୍ଦିରରେ ବେଦପାଠ, ଜାନିଯାତ୍ରା ଓ ପର୍ବପର୍ବାଣୀ, ଅନବସର, ରଥ ନିର୍ମାଣ, ବେଶ ରହସ୍ୟ, ସେବା ଓ ସେବକ, ଭକ୍ତ ଚରିତ, ମନ୍ଦିର ସ୍ଥାପତ୍ୟ କଳା ଏହିଭଳି ମହାପ୍ରଭୁଙ୍କର ଲୀଳା ବିଷୟରେ ଆଧାର କରି ୫୦ଟି ପ୍ରଶ୍ନ ଆସିଥିଲା । ଛାତ୍ରଛାତ୍ରୀମାନେ କିପରି ଜଗନ୍ନାଥଙ୍କ ସଂସ୍କୃତି ପ୍ରତି ଆଗେଇବେ ଓ ଜାଣିବେ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଏହା ଏକ ପ୍ରୟାସ । ଏହି ପରୀକ୍ଷା ପରିଚାଳନାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ପୁରୀ ଜିଲ୍ଲା ଚାରଣ ଗୋଷ୍ଠୀର ସମସ୍ତ ମାଆ ଓ ଭାଇମାନଙ୍କ ସହଯୋଗରେ ପରୀକ୍ଷା ପରିଚାଳନା ସଫଳ ହୋଇପାରିଛି । ସର୍ବାଧିକ ମୂଲ୍ୟାୟନ ରଖୁଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ଓ ପରେ ରାଜ୍ୟସ୍ତରୀୟ ପରୀକ୍ଷାରେ ଭାଗ ନେବା ପାଇଁ ଚୟନ ହେବେ । ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହିତ କିଭଳି ଭାବେ ରାଜ୍ୟରେ ପିଲାମାନଙ୍କ ମଧ୍ୟରେ ଆବୃତ ହୋଇପାରିବ ଏହା ଚାରଣ ଗୋଷ୍ଠୀର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ।

## ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ



ପୁରୀ,୨୪।୧୧(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସୋମବାର ପୁରୀ ଜିଲ୍ଲାରୁ ୧୨୭ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି । ସେମାନେ ଭୁବନେଶ୍ୱରରେ ରାତ୍ରୀଯାପନ କରିବେ ଏବଂ ମଙ୍ଗଳବାର ଓମ୍‌କାରେଶ୍ୱର ଓ ଉଜ୍ଜୟିନୀ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରା କରିବେ । ଏହି ବରିଷ୍ଠ ନାଗରିକମାନେ ଓମ୍‌କାରେଶ୍ୱର ଓ ଉଜ୍ଜୟିନୀ ପରିଭ୍ରମଣ କରିବା ସହ ଆସନ୍ତା ୩୦ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି । ବରିଷ୍ଠ ନାଗରିକମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି । ପୂର୍ବାହ୍ଣରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଏବଂ ନଡ଼ିଆ ବାଢ଼େଇ ଯାତ୍ରାର ସଫଳତା କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ତୀର୍ଥଯାତ୍ରୀଙ୍କୁ ସହଯୋଗ କରିଥିଲେ । ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀମାନଙ୍କ ସୂଚନା ଅନୁସାରେ, ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ।

## ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରତିବାଦ




ପୁରୀ,୨୪।୧୧(ସମିସ): ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆୟୁଷ ଡାକ୍ତରଙ୍କ ସଫଳ ଯୋଗଦାନକୁ ସରକାରଙ୍କ ଅଣଦେଖା ଓ ଆୟୁଷ ଛାତ୍ରଛାତ୍ରୀଙ୍କ ପ୍ରତି ବୈମାତୃକ ମନୋଭାବକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରଛାତ୍ରୀ । ଉପଯୁକ୍ତ ଦାବି ପୂରଣ ନ ହେଲେ ନିଖିଳ ଓଡ଼ିଶା ଆୟୁଷ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତିବାଦ କରାଯିବ । ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ । ତେଣୁ ସୋମବାର ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି । ୮ ଦଫା ଦାବି ନେଇ ସେମାନେ କଲେଜ ଫାଟକରେ ତାଲା ପକାଇବା ସହ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ନୂତନ ଆୟୁଷ ଡାକ୍ତର ପଦବୀ, ଓପିଏସ୍‌ସି ଜରିଆରେ ଓଡ଼ିଶା ଲୋକଙ୍କ ପାଖରେ ଆୟୁଷ ଚିକିତ୍ସା ପଦ୍ଧତିକୁ ପହଞ୍ଚାଇବାର ବ୍ୟବସ୍ଥା, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟି ପୁନର୍ଗଠନ ଆଦି ୮ ଦଫା ଦାବି ତୁରନ୍ତ ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଇଛନ୍ତି ଛାତ୍ରଛାତ୍ରୀ ।

## ମହିଳାଙ୍କ ଭ୍ୟାନିଟି ଛଡ଼ାଇବାବେଳେ ୨ ଧରାପଡ଼ିଲେ

ପୁରୀ,୨୪।୧୧(ସମିସ): ମହିଳା ପର୍ଯ୍ୟଟକଙ୍କୁ ଧକ୍କାମାରି ଭ୍ୟାନିଟି ଛଡ଼ାଇ ନେଉଥିବାବେଳେ ସ୍ଥାନୀୟ ଲୋକେ ୨ ଯୁବକଙ୍କୁ କାବୁ କରି ବଳିଆପଣ୍ଡା ପୁଲିସ ଜିମା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ ଖୋର୍ଦ୍ଧା ବାଲିଅନ୍ତା ଜିତିକର ସୁଆଁଲୋର ସୁନୀଲ ସାହୁ ଏବଂ ଖୋର୍ଦ୍ଧା ବାଲିଅନ୍ତା ପାଟୁପଡ଼ାର କାର୍ତ୍ତିକ ଜେନା । ଅଭିଯୋଗ ଅନୁଯାୟୀ, ସୋମବାର ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଅର୍ଚ୍ଚନା ଶ୍ରୀବାସ୍ତବ ତାଙ୍କ ସ୍ୱାମୀ ଏବଂ ପରିବାର ସଦସ୍ୟଙ୍କ ସହ ସମୁଦ୍ରକୂଳ ରାସ୍ତା ଫୁଟ୍‌ପାଥରେ ଚାଲିଚାଲି ଯାଉଥିଲେ । ହୋଟେଲ ସୋନାର ବାଙ୍ଗ୍‌ଲା ନିକଟରେ ଅଭିଯୁକ୍ତ ଦ୍ୱୟ ଏକ ସ୍କୁଟିରେ ଆସି ଅର୍ଚ୍ଚନାଙ୍କ ବେକକୁ ପଛପଟୁ ଧକ୍କାମାରି ତାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ପଳାଇ ଯାଉଥିଲେ । ତାଙ୍କ ପରିବାର ପାଟି କରିବାକୁ ୧୦୦ ମିଟର ଦୂରରେ ସ୍ଥାନୀୟ ଲୋକେ ଯୁବକଦ୍ୱୟଙ୍କୁ କାବୁ କରିଥିଲେ । ଖବର ପାଇ ବଳିଆପଣ୍ଡା ପୁଲିସ ପହଞ୍ଚି ଦୁଇଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ଭ୍ୟାନିଟି ବ୍ୟାଗ୍, ଗୋଟିଏ ମୋବାଇଲ୍ ଫୋନ୍, ୩୮୫ ଟଙ୍କା ଏବଂ ଅଭିଯୁକ୍ତଙ୍କ ସ୍କୁଟି ଜବତ କରିଥିଲା । ଏ ନେଇ ଥାନାରେ ଏକ ମାମଲା (ନଂ.୨୨୭/୨୫) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରିଛି ପୁଲିସ ।

## ଶିଶୁ ଅଧିକାର ସୁରକ୍ଷାକୁ ଗୁରୁତ୍ୱ

ପୁରୀ,୨୪।୧୧(ସମିସ): ଶିଶୁ ଶ୍ରମ ବିରୋଧୀ ଅଭିଯାନ ପକ୍ଷରୁ ସ୍ଥାନୀୟ ପ୍ରିମିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଷ୍ଟଡିଜ୍‌ଠାରେ ଶିଶୁ ଅଧିକାର ସପ୍ତାହର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଜିତ୍ କୁମାର ମହାପାତ୍ର, ସ୍ୱାଦ ଅନୁଷ୍ଠାନର ବୀଣାପାଣି ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ । ବିଭିନ୍ନ ବିଦ୍ୟାଳୟର ଶିଶୁମାନଙ୍କ ସହ ସ୍ଥାନୀୟ ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ । ସୁଶ୍ରୀ ଶୁଭସ୍ମିତା ଅତିଥିଙ୍କୁ ସ୍ୱାଗତ ଜଣାଇବା ପରେ ଅନୁଷ୍ଠାନର ଆଞ୍ଚଳିକ ଏବଂ ଜିଲ୍ଲା ସଂଯୋଜକ ନକୁଳ ଚନ୍ଦ୍ର ସ୍ୱାଇଁ ଏଥିରେ ଅଧକ୍ଷତା କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ତ୍ରିପାଠୀ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧିକାର ସମ୍ପର୍କରେ ଅବଗତ କରାଇବା ସହ ଏହାର ଉଲ୍ଲଂଘନ ହେଲେ ଥିବା ଆଇନ ଓ ଆବଶ୍ୟକସ୍ଥଳେ ସହାୟତା ପାଇଁ ଥିବା ଟୋଲ୍ ଫ୍ରି ନମ୍ବର ବିଷୟରେ ଜଣାଇଥିଲେ । ଶ୍ରୀ ମହାପାତ୍ର ଶିଶୁମାନଙ୍କ ସୁରକ୍ଷା କିପରି କରାଯାଇପାରିବ ଓ ନାଗରିକ ହିସାବରେ ଏଥିସହ ଜଡ଼ିତ କର୍ତ୍ତବ୍ୟ ବିଷୟରେ ସଜାଗ କରିଥିଲେ । ଶିଶୁ ଶ୍ରମିକ କିପରି ରୋକାଯାଇ ପାରିବ ସେ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ସ୍ୱାଦ ଅନୁଷ୍ଠାନର ଶ୍ରୀମତୀ ମିଶ୍ର ବାଲ୍ୟ ବିବାହକୁ କିପରି ରୋକାଯାଇ ପାରିବ ଓ ଚରିତ୍ର ଗଠନ ସହ ସାମୂହିକ ବିକାଶ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶେଷରେ ଗୋପବନ୍ଧୁ ସେବା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୨ ଗିରଫ

ପୁରୀ,୨୪।୧୧(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ପଛ ପାର୍ଶ୍ୱ ପଡ଼ିଆରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବାବେଳେ ୨ ଜଣଙ୍କୁ କାବୁ କରିଛି ତାଳବଣିଆ ଥାନା ପୁଲିସ । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲିଘାଟ କ୍ରିଷ୍ଣାନନ୍ଦ ଲେନ୍‌ର ସନ୍ତୋଷ ଦାଶ ଏବଂ ବାଲିଘାଟ କଣ୍ଢେଇ ଫ୍ୟାକ୍ଟ୍ରିର ସୁରେନ୍ଦ୍ର ବାରିକ । ଏମାନେ ଶନିବାର ଅପରାହ୍ଣ ୪ଟା ୧୫ରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଖବର ପାଇ ତାଳବଣିଆ ପୁଲିସ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଥିଲା । ସନ୍ତୋଷ ନିକଟରୁ ୮ ଗ୍ରାମ୍ ୬ ମିଲିଗ୍ରାମ୍ ବ୍ରାଉନ୍‌ସୁଗର, ୩ଟି ମୋବାଇଲ୍ ଫୋନ୍ ଏବଂ ୧ ହଜାର ଟଙ୍କା ଜବତ କରାଯାଇଥିଲା । ଏ ନେଇ ଥାନାରେ ଏକ ମାମଲା (ନଂ.୨୬୦/୨୫) ରୁଜୁ କରାଯାଇ ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରିଛି ପୁଲିସ ।

**ରାଜ୍ୟ ସମ୍ମିଳନୀରେ ଉଠିଲା ଦାବି**

## ମୃତ୍ତିକା ସଂରକ୍ଷଣ କ୍ୟାଡର ପୁନର୍ଗଠନ ହେଉ

ପୁରୀ,୨୪।୧୧(ସମିସ)



ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀ ସଂଘର ୧୫ତମ ରାଜ୍ୟ ସମ୍ମିଳନୀ ପୁରୀ ଟାଉନ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀକୁ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଭୀମସେନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ବୃହସ୍ପତି ସାମଲ, ସାଧାରଣ ସମ୍ପାଦକ କେନ୍ଦ୍ର ସରକାରୀ କର୍ମଚାରୀ ମୁଖ୍ୟବକ୍ତା, କର୍ମଚାରୀଙ୍କ ମାସିକ ପତ୍ରିକା ସଂଗ୍ରାମର ବାର୍ତ୍ତା ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ ଓ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ମହାସଚିବ ଗୋକୁଳାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଦ୍ୱାରିକାନାଥ ମହାନ୍ତି ଏବଂ ଗୌତମ ସେଠୀଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିବାବେଳେ ସଂଘର ସାଧାରଣ ସମ୍ପାଦକ ଅମୂଲ୍ୟ ରଞ୍ଜନ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସେ କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ପଦବୀର ସଂଜ୍ଞା ପରିବର୍ତ୍ତନ, ୟାର୍ଡଷ୍ଟିକ୍ ଅନୁସାରେ ପଦ ସୃଷ୍ଟି, ଜବ୍ ଚାର୍ଟ ପ୍ରକାଶ, ସଂଘ ଅଫିସ ଗୃହ ପାଇଁ କ୍ୱାର୍ଟର ଆବଣ୍ଟନ, ପରିଚୟପତ୍ର ପ୍ରଦାନ, ସଚିବାଳୟ ପ୍ରବେଶ ପାସ୍ ଇତ୍ୟାଦି ଦାବି ଉପସ୍ଥାପନ କରିଥିଲେ । ଅତିଥିମାନେ ସେମାନଙ୍କ ବକ୍ତ୍ୟବରେ କର୍ମଚାରୀଙ୍କ ଦାବି ଯୁକ୍ତିଯୁକ୍ତ ଏବଂ ଏହା ଅବିଳମ୍ବେ ପୂରଣ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ । ଏଥିରେ ରାଧାଶ୍ୟାମ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ଅନ୍ୟ କର୍ମକର୍ତ୍ତା ଏବଂ ଜିଲ୍ଲା ପ୍ରତିନିଧିମାନେ ଅନୁରୂପ ଭାବେ ଦାବି କରି ବିଭାଗୀୟ କାର୍ଯ୍ୟକ୍ରମଙ୍କୁ ନିଷ୍ଠା ଓ ସାଧୁତା ବଳରେ ସମ୍ପାଦନ କରିବାକୁ ପ୍ରତିଜ୍ଞା କରିଥିଲେ ।

ସେହିପରି ଆସନ୍ତା ଦୁଇବର୍ଷ ପାଇଁ ହରପ୍ରସାଦ ରଥ ସଭାପତି, ଶିବ ପ୍ରସାଦ ଦାସ ଉପସଭାପତି, ଅମୂଲ୍ୟ ରଞ୍ଜନ ସ୍ୱାଇଁ ସାଧାରଣ ସମ୍ପାଦକ, ଜିତେନ୍ଦ୍ର ପ୍ରଧାନ ସହ ସାଧାରଣ ସମ୍ପାଦକ, ଏ. ସମେଲେଶ୍ୱର ରାଓ, ବ୍ରଜପତି ମିଶ୍ର, ଦୀପକ ପାଢ଼ୀ, ମଳୟ କେତନ ରାୟ ଯୁଗ୍ମ ସମ୍ପାଦକ, ପବିତ୍ର କୁମାର ରାଉତ, ଅରୂପାନନ୍ଦ ବାରିକ, ଜଗନ୍ନାଥ ମହାନ୍ତି, ସୌମ୍ୟ ରଞ୍ଜନ ସିଠ ସାଂଗଠନିକ ସମ୍ପାଦକ, ଭାଗିରଥି ଜେନା ହେଡ୍ କ୍ୱାର୍ଟର ସମ୍ପାଦକ, ନରେଶ ପ୍ରଧାନ ଅର୍ଥ ସମ୍ପାଦକ, ଚିନ୍ମୟ ନାୟକ ଓ ଗୁରୁଦେବ ସିଂହ ଭୀଲ ସମୀକ୍ଷକ ଏବଂ କାର୍ଯ୍ୟକାରୀ କମିଟିକୁ ୩୦ ଜଣ ନିର୍ବାଚିତ ହୋଇଥିବାବେଳେ ଦ୍ୱାରିକାନାଥ ମହାନ୍ତିଙ୍କୁ ସଭାପତି ସହିତ ୫ ଜଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା ।

## ୬ ବାଇକ୍ ଜବତ, ୨ ଲୁଟେରା ଗିରଫ



ପୁରୀ,୨୪।୧୧(ସମିସ): ଟାଉନ୍ ଥାନା ପୁଲିସ ୨ ବାଇକ୍ ଲୁଟେରାଙ୍କୁ ଗିରଫ କରିବା ସହ ୬ଟି ବାଇକ୍ ଜବତ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ କୁମ୍ଭାରପଡ଼ା ଖାକିମଠ ନୂଆସାହିର ବୃନ୍ଦାବନ ଦାସ ଏବଂ ବାଲିସାହି ବରାହୀ ଲେନ୍‌ର ମନୋରଞ୍ଜନ ପଣ୍ଡା । ଅଭିଯୋଗ ଅନୁଯାୟୀ, ଗତ ଶନିବାର ରାତିରେ ବାଲିସାହି ଶ୍ୟାମାକାଳୀ ଲେନ୍‌ର ସଞ୍ଜୟ ମହାନ୍ତିଙ୍କ ପଲ୍‌ସର ବାଇକ୍ ତାଙ୍କ ଘର ସମ୍ମୁଖରୁ ଚୋରି ହୋଇଥିଲା । ସେ ଖୋଜାଖୋଜି କରି ନ ପାଇବା ପରେ ରବିବାର ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା (ନଂ.୬୫୫/୨୫) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା । ସେମାନଙ୍କୁ ଗିରଫ କରି ଜେରା କରିବା ପରେ ଉଭୟେ ବାଇକ୍ ଲୁଟ୍ କରିଥିବା ସ୍ୱୀକାର କରିଥିଲେ । ପୁଲିସ ସେମାନଙ୍କଠାରୁ ଆଉ ୫ଟି ଚୋରା ବାଇକ୍ ମଧ୍ୟ ଜବତ କରିଥିଲା । ଏହି ୫ଟି ବାଇକ୍ ସେମାନେ ସିଂହଦ୍ୱାର ଥାନା, ସମୁଦ୍ରକୂଳ, କୁମ୍ଭାରପଡ଼ା, ତାଳବଣିଆ ଏବଂ ଜିଆର୍‌ପି ଥାନା ଅଞ୍ଚଳରୁ ଚୋରି କରିଥିଲେ । ତେବେ ତଦନ୍ତରୁ ଅଭିଯୁକ୍ତ ଦ୍ୱୟ ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ଛିନ୍‌ତାଇ, ଡକାୟତି, ଦାଦାବଟି ଆଦାୟରେ ସାମିଲ୍ ଥିବା ଜଣାପଡ଼ିଛି । ଉଭୟଙ୍କୁ ସୋମବାର ପୁଲିସ କୋର୍ଟଚାଲାଣ କରିଛି ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

# ମହୋତ୍ସବ ଦକ୍ଷ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି: ଧର୍ମେନ୍ଦ୍ର

ସମ୍ବଲପୁର, ୨୪।୧୧ (ସମିସ) :



ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅନୁଷ୍ଠିତ "ସାଂସଦ ଖେଳ ମହୋତ୍ସବ-୨୦୨୫'ର ଉଦ୍‌ଯାପିତ ହୋଇଛି। ଏହି ମହୋତ୍ସବ ଅନେକ ଦକ୍ଷ କ୍ରୀଡ଼ାବିତ୍‌ଙ୍କୁ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଉତ୍ସବରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମହୋତ୍ସବରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ସମ୍ବଲପୁର ବାସ୍ତବରେ କ୍ରୀଡ଼ାର ସହର। ଫୁଟବଲ, ସୁଇମିଂ, କବାଡ଼ି ସମେତ ଆଥ୍‌ଲେଟିକ୍ସର ବିଭିନ୍ନ ବିଭାଗରେ ଅନେକ ଖେଳାଳି ଭାଗ ନେଇ ନିଜର ଦକ୍ଷତା ପ୍ରକାଶ କରି ଆମ ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ସମସ୍ତ ବିଷୟକୁ 'ସ୍ପୋର୍ଟସ୍ ମ୍ୟାନ୍ ସ୍ପିରିଟ୍' ଭାବରେ ଗ୍ରହଣ କରିବା ଏବଂ ତାକୁ ଉତ୍ସବ ଭାବରେ ପାଳନ କରିବା ସମ୍ବଲପୁରର ଲୋକଚରିତ୍ର। ଖେଳକୁ ଆମକୁ ପ୍ରାଥମିକତାର ବିଷୟ ଭାବରେ ଗ୍ରହଣ କରିବାକୁ ହେବ।୨୦୩୬ ଅଲିମ୍ପିକ୍ସ ପାଇଁ ଭାରତ ପ୍ରାକ୍ ପ୍ରସ୍ତୁତ ହେଉଥିବା ବେଳେ ଆମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏପ୍ରକାର ପ୍ରତିଯୋଗିତା ସେମାନଙ୍କର ଖେଳୁଆଡ଼ ମନୋଭାବକୁ ଆହୁରି ଅଧିକ ପ୍ରସ୍ଫୁଟିତ କରିବ। ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲାରେ ଥିବା ବିଭିନ୍ନ ଷ୍ଟାଡିୟମକୁ ଆକର୍ଷଣୀୟ କରାଯିବା ସହ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୂତ କରାଯିବ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଲୋକସଭା କ୍ଷେତ୍ରରେ ବିଭିନ୍ନ ବ୍ଲକରେ ଆୟୋଜିତ 'ସାଂସଦ ଖେଳ ମହୋତ୍ସବ-୨୦୨୫'ରେ ମୋଟ ୫୩,୬୧୯ ଜଣ ଖେଳାଳି ପଞ୍ଜିକୃତ କରିଥିଲେ। ସେଥିମଧ୍ୟରୁ ଛାତ୍ରମାନଙ୍କ ସଂଖ୍ୟା ୨୭,୪୫୫ ଏବଂ ଛାତ୍ରୀମାନଙ୍କ ସଂଖ୍ୟା ୨୬,୧୫୯। ନଭେମ୍ବର ୭ରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ମୋଟ ୧୮ ଦିନ ଧରି ଆୟୋଜିତ ମହୋତ୍ସବ ଦେବଗଡ଼ରୁ ଆରମ୍ଭ ହୋଇଥିଲା ଏବଂ ଆଜି ସମ୍ବଲପୁରରେ ଉଦଯାପନୀ ଉତ୍ସବ ଆୟୋଜନ ହୋଇଛି। 'ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବ ବର୍ଗ' ଥିମରେ ଆୟୋଜିତ ମହୋତ୍ସବରେ କନିଷ୍ଠ ବିଭାଗ (୧୪ ରୁ ୧୭ ବର୍ଷ) ଓ ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ) ବର୍ଗର ଖେଳାଳୀମାନେ ନିଜର ଉନ୍ନତମାନର ଦକ୍ଷତା ପ୍ରଦର୍ଶନ କରିଥିଲେ। କନିଷ୍ଠ ବର୍ଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗ (୧୮ ରୁ ୨୩ ବର୍ଷ) ବର୍ଗର ଖେଳାଳିମାନେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ୍ ଥ୍ରୋ, ସଟପୁଟ୍ ଏବଂ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାତା ସୀତାଙ୍କ ନିର୍ବନ୍ଧ ସଂପନ୍ନ, ଆଜି ବିବାହ



ସମ୍ବଲପୁର, ୨୪।୧୧ (ସମିସ) : ସୋମବାର ସନ୍ଧ୍ୟାରେ କନ୍ୟା ମାତାପିତାଙ୍କ ଧନୁପାଲି ହନୁମାନ ନଗରସ୍ଥିତ ବାସଭବନରେ ମାତା ସୀତାଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି। ବୃନ୍ଦହିଲସ୍ଥିତ ହନୁମାନ ମନ୍ଦିରରୁ ପ୍ରଭୁ ଶ୍ରୀରାମଙ୍କ ପିତାମାତା ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ମନ୍ଦିରର ମହିଳା ସତସଙ୍ଗ ସଭ୍ୟାମାନେ ବାଜାଗଜା ସହ ବାହାରି ଧନୁପାଲିରେ ପହଞ୍ଚିଥିଲେ। ଏହାପରେ ବୈଦିକ ରୀତିନୀତିରେ ମାତା ସୀତାଙ୍କ ନିର୍ବନ୍ଧ କାର୍ଯ୍ୟ ହୋଇଥିଲା।

ଆସନ୍ତାକାଲି ୨୫ ତାରିଖ ବୃନ୍ଦହିଲସ୍ଥିତ ମନ୍ଦିର ପରିସରରେ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଶ୍ରୀରାମଙ୍କ ମାତାପିତା ଭାବେ ବୃନ୍ଦହିଲର ସ୍ମିତା ବାବୁ ପାଣିଗ୍ରାହୀ ଓ ସୌମ୍ୟ ପ୍ରକାଶ ପାଣିଗ୍ରାହୀ ଏବଂ ମାତା ସୀତାଙ୍କ ମାତାପିତା ଭାବେ ଧନୁପାଲି ହନୁମାନ ନଗରର ଲିପ୍ସା ମିଶ୍ର ଓ ମହାବୀର ମିଶ୍ର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ବୈଦିକ ଇଣ୍ଟରନ୍ୟାସନାଲ୍ ସ୍କୁଲର ସଫଳତା



ସମ୍ବଲପୁର,୨୪।୧୧(ସମିସ):ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳନ ଅବସରରେ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ସ୍ୱାବଲମ୍ବୀ ଭାରତ ପାଇଁ ସମବାୟ ସଂସ୍ଥା ଏକ ମାଧ୍ୟମ ବିଷୟବସ୍ତୁ ଉପରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ବୈଷ୍ଣବୀ ମିଶ୍ର ୨ୟ ଓ ଆରାଧ୍ୟା ପଣ୍ଡା ୩ୟ ପୁରସ୍କାର ଲାଭ କରିଛନ୍ତି। ସେହିପରି ବିତର୍କ ପ୍ରତିଯୋଗିତାରେ ବୈଷ୍ଣବୀ ମିଶ୍ର ପ୍ରଥମ ଓ ଦିବ୍ୟାସା ପଣ୍ଡା ଦ୍ୱିତୀୟ ପୁରସ୍କାର ହାସଲ କରିଛନ୍ତି। ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ, ଅଧ୍ୟକ୍ଷା ଏବଂ କର୍ମଚାରୀମାନେ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଦିବାସୀ ଛାତ୍ରାବାସରୁ ନିଖୋଜ ୩ ଛାତ୍ରୀ ଉଦ୍ଧାର

କୁଚିଣ୍ଡା,୨୪।୧୧(ସମିସ): ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟର ଆଦିବାସୀ ଛାତ୍ରାବାସରୁ ୩ ଜଣ ଛାତ୍ରୀ ନିଖୋଜ ଅଭିଯୋଗ ପାଇ ଗୋବିନ୍ଦପୁର ପୁଲିସ ତନାଘନା ପରେ ଉଦ୍ଧାର କରିଛି।ସୂଚନା ଅନୁସାରେ ବାମରା ବାଳିକା ଉଚ୍ଚ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ନିବାସରୁ ରବିବାର ଅପରାହ୍ନ ପ୍ରାୟ ୪ ଟାରେ ନବମ ଶ୍ରେଣୀର ୨ ଜଣ ଓ ଦଶମ ଶ୍ରେଣୀର ଜଣେ ଛାତ୍ରୀ କାହାରିକୁ କିଛି ନ ଜଣାଇ ହଷ୍ଟେଲରୁ ଚାଲି ଯାଇଥିବା ଅଭିଯୋଗ ରହିଛି। ନିଖୋଜ ଯୁବତୀଙ୍କ ମଧ୍ୟରେ ଜଣେ ବାମରାସ୍ଥିତ ଖୋଖୋପଡ଼ାର, କୁଚିଣ୍ଡା ବ୍ଲକ୍ ସାତକମା ଗ୍ରାମର ଜଣେ ଓ ଖୁନ୍ତାମାଲ ଗ୍ରାମର ଜଣେ ରହିଥିବା ସୂଚନା ରହିଛି।ହଷ୍ଟେଲ ୱାର୍ଡେନଙ୍କ ଠାରୁ ସୂଚନା ପାଇ ନିଖୋଜ ଛାତ୍ରୀଙ୍କ ଅଭିଭାବକମାନେ ଗୋବିନ୍ଦପୁର ଥାନାକୁ ଆସି ପହଁଞ୍ଚି ଥିଲେ। ହେଲେ ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ୱାର୍ଡେନ ନିଯୁକ୍ତ ଥିବା ସତ୍ତ୍ୱେ ଛାତ୍ରୀମାନେ କିପରି ବାହାରକୁ ଗଲେ ବୋଲି ଅଭିଭାବକମାନେ ପ୍ରଶ୍ନ କରିବା ସହ ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କ ସୁରକ୍ଷା ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଉକ୍ତ ଘଟଣାକୁ ନେଇ ଶିକ୍ଷୟିତ୍ରୀ ପୂଜା ମାଝୀ ରାତି ୧୦ ଟାରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରାଜେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଝଓ ଶକ୍ତିଧର ରାଉତ ଓ ଆଶିଷ ପ୍ରଧାନ ଅଞ୍ଚଳ ରେ ଲାଗିଥିବା ସିସି ଟିଭି ଯାଞ୍ଚ ସହ ତନାଘନା ଆରମ୍ଭ କରିଥିଲେ। ନିଖୋଜ ଥିବା ଛାତ୍ରୀଙ୍କୁ ସୋମବାର ସକାଳୁ କୁଚିଣ୍ଡା ଅଞ୍ଚଳରୁ ଉଦ୍ଧାର କରି ମାଜିଷ୍ଟ୍ରେଟଙ୍କ ପାଖରେ ଉପସ୍ଥିତ କରିଥିଲା କୁଚିଣ୍ଡା ପୁଲିସ ପରେ ସିଡ୍ଲ୍ୟୁସିକୁ ପଠେଇ ଦେଇଥିବା ଜଣାପଡିଛି।

## ୭ ଦଫା ଦାବିରେ ମଧ୍ୟାହ୍ନଭୋଜନ ପାଚକ ମହାସଂଘର ବିକ୍ଷୋଭ




ସମ୍ବଲପୁର, ୨୪।୧୧ (ସମିସ):ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ରାଲି କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ୭ ଦଫା ଦାବିପୂରଣ ନହେଲେ ଆଗାମୀ ଦିନରେ ବିଧାନସଭା ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ଆନୁକୂଲ୍ୟରେ ପାଚିକାଙ୍କ ୭ଦଫା ଦାବିପୂରଣ ପାଇଁ ଶୋଭାଯାତ୍ରା ନାରୀସେବା ସଦନଠାରୁ ବାହାରି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଲି ଓ ବିକ୍ଷୋଭରେ ଶହ ଶହ ମଧ୍ୟାହ୍ନ ଭୋଜନ ରୋଷେୟା ଓ ସହାୟିକା ଯୋଗ ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ ୩୦ ବର୍ଷ ଧରି ଶିକ୍ଷା ଭିତ୍ତିଭୂମିରେ ମଧ୍ୟାହ୍ନଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ କାର୍ଯ୍ୟ କରୁଥିବା ପାଚିକାଙ୍କୁ ତୁରନ୍ତ ନିଯୁକ୍ତିପତ୍ର ଯୋଗାଇ ଦେବା, ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ହିସାବରେ ପାଚିକାଙ୍କୁ ମାସିକ ୧୩,୮୦୦ ଟଙ୍କା ପାରିଶ୍ରମିକ ପ୍ରଦାନ, ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି ପାଚିକାଙ୍କ ନିଯୁକ୍ତି ଏବଂ ଅବସର ବିଷୟ ବିଚାର କରୁଥିବା ବେଳେ ଉକ୍ତ କ୍ଷେତ୍ରରେ ନିଜେ ସରକାର ଅନ୍ତର୍ଭୁକ୍ତ ରହିବା, ପରିବାରର ଜଣକୁ ଉକ୍ତକ୍ଷେତ୍ରରେ ପୁନଃ ଥଇଥାନ କରିବାସହ ୧ ଲକ୍ଷ ଟଙ୍କା ଅବସରକାଳୀନ ଭତ୍ତା ପ୍ରଦାନ, ପାରିଶ୍ରମିକ ମାସର ପ୍ରଥମ ସପ୍ତାହରେ ଦେବା, ପାଚିକାଙ୍କୁ ୧୦ମାସ ବଦଳରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ଭଳି ୧୨ ମାସର ଦରମା ପ୍ରଦାନ, ପାଚିକାମାନଙ୍କୁ ବୈଧ ପରିଚୟପତ୍ର ପ୍ରଦାନ, ତିନି ମାସର ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ ଆଦି ରହିଛି। ଆଗାମୀ ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତ ଦାବି ପୂରଣ କରାନଗଲେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେତାବନୀ ଦିଆଯାଇଛି। ରାଲି ଓ ବିକ୍ଷୋଭରେ ରାଜ୍ୟର ବରିଷ୍ଠ ଉପସଭାପତି କାର୍ତ୍ତିକ ସାହା, ଶାନ୍ତି ଲୋହରା, ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ କୁମୁରା,ରାଜ୍ୟ ସମ୍ପାଦକ ସୁରେନ୍ଦ୍ର ଧରୁଆ, ବିଜୟ ପୃଷ୍ଟେଠ, ସମ୍ବଲପୁର ଜିଲ୍ଲା ନେତ୍ରୀ ସୁମନ୍ତିନୀ ପୋଡ଼, ବିଳାସିନୀ,ଅରୁଣାଙ୍କ ସମେତ ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲ୍ଲା ସଂସ୍କୃତି ଅଧିକାରୀ ପଦବୀ ପୂରଣ ଦାବି



ସମ୍ବଲପୁର,୨୪।୧୧(ସମିସ):ସୁନ୍ଦରଗଡ଼ ଜିଲ୍ଲାରେ ସଂସ୍କୃତି ଅଧିକାରୀ କେହି ନାହାନ୍ତି। ୧୭ ଗୋଟି ବ୍ଲକକୁ ନେଇ ଏହି ଜିଲ୍ଲାରେ ସଂସ୍କୃତି ଅଧିକାରୀ ପଦବୀ ପୂରଣ ଲାଗି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜକୁ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁର ଗସ୍ତରେ ଆସିଥିବା ମନ୍ତ୍ରୀଙ୍କୁ ମଞ୍ଚ ପକ୍ଷରୁ ସଦସ୍ୟଗଣ ଭେଟି ଦାବି ପତ୍ର ଦେଇଛନ୍ତି। ଜିଲ୍ଲାରେ ସଂସ୍କୃତି ଅଧିକାରୀ ପଦବୀ ପୂରଣ କରିବାକୁ ମଞ୍ଚ ଅନୁରୋଧ କରିଛି।

## ବିଦ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି

କୁଚିଣ୍ଡା,୨୪।୧୧(ସମିସ): ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ହରିପଡ଼ା ପ୍ରାଥମିକ ବିଦ୍ୟାଳୟରୁ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ରହିଛି। ସୂଚନା ଅନୁସାରେ ଗତ ରବିବାର ରାତିରେ କେହି ଦୁର୍ବୃତ୍ତ ହରିପଡ଼ାସ୍କୁଲର କବାଟ ତାଲା ଭାଙ୍ଗି ଗୋଡରେଜ ଭାଙ୍ଗି ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ଚୋରି କରି ନେଇଥିଲେ।ସୋମବାର ଦିନ ସ୍କୁଲ ଶିକ୍ଷୟତ୍ରୀ ମୋତି ମରେଇ ସ୍କୁଲରେ ପହଞ୍ଚି ଚୋରି ବିଷୟରେ ଜାଣି ଏସଏମସି କମିଟିକୁ ସୂଚନା ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ ମିଶି ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ରହିଛି।ପୁଲିସ ଯାଞ୍ଚ ଆରମ୍ଭ କରିଛି।



ସମ୍ବଲପୁର : ୨୮ ରେ ଖୋଲିବ ମଣ୍ଡି, ଅମଳ କରି ପ୍ରସ୍ତୁତ ରଖିଲାଣି ଚାଷୀ

## ଯୁଗ୍ମ ଅଭିଯୋଗ ଜନଶୁଣାଣି

ରେଢ଼ାଖୋଲ,୨୪।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଦିନ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୭ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୫୬ ଓ ଗୋଷ୍ଠିଗତ ୧୬ ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ପାନୀୟଜଳ, ରାସ୍ତା, ସ୍ୱାସ୍ଥ୍ୟ, ଜମିଜମା, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି ରହିଛି। ଏହି ଅଭିଯୋଗ ଶୁଣାଣିରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେର, ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି ପ୍ରମୁଖ ସମେତ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ।




## ଓବିସିଙ୍କୁ ସ୍ୱତନ୍ତ୍ର ୨୭% ସଂରକ୍ଷଣ ଦାବି



ସମ୍ବଲପୁର, ୨୪।୧୧ (ସମିସ) : ଓବିସି ମଞ୍ଚ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁରଙ୍କ ମାଧ୍ୟମରେ ଓବିସି ମଞ୍ଚ ଓଡ଼ିଶା କାର୍ଯ୍ୟକାରୀ ସଭାପତି ରଞ୍ଜିତାରାଣୀ ପ୍ରଧାନ ଆଜି ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ଆର୍‌ଡିସିଙ୍କ ଅନୁପସ୍ଥିତିରେ ତାଙ୍କ ସଚିବ ଏହା ଗ୍ରହଣ କରିଛନ୍ତି। ଦାବିପତ୍ରରେ ମୁଖ୍ୟତଃ ୩ଟି ବିଷୟ ଉପରେ ପ୍ରାଧାନ୍ୟ ଦିଆଯାଇଛି। ତନ୍ମଧ୍ୟରେ ଓବିସିଠାରୁ ଏସିବିସିଙ୍କୁ ଅଲଗା କରାଯାଉ, ଓଡ଼ିଶାରେ ଓବିସିମାନଙ୍କୁ ୨୭% ସରକାରୀ ଓ ବେସରକାରୀ ସଂସ୍ଥାରେ ଚାକିରି ଦେବା, ଶିକ୍ଷାକ୍ଷେତ୍ରରେ ୨୭% ସ୍ଥାନ ସଂରକ୍ଷଣ ରଖାଯିବା, ଶାସନରେ ୱାର୍ଡମେମ୍ବରଠାରୁ ସରପଞ୍ଚ, ସମିତିସଭ୍ୟ, ଅଧ୍ୟକ୍ଷ, ବିଧାୟକ, ସାଂସଦ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଓବିସିଙ୍କୁ ୨୭% କୋଟା ଲାଗୁ କରାଯିବା ଆଦି ଦାବି ରହିଛି। ଉପରୋକ୍ତ ଦାବି ଗୁଡ଼ିକୁ ନେଇ ସାରା ଓଡ଼ିଶାରେ ଦସ୍ତଖତ ଅଭିଯାନ ଓ ଜନଜାଗରଣ ରାଜ୍ୟ ଓବିସି ମଞ୍ଚ ଜାରି ରଖିଥିବା ସୂଚନା ମିଳିଛି।

**● ସମ୍ବଲପୁରରେ ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ କାର୍ଯ୍ୟକ୍ରମ**

## ସମୃଦ୍ଧି ପାଇଁ ଯୋଜନା କରିବା ପାଇଁ ପଡ଼ିବ




ସମ୍ବଲପୁର, ୨୪।୧୧ (ସମିସ): ସ୍ୱାଧୀନତା ପୂର୍ବରୁ ଆମେ ସ୍ୱରାଜ ପାଇଁ ଲଢ଼େଇ କରିଥିଲେ। ଆଜି ସମୃଦ୍ଧି ପାଇଁ ଯୋଜନା କରିବା ପାଇଁ ପଡ଼ିବ ବୋଲି ସୋମବାର ସମ୍ବଲପୁରରେ ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ସେ କହିଛନ୍ତି ଯେ, ସମବାୟ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଏହା କେବଳ ଏକ ବ୍ୟବସାୟିକ ମଡେଲ୍ ନୁହେଁ, ଏହା ହେଉଛି ଏକ ବିଚାର। ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ହେଉ କିମ୍ବା ସର୍ଦ୍ଦାର ପଟେଲଙ୍କ ଦ୍ୱାରା ପ୍ରେରିତ ଅମୂଲ୍ ଭଳି ସଂସ୍ଥା, ଏମାନେ ସମବାୟର ଶକ୍ତିଶାଳୀ ଉଦାହରଣ। ଗ୍ରାମୀଣ ଅର୍ଥନୀତି ଓ କୃଷକମାନଙ୍କୁ ସଶକ୍ତ କରିବାରେ ଏହି ବିଚାର ଅତୁଳନୀୟ ଭୂମିକା ଗ୍ରହଣ କରିଛି।ସମବାୟ କ୍ଷେତ୍ରକୁ ଦେଶର ବିକାଶର ମୂଳ ସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦୂରଦୃଷ୍ଟି ଆଜି ସାରାଦେଶରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି।ରାଜ୍ୟରେ ନୂଆ ସମୟବାୟ ନୀତି ଯୋଜନା ଚାଲିଛି। କେନ୍ଦ୍ରୀୟ ସମବାୟ ନୀତି ଆସିସାରିଛି। ସମବାୟ ମାଧ୍ୟମରେ ବହୁବିଧ ବ୍ୟବସାୟ କରାଇବା ଉପରେ ସରକାର ଜୋର ଦେଉଛନ୍ତି। ଆଗାମୀ ଦିନରେ ପ୍ରତି ପଞ୍ଚାୟତସ୍ତରରେ ଗୋଟିଏ ଲେଖାଏଁ ସମବାୟ ପ୍ରଶିକ୍ଷଣ ଶିବିର କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେବା ସହ ନୂଆପିଢ଼ିର ଯୁବକମାନଙ୍କୁ ସେଥିରେ ସାମିଲ କରିବାପାଇଁ କହିଛନ୍ତି। ସମ୍ବଲପୁର ଜିଲ୍ଲାରେ ଆଗାମୀ ଦିନରେ ୧୫୦ଟି ବହୁମୁଖୀ ସମବାୟ ସମିତି ଗଠନ ସହ ୫୦ଟି କୃଷି ଉତ୍ପାଦ ସଂଗଠନ (ଏଫପିଓ) ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି। ଆଗାମୀ ୨ ବର୍ଷ ଭିତରେ ଜିଲ୍ଲାର ସବୁ ପରିବାର ଏଫପିଓ କିମ୍ବା ସମବାୟ ସମିତିରେ ଯୋଡ଼ି ହେବାପାଇଁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌କ୍ଲୋଜର୍‌ର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# କାଚ ଖୁଆଡ଼ରେ ଲୋକ ଦେଖିବେ ୪ ରୟାଲ ବେଙ୍ଗଲ ଟାଇଗର

ସମ୍ବଲପୁର,୨୪।୧୧(ସମିସ):





ସମ୍ବଲପୁର ଚିଡ଼ିଆଖାନାରେ କାଚରେ ନିର୍ମିତ ହେବ ଖୁଆଡ଼।ପ୍ରାୟ ୧୪୦୦ ବର୍ଗ ମିଟର କାଚ ଖୁଆଡ଼ରେ ରହିବେ ବେଙ୍ଗଲ ଟାଇଗର।୪ଟି ରୟାଲ ବେଙ୍ଗଲ ଟାଇଗରକୁ କାଚ ଖୁଆଡ଼ରେ ଲୋକ ଦେଖିବାର ସୁଯୋଗ ପାଇବେ। ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିଳାନ୍ୟାସ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟବରାଦରେ ଶ୍ରୀବୃଦ୍ଧି କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ଚିଡ଼ିଆଖାନାରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି।ବାଘ ଖୁଆଡ଼(ଏନକ୍ଲୋଜୋର), ମଗର ଖୁଆଡ଼ ଓ ଘଡ଼ିଆଳ ଖୁଆଡ଼ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।"ସମ୍ବଲପୁର ଜୁ' କୁ ଓଡ଼ିଶାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର ଭାବେ ପରିଣତ କରିବା ଆମର ଲକ୍ଷ୍ୟ ରହିଛି। ଏହି ସ୍ମଲ୍ ଜୁକୁ ମିଡ୍ ସାଇଜ୍ ଜୁରେ ପରିଣତ କରିବା ପାଇଁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକ ୩୫ ହେକ୍ଟର ଜମି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ବିଭାଗରୁ ଏକତ୍ରୀକରଣ କରାଯାଇ ସମ୍ବଲପୁର ଜୁ' ଅଥରିଟି ଗଠନ ପାଇଁ ଯୋଜନା କରାଯାଉଛି। ବର୍ତ୍ତମାନ ଏହି ଚିଡ଼ିଆଖାନାରେ କଲରାପତରିଆ ବାଘ ଅଛନ୍ତି ଏବଂ ଦର୍ଶକମାନେ ଗ୍ଲାସ୍ ହାଉସ୍ ମାଧ୍ୟମରେ ସେମାନଙ୍କୁ ଦେଖିବାର ସୁଯୋଗ ପାଉଛନ୍ତି। ଏଠାରେ ନୂତନ ଗ୍ଲାସ୍ ଖୁଆଡ଼ ନିର୍ମାଣ ପରେ କର୍ତ୍ତୃପକ୍ଷ ଏଠାକୁ ଦୁଇ ଯୋଡ଼ା ବା ୪ଟି ରୟାଲ୍ ବେଙ୍ଗଲ ଟାଇଗର ଆଣିବାକୁ ଯୋଜନା କରିଛନ୍ତି। ବର୍ତ୍ତମାନ ୭୦ରୁ ଅଧିକ ପଶୁପକ୍ଷୀ ଥିବା ଏହି ଚିଡ଼ିଆଖାନାରେ ଆଗାମୀ ଦିନରେ ଅଧିକ ପକ୍ଷୀଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ।ପ୍ରାଣୀ ଉଦ୍ୟାନର ଉନ୍ନତିକରଣ ଦ୍ୱାରା ଏହା ଜାତୀୟ ସ୍ତରରେ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହେବ। ବାଘ, ମୁଗର ଏବଂ ଘଡ଼ିଆଳ ଭଳି ବିରଳ ଜୀବଜନ୍ତୁଙ୍କୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଆକୃଷ୍ଟ ହେବେ। ଶ୍ରୀ ପ୍ରଧାନ କହିଛନ୍ତି, ପ୍ରାଣୀ ଉଦ୍ୟାନ ହେଉଛି ପରିବେଶ ଶିକ୍ଷାର ଏକ ଖୋଲା ବିଦ୍ୟାଳୟ। ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ଏହି ଏନକ୍ଲୋଜରଗୁଡ଼ିକ ମାଧ୍ୟମରେ ପ୍ରାଣୀ ଜଗତ ବିଷୟରେ ନିକଟରୁ ଜାଣିପାରିବେ। ନୂତନ ଭାବେ ନିର୍ମିତ ଏନକ୍ଲୋଜରଗୁଡ଼ିକ ଜୀବଜନ୍ତୁଙ୍କୁ ବଞ୍ଚାଇବାର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବ।ଏହା ସହ ସମ୍ବଲପୁର ଜିଲ୍ଲାର ହୀରାକୁଦ, ଦେବ୍ରିଗଡ଼, ଉଷାକୋଠି ଓ ଭୀମମଣ୍ଡଳୀର ରକ୍ ଆର୍ଟ ଅଞ୍ଚଳରେ ମଧ୍ୟ ପର୍ଯ୍ୟଟକଙ୍କ ସୁବିଧା ବୃଦ୍ଧି କରି ଜିଲ୍ଲାର ହସ୍ତତନ୍ତ, ବୟନଶିଳ୍ପ, କାରିଗରୀ, ଖାଦ୍ୟପେୟ ଏବଂ ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ସୋ କେସ୍ କରାଯିବାର ଯୋଜନା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

● 'ସମ୍ବଲପୁର ଚିଡ଼ିଆଖାନା' ହେବ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ଓ ଆକର୍ଷଣ କେନ୍ଦ୍ର'

● ବାଘ ଖୁଆଡ଼, ମଗର ଖୁଆଡ଼ ଓ ଘଡ଼ିଆଳ ଖୁଆଡ଼ର ଭିତ୍ତିପ୍ରସ୍ତର ସ୍ଥାପନ



# ଭୁବନେଶ୍ୱର ସିଟି

## 'କଳିଙ୍ଗ ପୁସ୍ତକ ମେଳା'

# ସଭା, ସମାବେଶ ଓ ସମ୍ମାନରେ ଚତୁର୍ଥ ଦିନ

ଭୁବନେଶ୍ୱର, ୨୪।୧୧(ସମିସ): ୟୁନିଟ୍-୩ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'କଳିଙ୍ଗ ପୁସ୍ତକ ମେଳା' ଚତୁର୍ଥ ଦିନରେ ପହଞ୍ଚିଛି। ଚଳିତବର୍ଷ ମେଳାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଷ୍ଟଲ ରହିଥିବା ବେଳେ ପ୍ରତି ଷ୍ଟଲରେ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ଗ୍ରାହକଙ୍କ ଭିଡ଼ ଜମୁଛି। ବହି କିଣା ସାଙ୍ଗକୁ ପ୍ରତି ସନ୍ଧ୍ୟା ମେଳା ପରିସରରେ ରହିଥିବା ମୁଖ୍ୟ ମଞ୍ଚରେ ବିଭିନ୍ନ ସାହିତ୍ୟ ସଭା ଓ ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ପର୍ବ ଆଦି ଅନୁଷ୍ଠିତ ହେଉଛି। ଚତୁର୍ଥ ସନ୍ଧ୍ୟାରେ ପ୍ରଶାନ୍ତି ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶିଶୁ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ତପସ୍ୱୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବବିତା ପାତ୍ର, ଶରତ କୁମାର ନାୟକ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

### ପିଲାଙ୍କ ପ୍ରଥମ ପସନ୍ଦ ଥ୍ରୀ-ଡି' ପୁସ୍ତକ

ପୁସ୍ତକ ମେଳାରେ ସାଧାରଣତଃ ପାଠକମାନେ ନିଜ ନିଜ ମନ ପସନ୍ଦର ପୁସ୍ତକ କିଣିଥାନ୍ତି। କିଏ ଉପନ୍ୟାସ କିଣୁଥାଏ ତ ଆଉ କେହି ଆବଶ୍ୟକ ପାଠ୍ୟ ପୁସ୍ତକ କିଣିବାକୁ ଗୋଟିଏ ଷ୍ଟଲରୁ ଆଉ ଏକ ଷ୍ଟଲକୁ ଯାଇଥାଏ। ହେଲେ ଏବେ ପିଲାଙ୍କ ମଧ୍ୟରେ ବି ବହି କିଣିବାକୁ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଚଳିତ ବର୍ଷ କଳିଙ୍ଗ ପୁସ୍ତକ ମେଳାରେ ବହୁ ସଂଖ୍ୟାରେ ଛୋଟପିଲାମାନେ ନିଜ ମନ ପସନ୍ଦର ବହି କିଣୁଥିବା ଦେଖିବାକୁ ମିଳିଛି। ବିଶେଷ କରି ୩ ରୁ ୫ ବର୍ଷ ବୟସର ପିଲାମାନେ ବିଭିନ୍ନ ଷ୍ଟଲରେ ଥ୍ରୀ-ଡି ପୁସ୍ତକ କିଣୁଥିବା ଦେଖିବାକୁ ମିଳିଥିଲା। ଯେଉଁଥିରେ ବିଭିନ୍ନ ଥ୍ରୀ-ଡି ଚିତ୍ରଗୁଡ଼ିକ ସମେତ ତଳେ ତାହାର ଅର୍ଥ ଓ ବନାନ ରହିଛି। ନର୍ସରୀରେ ପଢୁଥିବା ପିଲାମାନେ ଏହାକୁ ସହଜରେ ବୁଝିପାରୁଥିବା ଅଭିଭାବକମାନେ କହିଛନ୍ତି। ବିଭିନ୍ନ ଫଳ, ପନିପରିବା, ଫୁଲ, ଯାନବାହାନ, ଡ୍ରେସ୍ ମ୍ୟାଟେରିଆଲସ୍ ଆଦି ବିଭିନ୍ନ ପ୍ରକାରର ଲେଖା ସାଙ୍ଗକୁ ରହିଛି ଥ୍ରୀ-ଡି ଚିତ୍ର। ବିଶେଷ କରିଆମ ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ଜାଣିବାକୁ ପିଲାମାନଙ୍କୁ ସହଜ ହୋଇଥାଏ ବୋଲି ଷ୍ଟଲ ପକ୍ଷରୁ କୁହାଯାଇଛି। ଏହାସହିତ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପିଲାମାନେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ବିଭିନ୍ନ କୁଇଜ୍, ଆପ୍ଟିଚ୍ୟୁଟ୍, ସାଧାରଣଜ୍ଞାନ ସମେତ ପାଠ୍ୟ ପୁସ୍ତକ ସହ ସାମଞ୍ଜସ୍ୟ ରହିଥିବା ବିଭିନ୍ନ ପୁସ୍ତକ ସହ ଓଡ଼ିଆ ଓ ଇଂରାଜୀ ବ୍ୟାକରଣ, ଅନୁବାଦ ସମେତ ବିଭିନ୍ନ ରାଜ୍ୟ ଓ ଦେଶ ସମ୍ବନ୍ଧରେ ରହିଥିବା ବିଭିନ୍ନ ତଥ୍ୟଭିତ୍ତିକ ପୁସ୍ତକ କିଣୁଥିବାର ଦେଖିବାକୁ ମିଳିଥିଲା।




# ଗ୍ରୀଡ୍ ଆଧୁନିକୀକରଣ ଓ ନବୀକରଣୀୟ ଜୀବିକାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ



## ରାଜ୍ୟ ସରକାର ଏବଂ ଗ୍ଲୋବାଲ୍ ଏନର୍ଜି ଆଲାଏନ୍ସ ଫର ପିପୁଲ୍ ଆଣ୍ଡ ପ୍ଲାନେଟ୍ ମଧ୍ୟରେ ଏମଓୟୁ

ଭୁବନେଶ୍ୱର, ୨୪।୧୧(ସମିସ): ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ପାଇଁ ଏକ ସମନ୍ୱିତ କାର୍ଯ୍ୟକ୍ରମରେ ସହଭାଗୀ ହୋଇ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଓ ଗ୍ଲୋବାଲ୍ ଏନର୍ଜି ଆଲାଏନ୍ସ ଫର ପିପୁଲ୍ ଆଣ୍ଡ ପ୍ଲାନେଟ୍ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

ଉପସ୍ଥିତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବୁଝାମଣାପତ୍ର ଏକ ରଣନୈତିକ ସହଭାଗିତା। ଏହା ବୈଷୟିକ ବିଶେଷଜ୍ଞତା, ନୀତି ସମର୍ଥନ ଏବଂ ଆର୍ଥିକ ପଥଗୁଡ଼ିକୁ ସମନ୍ୱିତ କରି ଏକ ସ୍ଥିର, ସମାନ ଓ ନିବେଶ ପାଇଁ ପ୍ରସ୍ତୁତ ସ୍ୱଚ୍ଛ ଶକ୍ତି ଭବିଷ୍ୟତ ଆଡ଼କୁ ଓଡ଼ିଶାର ଯାତ୍ରାକୁ ତ୍ୱରାନ୍ୱିତ କରିବ। ରାଜ୍ୟବାସୀଙ୍କୁ ନିରନ୍ତର ଓ ସୁନିଶ୍ଚିତ ବିଦ୍ୟୁତ୍ ପ୍ରବାହ ଯୋଗାଇ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଏହି ଏମ୍ଓୟୁ ଅନ୍ତର୍ଗତ ଅଂଶୀଦାରମାନେ ଶକ୍ତି ପରିବର୍ତ୍ତନ ଯୋଜନା ଓ ଗ୍ରୀଡ୍ ଆଧୁନିକୀକରଣରେ ସହଯୋଗ କରିବେ, ଯାହା ରାଜ୍ୟକୁ ବହୁ-କ୍ଷେତ୍ର ପରିବର୍ତ୍ତନ ଯୋଜନା ବିକାଶ କରିବାରେ ଏବଂ ନବୀକରଣକୁ ଭଲ ଭାବରେ ସଂଯୁକ୍ତ କରିବାରେ ସାହାଯ୍ୟ କରିବ। ଏହି ବିଷୟବସ୍ତୁ ଅନୁଯାୟୀ କାର୍ଯ୍ୟଦକ୍ଷତା ଓ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଉନ୍ନତ ବୈଷୟିକ ପଦ୍ଧତି ଏବଂ ପିକ୍-ଲୋଡ୍ ପରିଚାଳନାକୁ ଅପ୍ଟିମାଇଜ୍ କରିବ। ବ୍ୟାଟେରୀ ଶକ୍ତି ସଂରକ୍ଷଣ ସିଷ୍ଟମର ନିୟୋଜନକୁ ତ୍ୱରାନ୍ୱିତ କରିବା ମଧ୍ୟ ଏକ ମୁଖ୍ୟ ଲକ୍ଷ୍ୟ ହେବ। ଏହି ବୁଝାମଣାପତ୍ର ରାଜ୍ୟବ୍ୟାପୀ ଉତ୍ପାଦନରେ ବୃଦ୍ଧି, ବିଦ୍ୟୁତ୍ ଇନପୁଟ୍ ଖର୍ଚ୍ଚ ହ୍ରାସ ଏବଂ ସବୁଜ ଜୀବିକା ସୁଯୋଗ ବିସ୍ତାର କରି ଶକ୍ତି-ଦକ୍ଷତା ବୃଦ୍ଧି କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ବୋଲି ଜଣାପଡ଼ିଛି।

# ବିଦେଶରେ ଅଦିନିଆ ରଥଯାତ୍ରାକୁ ବିରୋଧ

ଭୁବନେଶ୍ୱର, ୨୪।୧୧(ସମିସ): ବିଭିନ୍ନ ଦେଶରେ ଇସ୍କନ ତରଫରୁ ଅଦିନିଆ ରଥଯାତ୍ରା କରାଯାଉଥିବାରୁ, ଏହାକୁ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡୱାଇଡ୍ ଅନୁଷ୍ଠାନ ପକ୍ଷରୁ ବିରୋଧ କରାଯାଇଛି। ନିକଟରେ ନାଇଜେରିଆର ୱାରୀ ସହରରେ ନଭେମ୍ବର ୨୨ ତାରିଖ ଦିନ ରଥଯାତ୍ରା ପାଳନ କରାଯାଇଛି। ଏହି ରଥଯାତ୍ରା ସମ୍ପର୍କରେ ସେଠାରେ ପୂର୍ବରୁ ଇସ୍କନ ତରଫରୁ ବହୁଳ ଭାବରେ ପ୍ରଚାର କରାଯାଇଥିଲା। ଏହାର ପ୍ରତିବାଦ କରି ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡୱାଇଡ୍ ଅନୁଷ୍ଠାନ ତରଫରୁ ନାଇଜେରିଆର ଲାଗୋସ ସହରରେ ଗତ ୧୬ ତାରିଖ ଦିନ ଇସ୍କନର ପଶ୍ଚିମ ଆଫ୍ରିକା ମୁଖ୍ୟ ମହାରାଜଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା। ଏହାସହ ଗଜପତି ମହାରାଜାଙ୍କ ପ୍ରେରିତ ପୁରାଣର ଉଦାହରଣଯୁକ୍ତ ପତ୍ରର କପି, ପୁରୀ ଶ୍ରୀମନ୍ଦିର ପଣ୍ଡିତଙ୍କ ପ୍ରମାଣ ଓ ଯୁକ୍ତି ମଧ୍ୟ ପ୍ରଦାନ କରାଯାଇଥିଲା। ନଭେମ୍ବର ୨୨ର ରଥଯାତ୍ରାକୁ ବନ୍ଦ କରିବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ସେମାନେ ପୂର୍ବ ପ୍ରଚାରିତ ଦିନରେ ରଥଯାତ୍ରା କରିଥିଲେ। ସେହିଭଳି ତାଇୱାନ ଦେଶର ରାଜଧାନୀ ତାଇପେଇ ସହରରେ ନଭେମ୍ବର ୨୩ ତାରିଖରେ ରଥଯାତ୍ରା କରାଯାଇଛି। ସେଥିପାଇଁ ଇସ୍କନର ଏହି ମନମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ସାରା ବିଶ୍ୱରେ ଜଗନ୍ନାଥ ପ୍ରେମୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ପ୍ରତିବାଦ କରାଯାଇଛି।

# ପ୍ରତାପରୁଦ୍ରପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ବାଲିଅନ୍ତା, ୨୪।୧୧(ସମିସ): ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଅଭିଯୋଗ ଶୁଣାଣି ଜନିତ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି।



ତେବେ ଶିବିରରେ ଜନ ପତିନିଧି ଯେତିକି ଥିଲେ ତାଠାରୁ ଢେର କମ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ନାମକୁ ମାତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଥିବା ଆଲୋଚନା ହେଉଛି। ତେଣୁ ଜନ ପ୍ରତିନିଧିଙ୍କ ଭାଷଣ ବାଜିରେ କେବଳ ଅଭିଯୋଗ ଶୁଣାଣି ଶିବିର ଚାଲୁଛି। ଜନ ଶୁଣାଣିରେ ପଞ୍ଚାୟତର ଯେଉଁ ସବୁ ଅଭିଯୋଗ ଶୁଣାଣି ହେଉଛି ଲୋକଙ୍କର ଅଧିକାଂଶ ଅଭିଯୋଗ ସମାଧାନ ହେଉନଥିବା ଜଣାଯାଇଛି। ଆଜିର ଜନ ଶୁଣାଣି ଶିବିରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ଅତିରିକ୍ତ ତହସିଲଦାର ବାଲିଅନ୍ତା ନୀଳ ମାଧବ ମହାନ୍ତି, ପ୍ରତାପରୁଦ୍ରପୁର ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧ?ୟା ପାତ୍ର, ସମିତି ସଭ୍ୟା ଉମାରଣୀ ମହାନ୍ତି ଏବଂ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୧୦୫ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମିଣ ଗୃହ ସମ୍ବନ୍ଧୀୟ ୫୨ ଗୋଟି, ଭତ୍ତା ସମ୍ବନ୍ଧୀୟ ୨୫ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୬ ଗୋଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୨ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଦ୍ୱାରା ପରିବାସୁଦେଇପୁର ଗ୍ରାମର ୨୦ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଶ୍ରୀଯୁକ୍ତ ଲିଟନ ମଲ୍ଲିକ ଏବଂ କେନ୍ଦୁବିଲ୍ୱ ଗ୍ରାମର ୪୫ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ପ୍ରତାପ ଚନ୍ଦ୍ର ନାୟକଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଏଥି ସହିତ ବିସରପୁର ଗ୍ରାମର ୭୬ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ରୁନାବାଳା ଭୋଇଙ୍କୁ ବ୍ଲାଇଣ୍ଡ ଷ୍ଟିକ ପ୍ରଦାନ କରାଯାଇଥିଲା।

## ଗୋପବନ୍ଧୁ ଏକାଡେମୀରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୨୪।୧୧(ସମିସ): ଏକ ରକ୍ତଦାନ ଶିବିର ଗୋପବନ୍ଧୁ ଏକାଡେମୀ ପ୍ରଶାସନ ପରିସରରେ ଆୟୋଜିତ ହୋଇଛି। ଏହି ଶିବିରକୁ ଗୋପବନ୍ଧୁ ଏକାଡେମୀ ପ୍ରଶାସନ ଉପ ନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷଣ ପାଇଁ ଆସିଥିବା ପ୍ରଶାସନିକ ଅଧିକାରୀମାନେ ରକ୍ତଦାନ କରିଥିଲେ। ପ୍ରତି ତିନିରୁ ଚାରି ମାସରେ ଶିବିର ଆୟୋଜନ କରିବା ପାଇଁ ଡ. ଲେଙ୍କା ପ୍ରତିଶ୍ରୁତି ଦେବା ସହିତ କ୍ୟାପିଟାଲ ହସ୍ପିଟାଲ ରକ୍ତ କେନ୍ଦ୍ର ଏବଂ ମିଶନ ରକ୍ତଦାନ ଟିମ୍‌କୁ ଧନ୍ୟବାଦ୍ ଦେଇଥିଲେ। ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଭୂତି ଭୂଷଣ ସାହୁ, ଗୁନୁ ଆଚାର୍ଯ୍ୟ, ଶଶିକାନ୍ତ ବେହେରା ଏବଂ ମାନସୀ ସରକାର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# 'ଭଏସ୍ ଅଫ୍ ଭିକ୍ଟିମ୍ସ' ର ସ୍ୱନକ୍ଷତ୍ର ଉତ୍ସବ




ଭୁବନେଶ୍ୱର, ୨୪।୧୧ (ସମିସ): ବହୁଭାଷୀ ସାପ୍ତାହିକ ଖବରକାଗଜ 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱର ରେଡ୍‌କ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ "ଆତ୍ମୀୟତା ଓ ସହଯୋଗରେ ସହାୟତା" ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା, ପୂର୍ବତନ ଜିଲ୍ଲା ଓ ଦୌରାଜଜ୍ ସଞ୍ଜୟ କୁମାର ସାହୁ, ସାଇବର ଥାନା ଏ.ସି.ପି. ଅକ୍ଷୟ କୁମାର ନାୟକ ଏବଂ ସାଇବର ଆଇନ ବିଶେଷଜ୍ଞ ଲିଙ୍ଗରାଜ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାଚକ୍ରରେ ରାଜନୈତିକ ସମୀକ୍ଷକ ତଥା ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ ଶତ୍ରୁଜିତ୍ ମଞ୍ଚ ସଞ୍ଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଭଏସ୍ ଅଫ୍ ଭିକ୍ଟିମ୍ସର ମୁଖ୍ୟ ସମ୍ପାଦକ କୈଳାସ ଚନ୍ଦ୍ର ଶତପଥି ମଞ୍ଚ ପରିଚାଳନା କରିଥିଲା ବେଳେ ଅଧ୍ୟକ୍ଷ ତଥା ସମ୍ପାଦକ ଜ୍ଞାନ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସତ୍ୟସାଇ ବାବାଙ୍କ ଶତବାର୍ଷିକ ଜନ୍ମ ଉତ୍ସବ



ବାଲିପାଟଣା, ୨୪/୧୧(ସମିସ) : ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଜନ୍ମ ଉତ୍ସବ ବାଲିପାଟଣା ସମିତି ତରଫରୁ ମହାସମାରୋହରେ ପାଳିତ ହୋଇଛି।ଶିଶୁ ମଠ ଠାରେ ସମିତି କାର୍ଯ୍ୟାଳୟ ପରିସର ରେ ପ୍ରଭାତରେ ଓଁକାରମ୍, ଶ୍ରୀ ସାଇ ସୁପ୍ରଭାତମ୍, ନଗର ସଙ୍କୀର୍ତ୍ତନ, ଷୋଡଶ ଉପଚାର ପୂଜା ପରେ ଦିବ୍ୟ ପତାକା ଉତ୍ତୋଳନ କରାଯାଇଥିଲା।ଜ୍ୟୋତି ଆବାହନ, ବେଦପାଠ ଓ ସାଇ ଭଜନ ଗାନ ପରେ ସତସଙ୍ଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକ ଯୋଗଦେଇ, ସାଇବାବାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଗଲେ ଏକ ସୁନ୍ଦର ସାମାଜିକ ବ୍ୟବସ୍ଥା ସ୍ଥାପିତ ହୋଇପାରିବ ବୋଲି ଦୃଢ଼ ଆସ୍ଥା ପ୍ରକଟ କରିଥିଲେ।ମୁଖ୍ୟ ବକ୍ତା ଅଧ୍ୟାପକ ପ୍ରଦୀପ୍ତ ମିଶ୍ର କହିଥିଲେ ଯେ ବାଲ ବିକାଶ ହେଉଛି ଉତ୍ତମ ନାଗରିକ ଗଢିବା ପାଇଁ ବାବାଙ୍କର ଏକ ସୁନ୍ଦର ପରିକଳ୍ପନା।ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।କାର୍ଯ୍ୟକ୍ରମକୁ ହେମନ୍ତ କୁମାର ଦାଶ ଓ ଶକ୍ତି ପ୍ରସାଦ ଦାଶ ପରିଚାଳନା କରିଥିଲେ। ଶିବ ମୁଦୁଲି, ବଦ୍ରିକା ନାଥ ମହାପାତ୍ର, ମିଳନ ରାଉତରାୟ, ଗୋପନ ପରିଡ଼ା, ଶତ୍ରୁଘ୍ନ ସେନାପତି, ପ୍ରକାଶ ସାହୁ, ନବ କିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ମା ଖୋଜେ ମମତା ନାଟକ ବାଲବିକାଶ ପିଲା ମାନେ ପରିବେଷଣ କରିଥିଲେ।ଶତାଧିକ ସାଇ ଭକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ଶତବାର୍ଷିକୀ କମିଟି ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪।୧୧(ସମିସ): ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ, ବାଙ୍କୀର ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତପାର୍ଷିକୀ ସମାରୋହ କମିଟି ପକ୍ଷରୁ ସଭାପତି ଭବାନୀ ପଣ୍ଡିତ, ସଂଯୋଜକ ନୀଳମୋହନ ତ୍ରିପାଠୀ, ଉପସଭାପତି କୃତିବାସ ପଣ୍ଡା, ବରିଷ୍ଠ ସଭ୍ୟ ମାୟାଧର ବଳ ପ୍ରମୁଖ ବିଦ୍ୟାଳୟର ସମସ୍ତ ୩୫ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସୁବ୍ରତ କୁମାର ଖଟୁଆ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଉନ୍ନତି ନିମନ୍ତେ ପୂର୍ବତନ ଛାତ୍ରମାନଙ୍କ ସହଯୋଗ କାମନା କରିଥିବା ବେଳେ ସଂଯୋଜକ ଶ୍ରୀ ତ୍ରିପାଠୀ ବିଦ୍ୟାଳୟର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# 'ସୁରଭିତ ସ୍ତବକ' ଉନ୍ମୋଚିତ

ଭୁବନେଶ୍ୱର, ୨୪।୧୧(ସମିସ): ରୀତା ପଟ୍ଟନାୟଙ୍କ ରଚିତ କବିତା ପୁସ୍ତକ 'ସୁରଭିତ ସ୍ତବକ' ବୁଦ୍ଧମନ୍ଦିର ପରିସରରେ ଉନ୍ମୋଚିତ ହୋଇଛି। ଏହି ସଭାରେ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ, ମୁଖ୍ୟଅତିଥି ଭାବରେ ସାହିତ୍ୟିକା ବନଜ ଦେବୀ ଓ ସମ୍ମାନୀତ ଅତିଥି ଭାବରେ କମଳ କୁମାରୀ ଦାଶ ଯୋଗ ଦେଇଥିଲେ। ଲେଖିକା କୃଷ୍ଣଙ୍କ ପ୍ରତି ଅନୁରାଗ ବର୍ଣ୍ଣନା କରି ତାଙ୍କର କୃଷ୍ଣମୟ ଜୀବନଦର୍ଶନ ବିଷୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କୃଷ୍ଣ ଭକ୍ତି ରସାଣିତ ଏହି କବିତା ପୁସ୍ତକରେ ମୋଟ ୭୨ଟି କବିତା ସ୍ଥାନିତ ହୋଇଛି। କବିତା ସମୀକ୍ଷା କରି କମଳକୁମାରୀ ଦାଶ ଲେଖିକାଙ୍କ କର କୃଷ୍ଣଙ୍କ ପ୍ରତି ଥିବା ବାତ୍ସଲ୍ୟପ୍ରେମ ଅଦ୍ୱିତୀୟ ବୋଲି କହିଥିଲେ। ଗୀତାଞ୍ଜଳି ପାଣି, ନିରୁପମା କର ଓ ରେଣୁବାଳା ଦଳେଇ କବିତା ସଂଯୋଜନା କରିଥିଲେ। ଚମକଚାନ୍ଦିନୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସବିତାରାଣୀ ବେହେରା ଧନ୍ୟବାଦ ଦେଇଥିଲେ।



# ୱାକର୍ ଇଣ୍ଟରନ୍ୟାସନାଲର ବାର୍ଷିକ ସମାବର୍ତ୍ତନ ଉତ୍ସବ




ଭୁବନେଶ୍ୱର, ୨୪।୧୧(ସମିସ): ୱାକର ଇଣ୍ଟରନ୍ୟାସନାଲ ଜିଲ୍ଲା ୧୦୪ର ବାର୍ଷିକ ସମାବର୍ତ୍ତନ ଉତ୍ସବ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ୧୦୪ର ଗଭର୍ଣ୍ଣର ୱାକର ମୁକ୍ତିକାନ୍ତ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ୱାକର ଇଣ୍ଟରନ୍ୟାସନାଲର ସଭାପତି ୱାକର ଏମ୍ ପ୍ରଭାବତି, ୱାକର ଇଣ୍ଟରନ୍ୟାସନାଲର ଏଡିପି ୱାକର ନଗେନ୍ଦ୍ର ରାଓ, ସମ୍ପାଦକ ୱାକର ଏ. ସତ୍ୟନାରାୟଣ, କନଫରେନ୍ସ ଚେୟାରମେନ ୱାକର ଶ୍ୟାମସୁନ୍ଦର ସାହୁ, ଜିଲ୍ଲାସମ୍ପାଦକ ୱାକର ନିରଦ ବରଣ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ପ୍ରାନ୍ତରୁ ୩୨ଟି କ୍ଲବ ରୁ ୩୪୦ ଜଣ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଗଭର୍ଣ୍ଣର ୩୯ଟି କ୍ଲବ୍‌କୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ୱାକର ନିରଦ ବରଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂଚନା ପ୍ରସାରଣ ମନ୍ତ୍ରାଳୟ ନିକଟରେ ଦାବିକଲେ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ

# ଗୋଆ ଭଳି ପୁରୀରେ ହେଉ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍

ଭୁବନେଶ୍ୱର, ୨୪।୧୧(ସମିସ): ଗୋଆ ଭଳି ଓଡ଼ିଶାରେ ବି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ଆୟୋଜନ ପାଇଁ କେନ୍ଦ୍ର ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଛନ୍ତି ବଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ ତଥା ଓଡ଼ିଆ ପୁଅ ପ୍ରେମ୍ ଆନନ୍ଦ। ଗୋଆ ଇଣ୍ଟରନ୍ୟାସନାଲ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ପ୍ରେମ୍ ଆନନ୍ଦ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆୟୋଜକ ଏନ୍ଏଫ୍‌ଡିସି ଓ ଗୋଆ ସରକାରଙ୍କୁ ପ୍ରଶଂସା କରିଛନ୍ତି ପ୍ରେମାନନ୍ଦ। ଏଭଳି ଏକ ପ୍ରୟାସ ଦୀର୍ଘଦିନ ଧରି ଦେଶରେ ସିନେମା ଶିଳ୍ପର ପ୍ରଗତି ଏବଂ ବିକାଶରେ ପ୍ରମୁଖ ଗୁରୁ ଭୂମିକା ଗ୍ରହଣ କରିବ ବୋଲି କହିବା ସହ ଓଡ଼ିଶାର ପୁରୀରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦାବି କରିଛନ୍ତି। ଏହି ସାକ୍ଷାତକାରରେ ସେ କଳା ସଂସ୍କୃତିର ରାଜ୍ୟ ଓଡ଼ିଶାର ପ୍ରସିଦ୍ଧ ପୁରୀଠାରେ ମଧ୍ୟ ସମାନ ଧରଣରେ ଏକ ଫିଲ୍ମ ଫେଷ୍ଟିଭାଲ ଆୟୋଜନ ପାଇଁ ସେ ଦାବି ରଖିଛନ୍ତି। ଅପରପକ୍ଷେ ପ୍ରେମ୍ ଆନନ୍ଦଙ୍କ ଏଭଳି ଦାବିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ଉତ୍ସବରେ ଯୋଗ ଦେଇଥିବା ଓଡ଼ିଆ ପ୍ରତିନିଧିମାନେ ସ୍ୱାଗତ ଓ ସମର୍ଥନ କରିଛନ୍ତି। କେନ୍ଦ୍ର ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ଏବଂ ଏନ୍ଏଫ୍‌ଡିସି ପକ୍ଷରୁ ଏକ ସାକ୍ଷାତକାରରେ ଏ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଛି। ପ୍ରକାଶ ଥାଉ କି ୫୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦ ରୁ ୨୮ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଗୋଆର ପାଣାଜୀରେ ଆରମ୍ଭ ହୋଇଛି।



ଏହାର ପାରମ୍ପରିକ ଇନଡୋର ଷ୍ଟାଡିୟମ୍ ଲଞ୍ଚ ବଦଳରେ, ଏହି ବର୍ଷ ଉଦଘାଟନୀ ସମାରୋହକୁ ଏକ କାର୍ନିଭାଲ୍ ପରେଡ୍ ଭାବରେ ଉପସ୍ଥାପିତ କରାଯାଇଛି। ଗାବ୍ରିଏଲ୍ ମାସ୍କାରୋଙ୍କ ଦ୍ୱାରା ଲିଖିତ ୨୦୨୫ ଡିଷ୍ଟୋପିଆନ୍ ଡ୍ରାମା ଚଳଚ୍ଚିତ୍ର 'ଦି ବ୍ଲୁ ଟ୍ରେଲ୍' ପ୍ରଦର୍ଶନ ସହିତ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏବଂ ଚିତ୍ରନାଟ୍ୟ ଲେଖକ ରାକେଶ ଓମପ୍ରକାଶ ମେହରା ଅନ୍ତର୍ଜାତୀୟ ଜୁରିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି। ମହୋତ୍ସବରେ ୮୧ଟି ଦେଶରୁ ୨୪୦ ରୁ ଅଧିକ ଚଳଚ୍ଚିତ୍ର ଉପସ୍ଥାପନ କରାଯିବ, ଯେଉଁଥିରେ ୧୩ଟି ବିଶ୍ୱ ପ୍ରିମିୟର, ୫ଟି ଅନ୍ତର୍ଜାତୀୟ ପ୍ରିମିୟର ଏବଂ ୪୪ଟି ଏସୀୟ ପ୍ରିମିୟର ଅନ୍ତର୍ଭୁକ୍ତ।

### ଶସ୍ତାରେ ଧାନ କିଣି ଗୋଦାମ ଭର୍ତ୍ତି

# କୃଷକ ସଂଗଠନ ପକ୍ଷରୁ ମିଲରଙ୍କ ଷ୍ଟକ୍ ଯାଞ୍ଚ ଦାବି

ବରଗଡ଼,୨୪।୧୧(ସମିସ):



ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ଭାବେ ପରିଚିତ। ହେଲେ ଏଠାରେ ଧାନ କିଣା ମିଲର ମାନଙ୍କ ଦୟାରେ ହୋଇଥାଏ। ରାଇସ ମିଲର ମାନେ ଯେମିତି ଚାହିଁବେ, ଯେବେ ଚାହିଁବେ, ଯେତେ କଟଣୀ ଛଟଣୀ ଚାହିଁବେ କରିବେ। ଅଯଥା ଚାଷୀଙ୍କୁ ହଇରାଣ କରିବେ। ଚାଷୀ ବିକ୍ରି ପାଇଁ ମଣ୍ଡିକୁ ଉପଯୁକ୍ତ ଧାନ ଆଣିଥିଲେ ମଧ୍ୟ ମିଲର ମାନଙ୍କ ଏଜେଣ୍ଟ କଟିଂ ନ ଦେଲେ ଧାନ ଉଠାଉ ନାହାନ୍ତି। ହେଲେ ଚଳିତ ବର୍ଷ ଗତ ୨୬ ଅକ୍ଟୋବରରେ ରାଇସ ମିଲର ମାନେ ରାଜ୍ୟ ସ୍ତରୀୟ ବୈଠକ କରି ପୂର୍ବ ସମସ୍ତ ଚାଉଳ ନ ଉଠାଇଲେ ଚଳିତ ବର୍ଷ ଧାନ ସଂଗ୍ରହରେ ସାମିଲ ନ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅନେକ ରାଇସ ମିଲର ମାନେ ୧୫/୧୬ ଶହ ଟଙ୍କାରେ କେମିତି ଧାନ କିଣିଛନ୍ତି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଯଦି ଗୋଦାମ ଗୃହରେ ଧାନ ଭର୍ତ୍ତି ଅଛି ତେବେ ନିୟମ ଅନୁଯାୟୀ ମିଲ୍‌ର ଷ୍ଟକ ଯାଞ୍ଚ କରାଯାଉ। ଚଳିତ ବର୍ଷ ଧାନ କିଣା ପୂର୍ବରୁ ସମସ୍ତ ଧାନ ଉଠାଯାଇ ମିଲ ଖାଲି କରାଯାଉ। ପ୍ରତ୍ୟେକ ଦିନ ହଜାର ହଜାର କ୍ୱିଣ୍ଟାଲ ଧାନ ମିଲର ମାନେ କିଣି ମିଲ୍‌ରେ ଭର୍ତ୍ତି କରୁଛନ୍ତି। ଏହା କିପରି ଜିଲ୍ଲା ଯୋଗାଣ ବିଭାଗ ଜାଣି ପାରୁନାହିଁ ବୋଲି ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟ ଜିଲ୍ଲାରେ ଅସାଧୁ ବ୍ୟକ୍ତି ଧାନ କିଣା କାରବାରରେ ଧରା ପଡୁଛନ୍ତି। ବରଗଡ଼ରେ ମଧ୍ୟ ସେପରି ଯାଞ୍ଚର ଆବଶ୍ୟକତା ଥିବା ଚାଷୀ ଦାବି କରିଛନ୍ତି। ଏଣୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ମିଲ ମାନଙ୍କ ଷ୍ଟକ ଯାଞ୍ଚ କରାଯାଉ ଏବଂ ଅନୈତିକ ଧାନ କିଣା ବନ୍ଦ କରାଯାଉ ବୋଲି ଆଜି ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## କଳାପାଣି ମଣ୍ଡିରେ ୧୬ ହଜାର ବସ୍ତା ଜମା କଲେ ଚାଷୀ



ବରଗଡ଼,୨୪।୧୧(ସମିସ): ବରଗଡ଼ ଜିଲ୍ଲାରେ ଚଳିତ ଖରିଫ ଋତୁ ଧାନ ଅମଳ ହୋଇଛି। କିନ୍ତୁ ନୂଆପଡା ଉପନିର୍ବାଚନ ଯୋଗୁଁ ସରକାର ବ୍ୟସ୍ତ ଥିବାରୁ ଜିଲ୍ଲା ଡିଏଲପିସି ମିଟିଂ ବିଳମ୍ବ ହୋଇଛି। ଧାନ ସଂଗ୍ରହ ପାଇଁ ଆସନ୍ତା ୨୮ ତାରିଖ ମଣ୍ଡି ଖୋଲାଯିବ ବୋଲି ସରକାର ଘୋଷଣା କରିଛନ୍ତି। ଖରିଫ ଋତୁ ଧାନ ସଂଗ୍ରହ ବିଳମ୍ବ ଯୋଗୁଁ ଧାନ ଅମଳ କରିଥିବା ଚାଷୀ ଜୋର ଜବରଦସ୍ତ କଳାପାଣି ମଣ୍ଡିରେ ୧୬ ହଜାର ବସ୍ତା ଧାନ ସୋମବାର ଜମା କରିଛନ୍ତି। ମଣ୍ଡି ଗୁଡିକରେ ଏତେ ପରିମାଣ ଧାନ ନିର୍ଦ୍ଧାରିତ ସମୟ ପୂର୍ବରୁ ଆସିବା ଜିଲ୍ଲା ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି। ଅନେକ ଚାଷୀଙ୍କ ଟୋକନ ଆସି ନ ଥିବାରୁ ସେମାନେ କେମିତି ଧାନ ବିକ୍ରି କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ଆସନ୍ତା ୨୮ ତାରିଖ ଦିନ ଜିଲ୍ଲାର ସମସ୍ତ ମଣ୍ଡି ଖୋଲିବ ଆଉ ସମସ୍ତ ଚାଷୀଙ୍କ ଧାନ ଟୋକନ ମାଧ୍ୟମରେ କିଣାଯିବ ବୋଲି ଅତାବିରା ଆର୍‌ଏମସି ଚେୟାରମ୍ୟାନ ତଥା ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ କହିଛନ୍ତି।



ବରଗଡ଼ ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ୭୮ ତମ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପିତ

## ସେକ୍ସ ରାକେଟ ଠାବ: ୪ ମହିଳା, ୨ ପୁରୁଷ ଗିରଫ

ବରଗଡ଼,୨୪।୧୧(ସମିସ): ବରଗଡ଼ ସହର ଉପକଣ୍ଠରେ ସୋମବାର ସେକ୍ସ ରାକେଟ ଧରା ପଡ଼ିଛି। ଏଥିରେ ୪ ମହିଳା ଓ ୨ ପୁରୁଷଙ୍କୁ ପୁଲିସ ନିଜ ଜିମାରେ ରଖିଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଅନୈତିକ ବେଶ୍ୟା ବୃତ୍ତି କାରବାର ଚାଲୁଥିବା ଖବର ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ହସ୍ତଗତ ହୋଇଥିଲା। ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ। ଏହାପରେ ଚଢ଼ଉ କରାଯାଇଥିଲା। ଏଥିରେ ବରହଗୋଡା ଗାଁ କଲୋନୀପଡାରେ ପଦ୍ମା ନାଗ ଘରେ ଅନୈତିକ ବେଶ୍ୟାବୃତ୍ତି କାରବାର ପୁଲିସ ଦଳ ଚିହ୍ନଟ କରିଥିଲା। ପଦ୍ମା ସହିତ ୨ ଜଣ ଗ୍ରାହକଙ୍କୁ ଗିରଫ କରାଯାଇଥିଲା ଏବଂ ୩ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ସନ୍ଧାନ ସମୟରେ ପଦ୍ମା ନାଗଙ୍କ କଥିତ ଘରୁ ବିପୁଳ ପରିମାଣରେ ବ୍ୟବହୃତ ଏବଂ ଅବ୍ୟବହୃତ କଣ୍ଡୋମ, ୪ଟି ମୋବାଇଲ୍ ଫୋନ୍ ଏବଂ ନଗଦ ୩୦୦୦ ଟଙ୍କା ଜବତ କରାଯାଇଛି। ଏହି ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ପଦ୍ମା ନାଗ (୩୫), ଶିବା ପ୍ରସାଦ ନାଗ, ଅର୍ପିତ ବେହେରା (୨୩) ଓ ନିମାଇଁ ଚରଣ ତାଣ୍ଡି (୨୧)। ସମସ୍ତଙ୍କୁ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟକୁ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## 'ଉଡାନ୍' ଶିବିରରେ ଦହିତା ହାଇସ୍କୁଲର ସଫଳତା



ଦହିତା,୨୪।୧୧(ସମିସ): ରାଜ୍ୟସ୍ତରୀୟ ଭାରତ ସ୍କାଉଟ୍ ଗାଇଡ୍‌ର 'ଉଡାନ୍' ଶିବିର ଭୁବନେଶ୍ୱର ୟୁନିଟ୍ ୩ ଠାରେ ୧୮ ରୁ ୨୨ ପର୍ଯ୍ୟନ୍ତ ହୋଇଯାଇଛି। ଏଥିରେ ବରଗଡ଼ ଜିଲ୍ଲାର ରାଜବୋଡାସମ୍ବର ବ୍ଲକ୍‌ର ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିତାର ଗାଇଡ୍ କ୍ୟାପଟେନ୍ ସୋନାଲିକା ଶବରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୭ଜଣ ଗାଇଡ୍ ଓ ୩ ଜଣ ସ୍କାଉଟ୍ ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥି ସକାଶେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ଆୟୋଜିତ ସଭାରେ ମୋ ସ୍କୁଲ ଅଭିଯାନର ସଭାପତି ମକରଧ୍ୱଜ ବଗାର୍, ପରିଚାଳନା କମିଟି ଅଧ୍ୟକ୍ଷ ଉପେନ୍ଦ୍ର ପଟେଲ, ଉପାଧ୍ୟକ୍ଷା ରୀନା ସିନ୍ଦୂରଙ୍କ ଉପସ୍ଥିତରେ ଗାଇଡ୍ କ୍ୟାପଟେନ୍ ଓ ସ୍କାଉଟ୍ ଗାଇଡ୍ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୟର ସଙ୍କେତ ଫଳକ ଓ ପ୍ରମାଣପତ୍ର ପ୍ରଧାନଶିକ୍ଷକଙ୍କୁ ଗାଇଡ୍ କ୍ୟାପଟେନ୍ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ। ଅତିଥିମାନେ ବିଦ୍ୟାଳୟର ଏତାଦୃଶ ଉନ୍ନତିରେ ପ୍ରଧାନଶିକ୍ଷକଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ଶିକ୍ଷକ ପୁରନ୍ଦର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କଳାକାରଙ୍କୁ ଅଣଦେଖା ଓ ପାନ୍ତରଅନ୍ତର ଅଭିଯୋଗ

● ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦା



ଅମ୍ବାଭୋନା,୨୪।୧୧(ସମିସ): ରାଜ୍ୟ ସରକାର କଳାକାରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯିବାକୁ ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ପ୍ରଦାନ କରୁଛନ୍ତି। ତେବେ ଅମ୍ବାଭୋନା ବ୍ଲକ୍‌ର କଳାକାରଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଣଦେଖା ଓ ପକ୍ଷପାତିତା କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ଜରିଆରେ ପ୍ରକାଶପୁର ଜୟ ଜଗନ୍ନାଥ ସଂଗୀତ କଳା ପରିଷଦ ସଦସ୍ୟ ଓ କଳାକାର ଗଣ ଲିଖିତ ଭାବେ ଜଣାଇଛନ୍ତି। ଅମ୍ବାଭୋନା ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅନ୍ତର୍ଭୁକ୍ତ କଳାକାର ହିତାଧିକାରୀଙ୍କ ଜୀବିତ ପ୍ରମାଣ ପତ୍ର ଗେଜେଟ ସରକାରୀ ଅଧିକାରୀଙ୍କ ସ୍ୱାକ୍ଷର ପାଇଁ ଅମ୍ବାଭୋନା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଲଳିତ ବାଗଙ୍କ ଦ୍ୱାରସ୍ଥ ହୋଇ ନିବେଦନ କରିଥିଲେ। କିନ୍ତୁ ବିଡିଓ କଳାକାର ମାନଙ୍କୁ ଅଣଦେଖା, ଉପେକ୍ଷା ଓ ପାନ୍ତରଅନ୍ତର ନୀତି କରି ଅପମାନିତ କରିଥିଲେ। ଜୀବିତ ପ୍ରମାଣପତ୍ରରେ ଆଟେଷ୍ଟ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି ଏବଂ ତାହା ଦେଖାଇବାକୁ ବିଡିଓ କଳାକାରଙ୍କୁ କହିଥିଲେ। କିନ୍ତୁ ପରବର୍ତ୍ତୀ ଦିନ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିଶେଷ ଗୁରୁତ୍ୱ ଦେଇ କଳାକାର ଜୀବିତ ପ୍ରମାଣ ପତ୍ର ଅମ୍ବାଭୋନା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଲଳିତ ବାଗ ଆଟେଷ୍ଟ କରିଥିଲେ। ବିଡିଓଙ୍କ ଏପରି ନକରାତ୍ମକ ଚିନ୍ତାଧାରା ତଥା ମନମୁଖି ଓ ପାନ୍ତଅନ୍ତର ନୀତି ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କଳାକାର ଓ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ହିତାଧିକାରୀ ମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଅନୁରୋଧ କରିଛନ୍ତି।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ବରଗଡ଼,୨୪।୧୧(ସମିସ): କଟାପାଲି ପଞ୍ଚାୟତ ଠାରେ ସୋମବାର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆଦାନୀ ଫାଉଣ୍ଡେସନ ଏବଂ କଟାପାଲି ସିଏଚସି ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଶିବିର ସରପଞ୍ଚ ରମେଶ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଡ.ପରେଶ୍ ପଣ୍ଡା, ଡ.ପ୍ରେମାନନ୍ଦ ମେହେର, କୁମୁଦ ବନ୍ଧୁ ବାଗ, ଷ୍ଟାଫ୍ ଓ ଆଶାକର୍ମୀ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇ ଥିଲା। ପ୍ରଦୀପ୍ତ ମହାନ୍ତି, ଆଦାନୀ ଫାଉଣ୍ଡେସନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ମୋଟ ୧୫୦ରୁ ଉର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

## ବିଭିନ୍ନ ସ୍ଥାନରେ ସତ୍ୟସାଇ ବାବାଙ୍କ ଜନ୍ମ ବାର୍ଷିକୀ

ପାଇକମାଳ,୨୪।୧୧(ସମିସ): ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଭଜନମଣ୍ଡଳୀ ଆନୁକୂଲ୍ୟରେ ସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ନଗର ସଙ୍କୀର୍ତ୍ତନ ଏବଂ ସନ୍ଧ୍ୟାରେ ବେଦ ଧ୍ୱନି ହୋଇଥିଲା। ଆବାହକ ପତିତପାବନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସତସଙ୍ଗରେ ସନ୍ତୋଷ ପାଢ଼ୀ ବାବାଙ୍କ ଜୀବନୀ ଓ ଅବତାରର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ସୁଧାଂଶୁ ଶେଖର ସେଠ, ନିରୋଜ ସାହୁ, ସୁନୀଲ ସାହୁ, ପ୍ରଶାନ୍ତ ସାହୁ, ଫକୀର ମୋହନ ବାରିକ, ସୁରଥ ସାହୁ, ସୁଦାମ ଚରଣ ସାହୁ, ହେମସାଗର ସାହୁ, ପିଣ୍ଟୁ ସାହୁ, ଜିତୁ ସାହୁ, ବୀଣା ସାହୁ, ସନ୍ତୋଷିନୀ ସାହୁ, ଦମୟନ୍ତୀ ସାହୁ, ବୀଣାପାଣି ସାହୁ, ଶିବାନୀ ସାହୁ, ରାନୀ ସାହୁ, ବେବି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ଆବାହକ ସୁନୀଲ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ମାଣ୍ଡୋସିଲ ସତ୍ୟସାଇ ଭଜନ ମଣ୍ଡଳୀ ତରଫରୁ ସତ୍ୟ ସାଇବାବାଙ୍କ ୧୦୦ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏଥିରେ ଆବାହକ ଶରତ ଚନ୍ଦ୍ର ହଂସ, ନବୀନ ଡନସନା, ଯୋଗେନ୍ଦ୍ର ଡନସନା, ରାଧେଶ୍ୟାମ ପଟେଲ, ଜଗନ୍ନାଥ ପୁଟା, କିଶୋର ଖୁଣ୍ଟିଆ, ମହେନ୍ଦ୍ର ଖୁଣ୍ଟିଆ, ପଞ୍ଚୁରାମ ସାହୁ, ଅରୁଣାଚାନ୍ଦ ସାହୁ, ଗୋପାଳ ପ୍ରସାଦ ବେହେରା, ତପନ ବହିଦାର, ଅନୀତା ମିଶ୍ର, ଭାରତୀ ସାହୁ, ପ୍ରେମଲତା ସାହୁ, ଗଜରାଜ ଡନସନା, ମୁରଲୀ ମହାନନ୍ଦ ସମେତ ଭକ୍ତମାନେ ଉପସ୍ଥିତ ଥିଲେ। ସେହିପରି ପାଇକମାଳ ସତ୍ୟସାଇ ମନ୍ଦିରରରେ ସତ୍ୟ ସାଇବାବାଙ୍କ ୧୦୦ ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦିପ ପୁରୋହିତ ଯୋଗ ଦେଇଥିଲେ। ପବିତ୍ର ମୋହନ ରଥ, ନନ୍ଦ କିଶୋର ଶ୍ରୀବାସ୍ତବ, ଲକ୍ଷ୍ମଣ ସାହୁ, ଯାଜ୍ଞସିନୀ ନାୟକ ପ୍ରମୁଖ ସତ୍ୟ ସାଇବାବାଙ୍କ ଜୀବନୀ ଉପରେ ଭକ୍ତମାନଙ୍କୁ ବୁଝାଇ ଥିଲେ। ରଶ୍ମିତା ପାତ୍ର, ଦିପ୍ତିମୟୀ ସାହୁ, ଦିଲ୍ଲିପ ବେହେରା, ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଦରିଦ୍ରଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

ବରଗଡ଼: ସ୍ଥାନୀୟ ନିଗମାନନ୍ଦ ବିହାର ଠାରେ ଦୈତାରୀ ସାହୁଙ୍କ ପୁତ୍ର ଶିବଶଙ୍କର ସାହୁଙ୍କ ବିବାହ ଉତ୍ସବର ଶୁଭ ମାଙ୍ଗଳିକ କାର୍ଯ୍ୟ ଅବସରରେ ସତ୍ୟ ସାଇବାବାଙ୍କ ଆଶୀର୍ବାଦ କାମନା ସହିତ ଭଜନ ପରିବେଷଣ କରାଯାଇଛି। ଏହି ଅବସରରେ ବରଗଡ଼ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ବେଦମନ୍ତ୍ର ପାଠ ସହିତ ଭଜନ ପରିବେଷଣ କରାଯାଇଥିଲା। ବିଶିଷ୍ଟ ଶିକ୍ଷାବିଦ ପଞ୍ଚମ ପ୍ରଧାନ, ରଶ୍ମିପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଡାର ଉନ୍ନୟନ କମିଟି ସଭାପତି ସଦାଶିବ ସାହୁଙ୍କ ସମେତ ଶତାଧିକ ଜନତା ଯୋଗ ଦେଇଥିଲେ।

## ମନ୍ତ୍ରମୁଗ୍ଧ କଲା ଛତିଶଗଡ଼ର ପାଣ୍ଡୱାନି ଲୋକକଳା



ବରଗଡ଼,୨୪।୧୧(ସମିସ): ବରଗଡ଼ ୨୨ତମ ପୁସ୍ତକ ମେଳାର ସୋମବାର ପଞ୍ଚମ ସନ୍ଧ୍ୟାରେ ସମ୍ବଲପୁର ସର୍ଗିଜହ୍ନ ସାଂସ୍କୃତିକ ଦଳ ତରଫରୁ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ପୁଷ୍ପା ବେହେରାଙ୍କ ପାଣ୍ଡୱାନି ଢଙ୍ଗରେ ଗୋପୀଙ୍କ ବସ୍ତ୍ରହରଣ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଛି। ପାଣ୍ଡୱାନି ହେଉଛି ଛତିଶଗଡର ଏକ ପାରମ୍ପରିକ କାହାଣୀ ଲୋକକଳା। ଏଥିରେ ମହାକାବ୍ୟ ମହାଭାରତର କାହାଣୀ ଗୁଡିକର ସଙ୍ଗୀତମୟ ବର୍ଣ୍ଣନା ରହିଛି। କଳାକାରମାନେ କାହାଣୀ ଗୁଡିକୁ ନାଟକୀୟ କରିବା ପାଇଁ ହାତ ଇଙ୍ଗିତ ଏବଂ ସର୍ବନିମ୍ନ ଶରୀର ଅଙ୍ଗଭଙ୍ଗୀ ବ୍ୟବହାର କରନ୍ତି। ପୁଷ୍ପା ବେହେରା ପାଣ୍ଡୱାନି ଢଙ୍ଗକୁ ନିଜେ ଆପଣାଇ ଆଞ୍ଚଳିକ ସମ୍ବଲପୁରୀ ଭାଷାରେ ଖୁବ୍ ସୁନ୍ଦର୍ ଭାବେ ପରିବେଷିତ କରିଥିଲେ। ପାଠାଗାର ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ କଲ୍ୟାଣୀ ଦାଶ ଓ ବରଗଡ଼ ଇମ୍ପେରିୟଲ ମହାବିଦ୍ୟାଳୟର ଚେୟାରମ୍ୟାନ ଦୀପକ ଗୋୟଲ୍ ପୁଷ୍ପଗୁଚ୍ଛ, ଶାଲ ଓ ସ୍ମାରକୀ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାରେ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓଡ଼ିଆ ବିଭାଗ ଓ ବେଦିକ ଇଣ୍ଟରନ୍ୟାସ୍ନାଲ ସ୍କୁଲର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପାଠାଗାରର ସଦସ୍ୟ ସନ୍ତୋଷ ପଣ୍ଡା ଏହାର ସଂଯୋଜନା କରିଥିଲେ। ଉଭୟ ସ୍କୁଲର ସାଂସ୍କୃତିକ ଦଳକୁ ଶିଳ୍ପପତି ଚନ୍ଦ୍ର ଶେଖର ବାଗ, ସରସରା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ମିଶ୍ର ସ୍ମାରକୀ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପାଠାଗାରର ଉପ ସଭାପତି ମନୋରଞ୍ଜନ ସାହୁ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ସାକେତ ଶ୍ରିଭୂଷଣ ସାହୁଙ୍କ ରଚିତ କୋଶଳୀ ସମ୍ବଲପୁରୀ କବିତା ସଙ୍କଳନ ପଦମ୍ କହଁଡୋକୁ ଆଜିକାର ଅତିଥି ଚନ୍ଦ୍ର ଶେଖର ବାଗ ଉନ୍ମୋଚନ କରିଥିଲେ। ଏହି ସମୟରେ ପାଠାଗାରର ସଭାପତି ଅରୁଣ ମହାନ୍ତି, ଉପ ସଭାପତି ମନୋରଞ୍ଜନ ସାହୁ ଓ ଲେଖକ ଶ୍ରୀ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ, ସମ୍ପାଦକ ସୁରେଶ ସାହୁ, ବେଦିକ ଇଣ୍ଟରନ୍ୟାସ୍ନାଲ ସ୍କୁଲର ଅଧ୍ୟକ୍ଷା ଗାର୍ଗୀ ଚାଟାର୍ଜୀ, ଅଫିସ ଏକ୍ଜିକ୍ୟୁଟିଭ କୃଷ୍ଣ ଚନ୍ଦ୍ର ସାହୁ, ଲୋକ ସମ୍ପର୍କ ଅଧିକାରୀ ଗୋବିନ୍ଦ ପ୍ରଧାନ ପ୍ରମୁଖ ଉଦ୍‌ଘାଟନ କରିଥିଲେ।

## ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା



ପଦ୍ମପୁର,୨୪।୧୧(ସମିସ): ବ୍ରାହ୍ମଣ ସମାଜ ପଦ୍ମପୁର ଆନୁକୂଲ୍ୟରେ୨ଟି ଗ୍ରୁପ୍‌ରେ ଚିତ୍ରାଙ୍କନ ଓ ୨ଟି ଗ୍ରୁପ୍‌ରେ ରଙ୍ଗୋଲି ପ୍ରତିଯୋଗିତା ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଛୋଟ ଛୋଟ ପିଲାଙ୍କ ଠାରୁ ମହିଳା ପର୍ଯ୍ୟନ୍ତ ଅଂଶଗ୍ରହଣ କରିଥିଲେ। ଚିତ୍ତାକର୍ଷକ ଚିତ୍ର ତଥା ରଙ୍ଗୋଲି ଅଙ୍କନ କରିଥିଲେ। ନୃତ୍ୟ, ଗୀତ, ହୁଳହୁଳି, ଶଙ୍ଖଧ୍ୱନି ପ୍ରଭୃତି ପ୍ରତିଯୋଗିତା ସହ ଓଡ଼ିଶାର ସ୍ୱନାମଧନ୍ୟ ବିଶିଷ୍ଟ ଭଜନ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ତଥା ଶିବାନନ୍ଦ ତ୍ରିପାଠୀଙ୍କ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ ଓ ପ୍ରତିଯୋଗିତାରେ ଭାଗନେଇ ଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ସଦାନନ୍ଦ ପୁରୋହିତ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ନାୟକ, ସବିତା ପଣ୍ଡା ଓ ସୁନୀତା ଦାଶ ବିଚାରକ କାର୍ଯ୍ୟ ତୁଲାଇଥିଲେ। ସ୍ୱର୍ଣ୍ଣକାନ୍ତି ପତି, ଜ୍ୟୋତ୍ସ୍ନା କର, ତୃପ୍ତି ଦାଶ, ଜିତେଶ୍ୱରୀ ଦାଶ, ତ୍ରିବିକ୍ରମ ପାଣିଗ୍ରାହୀ, ଚନ୍ଦ୍ରଶେଖର ପୁରୋହିତ, ସାନ୍ତାନୁ ପାଣିଗ୍ରାହୀ, ସୁରେଶ ମିଶ୍ର, ବଳଦେବ ପାଣିଗ୍ରାହୀ, ଜିତେନ୍ଦ୍ର ଦାଶ, ପାର୍ଥସାରଥୀ ମହାପାତ୍ର, ପ୍ରଫୁଲ୍ଲ ମିଶ୍ର, ଉମେଶ ଦାଶ, ଅନନ୍ତ ଦାଶ, ସୁରେଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରାନ୍ସଫର୍ମର ପଡ଼ି ଯୁବକଙ୍କ ମୃତ୍ୟୁ

ବିଜେପୁର,୨୪।୧୧(ସମିସ):




ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ବାଦିପାଲି ଗାଁରେ ଟ୍ରାନ୍ସଫର୍ମର ଲୋଡିଂ ସମୟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଯତିନ୍ଦ୍ର ମେହେର (୩୧) ବୋଲି ଜଣାପଡ଼ିଛି। ଗତ ୨୧ ତାରିଖ ବାଦୀପାଲି ଗ୍ରୀଡରେ ଟ୍ରାନ୍ସଫର୍ମର ବଦଳ କାମ ଚାଲୁଥିଲା। ଲୋଡିଂ ସମୟରେ ଟ୍ରାନ୍ସଫର୍ମରକୁ ଉଠାଇବା ପାଇଁ ପର୍ଯ୍ୟାପ୍ତ ଲୋକ ନଥିବାରୁ ରାସ୍ତାରେ ଯାଉଥିବା ଯତିନ୍ଦ୍ରଙ୍କୁ ସହଯୋଗ ପାଇଁ ଡକାଯାଇଥିଲା। ଯତିନ୍ଦ୍ର ମାନବିକତା ଦୃଷ୍ଟିରୁ ସହାୟତା କରିବାକୁ ଆସିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଟ୍ରାନ୍ସଫର୍ମରଟି ହଠାତ୍ ଗଡିପଡିଥିଲା। ଏଥିରେ ଯତିନ୍ଦ୍ରଙ୍କ ଛାତି ଓ ପେଟ ଚାପି ହୋଇ ରହିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବିଜେପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଡାକ୍ତର ବରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ଏହାପରେ କିଶୋରୀ ନର୍ସିଂହୋମ ବରଗଡ଼, ପରେ ବିକାଶ ହସ୍ପିଟାଲ ବରଗଡ଼, ଶେଷରେ ବୁର୍ଲା ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଆଘାତ ଗୁରୁତର ହୋଇଥିବାରୁ ଆଜି ଯତିନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ପଛକୁ ତାଙ୍କର ସ୍ତ୍ରୀ ସବିତା ମେହେର ଏବଂ ୫ ବର୍ଷର ବଡ ଓ ୩ ବର୍ଷର ଛୋଟ ଝିଅ ରହିଛନ୍ତି। ଗରିବ ପରିବାରରେ ଏବେ ଚଡ଼କ ପଡ଼ିଛି। ଯତିନ୍ଦ୍ରଙ୍କ ଅକାଳ ମୃତ୍ୟୁରେ ସମଗ୍ର ବାଦିପାଲି ଗାଁରେ ଶୋକର ଛାୟା ଖେଳି ଯାଇଛି। ନ୍ୟାୟ ତଥା ପରିବାର ବର୍ଗଙ୍କ ଭରଣପୋଷଣ ପାଇଁ ସେମାନେ ପଦ୍ମପୁର ବିଜେପୁର ମୁଖ୍ୟ ରାସ୍ତାରେ ରାସ୍ତାରୋକ କରିଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ମୂଳ ସୁରକ୍ଷା ନିୟମ ଅନୁସରଣ କରା ଯାଇନଥିବାରୁ ଏହି ଦୁଃଖଦ ଘଟଣା ଘଟିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଖବର ପାଇ ବିଜେପୁର ଥାନା ଅଧିକାରୀ ସୁଶାନ୍ତ ମଣି ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସଙ୍ଗେ ଆଲୋଚନା କରି ରାସ୍ତାରୋକ ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି। ଖବର ପାଇ ବିଜେପୁର ବ୍ଲକ୍‌ର ଚେୟାରମ୍ୟାନ ଜୟକୃଷ୍ଣ ଡନସନା ଏବଂ ଯୋଖିପାଲି ପଞ୍ଚାୟତ ସରପଞ୍ଚ ସବିତା ସାହୁ ଲୋକଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ।

## ପ୍ରଧାନଶିକ୍ଷକଙ୍କ ବଦଳିକୁ ବିରୋଧ

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ ଓ ପରିଚାଳନା କମିଟି



ଦେବଗଡ଼,୨୪ା୧୧(ସମିସ):

ଆଦିବାସୀ ଅଧ୍ୟୁଷିତ ତିଳେଇବଣି ବ୍ଲକ୍ ଅଧୀନ ଲଇମୁରା ଗାଁରେ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦରେ ସୋମବାର ପୂର୍ବାହ୍ନରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କ ପକ୍ଷରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ବନ୍ଦ କରାଯାଇଛି । ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ସ୍କୁଲ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଲଇମୁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୭୫ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୪ ଜଣ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି । ସେମାନଙ୍କ ମଧ୍ୟରୁ ଜଣେ ଭିନ୍ନକ୍ଷମ ଏବଂ ଅନ୍ୟ ଜଣେ ମହିଳା ଶିକ୍ଷୟିତ୍ରୀ । ପୁଣି ଅନ୍ୟ ଜଣେ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ରହୁଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଅଛି । ଏଭଳି ସ୍ଥଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ କିଶୋର ଏକ୍କାଙ୍କୁ ନିକଟସ୍ଥ ଲମ୍ବୁରା ବିଦ୍ୟାଳୟକୁ ବଦଳି କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏପରି ନିର୍ଦ୍ଦେଶ ଜାରି କରାଯାଇଛି । ଏହାର ପ୍ରତିବାଦରେ ସ୍ଥାନୀୟ ଅଭିଭାବକ, ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଆନ୍ଦୋଳନ କରିଛନ୍ତି । ପ୍ରଧାନଶିକ୍ଷକ ଶ୍ରୀ ଏକ୍କାଙ୍କ ବଦଳି ଆଦେଶ ବାତିଲ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ କଳ୍ପନା ରଣା, ଜିଲ୍ଲା ପରିଷଦ ସଦସ୍ୟ ରାଜେଶ ମହାନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସୀମା ରଣା ପ୍ରମୁଖ ଗତ ଗୁରୁବାର ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରଧାନଶିକ୍ଷକ ଶ୍ରୀ ଏକ୍କାଙ୍କ ବଦଳି ଆଦେଶ ସ୍ଥଗିତ ପାଇଁ ସ୍ଥାନୀୟ ସିଆରସିସି ଓ ବିଇଓଙ୍କ ଠାରେ ଲିଖିତ ଦାବି କରିଥିଲେ । ହେଲେ ଏହାର କୌଣସି ସୁଫଳ ନ ମିଳିବାରୁ ଆଜି ଠାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି ।

# ଧାନ ଖରି ଜାଳିଦେଲେ ଦୁର୍ବୃତ୍ତ

## ଶିଳ୍ପ ବିକାଶ ନାମରେ ବିନାଶର ଖେଳ



ଝାରସୁଗୁଡ଼ା/କିର୍ମିରା,୨୪ା୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ସାରସମାଲ ଗାଁର ଦିବ୍ୟଲୋଚନ (୩୬) ଚାଷ ପରେ ଅମଳ ଧାନକୁ ସଂଗ୍ରହ କରି ଖରି ତିଆରି କରି ରଖିଥିଲେ । ହେଲେ ସେହି ଖରିରେ କେହି ଅଜଣା ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ଅଭିଯୋଗ ହୋଇଛି । ଧାନ ଖରି ଜଳୁଥିବା ଦେଖି ଗ୍ରାମବାସୀ ଦମକଳ ବିଭାଗକୁ ଖବର ଦେଇଥିଲେ । ତତ୍‌କ୍ଷଣାତ ଝାରସୁଗୁଡ଼ା ବିଭାଗୀୟ ଅଧିକାରୀ ଶ୍ରୀ କେ ଦେହୁରୀ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ । ହେଲେ ସେତବେଳକୁ ଅର୍ଦ୍ଧାଧିକ ଧାନ ଜଳିପୋଡ଼ି ନଷ୍ଟ ହୋଇ ସାରିଥିଲା । କିନ୍ତୁ ଆଖପାଖ ଅଞ୍ଚଳରେ କିଆରି ମାନଙ୍କରେ କଟାଯାଇ ଶୁଖାଯାଇଥିବା ଧାନ ସହ ନିକଟସ୍ଥ ଅନେକ ଖରି ଗୁଡିକ ବର୍ତ୍ତି ଯାଇଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅଞ୍ଚଳରେ ଅନେକ ଶିଳ୍ପ ଓ କଳକାରଖାନା, ପେଟ୍ରୋଲ ଡିପୋ, ରେଳ ବିଭାଗୀୟ ନିର୍ମାଣ ଗଢ଼ି ଉଠୁଛି । ଏଣୁ ଗମନାଗମନ ପାଇଁ ରାସ୍ତାରେ ଥିବା ଅନାବନା ଗଛ, ଲତାବୁଦା କଟାକଟି କରାଯାଉଛି । ଏହାପରେ ସେଗୁଡ଼ିକୁ ସଫା କରିବା ବାହାନାରେ ଦୀର୍ଘବର୍ଷରୁ ଏପରି ଦୁର୍ବୃତ୍ତ ମାନେ ନିଆଁ ଲଗାଇ ଦେଉଛନ୍ତି । ଫଳରେ ବିଲବାଡ଼ିର ନଡ଼ା, ପୁଆଳ, ଜୀବଜନ୍ତୁ, ପଶୁପକ୍ଷୀ ଅନେକ ଥର ପୋଡି ମରୁଥିବା ଦୃଷ୍ଟାନ୍ତ ରହିଛି । ଆଗାମୀ ଦିନରେ ଏପରି ଦୁର୍ବୃତ୍ତଙ୍କ ଅସାମାଜିକ, ଅନୈତିକ କାର୍ଯ୍ୟ ପାଇଁ ପ୍ରଶାସନ ଦୃଷ୍ଟି ଦେବା ସହ ଦୋଷୀ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୨୪ା୧୧(ସମିସ): ବାରକୋଟ ବ୍ଲକ୍ ଦଣ୍ଡାସିଂହା ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୫୧ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୩୧ଟି ବ୍ୟକ୍ତିଗତ ଏବଂ ୨୦ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ସି.ସି.ରୋଡ, ନଳକୂପ, ଆବାସ ଗୃହ ପାଇବା ନିମନ୍ତେ ଓ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଅଭିଯୋଗ ହୋଇଥିଲା । ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜନିକୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

**ଝାରସୁଗୁଡ଼ା:** ଲଇକେରା ବ୍ଲକ୍ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁରୂତ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମହେଶ ମୋହନ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ, ତହସିଲଦାର ଦିଲ୍ଲୀପ ମାଝୀ ଓ ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବରଙ୍କ ସମେତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାର ଉପସ୍ଥିତ ଥିଲେ । ଶିବିରରେ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ତନ୍ମଧ୍ୟରୁ ୬ଟି ସାମୂହିକ ଓ ୧୧ଟି ବ୍ୟକ୍ତିଗତ ଅଭିଯୋଗ । ମୁରାଦିପାଲିରେ ନଳକୂପ ମରାମତି ଓ ମୋବାଇଲ ନେଟୱାର୍କ ଜନିତ ସମସ୍ୟାର ସମାଧାନ ଓ ଚଳିତ ବର୍ଷ ବନ୍ୟାରେ କ୍ଷତିଗ୍ରସ୍ତ ଉଠା ଜଳସେଚନ ପ୍ରକଳ୍ପ ଟ୍ରାନ୍ସଫର୍ମର ଓ ମଟର ମରାମତି, ରେଙ୍ଗାଲବେଡ଼ାରେ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ, ନିଶା ନିବାରଣ ଏବଂ ଝାରସୁଗୁଡ଼ା ବମ୍ବେ ଛକସ୍ଥିତ ଗ୍ରୀନ ମିଡୋଜ ଆପାର୍ଟମେଣ୍ଟରେ ଫ୍ଲାଟର ପଞ୍ଜୀକରଣ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଅଭିଯୋଗ ଗୁଡିକର ତର୍ଜମା ପୂର୍ବକ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ସତ୍ୟ ସାଇବାବା ଜନ୍ମ ଶତବାର୍ଷିକୀ

କୁଣ୍ଡେଇଗୋଲା,୨୪ା୧୧(ସମିସ): ରିଆମାଳ ବ୍ଲକ୍ ଅଧୀନ ଛତାବର ସତ୍ୟସାଇ ସଂଗଠନ ତରଫରୁ ସୋମବାର ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ସାଇ ସଂଗଠନ ସମସ୍ତ ଭକ୍ତ ଏକତ୍ରିତ ହୋଇ ନଗର ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ସମାପ୍ତ ପରେ ପ୍ରଶାନ୍ତି ପତାକା ଉତ୍ତୋଳନ କରିଥିଲେ । ଏହାପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ସେହିପରି ସତ୍ୟସାଇ ବାବାଙ୍କ ଅଖିଳ ରଥ ପୂଜା କରିବା ପରେ ନାରାୟଣ ସେବା ଭାବେ ଦରିଦ୍ର ମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ବାଳ ବିକାଶ ଛାତ୍ରଛାତ୍ରୀଙ୍କୁ ନେଇ କ୍ରୀଡା ସହିତ ଆଧ୍ୟାତ୍ମିକ ପରୀକ୍ଷା କରାଯାଇଥିଲା । ପରେ ସଂଗଠନ ପକ୍ଷରୁ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ସନ୍ଧ୍ୟା ସମୟରେ ବାଳ ବିକାଶ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ସଂଗଠନ ଆବାହକ ଶ୍ରୀକୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେବା ସଂଯୋଜକ ମୌସମ ସାହୁ, ଶିକ୍ଷା ସଂଯୋଜକ ଅରୁଣ ସାହୁ, ଅଜିତ ସାହୁ,କୁବେର ପ୍ରଧାନ, ତନ୍ମୟ ଖଟୁଆ, ଆଲୋକ ମହାପାତ୍ର, ପୁରୁଷୋତ୍ତମ ବେହେରା, ମାଧବ ଗୁପ୍ତା, କିରଣ ବାଲା ପ୍ରଧାନ, ଭାରତୀ ଦେବ, ଜୁଲିରାଣୀ ବେହେରା, ତପସ୍ୱିନୀ ସାହୁ, ସୁଷମା ବେହେରା, ହୀରା ପ୍ରଧାନ, ଓ କିରଣ ସାହୁ ସାଇ ଭକ୍ତ ମାନେ ସହଯୋଗ କରିଥିଲେ ।

## ବୌଦ୍ଧିକ ବିକାଶ ବିଜ୍ଞାନ ମେଳାର ଲକ୍ଷ୍ୟ

କୋଲାବିରା,୨୪ା୧୧(ସମିସ): କୋଲାବିରା ବ୍ଲକ୍ ଅନ୍ତର୍ଗତ ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ଉପରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ନିର୍ମଳ ଚାନ୍ଦ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମାସିଂହା ଶାଖାର ଫିଲ୍ଡ ଅଫିସର ସାନନ୍ଦ ନାଏକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବେଲପାହାଡ ଗଏଲ ହାଇସ୍କୁଲର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ, ନିର୍ମଳ ଚାନ୍ଦ ଯୋଗ ଦେଇଥିଲେ । ବିଦ୍ୟାଳୟର କୁନିକୁନି ବୈଜ୍ଞାନିକମାନଙ୍କ ଦ୍ୱାରାଦ୍ୱାରା ୩୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏଥିମଧ୍ୟରୁ



୪ଟି ଶ୍ରେଷ୍ଠ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନିତ ହେବାପାଇଁ ଉନ୍ନୀତ କରାଯାଇଥିଲା । ବିଚାରକ ଭାବେ ଶିକ୍ଷକ ପ୍ରଦୀପ ନାଏକ ଓ ଶିକ୍ଷକ ସୁଜିତ ବିଶି ଯୋଗ ଦେଇଥିଲେ । ପ୍ରଦର୍ଶିତ ପ୍ରକଳ୍ପ ଗୁଡିକ ମଧ୍ୟରେ ଅର୍ପିତା ସାହୁ ଓ ଲିସିକା ସାହୁଙ୍କ ଜଳ ସଂରକ୍ଷଣ, ପୁଷ୍ପାଜଳି ସାହୁ ଓ ସୌମ୍ୟ ପ୍ରଧାନଙ୍କ ଜଳ ସଂରକ୍ଷଣ, ଦିବ୍ୟାସା ପଧାନ ଓ ସୁଭଶ୍ରୀ ବାରିକଙ୍କ ବାୟୁ ପ୍ରଦୂଷଣ ଏବଂ ପିହୁପ୍ରଭା ପ୍ରଧାନଙ୍କ ଜ୍ୟାମିତିକ ଉଦ୍ୟାନ ପ୍ରକଳ୍ପକୁ ବିବେଚନା କରାଯାଇଥିଲା । ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ ।

## ପିତାମାତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଥଣ୍ଡା ପାନୀୟ ଜଳ ମେସିନ ଦାନ

ଦେବଗଡ଼,୨୪ା୧୧(ସମିସ): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିଅମ ଠାରେ କ୍ରୀଡାବିତ ଓ ଦର୍ଶକଙ୍କ ତୃଷା ନିବାରଣ ନିମନ୍ତେ ଜିଲ୍ଲାର ପୁରୁଖା ଖେଳାଳି ତଥା ଦେବଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରଦର୍ଶକ ପ୍ରଦୀପ ମହାପାତ୍ର ଓ ତାଙ୍କ ଭାଇ ଡ.ପ୍ରଭାତ ମହାପାତ୍ର ଏକ ଶୁଦ୍ଧ ଥଣ୍ଡା ପାନୀୟ ଜଳ ମେସିନ ଦାନ କରିଛନ୍ତି । ଏହି ଥଣ୍ଡା ପାନୀୟ ଜଳ ମେସିନ ତାଙ୍କ ପିତା ସ୍ୱର୍ଗତ ଗଙ୍ଗାଧର ମହାପାତ୍ର ଓ ମାତା ସ୍ୱର୍ଗତ କମଳା ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଏହି ମେସିନ ସ୍ଥାପନ ପରେ ଷ୍ଟାଡିୟମକୁ ଆସୁଥିବା ଦର୍ଶକ ଓ ଖେଳାଳିଙ୍କ ପାଇଁ ସହାୟକ ହେବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ।

## ବନ୍ଧବାହାଲ ଡିଏଭି ସ୍କୁଲରେ ଗଳ୍ପ କଥନ

ଝାରସୁଗୁଡ଼ା/ବନ୍ଧବାହାଲ,୨୪ା୧୧(ସମିସ): ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଗଳ୍ପ କଥନ ଧର୍ମୀ ଏକ ଅଭିନବ କାର୍ଯ୍ୟକ୍ରମ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱରର ସୁନାମଧନ୍ୟା ଗାଳ୍ପିକା, କବୟିତ୍ରୀ ତଥା ଅଭିନୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କଳାକାର ପ୍ରାଚୀତାରା ମିଶ୍ର ଯୋଗଦାନ କରିଥିଲେ । ଗାଳ୍ପିକା ମିଶ୍ର ନିଜ ଅଭିନୟ ପୂର୍ବକ ଗଳ୍ପ କଥନ କରି ଇଣ୍ଟରନେଟ୍ ଦୁନିଆରେ ମଧ୍ୟ କିଭଳି ଗଳ୍ପ କଥନର ଆବଶ୍ୟକତା ରହିଛି ତାହା ନିଖୁଣ ଭାବେ ଇଂରାଜୀ ଭାଷାରେ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶେଷରେ ପ୍ରାଚୀତାରା ମିଶ୍ରଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇ ସଭା ସାଙ୍ଗ ହୋଇଥିଲା ।

# ଝାରସୁଗୁଡ଼ା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




ଝାରସୁଗୁଡ଼ା,୨୪ା୧୧(ସମିସ): ଝାରସୁଗୁଡ଼ା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜମେରାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍‌ରୁ ୭ଟି ବିଭାଗରେ ମୋଟ୍ ୨୦୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରତି ବିଭାଗରେ ୫ ଜଣ କରି ୩୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ମୁଖ୍ୟବକ୍ତା ପ୍ରଫେସର ସତୀଶ ପଟେଲ, ଜାତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ଗୋଲାପ ମଙ୍ଗରାଜ, ତିନି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ଅଜୟ ପାଟଯୋଶୀ, ସୁଶାନ୍ତ ହୋତା, ଓଡ଼ିଶା ମେଟାଲିକ୍ସର ଅଜିତ ସିଂହ, ରଞ୍ଜିତ ବିଶ୍ୱାଳ, ଶଙ୍କର ପାଢ଼ୀ, ପ୍ରଧାନଶିକ୍ଷକ ଜୟଶଙ୍କର ନାଗ, ସିଆର୍‌ସିସି ପୁରୁଷୋତ୍ତମ ପଟେଲ, ନରୋତ୍ତମ ସାହୁ, ମିତ୍ରଭାନୁ ସାହୁ, ଅଶୋକ ସିଂହ, ଦୁର୍ଯୋଧନ ସାହୁ, ଚନ୍ଦ୍ରକାନ୍ତ ମିରିଗ, ବସନ୍ତ ସାହୁ, ଯଶୀକେତନ କଲୋ ପ୍ରମୁଖ ମଞ୍ଚାସୀନ ଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀଲ ପଟେଲ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଅପରାହ୍ଣରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ । ତାରକା ଅତିଥି ରୂପେ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡର ଆଶିଷ ରଞ୍ଜନ ମହାନ୍ତି ଓ ବେଣୁଧର ବିର୍ତ୍ତିୟା, ରବୀନ୍ଦ୍ର ସାହୁ, ଅଜୟ ପାଟଯୋଶୀ, ସୁଶାନ୍ତ ହୋତା, ଲଖନପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ, ଜୟଶଙ୍କର ନାଗ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ସରପଞ୍ଚ ଗିରିଜା ବୁଡା, ସମିତି ସଭ୍ୟା ଗୀତା ସା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରାଜକିଶୋର ଜେନା, ହେମନ୍ତ ଖର୍ସେଲ, ଆଦିତ୍ୟ ବାଦୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ବିଜୟୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା । ବ୍ରଜରାଜନଗର ହିଲ୍ ଟପ୍ ଡିଏଭିର ଯଶୱନ୍ତ ପାଣ୍ଡେ (ଦୀର୍ଘସ୍ଥାୟୀ କୃଷି), ଆମ୍ରିତାଂଶୁ ଦାଶ (ସବୁଜ ଶକ୍ତି), ଏକତା ପ୍ରଧାନ (ମନୋରଞ୍ଜକ ଗଣିତ ମଡେଲ), ଲାଲା ଲାଜପତ୍‌ରାୟ ହାଇସ୍କୁଲର ତୁଷାର ବୁଡା (ବର୍ଜ୍ୟ ପରିଚାଳନା ଓ ପ୍ଲାଷ୍ଟିକର ବିକଳ୍ପ), ବ୍ରଜରାଜନଗର ଡିଏଭିର ବୈଭବ ପଟେଲ (ଉଦୀୟମାନ ପ୍ରଯୁକ୍ତି ବିଦ୍ୟା), ପୁରୁଣାବସ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ଡମ୍ବରୁ ମେହେର (ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା), ଏକାତାଲି ମୁନିସିପାଲ ହାଇସ୍କୁଲର ମାମାଲି ବାଗ (ଜଳ ସଂରକ୍ଷଣ ଓ ପରିଚାଳନା) ନିଜ ନିଜ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଉଭୟ ସଭାରେ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା । ବିଚାରକରୂପେ ଜୟନ୍ତୀ ବାରିକ, ଦୀପିକା ଟୁଟି, ରଞ୍ଜନ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଶିବ ଶଙ୍କର ମେହେର ପ୍ରମୁଖ ଯୋଗ ଦେଇଥିଲେ । ଓପିଏମ ହାଇସ୍କୁଲର ଏୟାର ଫୋର୍ସ ଏନସିସି ଅଫିସର ଜିତେନ୍ଦ୍ର ମଗରଙ୍କ ନେତୃତ୍ୱରେ ୪୦ ଜଣ କ୍ୟାଡେଟ୍, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଭାରତ ସ୍କାଉଟ ଆଣ୍ଡ ଗାଇଡର ଡିଷ୍ଟ୍ରିକ୍ଟ ଟ୍ରେନିଂ କମିଶନର ରବି ନାରାୟଣ ପୂଜାରୀଙ୍କ ନେତୃତ୍ୱରେ ୩୦ ଜଣ ଗାଇଡ, ଦୁଲ୍‌ଦୁଲି ବାଜା ଓ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଅତିଥିମାନଙ୍କୁ ପାଛୋଟି ନିଆ ଯାଇଥିଲା । ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜମେରା, ବ୍ଲୁ ବେଲ୍ ଇଂଲିଶ ସ୍କୁଲ୍, ସେଣ୍ଟ ଥୋମାସ ଇଂଲିଶ ସ୍କୁଲ୍, ପଞ୍ଚପଡା ନୋଡାଲ ସ୍କୁଲ୍ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମରାକୁଟା ସାଲେଟିକ୍ରାର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ପ୍ରଦର୍ଶନୀକୁ ଆହୁରି ମନମୋହକ କରିଥିଲା । ବିଜ୍ଞାନ ମେଳାକୁ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମସ୍ତ ସିଆରସିସି, ପୂର୍ବତନ ଛାତ୍ର ସଂସଦର ସଦସ୍ୟ, ଜମେରା କ୍ଲଷ୍ଟରର ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ନୀଳାଦ୍ରି ପଟେଲ ଓ କିଶୋର ମହାନ୍ତି ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ ବଜରଙ୍ଗୀ କବାଡି ଚାମ୍ପିଅନସିପ

# ବଁଅଁରପାଳ ଦଳକୁ ହରାଇ ବଣେଇଗଡ଼ ଚାମ୍ପିଅନ



ରିଆମାଳ,୨୪ା୧୧(ସମିସ): ରିଆମାଳ ବ୍ଲକ୍ ବାବରାକୋଟ ଗାଁରେ ୧୫ ତମ ବାବରାକୋଟ ରାଜ୍ୟସ୍ତରୀୟ ବଜରଙ୍ଗୀ କବାଡି ଚାମ୍ପିଅନସିପ୍ ଟୁର୍ଣ୍ଣାମେଣ୍ଟରେ ଅନୁଗୁଳ ଜିଲ୍ଲା ବଁଅଁରପାଳ ଦଳକୁ ପରାସ୍ତ କରି ବଣେଇଗଡ ଖଡୁସସାଲା ଦଳ ଚାମ୍ପିଅନ ହୋଇଛି । ସଭାପତି ବୁଧୁ ସ୍ୱାଇଁ, ସମ୍ପାଦକ ଦିନେଶ ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଶାନ୍ତ ସ୍ୱାଇଁ, ଏଟି ମୋଭେଶ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌ଟି ବାବରାକୋଟ ଓରାମପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ ବାବରାକୋଟ ଦଳ ବିଜୟୀ ହୋଇଥିଲା । ୧୨ଟି ଦଳକୁ ନେଇ ଆୟୋଜିତ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଗୁଳ ଜିଲ୍ଲା ବଁଅଁରପାଳ ଓ ବଣେଇଗଡ ଖଡୁସସାଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୩୦-୨୩ ପଏଣ୍ଟରେ ବଣେଇଗଡ ଖଡୁସସାଲା ଚାମ୍ପିଅନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ତଥା ବ୍ୟବସାୟୀ ପ୍ରଶାନ୍ତ ପାତ୍ର, ସମ୍ମାନିତ ଅତିଥି ଭାବେ କିନ୍ନର ଲିଡର ବିମଳ ନାୟକ, ରିଆମାଳ ପୂର୍ବ ସମିତି ସଭ୍ୟ ଗାନ୍ଧୀ ଚରଣ ନାୟକ, ପ୍ରଣବ ଦେବ, ସମାଜସେବୀ ସୁଶାନ୍ତ ସ୍ୱାଇଁ, ପୁଲିସ ଏସ୍.ଆଇ ରମାକାନ୍ତ ପ୍ରଧାନ, ଏସ.ଆଇ ବିଜୟ ସ୍ୱର୍ଣ୍ଣ, ବିଦ୍ୟୁତ୍ କନିଷ୍ଠ ଯନ୍ତ୍ରୀ ଦୀପକ ଦାସ, ପୁଷ୍ପକ ମିଶ୍ର ଯୋଗ ଦେଇ ଚାମ୍ପିୟନ ବଣେଇଗଡ ଖଡୁସସାଲା ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଓ ରନର୍ସଅପ୍ ଅନୁଗୁଳ ବଁଅଁରପାଳ ଦଳକୁ ଟ୍ରଫି ସହ ୧୨ ହଜାର ଟଙ୍କା ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ । କମିଟିର କୁନୁରାୟ, ସିଲୁରାୟ, କାହ୍ନା ସାହୁ, ଆଲୋକ ସାହୁ, ଫରେନ ସାହୁ, ରାଜା ସ୍ୱାଇଁ, ବୁଲୁ ସାହୁ, ଅମିତ ସାହୁ, ରାକେଶ ସାହୁ, ଅମୂଲ୍ୟ ସାହୁ, ଜୁନୁ ସ୍ୱାଇଁ, ରୁଦ୍ର ସ୍ୱାଇଁ, ଜୁଲୁ ବେହେରା, ପିଣ୍ଟୁ ସ୍ୱାଇଁ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ନିଶା ମାଫିଆ ସୁଶୀଲ ଗିରଫ

ଦେବଗଡ଼,୨୪ା୧୧(ସମିସ): ରିଆମାଳ ଥାନା ପୁଲିସ ସୋମବାର ବେଆଇନ ଚାଲାଣ ପାଇଁ ଗଞ୍ଜେଇ ଯୋଗାଉଥିବା ଜଣେ ନିଶା ମାଫିଆ ସୁଶୀଲ ଚାନ୍ଦ (୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ରିଆମାଳ ଥାନାଞ୍ଚଳ ଦେଇ ବେଆଇନ ଗଞ୍ଜେଇ ଚାଲାଣ ହେବା ନେଇ ପୁଲିସ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗତ ୧୯ ତାରିଖ ଗିରଫ କରିଥିଲା । ପୁଲିସ ଅନୁଯାୟୀ, ଗତ ୧୯ ତାରିଖ ସୋନପୁର ପଟୁ ଦେବଗଡ଼ ଅଭିମୁଖେ ଏକ ଗଞ୍ଜେଇ ବୋଝେଇ କାର ଆସୁଥିବା ଖବର ମିଳିଥିଲା । ଏସଡିପିଓ ରମେଶ ମାହାନାଙ୍କ ନିର୍ଦ୍ଦେଶ କ୍ରମେ ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସଦଳବଳେ ରିଆମାଳ-ତାରଙ୍ଗ ରାସ୍ତାରେ ଯାନବାହାନ ଯାଞ୍ଚ କରିଥିଲେ । ଏହି ସମୟରେ ସୋନପୁର ପଟୁ ଆସୁଥିବା ଏକ କାରକୁ ତାରଙ୍ଗ ନିକଟସ୍ଥ ଶ୍ୟାମପାଲି ଜଙ୍ଗଲ ନିକଟରେ ଯାଞ୍ଚ କରାଯାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଡି ମଧ୍ୟରୁ ୫୮ କିଲୋରୁ ଅଧିକ ଗଞ୍ଜେଇ ଜବତ ହୋଇଥିଲା । ଯାଞ୍ଚ ସମୟରେ ଗାଡିରେ ଥିବା ୨ ଜଣ ଅଭିଯୁକ୍ତ ଖସିବାକୁ ଚେଷ୍ଟା କରିଥିଲେ । ହେଲେ ପୁଲିସ ସେମାନଙ୍କୁ କାବୁ କରିଥିଲା । ଗିରଫ ଅଭିଯୁକ୍ତମାନେ ବାରକୋଟ ଥାନା ଲକ୍ଷ୍ମୀପୁର ଗାଁର ହରିହର ପ୍ରଧାନଙ୍କ ପୁଅ ଜଳାରସେନ ପ୍ରଧାନ (୨୭) ଓ ସରୁଆଳି ଗାଁର ଜିତେନ୍ଦ୍ର ପ୍ରଧାନଙ୍କ ଝିଅ ସସ୍ମିତା ପ୍ରଧାନ (୩୩) । ପୁଲିସ ତଦନ୍ତ ସମୟରେ ଅଭିଯୁକ୍ତ ମାନେ ବୌଦ୍ଧ ଅଞ୍ଚଳରୁ ବେଆଇନ ଗଞ୍ଜେଇ ଆଣି ବାରକୋଟ ଅଞ୍ଚଳରେ ବିକ୍ରି ପାଇଁ ନେଉଥିବା ସ୍ୱୀକାର କରିଥିଲେ । ସେମାନଙ୍କୁ ଗଞ୍ଜେଇ ଯୋଗାଇଥିବା ଅଭିଯୁକ୍ତର ସୂଚନା ମଧ୍ୟ ପୁଲିସକୁ ମିଳିଥିଲା । ସୂଚନା ଆଧାରରେ ରିଆମାଳ ପୁଲିସ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ରୁଗୁଡିଢ଼ୀପା ଗାଁରେ ଚଢ଼ଉ କରି ନିଶା ମାଫିଆ ମହର୍ଗୁ ଚାନ୍ଦଙ୍କ ପୁଅ ସୁଶୀଲ ଚାନ୍ଦ (୨୪)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣା ପଡିଛି । ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ଜାତୀୟ ପାରା ସ୍ୱିମିଂ ଚାମ୍ପିଅନସିପରେ ଗୌରବ ଆଣିଲେ କାହ୍ନା

## ଓଡ଼ିଶା ପାଇଁ ଜିତିଲେ ୩ ରୌପ୍ୟ ପଦକ



ଦେବଗଡ଼,୨୪ା୧୧(ସମିସ):

ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ସଫଳତା ଆଣିଥାଏ । ଏହି ଉକ୍ତିକୁ ପ୍ରମାଣିତ କରିଛନ୍ତି ବାରକୋଟ ବ୍ଲକ୍ ଡଂରା ଗାଁର ୧୯ ବର୍ଷୀୟ ଭିନ୍ନକ୍ଷମ ଯୁବକ କାହ୍ନା ପାତ୍ର । ଗତ ୧୫ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦ ସ୍ଥିତ ବାଲାଯୋଗୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଜାତୀୟ ପାରା ସ୍ୱିମିଂ ଚାମ୍ପିଅନସିପରେ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ, ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ ଓ ୧୦୦ ମିଟର ବଟରଫ୍ଲାଏରେ କାହ୍ନା ରାଜ୍ୟ ପାଇଁ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି । ଯୁକ୍ତ ୨ ପରେ ଆଇଟିଆଇରେ ଉତ୍ତୀର୍ଣ୍ଣ ହେବା ପରେ ୨୦୨୩ରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସନ୍ତରଣ ଅଭ୍ୟାସ ଜାରି ରଖିଥିଲେ । ପୂର୍ବରୁ ୨ ଥର ଜାତୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ମଧ୍ୟପ୍ରଦେଶ ଗ୍ୱାଲିୟର ସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରେନିଂ ସେଣ୍ଟର ଫର ଡିଜେବିଲିଟି ସ୍ପୋର୍ଟ୍ସରେ ପ୍ରଶିକ୍ଷଣ ନେଉଥିଲେ । କାହ୍ନା ଓଡ଼ିଶା କୋଚ ସୁନିତା ପାତ୍ରଙ୍କ ପ୍ରଶିକ୍ଷଣରେ ଚଳିତ ବର୍ଷ ପାରା ସ୍ୱିମିଂ ଚାମ୍ପିୟନସିପରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି । କାହ୍ନାଙ୍କ କୃତିତ୍ୱକୁ ସମ୍ମାନ ଜଣାଇ ଆଜି ବାରକୋଟ ବ୍ଲକ୍ ଦଣ୍ଡାସିଂହା ପଞ୍ଚାୟତ ଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳ କବିନ୍ଦ୍ର ସାହୁ କାହ୍ନାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ବାରକୋଟ ବ୍ଲକ୍ ଡଂରା ପଞ୍ଚାୟତର ସନ୍ତୋଷ ପାତ୍ର ବାରକୋଟ ଥାନାରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟରତ ଥିବା ବେଳେ ଗରିବ ପରିବାରରେ ଆର୍ଥିକ ଅନାଟନ ସତ୍ତ୍ୱେ ଭିନ୍ନକ୍ଷମ କାହ୍ନା ନିଜ ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ଫଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଅନ୍ୟ ପାଇଁ ପ୍ରେରଣା ସାଜିଛନ୍ତି ।

## ପ୍ରଧାନପାଟ କପ ଫୁଟବଲ ପ୍ରତିଯୋଗିତା

# ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ



ଦେବଗଡ଼,୨୪ା୧୧(ସମିସ): ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ସୋମବାର ପ୍ରଧାନପାଟ କ୍ଲବ୍ ପକ୍ଷରୁ ୭ମ ସର୍ବଭାରତୀୟ ପ୍ରଧାନପାଟ କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଡିପିଓ ରମେଶ ମାହାନା, ଡିଏସପି ଅମୂଲ୍ୟପୁନମ ଲାକ୍ରା, ଦେବଗଡ଼ ଥାନା ଆଇଆଇସି ସବ୍ୟସାଚୀ ଶତପଥୀ ଓ ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ ଯୋଗ ଦେଇଥିଲେ । ଆୟୋଜକ ପ୍ରଧାନପାଟ କ୍ଲବ୍ ସହିତ ସମ୍ବଲପୁର ଏକାଡେମୀ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍‌ରେ ସମ୍ବଲପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା । ସମ୍ବଲପୁର ଦଳର ଏସ.ଚନ୍ଦ୍ର ସିଣ୍ଟୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ମ୍ୟାଚ୍ କମିଶନର ଭାବେ ହେମନ୍ତ ମହାପାତ୍ର ଦାୟିତ୍ୱରେ ଥିଲେ । ଅଶ୍ୱିନୀ ବରିହା, ସାଗର ନାଏକ, ସୁଶାନ୍ତ କିଷାନ, ରାଜ ମଣ୍ଡଳ ମ୍ୟାଚ୍‌କୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବ୍‌ର ସଭାପତି ବିକାଶ ପ୍ରଧାନ, ସମ୍ପାଦକ ସଞ୍ଜୀବ ନାଏକ, କୋଷାଧ୍ୟକ୍ଷ ବବଲୁ ଜେନା, ସୁବାସ ଚନ୍ଦ୍ର ଭୋଇ, ଶୁକଦେବ ଭଞ୍ଜ, ମଛିନ୍ଦ୍ର ନାଏକ, ରୂପକ ମାଝୀ, ଶରତ ମେହେର, ପ୍ରଦୀପ ବେହେରା, ପ୍ରତାପ ଦେବ, ସ୍ୱସ୍ତିକ ମହାପାତ୍ର, ମାନସ ପ୍ରଧାନ, ଦୀପକ ବେହେରା, ସଞ୍ଜୀବ ବେହେରା, ଯୋଗେଶ ନାଏକ, କ୍ଷୀତିଶ ପ୍ରଧାନ, ଅନନ୍ତ ମେହେର, ଜୟ ସାମଲ, ଅଲେଖ ନାଏକ, ନିରଞ୍ଜନ ପ୍ରଧାନ, ସନ୍ତୋଷ ଭୋଇଙ୍କ ସମେତ କ୍ଲବ୍‌ର ସଦସ୍ୟମାନେ ସହଯୋଗ କରିଥିଲେ । ଆସନ୍ତାକାଲି ସୁନ୍ଦରଗଡ ଗିରେଲଡୁଙ୍ଗରୀ ସହିତ ଜଗଦଳପୁର ରଙ୍ଗବାଜ ଏଫସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି ।

## ପାରାଦୀପରୁ ହଟିବେ ବାଂଲାଦେଶୀ
# ଦୁଇ ଦିନ ମଧ୍ୟରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ

ପାରାଦୀପ,୨୪।୧୧(ସମିସ)

ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ବଢି ଚାଲିଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା। ପ୍ରକୃତରେ ଏହି ଅନୁପ୍ରବେଶକାରୀ ବଙ୍ଗଳା ଭାଷୀ ନାଁ ବାଂଲାଦେଶୀ ଏହି ଉତ୍ତର କାହାପାଖରେ ନାହିଁ। ନା ପ୍ରଶାସନ ନା ସ୍ଥାନୀୟ ବାସିନ୍ଦା। ଏମାନେ ଧୀରେ ଧୀରେ ପାରାଦୀପ ଅଞ୍ଚଳରେ କାୟାବିସ୍ତାର କରିଛନ୍ତି। ଏହି ଖବର 'ସକାଳ' ରେ ବାରମ୍ବାର ପ୍ରକାଶ ପାଇବା ପରେ ପ୍ରଶାସନ ଏହାକୁ ଗୁରୁତର ଭାବେ ନେଇଛି। ତେବେ ଏହି ଯାଞ୍ଚ ପ୍ରକ୍ରିୟା ଦିନେ ଦୁଇ ଦିନ ମଧ୍ୟରେ କରାଯାଇ ପ୍ରକୃତ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ସେପଟେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବାଙ୍ଗାଳାଦେଶୀ ହଟାଅ ଅଭିଯାନକୁ ଜୋରଦାର କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଂଲାଦେଶୀଙ୍କୁ ଚିହ୍ନଟ କରିବା ପାଇଁ ଯାଞ୍ଚ କରାଯାଉଛି। ମାତ୍ର ସପ୍ତାହେ ହେବ ବାଲିକୁଦା ଥାନା ଅଧୀନରେ ଶତାଧିକ ବାଙ୍ଗାଳାଦେଶୀ ରହୁଥିବା ପୁଲିସ ଜାଣିବାକୁ ପାଇ ଛାନ୍‌ଭିନ କରି ସେମାନଙ୍କୁ ଉଦ୍ଧାର କରାଯାଇଛି। ପାରାଦୀପର ୧୯ଟି ୱାର୍ଡ ସମେତ ଭିମାନାସୀ, ଲକପଡା, ବିଜୟଚାନ୍ଦପୁର, ରଙ୍ଗିଆଗଡ଼, ଚନକଣ, ରାମଚଣ୍ଡୀପଡା ଓ ଜରଦାରୀପଡା ଆଦି ସ୍ଥାନରେ କିଛି ବାଙ୍ଗାଳାଦେଶୀ ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ରହି ଆସୁଥିବା ବେଳେ ସରକାରୀ ଜାଗା, ନଦୀ, ନାଳ ଓ ସମୁଦ୍ର କୂଳରେ ଘର କରି ଆଧାର କାର୍ଡ, ଭୋଟର କାର୍ଡ, ଓ ରାସନ କାର୍ଡ ମଧ୍ୟ ହାତେଇଛନ୍ତି। ଏହା ସହିତ ସମସ୍ତ ସରକାରୀ ଯୋଜନା ମାଧ ପାଉଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଂଲାଦେଶୀ ହଟାଅ ଅଭିଯାନକୁ ଜୋରଦାର କରାଯାଉଥିବା ବେଳେ ପାରାଦୀପରେ ଖୁବଶୀଘ୍ର ହେବା ନେଇ ସ୍ପଷ୍ଟ ଜଣାପଡିଛି। ଜଗତସିଂହପୁର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୩ ଜଣ ସନ୍ଦିଗ୍ଧ ବାଂଲାଦେଶୀ ଡିଟେନସନ୍ ସେଣ୍ଟରରେ ରଖାଯାଇଥିବା ବେଳେ ୧୦ ଜଣ ବାଂଲାଦେଶୀ ବୋଲି ଚିହ୍ନଟ କରାଯାଇଛି। ଅନ୍ୟମାନଙ୍କ କାଗଜପତ୍ର ଯାଞ୍ଚ ପରେ ଏହାର ସଂଖ୍ୟା ବୃଦ୍ଧି ପାଇପାରେ। ଏଥି ସହ ବେଆଇନ ଭାବେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀ ମାନଙ୍କୁ ଧରିବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ପ୍ରକ୍ରିୟା ଜୋରଦାର କରାଯାଇଛି।

## ଶିଶୁ ବିଦ୍ୟାମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ପାରାଦୀପ,୨୪।୧୧(ସମିସ): ପାରାଦୀପସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନ୍ନପୂର୍ଣ୍ଣା ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସସ୍ମିତା ଦାଶ ପୌରୋହିତ୍ୟ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ସମାଜସେବୀ ପ୍ରେମଲତା ବାରିକ, ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ମାତୃ ସମ୍ମିଳନୀରେ ଯୋଗ ଦେଇଥିଲେ। ଆଜିର ଶିଶୁ କାଲିର ଦେଶ ଗଠନର ପ୍ରମୁଖ କର୍ଣ୍ଣଧାର। ଏହି ଶିଶୁଙ୍କୁ ସେଭଳି ସଂସ୍କାର ଦେଲେ ଆଗାମୀ ଦିନରେ ଆମ ଦେଶ ଭାରତ ସମଗ୍ର ବିଶ୍ୱରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅଞ୍ଜନା ପାତ୍ର ଧନ୍ୟବାଦ ଦେଇଥିଲେ।

## କୁଜଙ୍ଗରେ ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ

କୁଜଙ୍ଗ, ୨୩।୧୧(ସମିସ): ସତ୍ୟସାଇ ସେବା ସଙ୍ଗଠନର କୁଜଙ୍ଗ ସମିତି ପକ୍ଷରୁ ବାବାଙ୍କ ଶହେତମ ଜୟନ୍ତୀ ଶ୍ରଦ୍ଧା, ଭକ୍ତି, ସମର୍ପଣ ଓ ନିଷ୍ଠାର ସହକାରେ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ସମିତି ଆବାହକ ଶିକ୍ଷାବିତ ସରୋଜ କୁମାର ବେହେରାଙ୍କ ପୌରୋହିତ୍ୟରେ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମ ସହ ବର୍ଣ୍ଣାଢ୍ୟ ରଥରେ ବାବାଙ୍କ ଫଟୋ ନଗର ପରିକ୍ରମା କରିଥିଲା। ଅପରାହ୍ନ ସତ୍ରରେ ସମ୍ବର୍ଦ୍ଧନା ସଭା, ପ୍ରଦୀପ ପ୍ରଜ୍ୱଳନ, ସ୍ୱାଗତ ସଙ୍ଗୀତ, ସତସଙ୍ଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ଝୁଲଣ ପର୍ବ ଓ ଶେଷରେ ଆଳତୀ କରାଯାଇଥିଲା। ଏଥିରେ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ଅଭାରାଣୀ ପଟ୍ଟନାୟକ, ପୂର୍ବତନ ଆବାହକ ଦୀନବନ୍ଧୁ ସେନାପତି, ଅଧ୍ୟାପକ ସଦାଶିବ ସାହୁ ମହେଶ୍ୱର ମହାନ୍ତି, ଦେବରାଜ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସରଳା ଓଝା, ପ୍ରଣତୀ ସ୍ୱାଇଁ, ମିନତୀ ମିଶ୍ର, ସବିତା ମଲ୍ଲିକ, ହରପ୍ରିୟା ଦେବୀ, ରୀନାରାଣୀ ନାୟକ, ରଶ୍ମିତାବାଳା ମାଝୀ, ତମସା ଲେଙ୍କା, ରଶ୍ମିତା ନାୟକ, ପ୍ରତିମା ନାୟକ, ଇନ୍ଦୁମତୀ ସାହୁ, ସୁଚିତ୍ରା ବେହେରା, ଲଳିତା ସାମଲ, ମମତା ମହାନ୍ତି, ରଶ୍ମି ସ୍ୱାଇଁ, ହାରାମଣୀ ପାତ୍ର, ସ୍ମାଇଲ ସ୍ୱାଇଁ, ସ୍ୱାତୀ ସ୍ୱରୂପା ରାଜଗୁରୁ, ନମିତା ସ୍ୱାଇଁ, ଭାରତୀ ସୂତାର, ଶକୁନ୍ତଳା ସାହୁ, ଅଜୟ ମଲ୍ଲ, ପ୍ରଣୟ ପରିଜା, ଦେବ ମହାନ୍ତି, ବିଜୟ ପରିଡା, ଯୁଧିଷ୍ଠିର ପରିଡ଼ା, ସ୍ୱାଗତିକା ଓଝା, ବିଜୟ କୁମାର ଦାସ ପ୍ରମୁଖ ସହଯୋଗ କରିଥଲେ।

## ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ

ତିର୍ତ୍ତୋଲ,୨୪।୧୧(ସମିସ): ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ତିର୍ତ୍ତୋଲସ୍ଥ ସାଇ ମନ୍ଦିରରେ ତିର୍ତ୍ତୋଲ ସତ୍ୟସାଇ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଷୋଡ଼ଶ ଉପଚାର ପୂଜା ଓ ଧ୍ୱଜା ଉତ୍ତୋଳନ ସମେତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଜୟନ୍ତୀ ସ୍ୱାଇଁ ଯୋଗଦେଇ ସତ୍ୟସାଇ ବାବାଙ୍କ ସମର୍ପିତ ସେବା ମନୋଭାବ ଓ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ବାଲ୍ ବିକାଶ ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏ ଅବସରରେ ଦରିଦ୍ର ନାରାୟଣଙ୍କୁ ବସ୍ତ୍ର ଓ କମ୍ବଳ ପ୍ରଦାନ କରାଯାଇଥିଲା। ଶେଷରେ ବାବାଙ୍କୁ ଝୁଲା ଦୋଳିରେ ଝୁଲାଯାଇଥିଲା। ଅକ୍ଷୟ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଗଙ୍ଗାଧର ବଳବନ୍ତରାୟ, ଶିବ ଚରଣ ନାୟକ, ମନମୋହନ କାନୁନଗୋ, ବିଜୟା ନନ୍ଦ ନାଥ, ଅଧିଟ ନାଥ, କାଳନ୍ଦୀ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ତିର୍ତ୍ତୋଲ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଜଗତସିଂହପୁର ସାହିତ୍ୟ ପରିଷଦର ହେମନ୍ତ ସାହିତ୍ୟ ଆସର




ଜଗତସିଂହପୁର,୨୪।୧୧(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ ପରିସରରେ ହେମନ୍ତ ସାହିତ୍ୟ ଆସର ପରିଷଦର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, କବି ଅଜୟ କୁମାର ବେହେରା, ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଜାତୀୟ କବି ବୀରକିଶୋର ଦାସ ଓ ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କର ସମର୍ପିତ ଜୀବନୀ ଉପରେ ଆଲୋଚନା କରିଥିଲେ। ପରେ ପରେ କବି ମନୋରମା ଶତପଥୀଙ୍କ ସଂଯୋଜନାରେ କବି ପୂର୍ଣ୍ଣ ମିଶ୍ର, ବଂଶୀଧର ବେହେରା, ଗଣେଶ ମହାନ୍ତି, ପରୀକ୍ଷିତ ମହାନ୍ତି, ତିଲୋତ୍ତମା ଦାଶ, ମନୋରମା ଦାଶ, ଅଜୟ ବାରିକ, ଶାନ୍ତିଲତା ଜେନା, ସବ୍ୟସାଚୀ ତ୍ରିପାଠୀ, ଲୋଚନା କୁମାରୀ ଦେଇ, ନୀଳକଣ୍ଠ ମିଶ୍ର, ଜ୍ଞାନ ରଞ୍ଜନ ସ୍ୱାଇଁ, ସଂଗୀତା ଦାସ ପ୍ରମୁଖ ସ୍ୱରଚିତ କବିତା ଏବଂ ସତ୍ୟବତୀ ସ୍ୱାଇଁ ଓ ସନ୍ତୋଷ ଦାସ ତାଙ୍କର ସ୍ୱରଚିତ କ୍ଷୁଦ୍ର ଗଳ୍ପ ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପରିଷଦର ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା କବିତା ଓ ଗଳ୍ପର ସମୀକ୍ଷା କରିବା ସହିତ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଜ୍ଜୟିନୀ-ଓମକାରେଶ୍ୱର ଅଭିମୁଖେ ଯାତ୍ରା ତୀର୍ଥରେ ବାହାରିଲେ ବରିଷ୍ଠ ନାଗରିକ



ଜଗତସିଂହପୁର,୨୪।୧୧(ସମିସ): ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ଉଜ୍ଜୟିନୀ-ଓମକାରେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସମ୍ବିତ୍ କୁମାର ରାଉତ ଏବଂ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଜ୍ୟୋତିଶଙ୍କର ରାୟ ପ୍ରମୁଖ ଯୋଗଦାନ କରିଥିଲେ। ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ଅତିଥିମାନେ ତୀର୍ଥଯାତ୍ରୀଙ୍କୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ବରିଷ୍ଠ କର୍ମଚାରୀ ସୂର୍ଯ୍ୟକାନ୍ତ ସାହୁ, ପ୍ରସନ୍ନ କୁମାର ବେହେରା ଓ ରାଧାମୋହନ ଜେନା ଗସ୍ତ କରିଛନ୍ତି। ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ଉଜ୍ଜୟିନୀ-ଓମକାରେଶ୍ୱର ଅଭିମୁଖେ ଯାତ୍ରା କରିବେ। ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଦିଲ୍ଲୀପ କୁମାର ଜେନା, ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ।

## ନାଗରିକ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାରଣା



ରଘୁନାଥପୁର,୨୪।୧୧(ସମିସ): ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚରମ ଅବ୍ୟବସ୍ଥା ତଥା ୧୦ ଦଫା ଦାବି ନେଇ ସୋମବାର ରଘୁନାଥପୁର ସଚେତନ ନାଗରିକଙ୍କ ପକ୍ଷରୁ ମେଡିକାଲ ପରିସରରେ ଧାରଣା ଦିଆଯାଇଥିଲା। ସାମାଜିକ କର୍ମୀ ସରିତ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକ ତଥା ଯୁବଗୋଷ୍ଠୀମାନେ ଏଥିରେ ସାମିଲ ହୋଇଥିଲେ। ଦାବିଗୁଡିକୁ ମଧ୍ୟରେ ଦିନବେଳା ୩ ଓ ରାତିବେଳା ୨ ଜଣ ଡାକ୍ତର ଡିୟୁଟି କରିବା ସହ ସେମାନଙ୍କ ନାମ ଓ ଫୋନ ନମ୍ବର ସୂଚିତ କରାଯିବା, କାର୍ଯ୍ୟରେ ଅବହେଳା କରୁଥିବା ୨ ଜଣ ଡାକ୍ତରଙ୍କୁ ବଦଳି କରାଯିବା, ବିପିଏମଙ୍କ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମର ତଦନ୍ତ ସହ ତାଙ୍କୁ ଏଠାରୁ ବଦଳି କରାଯିବା, ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବା ସହ ସମସ୍ତ କର୍ମଚାରୀ ଓ ଡାକ୍ତରଙ୍କ ପାଇଁ ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ପଦ୍ଧତି ଆପଣେଇବା ସହ ଅନ୍ୟାନ୍ୟ ଦାବି ରହିଛି। ପୂର୍ବାହ୍ନରେ ସିଡିଏମ୍‌ଓ ଡା. ରାଜେନ୍ଦ୍ର କୁମାର ପାଣିଗ୍ରାହୀ ମେଡ଼ିକାଲରେ ପହଞ୍ଚି ଉପସ୍ଥାନ ଖାତା ଯାଞ୍ଚ କରିବା ସହ ରୋଗୀଙ୍କ ୱାର୍ଡ ଓ ଅନ୍ୟାନ୍ୟ ବିଭାଗକୁ ଯାଇ କର୍ମଚାରୀଙ୍କ ଦକ୍ଷତା ପରଖିଥିଲେ। ଏହାଛଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା ସୁକାନ୍ତ କୁମାର ଦଳେଇଙ୍କ ସହ ଆଲୋଚନା କରି ୪ ଜଣ ଡାକ୍ତର ଓ ମହିଳା କର୍ମଚାରୀଙ୍କ ଉପସ୍ଥାନ ଖାତାରେ ନାଲି ଛକି ମାରିଥିଲେ। ପରେ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। କେତେକ ଅଭିଯୋଗ ସମ୍ପର୍କରେ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରହିଥିଲା। ଅନ୍ୟପକ୍ଷେ ଏକ ସପ୍ତାହ ମଧ୍ୟରେ ସୁଫଳ ନମିଳିଲେ ବାଧହୋଇ ଅଞ୍ଚଳର ନାଗରିକମାନେ ଅନଶନରେ ବସିବେ ବୋଲି ସାମାଜିକ କର୍ମୀ ସତର୍କ କରାଇଛନ୍ତି।

## କମ୍ବଳ ବଣ୍ଟନ କଲେ ସ୍ୱେଚ୍ଛାସେବୀ

ଜଗତସିଂହପୁର,୨୪।୧୧(ସମିସ): ଜଗତସିଂହପୁରରେ ଶୀତର ପ୍ରକୋପ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ସହରର ଖୋଲା ଆକାଶ ତଳେ ଜୀବନ ବିତାଉ ଥିବା ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି ସେବା କାର୍ଯ୍ୟ କ୍ରମକୁ ଆଗେଇ ନେଇଥିଲେ ସଂଗଠନ ସଭାପତି ଜଗନ୍ନାଥ ବେହେରା, ବିଜେନ୍ଦ୍ର ଦାସ, ସରୋଜ ସ୍ୱାଇଁ, ସୀମା ଭୋଇ, ଦୀପ୍ତିରଞ୍ଜନ ବିଶ୍ୱାଳ, ସନ୍ତୋଷ କରଣ ପ୍ରମୁଖ।

## ଲୋମା ସ୍ୱାଇଁଙ୍କୁ ଜାପାନରେ ବ୍ରୋଞ୍ଜ ପଦକ



କୁଜଙ୍ଗ/ପାରାଦୀପ,୨୪।୧୧(ସମିସ): ଜାପାନର ଟୋକିଓରେ ହେଉଥିବା ବଧିର ଅଲମ୍ପିକ୍ସରେ କୁମିଟେ ୫୦କିଗ୍ରା ବର୍ଗରେ ବ୍ରାଜିଲର ପ୍ରତିଯୋଗୀଙ୍କୁ ହରାଇ କାଂସ୍ୟ ପଦକ ଜିତିଛନ୍ତି କୁଜଙ୍ଗର ଲୋମା ସ୍ୱାଇଁ। ଜାତୀୟ ସ୍ତରର ଜୁଡୋ ଖେଳାଳି କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁଙ୍କ ଝିଅ ଲୋମା ପଦକ ଜିତିବା ପରେ ନିଜ ଗାଁ ଓ କୁଜଙ୍ଗର କ୍ରୀଡ଼ା ଜଗତରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅବସରରେ ତାଙ୍କୁ ପ୍ରଶିକ୍ଷଣ ଦେଉଥିବା ସୁନିଲ ରାଠୀ, ଦୀର୍ଘ ଦିନ ପ୍ରଶିକ୍ଷଣ ଦେଉଥିବା ହରିପ୍ରସାଦ ପଟ୍ଟନାୟକଙ୍କୁ ଲୋମା ଓ ତାଙ୍କ ପରିବାର କୃତଜ୍ଞତା ଜ୍ଞାପନ କରିଛନ୍ତି। କୁଜଙ୍ଗ ଆଥଲେଟିକ କ୍ଲବ ପୂର୍ବତନ ସଭାପତି କ୍ରୀଡ଼ାବିତ ରଞ୍ଜନ କୁମାର ଦାସ, ଲୋମା କୁଜଙ୍ଗ ତଥା ରାଜ୍ୟର ଗର୍ବ ବୋଲି କହିଛନ୍ତି।

## ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ



ଜଗତସିଂହପୁର,୨୪।୧୧(ସମିସ): ଜଗତସିଂହପୁର ଜିଲ୍ଲା ଅଧିବକ୍ତା ପରିଷଦ ପକ୍ଷରୁ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଶିଶୁମନ୍ଦିର ପରିଚାଳନା କମିଟିର ସମ୍ପାଦକ ଡ.ନିରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଯୋଗଦେଇ ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅତୁଲ୍ୟ ଚନ୍ଦ୍ର ଦାସ, ଗଗନ ଚନ୍ଦ୍ର ଦାଶ, ଲିଙ୍ଗରାଜ ମହାନ୍ତି, ଜିଲ୍ଲା ସଂଘ ପ୍ରଚାରକ ସୁରେଶ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ଅଧିବକ୍ତା ପରିଷଦର ସଭାପତି ସୁବାସ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱାଗତ ସମ୍ଭାଷଣ ଦେଇଥିଲେ ଆଇନଜୀବୀ ସାରଦା ପ୍ରସାଦ ଦାସ। ସେହିପରି ମୁଖବନ୍ଧ ପାଠ କରିଥିଲେ ଦୁଷ୍ମନ୍ତ ବାରିକ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଶକ୍ତି ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସଂଗ୍ରାମ ନାୟକ, ରଞ୍ଜିତ ବେହେରା, ଦେବର୍ପିତ ଦାଶ, ମାନସ ସ୍ୱାଇଁ, ଅଞ୍ଜନ ପଣ୍ଡା, ଅଜିତ ରାଉତରାୟ, ରଞ୍ଜିତ ସ୍ୱାଇଁ, ସଞ୍ଜୟ ପାଲ, ପ୍ରଦୀପ ନାୟକ, ରମାନନ୍ଦ ପଣ୍ଡା, ସତ୍ୟବ୍ରତ ପଣ୍ଡା ଓ ବିଶ୍ୱଜିତ ମହାନ୍ତି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ବିରିଡି ବ୍ଲକ୍‌ରେ ଯୁଗ୍ମଜନ ଅଭିଯୋଗ ଶୁଣାଣି




ଜଗତସିଂହପୁର,୨୪।୧୧(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୭୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୬ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୭ଟି, ଆବାସ ପାଇଁ ୧୬ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ଭତ୍ତା ପାଇବା ପାଇଁ ୬ଟି, ପୁଲିସ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟା ମାଣେ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆୟୁଷୀ ପତି, ତହସିଲଦାର ସଞ୍ଜୟ କୁମାର ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଆଇନସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



ଜଗତସିଂହପୁର,୨୪।୧୧(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣର ତରଫରୁ ଜିଲ୍ଲା ଅଦାଲତ ପରିସରରେ ସଚିବ ବିଡିଡି ଚନ୍ଦନାଙ୍କ ତତ୍ତ୍ୱାବଧାନରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ପାଠକ ଜଗତସିଂହପୁର ଜିଲ୍ଲା ଅଦାଲତକୁ ଗସ୍ତରେ ଆସି ଏହି କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ୫ଟି ବ୍ଲକରୁ ମୋଟ ୧୧୧ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିମାନଙ୍କୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ ଏବଂ ଉଚ୍ଚ ନ୍ୟାୟାଳୟ କିଶୋର ନ୍ୟାୟ କମିଟିର ସଚିବ ରୁଦ୍ର ପ୍ରସାଦ ମହାନ୍ତି ମଧ୍ୟ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ପକ୍‌ସୋ ଅଦାଲତାର ଆଡହକ୍ ଅତିରିକ୍ତ ଜିଲ୍ଲା ଜଜ୍ ଏସ୍‌ଏକେଜେଡ୍ ଜାହିରା ଅହମ୍ମଦ, ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ସ୍ୱତନ୍ତ୍ର ପକ୍‌ସୋ ଅଦାଲତର ଅତିରିକ୍ତ ଜିଲ୍ଲା ଜଜ୍ ଗାର୍ଗୀ ପଟ୍ଟନାୟକ, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ବରିଷ୍ଠ ଦିବାନୀ ବିଚାରପତି ରାକେଶ କୁମାର ମୁଦୁଲି, ବରିଷ୍ଠ ଦିବାନୀ ବିଚାରପତି (ଏଲ୍‌ଆର୍) ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ଦିବାନୀ ଅଦାଲତ ନିବନ୍ଧକ ବିଶ୍ୱକଳ୍ପିତା ମହାନ୍ତି, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ ଅନନ୍ୟା ଦାସ, ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଙ୍ଗନ, ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଦେଇଥିଲେ।

## 'ବନ୍ଦେ ମାତରମ୍' ଶୋଭାଯାତ୍ରା

ଜଗତସିଂହପୁର,୨୪।୧୧(ସମିସ): ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଜଗତସିଂହପୁରଠାରେ ବିଜେପି ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛ। ବିଧାୟକ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଗାନ୍ଧିଛକରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ କରି କଲେଜ ଛକ ନିକଟରୁ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଟାଉନହଲ ଦେଇ ଶାରଦା ମଣ୍ଡପରେ ପହଞ୍ଚିବା ପରେ ସେଠାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବିଜେପି ପୂର୍ବତନ ଜିଲ୍ଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ନିଳୁରାମ ଜେନା, ଯୋଗମାୟା ନନ୍ଦ, ବରିଷ୍ଠ ନେତା ଶ୍ରୀକାନ୍ତ ଚୌଧୁରୀ, ସୌଭାଗ୍ୟ ମହାନ୍ତି, ଜଗନ୍ନାଥ ଦାଶ, ଅକ୍ଷୟ ପାତ୍ର, ସୁଶାନ୍ତ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ନିଗମାନନ୍ଦ ପରିଡା, ଦେବୀ ପାଢ଼ୀ, ଦେବୀ ପ୍ରସାଦ ସାହାଣୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବରୋଦା ପ୍ରସାଦ ରାୟ, ସମୀର ପଟ୍ଟନାୟକ, କରନ ଖାଁ, ପାରିଷଦ ଦେବାଶିଷ ସ୍ୱାଇଁ, ଗୋଲାମ ଅଲ୍ଲୀ ଖାଁ, ସେକ ନାସିର ଉଦ୍ଦିନ, ଶାରଦା ରଣା, ସୁଶାନ୍ତ ମଲ୍ଲିକ, କିଶୋର ମହାନ୍ତି, ଭ୍ରମର ସ୍ୱାଇଁ, ବିଦୁର ନାୟକ, ନିରଞ୍ଜନ ସେଠୀ, ସ୍ୱସ୍ତିମୟ ରାୟ, ଅଶୋକ ଭୋଇ, ଜଗଦୀଶ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



## ପାରାଦୀପରେ ଏକତା ପଦଯାତ୍ରା



ପାରାଦୀପ,୨୪।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆଜି ପାରାଦୀପରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାଟି ପାରାଦୀପ କଲେଜରୁ ଆରମ୍ଭ ହୋଇ ବଡ଼ପଡିଆ ଦେଇ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଶେଷ ହୋଇଥିଲା। ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ କଲେଜର ଅଧ୍ୟକ୍ଷା ସସ୍ମିତା ଶତପଥୀ, ନିଖିଲ କୋକୁଲା, ଜିଲ୍ଲା ଯୁବ ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ, କୁଜଙ୍ଗ ବ୍ଲକର ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଏବଂ କୁଜଙ୍ଗ ବ୍ଲକ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପାରାଦୀପ କଲେଜରେ ଏଡିଏମ୍ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ମନ୍ତ୍ରୀ ଓ ସାଂସଦ ଯୋଗଦେଇଥିଲେ।

# ଜବରଦଖଲ ଉଚ୍ଛେଦକୁ ବିରୋଧ



ଭଦ୍ରକ,୨୪।୧୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଘଣ୍ଟେଶ୍ୱର ବଜାରକୁ ଜବରଦଖଲ ମୁକ୍ତ କରିଛି ପ୍ରଶାସନ। ତେବେ ବିନା ଥଇଥାନରେ କରାଯାଇଥିବା ଏହି ଉଚ୍ଛେଦକୁ ବିରୋଧ କରିଛନ୍ତି କିଛି ସ୍ଥାନୀୟ ବାସିନ୍ଦା। ଚାନ୍ଦବାଲି ବ୍ଲକ୍ ଘଣ୍ଟେଶ୍ୱର ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ଘଣ୍ଟେଶ୍ୱର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ବଜାର ଭିତର ପର୍ଯ୍ୟନ୍ତ ସରକାରୀ ଜାଗା ଜବରଦଖଲ ଉଚ୍ଛେଦ ହୋଇଯାଇଛି। ଘଣ୍ଟେଶ୍ୱର ବଜାର ଏକ ଜନଗହଳି ପୂର୍ଣ୍ଣ ବଜାର। କେଉଁ ଆଦିମ କାଳରୁ ଘଣ୍ଟେଶ୍ୱର ବଜାର ବିଭିନ୍ନ ପ୍ରକାର ବ୍ୟବସାୟର ଏକ ପେଣ୍ଠସ୍ଥଳ ପାଲଟିଛି। ଯେଉଁ ବଜାର ଉପରେ ୪ ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରନ୍ତି। ରାସ୍ତା ପାର୍ଶ୍ୱ ସରକାରୀ ଜାଗା ଜବରଦଖଲ ଫଳରେ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ହେଉଥିବାବେଳେ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲା। ଜନସାଧାରଣଙ୍କ ସୁବିଧା ତଥା ବଜାର ଉନ୍ନତିକରଣ କାର୍ଯ୍ୟ ପାଇଁ ଜବରଦଖଲ ଉଚ୍ଛେଦ କରାଯାଇଛି ବୋଲି ଚାନ୍ଦବାଲି ତହସିଲଦାର ଭାବତୋଷ ମଲ୍ଲିକ ପ୍ରକାଶ କରିଛନ୍ତି। ମାତ୍ର ବିନା ଥଇଥାନରେ ରାସ୍ତା କଡ଼ରେ ଛୋଟ ବଡ଼ ଦୋକାନ ଖଣ୍ଡିଏ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀଙ୍କ ଦୋକାନ ଗୃହ ଭାଙ୍ଗିବାକୁ ଘୋର ନିନ୍ଦା କରିଛନ୍ତି ସ୍ଥାନୀୟ ଜନସାଧାରଣ। ତା' ସହିତ ରାଜନୈତିକ ଉଦ୍ଦେଶ୍ୟ ରଖି କିଛି ଘରକୁ ଭଙ୍ଗା ଯାଉଥିବା ଅଭିଯୋଗ କରିଛନ୍ତି ବିଜେଡିର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିବେକାନନ୍ଦ ଦୀକ୍ଷିତ। ତାଙ୍କ ସ୍ଥିତିବାନ ଜାଗାରେ ବିଜେଡି କାର୍ଯ୍ୟାଳୟ ଥିବାବେଳେ ଉଦ୍ଦେଶ୍ୟମୂଳକ ଭାବେ ପ୍ରଶାସନ ଭାଙ୍ଗିଥିବା କଥା ଗଣମାଧ୍ୟମ ଆଗରେ ମତପ୍ରକାଶ କରିଛନ୍ତି।

# ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବି

ବାରିକପୁର,୨୪।୧୧(ସମିସ): ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମନମାନି ଯୋଗୁଁ ପରିଚାଳନା କମିଟି ସଦସ୍ୟ ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷକ ଜଣଙ୍କ ୨୦୨୩-୨୪ରେ ଖର୍ଚ୍ଚ କରିଥିବା ଅର୍ଥର ବିନିଯୋଗ ପ୍ରମାଣପତ୍ର ଏଯାଏଁ ପ୍ରକାଶ କରୁନାହାନ୍ତି। ବିଦ୍ୟାଳୟ ପାଇଁ କେଉଁ କାମ ହୋଇଛି ଓ କ'ଣ ସବୁ ଜିନିଷ ପତ୍ର କିଣାଯାଇଛି ସେ ସମ୍ପର୍କରେ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନାହିଁ। ଏନେଇ ବର୍ଷେ ପୂର୍ବରୁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ମଧ୍ୟ ସମାନ ଅବସ୍ଥା ଦେଖାଯାଉଛି। ବିଦ୍ୟାଳୟ ଅସିଷ୍ଟାଣ୍ଟ ପ୍ରଧାନଶିକ୍ଷକଙ୍କ ଟଙ୍କାର ହିସାବ ଏଯାଏଁ ପରିଚାଳନା କମିଟି ପାଉନାହିଁ। ହିସାବ ମାଗିଲେ ଦିନ ଗଡାଉଛନ୍ତି। ପ୍ରଧାନ ଶିକ୍ଷକଙ୍କ ମନମାନିରୁ କେତେକ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଏଠାରୁ ଅନ୍ୟତ୍ର ବଦଳି ହୋଇଗଲେଣି। ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସମସ୍ତ ଘଟଣାବଳୀକୁ ନେଇ ପରିଚାଳନା କମିଟି ପକ୍ଷରୁ ଗତ ୧୮ ତାରିଖ ଦିନ ଜିଲ୍ଲାପାଳଙ୍କ ନିକଟରେ ପୁଣି ଅଭିଯୋଗ କରାଯାଇଛି। ପୁରାତନ ବିଦ୍ୟାଳୟର ମାନ ନଷ୍ଟ ହେଉଥିବା ବେଳେ ପ୍ରଧାନ ଶିକ୍ଷକ ଜଣଙ୍କୁ ଏଠାରୁ ବଦଳି କରି ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଅଭିଭାବକ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ପ୍ରଧାନ ଶିକ୍ଷକଙ୍କ ମତାମତ ନେବାକୁ ସବୁ ଠିକ୍ ଚାଲିଥିବା କହିଥିବା ବେଳେ ଆର୍ଥିକ କାରବାର ସମ୍ପର୍କରେ ହିସାବ ଦେଉଥିବା କହିଛନ୍ତି।

# ୧୨ ଏକର ଗ୍ରାମ୍ୟ ଜଙ୍ଗଲ ଗାଏବ; ପ୍ରଶାସନ ନିରବ



ଅସୁରାଲି,୨୪।୧୧(ସମିସ): ଧାମନଗର ବ୍ଲକ ଗୋବିନ୍ଦପୁର ଗ୍ରାମର ୩ଟି ୱାର୍ଡରେ ପ୍ରାୟ ୨ହଜାର ଲୋକ ବସୁଥିବା ସତ୍ତ୍ୱେ, ଗୋଚାରଣ ପାଇଁ ଭୂମି ଅଭାବ ଗ୍ରାମବାସୀଙ୍କୁ ଅସୁବିଧାରେ ପକାଇଛି। ଗ୍ରାମରେ ୧୪ ଏକର ଗ୍ରାମ୍ୟ ଜଙ୍ଗଲ ଥିଲା, କିନ୍ତୁ ବର୍ତ୍ତମାନ ଏହା କମି ୨ ଏକରରେ ପହଞ୍ଚିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେହି କୃତ୍ରିମ ପୋଖରୀ ଖୋଳିବା, କେହି ଜବରଦଖଲ କରି ବାଡ଼ ଘେରାଉ କରିବା ଏବଂ ନିଜ ଜମିର ବିସ୍ତାର କରିବା ଯୋଗୁଁ ଗ୍ରାମ୍ୟ ଜଙ୍ଗଲ ଓ ଚାରଣ ଭୂମି କ୍ରମାଗତ ଭାବେ ହ୍ରାସ ପାଉଛି। ଏହାର ପରିଣାମ ସ୍ୱରୂପ ଗାଈ-ଗୋରୁଙ୍କ ଚାରଣ ପାଇଁ ଭୂମି ମିଳୁନାହିଁ। ଫଳରେ ଗୋ ସମ୍ପଦ କ୍ଷତି ସହୁଛି। ଦିନକୁଦିନ ଗାଈଙ୍କ ସଂଖ୍ୟା କମିବାରେ ଲାଗିଛି। ଗ୍ରାମରେ ନାହିଁ ଶ୍ମଶାନ ପାଇଁ ଜାଗା, ନାହିଁ ଖେଳ ପଡିଆ। ଯାହା ବି ଅଛି, ସେଥିରେ ମୁଷ୍ଟିମେୟ ଲୋକଙ୍କ କବଳ ଯୋଗୁଁ ପିଲାମାନେ ଖେଳିବାରେ ଅସୁବିଧାରେ ପଡୁଛନ୍ତି। ପ୍ଲଟ୍ ନମ୍ବର ୫୪୧୧, ଖାତା ନମ୍ବର ୪୩୮ରେ ଥିବା ୧୪ ଏକର ଜମି ବର୍ତ୍ତମାନ ୨ଏକରରେ ସୀମିତ ହୋଇଥିବାରୁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ବଢ଼ିଛି। ଏହି ପରିସ୍ଥିତିରେ ପ୍ରଶାସନ ନିରବ ଦ୍ରଷ୍ଟା ହୋଇଥିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ଅଧିକ ବଢ଼ିଛି। ଅତିରିକ୍ତ ତହସିଲଦାର ସାଇଁପ୍ରଜାନାଙ୍କ ସହ ଯୋଗାଯୋଗ କରିବା ଚେଷ୍ଟା କରାଯାଇଥିଲେ ବି ସମ୍ଭବ ହୋଇନଥିଲା। ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ରାଜ୍ୟସ୍ତରୀୟ କ୍ରୀଡ଼ା ଲାଗି ୨ ଛାତ୍ରଛାତ୍ରୀ ମନୋନୀତ

ଭଦ୍ରକ,୨୪।୧୧(ସମିସ): ମୋଡୋ ସରକାରୀ ଉଚ୍ଚ ବିଦ୍ୟାଳୟର ୨ଜଣ ଛାତ୍ରଛାତ୍ରୀ ଭଦ୍ରକ ହନୁମାନଜିଉ ହାଇସ୍କୁଲରେ ଚାଲିଥିବା ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଖୋ-ଖୋ ଓ କବାଡ଼ି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଦଶମ ଶ୍ରେଣୀର ଛାତ୍ର ସୁଦର୍ଶନ ଦାସ, ଖୋ-ଖୋ ଏବଂ କୁମାରୀ ହାରାମଣି ବେହେରା କବାଡ଼ି ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ମନୋନୀତ ହୋଇ ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନେ ଏହି କ୍ରୀଡ଼ାକୁ ଅଭ୍ୟାସ କରି ସଫଳତା ପାଇ ପାରିଛନ୍ତି। ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଦାସଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ କୃତୀ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଛନ୍ତି।

# ପଥର ପ୍ୟାକିଂରେ ଅନିୟମିତତା
# ଭିଜିଲାନ୍ସ ତଦନ୍ତ ଦାବିକଲେ ଗ୍ରାମବାସୀ

ଆରଡି/ଅସୁରାଳି,୨୪।୧୧(ସମିସ)



ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଓଳଗ ପଞ୍ଚାୟତ ଷାଠିବାଙ୍କୁଡ଼ା ଠାରେ ପଥର ପ୍ୟାକିଂରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଗ୍ରାମରେ ୨୦୦ ପରିବାର ରହୁଥିବାବେଳେ ବୈତରଣୀ ଆଁ କରି ବସିଛି ଓ ବର୍ଷା ଋତୁରେ ବନ୍ୟା ଆଶଙ୍କା ଯେତେ ଡରାଉ ନଥିଲା ଏବେ ନିମ୍ନମାନର ପଥର ପ୍ୟାକିଂ ଅଧିକ ଡରାଉଛି ବୋଲି ଗ୍ରାମବାସୀ କହିଛନ୍ତି। ବୈତରଣୀ ଧୀରେ ଧୀରେ କୂଳ ଖାଉଥିବାବେଳେ ଏହି ପଥର ପ୍ୟାକିଂ ଗ୍ରାମକୁ କେତେ ସୁରକ୍ଷା ଦେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାସେ ହେଲା ୯ କୋଟି ବ୍ୟୟ ବରାଦରେ ପଥର ପ୍ୟାକିଂ କାମ ଆରମ୍ଭ ହୋଇଛି। ମାତ୍ର କାମ ଆରମ୍ଭରୁ ନିମ୍ନମାନର କାମ ଦେଖି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ପଥର ପକାଇ ଯିବା ପରେ ସେଗୁଡିକ ଖସିବାରେ ଲାଗିଛି। ଏହା ଦେଖି ସ୍ଥାନୀୟ ବାସିନ୍ଦା ରବୀନ୍ଦ୍ର ମହାକୁଡ଼, ମହେନ୍ଦ୍ର ଜେନା, ପ୍ରଭାକର ବାରିକ, ସହଦେବ ପଲାଇ, ବୀରଭଦ୍ର ସେଠୀ, ବିରଞ୍ଚି ଜେନା, ହରିହର ପରିଡ଼ା, ଦୁଃଖୀରାମ ପରିଡ଼ା ପ୍ରମୁଖ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏ ନେଇ ବିଭାଗୀୟ ଜେଇ ବିମଳ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏବେ କାମ ଆରମ୍ଭ ହୋଇଛି, ଅଭିଯୋଗ ଅନୁଯାୟୀ ସମୀକ୍ଷା କରାଯାଇ ପଦକ୍ଷେପମାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଜଳ ସମ୍ପଦ ବିଭାଗ ପକ୍ଷରୁ ଉକ୍ତ ପଥର ପ୍ୟାକିଂ କାର୍ଯ୍ୟଟି ୯.୬୧କୋଟି ଟଙ୍କା ବ୍ୟୟରେ କରାଯାଉଛି।

# ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍‌ଯାପିତ



ଭଦ୍ରକ,୨୪।୧୧(ସମିସ): ମହୋତ୍ସବ ସ୍ଥାନୀୟ ଅଞ୍ଚଳର ଇତିହାସ, ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜାଗର କରିବା ସହ ସାରସ୍ୱତ ପ୍ରତିଭାକୁ ଆବିଷ୍କାର କରେ ଓ ସମ୍ମାନିତ କରେ। ଅପରପକ୍ଷରେ ପୁସ୍ତକ ମେଳା; ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟ ଓ ବାଣିଜ୍ୟର ମଧୁର ମିଳନ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ କାର୍ଯ୍ୟକ୍ରମ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଏବଂ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧୀରଞ୍ଜନ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଚିକିତ୍ସା ସଙ୍ଘ,ଓଡ଼ିଶା ସଭାପତି ଡା. ହରେକୃଷ୍ଣ ନାୟକ, ବରିଷ୍ଠ ଗୀତିକବି ସାଧୁ ଚରଣ ମହାପାତ୍ର, ରୋଟାରୀୟାନ୍ ଅଧ୍ୟାପକ ଶେଖ୍ ନାସିର ବକ୍ସ, ଉପଦେଷ୍ଟା ଶିକ୍ଷାବିତ୍ ଗଗନବିହାରୀ ରାଉତ, ମନମୋହନ ସଂଗୀତ ପରିଷଦ ସମ୍ପାଦକ ତଥା ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରବି ନାରାୟଣ ଖିଲାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ ସହ ଅତିଥି ପରିଚୟ, ଆବାହକ ଅଧ୍ୟାପକ ନିହାର ରଞ୍ଜନ କର ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଡାକ୍ତର ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡା. ହରେକୃଷ୍ଣ ନାୟକଙ୍କୁ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା-୨୦୨୫ ସମ୍ମାନ, ଗୀତିକବି ସାଧୁ ଚରଣ ମହାପାତ୍ର, କବି ଓ ସଂଗଠକ ନାରାୟଣ ଚନ୍ଦ୍ର ପାଢ଼ୀ ଏବଂ ସାହିତ୍ୟିକ ଓ କବି କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଇରମ ମାଟିର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ କମଳା ପ୍ରସାଦ କରଙ୍କ ସ୍ମୃତିରେ ପ୍ରଦତ୍ତ 'ସଂଗ୍ରାମୀ କମଳା ପ୍ରସାଦ କର ସ୍ମୃତି ସମ୍ମାନ -୨୦୨୫' ପ୍ରଦାନ କରାଯାଇଥିଲା। ଏହି ଅଧିବେଶନ ପୂର୍ବରୁ ସେବା ନିବୃତ୍ତ କୃଷିବିତ୍ ଅରୁଣ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଗୀତିକବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାଟ୍ୟଶ୍ରୀ ନିର୍ମଳ ରାଉତ, "ରୂପ ରଙ୍ଗ' ସମ୍ପାଦକ, ଗୀତିକବି ରମାକାନ୍ତ ଦାସ, ବରିଷ୍ଠ କବି ବାବୁଲାଲ ଦାସ, କବି ଓ ନାଟ୍ୟନିର୍ଦ୍ଦେଶକ ସାରଥୀ ପଣ୍ଡା, ଶିକ୍ଷାବିତ୍ ଶୀତଳ ବେହେରା, ପ୍ରଧାନ ଶିକ୍ଷକ ରବି ନାରାୟଣ ମିଶ୍ର, କବୟିତ୍ରୀ ସୁରୁଚି ଦାଶ, ବୀଣାପାଣି ତ୍ରିପାଠୀ ଓ ପ୍ରାଧ୍ୟାପିକା ପ୍ରମୋଦା ପଣ୍ଡା ପ୍ରଭା ପ୍ରମୁଖ ବହୁ କବି ଯୋଗ ଦେଇଥିଲେ। ଶିକ୍ଷକ ଗୟାଧର ଦାସ ଓ କବୟିତ୍ରୀ ମମତା ରାଣୀ ଦାଶ କବିତା ସଂଯୋଜନା କରିଥିଲେ। ପରେ ଭୂମିକନ୍ୟା ମହିଳା ସଂଗଠନ ତରଫରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାନେତ୍ରୀ ସଂଯୁକ୍ତା ବଳ ନାୟକ ଓ ସମ୍ପାଦିକା ଦମୟନ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମହୋତ୍ସବ ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ ରାୟ, ସହସମ୍ପାଦିକା ଅଞ୍ଜନା ମିଶ୍ର କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା କରିଥିଲେ।

# ପରିବହନ ବିଭାଗ ପକ୍ଷରୁ ଚଢ଼ଉବେଳେ ଦୁର୍ବ୍ୟବହାର ଅଭିଯୋଗ





ଧାମନଗର,୨୪।୧୧(ସମିସ): ଧାମନଗର ଅଞ୍ଚଳରେ ଗାଡ଼ିର ବିନା କାଗଜପତ୍ରରେ ବେଆଇନ ୨ଚକିଆ ଓ ୪ଚକିଆ ଯାନ ବେଧଡ଼କ ଭାବେ ଚଳାଚଳ ହେଉଛି। ଖବର ପାଇ ଭଦ୍ରକ ପରିବହନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଏକ ଟିମ୍ କଲେଜ ନିକଟରେ ବିଚ ରାସ୍ତାରେ ବିଭିନ୍ନ ଗାଡ଼ି ଚଳାଚଳ ସମୟରେ ଚଢ଼ଉ କରି ଜରିମାନା ଆଦାୟ କରିଛନ୍ତି। ସୋମବାର ଅପରାହ୍ଣରେ ଭଦ୍ରକ ଆର୍‌ଟିଓର ସହକାରୀ ଏମଭିଆଇ ସେକ୍ ରହିମ ତାଙ୍କ ଟିମ୍ ଧରି ଧାମନଗର କଲେଜ ନିକଟରେ ଗାଡ଼ି ଚେକ୍ କରୁଥିଲେ। ଭୁଲ୍ ଥିବା ଲୋକଙ୍କୁ ଜରିମାନା ଲଗାଉଥିଲେ। ଏତିକି ବେଳେ ପାହାଡ଼ପୁର ଅଞ୍ଚଳର ଶ୍ରୀକାନ୍ତ ସାହୁ ବାଇକ୍ ନେଇ ଯାଉଥିଲେ। ତାଙ୍କୁ ଅଟକାଇ ଫାଇନ୍ କରିଥିଲେ। ଗାଡ଼ିର ପଲ୍ୟୁସନ୍, ହାଇ ସିକ୍ୟୁରିଟି ସୁରକ୍ଷା ପ୍ଲେଟ୍, ସିଟ୍ ବେଲ୍ଟ ପିନ୍ଧି ନଥିବାରୁ ୧୬ ହଜାର ଟଙ୍କାର ଫାଇନ୍ ଲଗାଇଥିଲେ। ଏତିକି ବେଳେ ସେଠାରେ ଉପସ୍ଥିତ ଥିବା ସାମ୍ବାଦିକ ସରୋଜ ଖୁଣ୍ଟିଆ, ଏମ୍‌ଭିଆଇଙ୍କ ଫଟୋ ଉଠାଇଥିଲେ। କାହିଁକି ଫଟୋଉଠାଇଲ କହି ସାମ୍ବାଦିକଙ୍କ ଉପରେ କୁଦି ପଡ଼ିଥିଲେ। ଜୋରରେ ଚିତ୍କାର କରି କ'ଣ ପାଇଁ ଫଟୋ ଉଠାଇଲ ବୋଲି ପଚାରିଥିଲେ ଅଧିକାରୀ ସେକ୍ ରହିମ। ଜଣେ ସିନିଅର ଅଫିସରଙ୍କ ଫଟୋ ଉଠାଇବା ଲାଗି କୌଣସି ନିୟମ ନାହିଁ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଆଉ ସାମ୍ବାଦିକଙ୍କୁ ତାଙ୍କ ଗାଡ଼ିରେ ବସାଇ ଥାନାକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସାମ୍ବାଦିକମାନେ ଗାଡ଼ିରେ ନ ବସି ନିଜ ନିଜ ଗାଡ଼ିରେ ଥାନାକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ତର୍କ ବିତର୍କ ଲାଗିରହିଥିବା ବେଳେ ଧାମନଗର ଥାନା ପରିସରରେ ସହକାରୀ ଏମ୍‌ଭିଆଇ ସେକ୍ ରହିମଙ୍କ ଦବଙ୍ଗ ଆଚରଣ ଓ ଗାଡ଼ି ମାଲିକଙ୍କୁ ଦୁର୍ବ୍ୟବହାର କରିଥିବା ଶୁଣି ସାମ୍ବାଦିକମାନେ ପହଞ୍ଚି ଥିଲେ। ତେବେ ଏ ନେଇ କୌଣସି ଅଭିଯୋଗ ସ୍ଥାନୀୟ ପୁଲିସରେ ହୋଇ ନଥିବା କୁହାଯାଇଛି। ଥାନା ଏଏସ୍‌ଆଇ ନରେନ୍ଦ୍ର ରାଉତ ଓ ସୁଜିତ ରାଉତ ଉଭୟଙ୍କୁ ବୁଝାସୁଝା କରି ଛାଡ଼ିଥିଲେ।

# ଆରଡ଼ି ପୀଠରେ ଗଣ୍ଡଗୋଳ; ଜଣେ ଗୁରୁତର

ଭଦ୍ରକ,୨୪।୧୧(ସମିସ): ଭଦ୍ରକ ଜିଲ୍ଲା ଆରଡି ପୀଠର ଉନ୍ନତିକରଣ କାର୍ଯ୍ୟକୁ ନେଇ ଗତ କିଛିମାସ ହେବ ବିବାଦ ଦେଖାଦେଇଛି। ଏହି ବିବାଦ ଏବେ ହିଂସ୍ର ରୂପ ଧାରଣ କରି ୨ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଆଜି ଗୋଟିଏ ଗୋଷ୍ଠୀର ଲୋକେ ସଂଘବଦ୍ଧ ହୋଇ ଅନ୍ୟ ଗୋଷ୍ଠୀର ରାଧାକାନ୍ତ ପାଢ଼ୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଆରଡି ଫାଣ୍ଡି ଅଧିକାରୀ ଉପସ୍ଥିତଥିଲେ ମଧ୍ୟ ନିରୂପାୟ ହୋଇ ପଳାଇ ଯାଇଥିଲେ। ରାଧାକାନ୍ତଙ୍କ ପରିବାର ଲୋକ ଏ ନେଇ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଜାତୀୟ ରାଜପଥ ଓ ଡ୍ରେନେଜ୍ କାର୍ଯ୍ୟ ରାଧାକାନ୍ତ ଓ ଅନ୍ୟକିଛି ବ୍ୟକ୍ତି ବୁଝାବୁଝି କରୁଥିଲେ। ହେଲେ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀ ଗତ ୩ଦିନ ତଳେ ଫୋନ୍ ଯୋଗେ ରାଧାକାନ୍ତଙ୍କୁ ଲକ୍ଷାଧିକ ଟଙ୍କା ମାଗିବା ସହ ଘରୁ ବାହାରକୁ ଆସିଲେ ମାଡମାରିବେ ବୋଲି ଧମକ ଦେଇଥିବା ରାଧାକାନ୍ତଙ୍କ ପତ୍ନୀ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଆକ୍ରମଣରେ ଶିକାର ରାଧାକାନ୍ତଙ୍କୁ ଆରଡିରେ ପ୍ରାଥମିକ ଚିକିତ୍ସା କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ନହେବାରୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏପଟେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଉଭୟ ଗୋଷ୍ଠୀ ଶାସକ ଦଳର ସମର୍ଥକ ବୋଲି ଜଣାଯାଇଛି।

# ବରିଷ୍ଠ ନାଗରିକ ସଂଘର ବୈଠକ

ଭଦ୍ରକ,୨୪।୧୧(ସମିସ): ସୁସ୍ଥ ସମାଜ ସୁଖୀ ସମାଜ, ଏହି ମନ୍ତ୍ରକୁ ପାଥେୟ କରି ଚରମ୍ପା ବରିଷ୍ଠ ନାଗରିକ ସଂଘ ବରିଷ୍ଠମାନଙ୍କ ମୁହଁରେ ହସ ଫୁଟାଇ ସାମାଜିକ କାର୍ଯ୍ୟକ୍ରମରେ ନିୟୋଜିତ ରହିଛି। ଏହି ମଞ୍ଚ ସମାଜର ସବୁ ବର୍ଗର ତଥା ବରିଷ୍ଠମାନଙ୍କର ଆଶାବାଡ଼ି, ପିଲାମାନଙ୍କ ଦ୍ୱାରା ନିର୍ଯାତନା ହେଉ ବା ସମାଜରେ ବୟସାଧିକ୍ୟ ଦୁର୍ବଳତାର ସୁଯୋଗରେ ଯଦି ଅସମ୍ମାନିତ ବୋଧ କଲେ, ଆପଣଙ୍କ ପାଇଁ ଏ ମଞ୍ଚ ସଦା ସର୍ବଦା ତତ୍ପର ହେବା ସଙ୍ଗେ ସଙ୍ଗେ ପ୍ରଶାସନିକ ସ୍ତରରେ ଆଇନର ପ୍ରାବଧାନ ଅନୁସାରେ ସବୁ ପ୍ରକାର ସହଯୋଗ ଯୋଗାଇଥାଏ। ନିଃସଙ୍ଗତା ଦୂର କରି ନିଜ ନିଜ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଜୀବନରେ ଶେଷ ସମୟକୁ ଉପଭୋଗ କରିବାପାଇଁ ଏହି ମଞ୍ଚ ସହାୟ ହେଉଛି। ଯୋଗ, ପ୍ରାଣାୟାମ, ଭଗବତ ଚର୍ଚ୍ଚାରେ ନିମଗ୍ନ ହେବା ଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ। ଏହି ପରିପ୍ରେକ୍ଷୀରେ ସୋମବାର ଚରମ୍ପାର ବରିଷ୍ଠ ନାଗରିକ ସଂଘ ସାଧାରଣ ବୈଠକ ଏରେଇଁ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ସଭାପତି ଗଗନ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ସଦସ୍ୟ ଓ କର୍ମକର୍ତ୍ତାଙ୍କ ଦ୍ୱାରା ଆଗତ ସମସ୍ତ ପ୍ରସ୍ତାବ ସହମତି ପୂର୍ବକପାରିତ ହେବା ସହ ଆସନ୍ତା ଏପ୍ରିଲ ମାସ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୬ ଫେବୃଆରୀ ୩ ତାରିଖ ମଙ୍ଗଳବାର ବାର୍ଷିକ ସମ୍ମିଳନୀ କରିବା ପାଇଁ ସଂଘର ସାଧାରଣ ସମ୍ପାଦକ କୈଳାସ ମହାପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ, ଭଦ୍ରକ ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କୁ ଅତିଥି ଭାବେ ସ୍ଥିର ହେଲା, ବରିଷ୍ଠ ନାଗରିକ ସେବା ସମ୍ମାନରେ ଚାରିଜଣ ସମ୍ବର୍ଦ୍ଧିତ ଲାଗି ଚୟନ କରାଯାଇଥିଲା। ନୂଆକରି ୩ ଜଣ ସଦସ୍ୟ-ବୁଦ୍ଧିମଣି ପଲ୍ଲାର, ସଞ୍ଜୟ ତ୍ରିପାଠୀ ଓ ବଳରାମ ମହାକୁଡ଼ ସଂଘର ସଦସ୍ୟତା ଗ୍ରହଣ କଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ଶଶୀକାନ୍ତ ପାଢ଼ୀ, ଉପସଭାପତି ପଦ୍ମଲୋଚନ ମହାଲିକ, ନରସିଂହ ମିଶ୍ର, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ବେହେରା, ରତ୍ନାକର ମଲ୍ଲିକ, କାଳନ୍ଦୀ ପାତ୍ର, ବିଜୟ ସେନାପତି, ରମେଶ ଦାଶ, ପ୍ରାଣବନ୍ଧୁ ସାମନ୍ତ, ଉପେନ୍ଦ୍ର ରାଉତ, କଳାକାର ମିଶ୍ର, ଭାଗବତ ସାହୁ, ପ୍ରଭାକର ଦାସ, ଆନନ୍ଦ ପାଣିଗ୍ରାହୀ, ରତ୍ନାକର ହାତୀ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ଶଶୀକାନ୍ତ ଧଳ ଧନ୍ୟବାଦ ଦେଇଥିଲେ।



# ଶ୍ରୀସତ୍ୟସାଇଙ୍କ ମନ୍ଦିର ଉଦ୍‌ଘାଟିତ


ଦୋବଲ,୨୪।୧୧(ସମିସ): ସତ୍ୟସାଇ ସେବା ସମିତି ତିହିଡ଼ି ପକ୍ଷରୁ ରବିବାର ଶ୍ରୀସତ୍ୟସାଇ ବାବାଙ୍କ ଶହେତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତିହିଡ଼ିରେ ନିର୍ମିତ ବାବାଙ୍କ ନୂତନ ମନ୍ଦିରକୁ ଉଦ୍‌ଘାଟନ କରାଯାଇଥିଲା। ପ୍ରାତଃରେ ଓଁକାରମ, ସୁପ୍ରଭାତମ ପରେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ସେବା କାର୍ଯ୍ୟ, ମନ୍ଦିର ସାଜସଜ୍ଜା, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡ଼ଶ ଉପଚାରରେ ପୂଜା, ତିହିଡ଼ି ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ଶ୍ରୀସତ୍ୟସାଇ ଧ୍ୟାନ ବୃକ୍ଷଠାରେ ପୂଜାର୍ଚ୍ଚନା ଓ ସାମୂହିକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସମିତି ପକ୍ଷରୁ ପ୍ରହ୍ଲାଦ ବଳ ଓ ପାର୍ଥ ସାରଥୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନିଃସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ନାରାୟଣ ସେବା ପରେ ଅପରାହ୍ଣରେ ବିଗ୍ରହ ଶୋଭାଯାତ୍ରା, ଦୀପଦାନ, ବେଦପାଠ, ଭଜନ ଓ ଝୁଲଣ ପରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ରାଜ୍ୟ ସଭାପତିଙ୍କ ବାର୍ତ୍ତା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମିତି ଆବାହକ ଡା. ରଣଜିତ ଖଟୁଆ, ଲଲାଟେନ୍ଦୁ ରାଉତ, ଜୟଚନ୍ଦ୍ର ବେହେରା, ସୁବାସ ବେହେରା, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବିଧାୟକଙ୍କ ପ୍ରତିନିଧି ସରୋଜ ଦାସଙ୍କ ସମେତ ସମସ୍ତ ଭଜନ ମଣ୍ଡଳୀ ଆବାହକମାନେ ଉତ୍ସବରେ ଯୋଗ ଦେଇଥିଲେ। ତିହିଡ଼ି ସମିତି ଆବାହକ ସଞ୍ଜୟ ମହାପାତ୍ର, ହିମାଂଶୁ ଭଟ୍ଟାଚାର୍ଯ୍ୟ, ଜଗତାନନ୍ଦ ମହାପାତ୍ର, ଡ. ଲକ୍ଷ୍ମୀଧର ତ୍ରିପାଠୀ, ପ୍ରଭାତ ରାଉଳ, କୈଳାସ ରାଉଳ, ରବୀନ୍ଦ୍ର ଦାସ, ନିତ୍ୟାନନ୍ଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# କାର୍ଯ୍ୟକ୍ଷମ ହେଉନି ପଞ୍ଚାୟତ ଭବନ
# ଲକ୍ଷାଧିକ ଖର୍ଚ୍ଚ ପରେ ବି ଲକ୍ଷ୍ୟ ଅଧୁରା

ବନ୍ତ/ଆଗରପଡ଼ା,୨୪।୧୧(ସମିସ)

**ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି କାର୍ଯ୍ୟାଳୟ**




ଗତ ସେପ୍ଟେମ୍ବର ମାସ ୨୮ ତାରିଖରେ 'କାର୍ଯ୍ୟକ୍ଷମ ହେଉନି ପଞ୍ଚାୟତ ଭବନ;ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି କାର୍ଯ୍ୟାଳୟ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶକୁ ଇତି ମଧ୍ୟରେ ୨ମାସ ବିତିବାକୁ ବସିଥିବାବେଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପଞ୍ଚାୟତ ଭବନ କେଉଁ କାରଣରୁ ତା'ର ଲକ୍ଷ୍ୟ ପୂରଣ କରିପାରୁନାହିଁ ତାକୁ ନେଇ ପଞ୍ଚାୟତବାସୀ ଚିନ୍ତା ପ୍ରକଟ କରିଛନ୍ତି। କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ପଞ୍ଚାୟତର ଉନ୍ନତି ପାଇଁ ଚେଷ୍ଟିତ ହେଉଛନ୍ତି ସତ କିନ୍ତୁ ଯୋଜନାର ସଫଳ ରୂପାୟନ ନିର୍ଦ୍ଦିଷ୍ଟ ଏକ ସମୟସୀମା ମଧ୍ୟରେ ହେଉନଥିବାରୁ ଏହା ସରକାରଙ୍କ ଯୋଜନା ପ୍ରତି ଉପହାସ ସଦୃଶ ହେଉଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ପୁରୁଷଣ୍ଡ ପଂଚାୟତର ପଂଚାୟତ ଭବନ ନିର୍ମାଣ କ୍ଷେତ୍ରରେ। ୨୦୨୦-୨୧ ଆର୍ଥିକ ବର୍ଷରେ ଗରିବ କଲ୍ୟାଣ ରୋଜଗାର ଯୋଜନାରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ପୁରୁଷଣ୍ଡ ପଞ୍ଚାୟତର ପଞ୍ଚାୟତ ଭବନ ନିର୍ମାଣ ନିମନ୍ତେ ମନରେଗା ଓ ସିଏଫ୍‌ସି ଅନୁଦାନ ପ୍ରତ୍ୟେକରୁ ୧୦ଲକ୍ଷ ଏହିପରି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ଉକ୍ତ ଭବନର ଫାଟକ ଓ ପାଚେରି ନିର୍ମାଣ ବାବଦରେ ୨ଲକ୍ଷ ୫୦ହଜାର ଟଙ୍କା ପୁଣି ୨୦୨୨-୨୩ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଭବନର ପାଶ୍ୱର୍ ଉନ୍ନତିକରଣ ବାବଦରେ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପରବର୍ତ୍ତୀ ସମୟରେ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଯୋଜନାରେ ସ୍ୱାଗତମ ଫାଟକ ନିର୍ମାଣ ବାବଦରେ ୧ଲକ୍ଷ ୫୦ହଜାର ଟଙ୍କା ଓ ପଞ୍ଚାୟତ ଭବନର ସଂପୂର୍ଣ୍ଣୀ କରଣ ନିମନ୍ତେ ୨ଲକ୍ଷ୧୧ହଜାର୧୮୬ଟଙ୍କା ଏବଂ କାର୍ଯ୍ୟାଳୟକୁ ପାଣି ଯୋଗାଣ ଓ ମରାମତି ବାବଦରେ ୮୦ ହଜାର ଟଙ୍କା ବ୍ୟୟ ହୋଇ ନିର୍ମାଣ କାର୍ଯ୍ୟ ଚାଲିଥିଲା। ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ମଞ୍ଜୁର ହୋଇ ବର୍ତ୍ତମାନ ପଞ୍ଚାୟତ ଭବନର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। କିନ୍ତୁ ନିର୍ମାଣ କାର୍ଯ୍ୟ ସରିବା ପରେ ମଧ୍ୟ ପଞ୍ଚାୟତ ଭବନ କାର୍ଯ୍ୟକ୍ଷମ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅପରପକ୍ଷରେ ଅସ୍ୱାସ୍ଥ୍ୟକର ପରିବେଶରେ ପୁରୁଣା କାର୍ଯ୍ୟାଳୟରେ ପଞ୍ଚାୟତର କାର୍ଯ୍ୟ ନିର୍ବାହ ହେଉଛି। ଅସରାଏ ବର୍ଷା ହେଲେ ଉକ୍ତ କାର୍ଯ୍ୟାଳୟର ଛାତରୁ ଓ କାନ୍ଥରୁ ବିଭିନ୍ନ ସ୍ଥାନରୁ ପାଣି ଗଳିବା ସହ ଭିନ୍ନ ଏକ ପରିବେଶ ସୃଷ୍ଟି କରୁଛି। ପରିସରରେ ଥିବା ଆସବାବପତ୍ର ମଧ୍ୟ ନଷ୍ଟ ହେବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଆଗକୁ କିଛି ବିପଦ ସୃଷ୍ଟି ହେବା ଆଗରୁ ଓ ପଂଚାୟତବାସୀଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଯଥାଶୀଘ୍ର କାର୍ଯ୍ୟାଳୟର ନବନିର୍ମିତ ଗୃହକୁ ସ୍ଥାନାନ୍ତରଣ କରିବା ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ପାଇଁ ବୈଠକ



ଭଣ୍ଡାରିପୋଖରୀ,୨୪।୧୧(ସମିସ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ବ୍ଲକଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏବିଇଓ ମଞ୍ଜୁଳା ନାୟକ, ବିଦ୍ୟୁତଲତା ଜେନା, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଜେନା ଯୋଗଦେଇ ବିଜ୍ଞାନମେଳାକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଧାନଶିକ୍ଷକ ରବିନ୍ଦ୍ର ମହାରଣା ବିଜ୍ଞାନ ମେଳା ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ 'ରାଷ୍ଟ୍ରୀୟ ବାଲ ଆବିଷ୍କାର ବିଜ୍ଞାନ ପ୍ରଦର୍ଶନୀ' ଓ 'ଶକ୍ତି କ୍ଲବ୍' ଶୀର୍ଷକ ବିଜ୍ଞାନ ପ୍ରଦର୍ଶନୀ ମଞ୍ଜୁରୀରୋଡ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠରେ ଆଗାମୀ ଡିସେମ୍ବର ୩ ତାରିଖରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ପ୍ରଦର୍ଶନୀରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ପ୍ରତିବର୍ଷ ଭଳି ଚଳିତ ବର୍ଷ 'ମୁକ୍ତ ବିଜ୍ଞାନ କୁଇଜ୍' ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବ୍ଲକ୍ ବିଜ୍ଞାନ ସଂଯୋଜକ ଶ୍ରୀ ମହାରଣା ସୂଚନା ଦେଇଥିଲେ। ପ୍ରଧାନଶିକ୍ଷକ ଅଜୟ ନନ୍ଦ, ସମୀର ଚୌଧୁରୀ, ସୁଦର୍ଶନ ସେଠୀ, ରଞ୍ଜନ ମହାନ୍ତି, ବିପିନବିହାରୀ ଜେନା, କୈଳାସ ଚନ୍ଦ୍ର ସାମଲଙ୍କ ସମେତ ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷା ସଂଯୋଜକ ବୈଠକରେ ଯୋଗ ଦେଇଥିଲେ। ପ୍ରଦର୍ଶନୀର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଏବିଇଓ ଶ୍ରୀମତୀ ନାୟକ ଧନ୍ୟବାଦ ଦେଇଥିଲେ।

● ୧୬ ଲକ୍ଷ ଟଙ୍କା ହେରଫେର ମାମଲା

## ପୂର୍ବତନ ପୋଷ୍ଟମାଷ୍ଟରଙ୍କୁ ୫ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୨୪ ।୧୧(ସମିସ): ପୋଷ୍ଟ ଅଫିସରେ ଜମା ହୋଇଥିବା ଲୋକଙ୍କ ୧୬ ଲକ୍ଷ ୬୩ହଜାର୮୮୩ଟଙ୍କା ହେରଫେର ମାମଲାର ବିଚାର କରି କେନ୍ଦ୍ରାପଡ଼ା ମୁଖ୍ୟ ବିଚାର ବିଭାଗୀୟ ଅଦାଲତ ମହାକାଳପଡ଼ା ବ୍ଲକ ରାମନଗର ଶାଖାର ପୂର୍ବତନ ପୋଷ୍ଟମାଷ୍ଟର କାବେରୀ ମଲ୍ଲିକଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ନଦେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି । ପୋଷ୍ଟମାଷ୍ଟର ଥିବା ସମୟରେ କାବେରୀ ଲୋକଙ୍କଠାରୁ ଗ୍ରହଣ କରିଥିବା ଜମା ଅର୍ଥକୁ ପାସବୁକରେ ଲେଖିଥିଲେ । କିନ୍ତୁ ଲେଜରରେ ଚଢ଼ାଇ ନ ଥିଲେ । ୨୦୨୨ରେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଜମାକାରୀମାନେ ଡାକ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । ତତ୍କାଳୀନ କେନ୍ଦ୍ରାପଡ଼ା ଡାକ ବିଭାଗ ଅଧିକାରୀ ଦେବାଶିଷ ଶତପଥୀ ଏ ନେଇ ଜମ୍ବୁ ସାମୁଦ୍ରିକ ଥାନାରେ ଏତଲା ଦେଇଥିଲେ । ପୁଲିସ ମାମଲା ରୁଜୁ କରି କାବେରୀଙ୍କୁ ଗିରଫ କରିଥିଲା । ବିଚାର ବେଳେ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ବିଚାରପତି ସରିତା ମହାନ୍ତି କାବେରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରମାକାନ୍ତ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ ।

## ପେଟ୍ରୋଲ ଟାଙ୍କି ସମ୍ମୁଖରେ ଜଳିଗଲା କାର୍

କେନ୍ଦ୍ରାପଡ଼ା,୨୪ ।୧୧(ସମିସ): ତିନିମୁହାଣୀ ନିକଟ ଭାରତ ପେଟ୍ରୋଲ ଟାଙ୍କି ସମ୍ମୁଖରେ ସୋମବାର ଏକ ଚଳନ୍ତା କାରରେ ନିଆଁ ଲାଗିଯାଇଥିଲା । ଏଥିରେ କାର୍ ସମ୍ପୂର୍ଣ୍ଣ ଜଳିଯାଇଛି । ହେଲେ ସୌଭାଗ୍ୟବଶତଃ ପେଟ୍ରୋଲ ଟାଙ୍କିର କୌଣସି କ୍ଷତି ହୋଇନାହିଁ । କେହି ମୃତାହତ ମଧ୍ୟ ହୋଇନାହାନ୍ତି । ଅଗ୍ନିଶମ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ହେଁ ତାହା ମଧ୍ୟ ବିଫଳ ହୋଇଥିଲେ । ପରେ ପେଟ୍ରୋଲ ପମ୍ପରେ ଥିବା ଅଗ୍ନିନିର୍ବାପକ ଯନ୍ତ୍ର ବ୍ୟବହାର କରି ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା । ପ୍ରତ୍ୟକ୍ଷଦର୍ଶୀ ତ୍ରିଲୋଚନ ସାହୁଙ୍କ କହିବା ଅନୁସାରେ, କାରଟି ଆଳିରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିଲା । ରାତି ପ୍ରାୟ ୨ଟାରେ ସେଠାରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ଧକ୍କା ହେବା ପରେ ସେଥିରେ ନିଆଁ ଲାଗି ବିସ୍ଫୋରଣ ସଦୃଶ ପରିସ୍ଥିତି ସୃଷ୍ଟି ହୋଇଥିଲା । ଭିତରେ ଚାଳକ ଓ ଅନ୍ୟ ଦୁଇ ଯାତ୍ରୀ ଠିକ୍ ସମୟରେ ବାହାରି ଯିବାରୁ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି । ରାତିରେ କୁହୁଡ଼ି ସହ ଦୋଛକିରେ ବାଇ ଉଠାଣ ଏବଂ ରାସ୍ତା କଡ଼ରେ ବାଲି ବୋଝେଇ ଗାଡ଼ି ପାର୍କିଂ ଦ୍ୱାରା ଏପରି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

ବଡ଼ ବିପଦରୁ ବର୍ତ୍ତିଗଲା ଟାଙ୍କି

## ଠାକୁରାଣୀ ପୀଠରେ ହତ୍ୟା ଘଟଣା; ୨ ଗିରଫ

ରାଜନଗର,୨୪ ।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ରିଘାଗଡ଼ ମା' ଆନନ୍ଦି ଠାକୁରାଣୀ ପୀଠରେ ମଦ ପାଇଁ ହତ୍ୟାକାଣ୍ଡ ଘଟଣାରେ ସୋମବାର ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଜଗନ୍ନାଥପୁର ଗାଁର ମଧୁସୂଦନ ପରିଡ଼ା ଓ ଚିରଞ୍ଜନ ପରିଡ଼ା । ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ପୁଲିସ ଦୁଇ ନାବାଳକଙ୍କୁ ମଧ୍ୟ କବ୍ଜାକୁ ନେଇଛି । ରବିବାର ମାଆଙ୍କ ପୀଠରେ ରନ୍ଧା ଭୋଗ କରିବାକୁ ଆସିଥିବା ଯୁବକଙ୍କ ସହିତ ସ୍ଥାନୀୟ ଲୋକଙ୍କ ପାଟିତୁଣ୍ଡ ହୋଇଥିଲା । ପରେ ଏହି ଘଟଣା ଉଗ୍ରରୂପ ନେଇଥିଲା । ଗଣ୍ଡଗୋଳରେ ରିଘାଗଡ଼ ଗାଁର ବୁଦ୍ଧଦେବ ସାହୁ (୫୫)ଙ୍କ ମୃତ୍ୟୁ ଘଟିଥିଲା । ବୁଦ୍ଧଦେବଙ୍କ ପୁଅ ସୂର୍ଯ୍ୟକାନ୍ତ ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୋମବାର ସନ୍ଧ୍ୟାରେ ବୁଦ୍ଧଦେବଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି ।

## ପାଣିରେ ବୁଡ଼ି ଶିଶୁପୁତ୍ର ମୃତ

ରାଜନଗର,୨୪ ।୧୧(ସମିସ): ପାଣିରେ ବୁଡ଼ି ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବଡ଼ଆଡ଼ିଆ ଗାଁର ଚିନ୍ମୟ ବେହେରାଙ୍କ ଅଢ଼େଇ ବର୍ଷର ପୁଅର ମୃତ୍ୟୁ ହୋଇଛି । ଶିଶୁଟି ଘର ପଛରେ ଖେଳୁଥିବା ବେଳେ ନିକଟରେ ଥିବା ପୋଖରୀରେ ପଡ଼ି ଯାଇଥିଲା । ପରିବାର ଲୋକେ ତାକୁ ଖୋଜାଖୋଜି କରି ପାଇ ନ ଥିଲେ । କିଛି ସମୟ ପରେ ସେ ପୋଖରୀରେ ଭାସୁଥିବା ଦେଖିଥିଲେ । ଗୁରୁତର ଅବସ୍ଥାରେ ତାକୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

## ଟ୍ରକ ଧକ୍କାରେ ମହିଳା ହୋମଗାର୍ଡ ମୃତ

● ସ୍ଥାନୀୟ ଲୋକଙ୍କ ରାସ୍ତାରୋକ

କେନ୍ଦ୍ରାପଡ଼ା,୨୪ ।୧୧(ସମିସ): ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥରେ ସୋମବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟି ଜଣେ ମହିଳା ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଭରତପୁର ଅଞ୍ଚଳର ପ୍ରମିଳା ବେହେରା (୫୫) । ସେ ଡ୍ୟୁଟି ସାରି ରାସ୍ତା ଅତିକ୍ରମ କରୁଥିବା ସମୟରେ ଢୁବୁରୀରୁ ପାରାଦୀପକୁ ଲୁହାପଥର ବୋଝେଇ କରି ଯାଉଥିବା ଟ୍ରକ ଦ୍ରୁତଗତିରେ ତାଙ୍କୁ ଧକ୍କା ଦେଇ କିଛିଦୂର ଟାଣିନେଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ । ରାଜପଥରେ ଭାରୀଯାନ ଚଳାଚଳ ପ୍ରତି ନିୟନ୍ତ୍ରଣ ନ ଥିବା, ରାଜପଥ ସମ୍ପ୍ରସାରଣ କରୁଥିବା ଠିକାସଂସ୍ଥାର ମନମାନି, ଗତି ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆ ନ ଯିବା ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସେମାନେ ଅଭିଯୋଗ କରିଥିଲେ । ପ୍ରଶାସନିକ ଅଧିକାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ଦୁମୁକାହାଟରେ ବାଦିପାଲା ମହୋତ୍ସବ

ଡେରାବିଶ,୨୪ ।୧୧(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟଠାରେ କାର୍ତ୍ତିକେଶ୍ୱର ପୂଜା ଅବସରରେ ବାଦିପାଲା ମହୋତ୍ସବ ଅନୁଷ୍ଠିତ ହୋଇଛି । ବୁଧବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରତିଷ୍ଠିତ ପାଲା ଗାୟକ ସନାତନ ଦାଶ, ଗଗନବିହାରୀ ମହାପାତ୍ର ପ୍ରମୁଖ ପାଲା ପରିବେଶଣ କରିଥିଲେ । ରାମାୟଣ ଓ ମହାଭାରତ କଥାବସ୍ତୁ ବର୍ତ୍ତମାନର ଜନଜୀବନକୁ କିପରି ପ୍ରଭାବିତ କରୁଛି ସେ ଦେଇ ଗାୟକଦ୍ୱୟଙ୍କ ଉଚ୍ଚକୋଟୀର ପାଲା ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ ।



# ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ/ମାଳିପୁର,୨୪ ।୧୧(ସମିସ)

ରାସ୍ତାକାମରେ ମହାଦୁର୍ନୀତି ଅଭିଯୋଗ । ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘଦିନ ହେଲା ଖାଲଖମାରେ ଭରି ହୋଇ ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟାବନ୍ଧ ରାସ୍ତା ବେହାଲ ହୋଇପଡ଼ିଛି । ଯଥାଶୀଘ୍ର ମରାମତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି ଉତ୍କଳ ସଂଗ୍ରାମ ପରିଷଦ । ୨୦୨୩ ଅଗଷ୍ଟରେ ଏହି ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିଲା । ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ନେଇ ବାରମ୍ବାର ପୂର୍ତ୍ତ ବିଭାଗର ଉଚ୍ଚ ଅଧିକାରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ଅଧିକାରୀ କାର୍ଯ୍ୟ ତଦାରଖ କରି ନ ଥିଲେ । ଫଳରେ ୨୨ କୋଟି ଟଙ୍କାର ରାସ୍ତା ମାତ୍ର ୨ ଦିନ ପରେ ବିଭିନ୍ନ ଜାଗାରେ ଫାଟିବାକୁ ଆରମ୍ଭ କରିଥିଲା । ଧୀରେ ଧୀରେ ରାସ୍ତାର ଅଡ଼ାଜୋରୀଠାରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଖାଲଖମାରେ ପରିପୂର୍ଣ୍ଣ ହୋଇ ମରଣଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକ ଏବଂ ଯାନବାହାନ ଦୁର୍ଘଟଣାର ଶିକାର ହେବା ସହ ଆର୍ଥିକ କ୍ଷତି ଏବଂ ମାନସିକ ଆଘାତ ସହିବାକୁ ବାଧ ହେଉଛନ୍ତି । ଏ ନେଇ ଉତ୍କଳ ସଂଗ୍ରାମ ପରିଷଦ ଗତ ଜାନୁଆରୀ ୨୧ରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ଆରମ୍ଭ କରିଥିଲା । ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଏକ ମାସ ମଧ୍ୟରେ ରାସ୍ତା ମରାମତି କରି ଗମନାଗମନ ଉପଯୋଗୀ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରେ ରାସ୍ତାର ଅଳ୍ପ କିଛି ସ୍ଥାନ ମରାମତି କରି ବିଭାଗ କାମ ବନ୍ଦ କରିଦେଇଥିଲା । ମରାମତି ମଧ୍ୟ ଅତି ନିମ୍ନମାନର କରା ଯାଇଥିବାରୁ ମରାମତି ହୋଇଥିବା ସ୍ଥାନଗୁଡ଼ିକ ସହ ରାସ୍ତାର ଅବଶିଷ୍ଟାଂଶ ମଧ୍ୟ ମାତ୍ର ଦୁଇ ମାସ ମଧ୍ୟରେ ନଷ୍ଟ ହୋଇଯାଇଛି । ମଦନପୁର କଟ୍ ନିକଟରେ ପ୍ରାୟ ପାଞ୍ଚ ଶହ ମିଟରରୁ ଊର୍ଦ୍ଧ୍ୱ ପିଚୁରାସ୍ତା ଧାରରୁ ମାଟି ଅତଡ଼ା ଖସି ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି ।

ବିଭାଗ ତରଫରୁ ସୂଚନା ଅଧିକାର ଆଇନ ମାଧ୍ୟମରେ ଦିଆଯାଇଥିବା ତଥ୍ୟ ଅନୁସାରେ ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ରାସ୍ତା ମରାମତି ଦାୟିତ୍ୱ ନିର୍ମାଣ କରିଥିବା ଠିକାଦାରଙ୍କର । ସେତେଦିନ ପର୍ଯ୍ୟନ୍ତ ରାସ୍ତାର ସମସ୍ତ ମରାମତି କାର୍ଯ୍ୟ ସମ୍ପୃକ୍ତ ଠିକାଦାର ନିଜ ଖର୍ଚ୍ଚରେ କରିବେ । ରାସ୍ତା ମରାମତି ପାଇଁ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଠିକାଦାରଙ୍କୁ ସୁହାଇଲା ଭଳି ସମୟ ଗଡ଼ାଇ ଚାଲିଛନ୍ତି । ବର୍ଷାଋତୁ ପରେ ମରାମତି କରିଦେବା କହୁଥିବା ଅଧିକ୍ଷଣ ଯନ୍ତ୍ରୀ ଏବେ ବିଭାଗ ନିକଟରେ ମରାମତି ପାଇଁ ଟଙ୍କା ନାହିଁ କହି ସମୟ ଗଡ଼ାଇ ଚାଲିଛନ୍ତି । ସୂଚନା ଅଧିକାର ଆଇନ ତଥ୍ୟ ଅନୁସାରେ ଯଦି ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ଠିକାଦାର ମରାମତି ଖର୍ଚ୍ଚ ନିଜେ ବହନ କରିବେ ତେବେ ଅଧିକ୍ଷଣ ଯନ୍ତ୍ରୀ ସରକାରୀ ଖର୍ଚ୍ଚରେ ରାସ୍ତା ମରାମତି କରିବା ପାଇଁ ଚିନ୍ତା କରୁଛନ୍ତି କାହିଁକି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଧିକ୍ଷଣ ଯନ୍ତ୍ରୀ ଠିକାଦାରଙ୍କୁ ଖର୍ଚ୍ଚରୁ ବଞ୍ଚାଇବା ପାଇଁ ସହଯୋଗ କରିବା ସହ ସରକାରୀ ଅର୍ଥର ଅପବ୍ୟୟ ଏବଂ ହରିଲୁଟ ପାଇଁ ମସୁଧା କରି ଜନସାଧାରଣଙ୍କୁ ହଇରାଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଯଦି ଠିକାଦାର ମରାମତି କାର୍ଯ୍ୟ କରୁନାହାନ୍ତି ତେବେ ଟେଣ୍ଡର ସମୟରେ ଠିକାଦାରଙ୍କ ତରଫରୁ ସରକାରଙ୍କ ନିକଟରେ ଗଚ୍ଛିତ ଥିବା ଅର୍ଥରୁ ଖର୍ଚ୍ଚ କରାଯାଇ ରାସ୍ତା ମରାମତି କରିବା ପାଇଁ ଶନିବାର ଉତ୍କଳ ସଂଗ୍ରାମ ପରିଷଦ ଆବାହକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳ କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିବାରୁ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଖୁବଶୀଘ୍ର ମରାମତି କାମ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ତୁରନ୍ତ ରାସ୍ତା ମରାମତି ନ କଲେ ଉତ୍କଳ ସଂଗ୍ରାମ ପରିଷଦ ପୁନଶ୍ଚ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚେତାବନୀ ଦେଇଛି ।

● ରକ୍ଷଣାବେକ୍ଷଣ ଅବଧି ସରି ନ ଥିଲେ ବି ଠିକାଦାର କରୁନାହାନ୍ତି ମରାମତି
● ବିଳମ୍ବ ହେଲେ ଆନ୍ଦୋଳନକୁ ଓହ୍ଲାଇବ ଉତ୍କଳ ସଂଗ୍ରାମ ପରିଷଦ

## ୨ ଲକ୍ଷର ସୁନା ଅଳଙ୍କାର ଫେରାଇଲେ ହୋଟେଲ କର୍ତ୍ତୃପକ୍ଷ



ରାଜନଗର,୨୪ ।୧୧(ସମିସ): ହୋଟେଲ ରୁମରେ ପ୍ରାୟ ଦୁଇ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର ଛାଡ଼ି ପଳାଇଥିଲେ ଡାକ୍ତର । ହୋଟେଲ କର୍ମଚାରୀ ଘର ସଫେଇ ସମୟରେ ଏହି ଅଳଙ୍କାର ପାଇଥିଲେ । ହୋଟେଲ ପକ୍ଷରୁ ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା । ସୂଚନା ଦିଆଯିବା ଯାଏଁ ଡାକ୍ତର ସୁନା, ରୁପା ଅଳଙ୍କାର ଛାଡ଼ିଥିବା ନେଇ ଜାଣି ନ ଥିଲେ । ହୋଟେଲ ପକ୍ଷରୁ ସୂଚନା ପାଇବା ପରେ ଡାକ୍ତର ତାଙ୍କର ବୋଲି କହିଥିଲେ । ସୋମବାର ତାଙ୍କ କର୍ମଚାରୀଙ୍କୁ ପଠାଇ ସୁନା ଅଳଙ୍କାର ନେଇଛନ୍ତି ।

ସୂଚନା ମୁତାବକ ଭିତରକନିକାର ଡାଙ୍ଗମାଳଠାରେ ରହିଛି ହୋଟେଲ ସ୍ୱାଦ ଓ ଭିତରକନିକା ମ୍ୟାନଗ୍ରୋଭ ହୋମ୍ ଷ୍ଟେ' । ପ୍ରାଚୀ ଶିକ୍ଷା ଫାଉଣ୍ଡେସନ ପକ୍ଷରୁ ହୋମ ଷ୍ଟେ'ର ସମସ୍ତ ରୁମ ୨୨ ତାରିଖ ବୁକ କରାଯାଇଥିଲା । ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରମାନେ ସେଠାରେ ରାତ୍ରିଯାପନ କରିଥିଲେ । ୨୩ ତାରିଖ ରୁମ୍ ଛାଡ଼ି ଯିବାପରେ ହୋଟେଲ କର୍ମଚାରୀ ସଫେଇ କରିଥିଲେ । ସଫେଇ ସମୟରେ ଗୋଟିଏ ରୁମରୁ ଗୋଟିଏ ସୁନା ଚେନ, ଦୁଇଟି ସୁନା ମୁଦି, ଦୁଇଟି ରୁପା ମୁଦି ଓ ଗୋଟିଏ ତମ୍ବା ମୁଦି ପାଇଥିଲେ । କର୍ମଚାରୀ ଅଳଙ୍କାର ଆଣି ହୋଟେଲ ମାଲିକଙ୍କୁ ଦେଇଥିଲେ । ହୋଟେଲ ମାଲିକ ଏ ସମ୍ପର୍କରେ ପ୍ରାଚୀ ଶିକ୍ଷା ଫାଉଣ୍ଡେସନ ଅଧିକାରୀଙ୍କୁ ଜଣାଇଥିଲେ । ପ୍ରାଚୀ ଶିକ୍ଷା ଫାଉଣ୍ଡେସନ ଅଧିକାରୀ ଡାକ୍ତରମାନଙ୍କୁ ଜଣାଇବା ପରେ ଜଣେ ଡାକ୍ତର ତାହା ଛାଡ଼ି ଆସିଥିବା କହିଥିଲେ । ଆଜି ପ୍ରାଚୀ ଶିକ୍ଷା ଫାଉଣ୍ଡେସନ କର୍ମଚାରୀ ରାଜନଗରରେ ପହଞ୍ଚି ହୋଟେଲ ମାଲିକ ସୂର୍ଯ୍ୟନାରାୟଣ ଲେଙ୍କାଙ୍କଠାରୁ ସୁନା, ରୁପା ଅଳଙ୍କାର ଗ୍ରହଣ କରିଛନ୍ତି । ପ୍ରାଚୀ ଶିକ୍ଷା ଫାଉଣ୍ଡେସନ ପକ୍ଷରୁ ହୋଟେଲ କର୍ମଚାରୀଙ୍କ ସାଧୁତା ପାଇଁ ପ୍ରଶଂସା କରାଯାଇଛି ।

ରୁମ୍‌ରେ ଛାଡ଼ି ଯାଇଥିଲେ ଡାକ୍ତର

## ଜାନୁଆରୀ ୯ରୁ ଜିଲ୍ଲାରେ ଖରିଫ ଧାନକିଣା

● କଟନୀଛଟନୀ ନ କରିବାକୁ ଜିଲ୍ଲାପାଳଙ୍କ ଚେତାବନୀ




କେନ୍ଦ୍ରାପଡ଼ା,୨୪ ।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ଜାନୁଆରୀ ୯ ତାରିଖରୁ ଖରିପ ଧାନକିଣା ଆରମ୍ଭ ହେବ । ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ମଣ୍ଡିରେ ସମସ୍ୟା ସମାଧାନ ନିଶ୍ଚିତ କରିବା ନେଇ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ରଘୁରାମ ଆୟର ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରି କରିବା ପୂର୍ବରୁ ମଣ୍ଡି ଛାଡ଼ି ଫେରି ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ମିଲରମାନେ ଚାଷୀଙ୍କୁ ସହଯୋଗ କରି ଅବାଞ୍ଛିତ କଟନୀଛଟନୀ ନ କରିବାକୁ ଚେତାବନୀ ଦେଇଛନ୍ତି । ଚାଷୀମାନଙ୍କ ପାଇଁ ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଜିଲ୍ଲାରେ ମୋଟ ୧୧୮ଟି ପାକ୍ସ ଧାନକିଣା କାର୍ଯ୍ୟରେ ଅଂଶଗ୍ରହଣ କରିବେ । ଏପର୍ଯ୍ୟନ୍ତ ୫୨,୦୯୨ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ସୂଚନା ମିଳିଛି । ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସହ ଡିଆରସିଏସ, ମିଲର ଏବଂ ଯୋଗାଣ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

## ନାଳିଆ-ବାଉଁଶ ହସ୍ତଶିଳ୍ପ ସମବାୟ ସମିତି ବୈଠକ

ରାଜନଗର,୨୪ ।୧୧(ସମିସ): ରାଜନଗର ବ୍ଲକ ଜୁଣୁପଙ୍ଗରାଠାରେ ନାଳିଆ-ବାଉଁଶ ହସ୍ତଶିଳ୍ପ ସମବାୟ ସମିତିର ବୈଠକ ଅନୁଷ୍ଠିତ ହୋଇଛି । ସମିତି ସଭାପତି ବାମନଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣକୁମାର ସାହୁ, ମୁଖ୍ୟବକ୍ତା ଭାବେ ଯୁବନେତା ସନ୍ତୋଷକୁମାର ରାଉତ ଯୋଗଦେଇ ସମିତିର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ୧୯୮୩ ମସିହାରୁ ଗଠିତ ଏହି ସମବାୟ ସମିତିରେ ୧୧ ପଞ୍ଚାୟତର ପ୍ରାୟ ଦୁଇଶହ ନାଳିଆ-ବାଉଁଶ କାରିଗର ସାମିଲ ଅଛନ୍ତି । ଭିତରକନିକା ଅଭୟାରଣ୍ୟ ଓ ପରେ ଜାତୀୟ ଉଦ୍ୟାନ ଘୋଷଣା ହେବା ପରେ ବନବିଭାଗର କଟକଣା ଯୋଗୁଁ ମୁଖ୍ୟ କଞ୍ଚାମାଲ ନାଳିଆ ସଂଗ୍ରହ କରି ପାରିଲେନାହିଁ । ଫଳରେ ସେମାନଙ୍କ ଜୀବିକା ବିପର୍ଯ୍ୟସ୍ତ ହୋଇଛି । ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସହ ବିଧାୟକଙ୍କ ସହଯୋଗ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ରାଜକିଶୋର ମୁଦୁଲି, ରାଜକିଶୋର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ନକୁଳ ଜେନା, କେଶବ ଜେନା ପ୍ରମୁଖ ସମିତିର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ମତାମତ ପ୍ରଦାନ କରିଥିଲେ । ପ୍ରଶାନ୍ତକୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



## ତାଲୁକ ଆଇନ ସେବା ସମିତି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା




ପଟ୍ଟାମୁଣ୍ଡାଇ,୨୪ ।୧୧(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରପତି ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲ ଜଜ ଡିକେ ବାଲକୃଷ୍ଣନ ଯୋଗଦେଇଥିଲେ । ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ । ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ୮ମରୁ ୧୦ମ ଶ୍ରେଣୀ ୧୩୦ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ । ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ଆଇନଜୀବୀ ହୃଦାନନ୍ଦ ମହାନ୍ତି, ରିଟେନର ଗୀତାଞ୍ଜଳି ପୃଷ୍ଟି, ବିଜୟ କୁମାର ରାଉତ, ଅମରେନ୍ଦ୍ର ତ୍ରିପାଠୀ, ନିତ୍ୟାନନ୍ଦ ସେଠୀ, ବିକ୍ରମ ସାମଲ, ରାଜେନ୍ଦ୍ର ମୁର୍ମୁ, ଦୀପକ ସାମଲ, ମାନସ ସାମନ୍ତରାୟ, ବିଜୟ ସିଂହ, ବାମନ ମହାନ୍ତି, ଚନ୍ଦ୍ରଶେଖର ଲେଙ୍କା, ବକୁଳ ନାୟକ, ସଞ୍ଜୟ ଧଳ, ବିଶ୍ୱଜିତ ସାହାଣୀ, ମୋହନ ଦାସ, ଅପର୍ଣ୍ଣା ସାମଲ, ଗଣେଶ ତ୍ରିପାଠୀ, ଦେବାଶିଷ ମିଶ୍ର, ବିକ୍ରମ ସ୍ୱାଇଁ, ଅରବିନ୍ଦ ରାଉତରାୟ, ଅମରେନ୍ଦ୍ର ପଣ୍ଡା, ସୁଧାଂଶୁ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ ।

## ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ

ଡେରାବିଶ,୨୪ ।୧୧(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦାନପୁରସ୍ଥିତ ସତ୍ୟସାଇ ସତ୍ୟସାଇ ମନ୍ଦିରରେ ରବିବାର ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ ପାଳିତ ହୋଇଛି । ଦକ୍ଷବ୍ରହ୍ମପୁର-ଦାନପୁରର ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟୁଷରୁ ଆରମ୍ଭ ହୋଇଥିଲା । ମଙ୍ଗଳଆଳତି ପରେ ଓଁକାର, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ ଓ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ ହୋଇଥିଲା । କୋରୁଆସ୍ଥିତ ଅନାଥାଶ୍ରମରେ ସତ୍ୟସାଇ ସେବା ସମିତି ତରଫରୁ ଦରିଦ୍ର ନାରାୟଣଙ୍କ ସେବା କରାଯାଇଥିଲା । ସନ୍ଧ୍ୟାରେ ଭଜନ, ସଂକୀର୍ତ୍ତନ ସହ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । ସାଇବାବାଙ୍କ ଜୀବନାଦର୍ଶନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଆବାହକ ରବୀନ୍ଦ୍ର କୁମାର ବେହେରା, ବସନ୍ତ କୁମାର ମଲିକ, ଗୁରୁଚରଣ ଦାସ, ସଂଘମିତ୍ରା ରଥ, ନିଶିକାନ୍ତ ମହାନ୍ତି, ମୁଲତା ବେହେରା, ରୁଦ୍ରନାରାୟଣ ବେହେରା, ରାଜକୁମାର ଦାସ, ନିଖିଳେଶ ଦାସ, ସତ୍ୟନାରାୟଣ ଦାସ, ବିଜୟ କୁମାର ପଣ୍ଡା, ଶିବୁ ନାୟକ, ରସାନନ୍ଦ ମହାନ୍ତି ଓ କୁଲୱାନ୍ତ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ରାଜ୍ୟ ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୨୪ ।୧୧(ସମିସ): ରାଜ୍ୟ ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଅଇନିପଡ଼ା-ପଛପଡ଼ା ଗାଁ ଉତ୍ସବ ଉଦଘାଟନ କରିବା ପାଇଁ ପଟ୍ଟାମୁଣ୍ଡାଇ ଗସ୍ତରେ ଆସିଥିବାବେଳେ ତାଙ୍କୁ ପଟ୍ଟାମୁଣ୍ଡାଇ ଓକିଲ ସଂଘ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବେଲତଳଠାରେ ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ପ୍ରମୋଦ ବିଶ୍ୱାଳ, ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ପୂର୍ବତନ ସଭାପତି ଭୀମସେନ ପ୍ରଧାନ ପ୍ରମୁଖ ଫୁଲତୋଡ଼ା ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବିକାଶ ପରିଷଦ ସଭାପତି କାଉନସିଲର [illegible] ସମ୍ପାଦକ ଗୋପୀନାଥ ତ୍ରିପାଠୀ ସମ୍ବର୍ଦ୍ଧିତ କରିଥିଲେ । ପଟ୍ଟାମୁଣ୍ଡାଇ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ ଓ ଯୁଗ୍ମ ସମ୍ପାଦକ ମନୋଜ ନାୟକ ଅଇନିପଡ଼ା-ପଛପଡ଼ା ଗାଁ ଉତ୍ସବ ବସୁଧା ମଞ୍ଚରେ ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ । ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ଓ ସବଜଜ କୋର୍ଟ ପ୍ରତିଷ୍ଠାରେ ଜଷ୍ଟିସ ପୂଜାହାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଓଭରବ୍ରିଜ୍ ଉପରେ ଯାଉଛି ବସ୍, ଲୁଟ୍‌ର ଶିକାର ହେଲେ ମହିଳା

# ବସ୍ ଅଟକାଇ ତଳ ରାସ୍ତାରେ ନେଲେ ଗ୍ରାମବାସୀ

ଡେରାବିଶ,୨୪ ।୧୧(ସମିସ)

ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି । ଏହି ସମ୍ପ୍ରସାରଣ କାର୍ଯ୍ୟରେ ପ୍ରତ୍ୟେକ ଛକ ସ୍ଥାନରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଟ୍ରାଫିକ୍ ସମସ୍ୟା ଏଡ଼ାଇବା ପାଇଁ ଓଭର ବ୍ରିଜ କରିଛନ୍ତି । ହେଲେ ଏହି ଓଭର ବ୍ରିଜ୍ ଅଞ୍ଚଳବାସୀଙ୍କ ନିମନ୍ତେ ଅସୁବିଧାର କାରଣ ସାଜିଛି । କାରଣ ଓଭରବ୍ରିଜ୍ ରାସ୍ତା ଚକାଚକ୍ ହୋଇଥିବା ବେଳେ ଏହା କଡ଼ରେ ଥିବା ସର୍ଭିସ୍ ରୋଡ୍ ବର୍ତ୍ତମାନ ସୁଦ୍ଧା ମଧ୍ୟ ସମ୍ପୂର୍ଣ୍ଣ ନିର୍ମାଣ ହୋଇନାହିଁ । ଏହାର ସୁଯୋଗ ନେଇ କେନ୍ଦ୍ରାପଡ଼ାରୁ ଚଣ୍ଡିଖୋଲ ଓ ଚଣ୍ଡିଖୋଲରୁ କେନ୍ଦ୍ରାପଡ଼ା ଯାତାୟାତ କରୁଥିବା ବସ୍‌ଗୁଡ଼ିକ ସିଧାସଳଖ ଓଭର ବ୍ରିଜ୍ ଉପରେ ପଳାଇ ଯାଉଛନ୍ତି । ଯେଉଁଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଲୋକେ ବସ୍ ଧରିବା ପାଇଁ ଛକକୁ ଆସି ପୁଣି ଓଭରବ୍ରିଜ୍‌ର ଆରମ୍ଭ ମୁଣ୍ଡକୁ ଯିବାକୁ ପଡୁଛି । ତେବେ ଓଭରବ୍ରିଜ୍‌ଗୁଡ଼ିକ ସ୍ଥଳ ବିଶେଷରେ କେଉଁଠି ୧ କିଲୋମିଟର ତ କେଉଁ ସ୍ଥାନରେ ତା'ଠାରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ରହିଛି । ଏଥିପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି । ଏ ସମ୍ପର୍କରେ ବସ୍‌ମାଲିକ ଓ କଣ୍ଡକ୍ଟରମାନଙ୍କୁ ଯେତେ କହିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି । ଫଳରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଥିବା ବେଳେ ରବିବାର ସନ୍ଧ୍ୟାରେ ଡେରାବିଶ ବ୍ଲକ ବଳଭଦ୍ରପୁର ଗ୍ରାମର ଜଣେ ମହିଳାଙ୍କୁ ବସ୍ କଣ୍ଡକ୍ଟର ବଳଭଦ୍ରପୁର ଛକ ଓଭରବ୍ରିଜ୍ ଉପରେ ଓହ୍ଲାଇ ଦେଇଥିଲେ । ଫଳରେ ମହିଳା ଜଣକ ଓଭରବ୍ରିଜ୍‌ର ଶେଷ ମୁଣ୍ଡକୁ ଯାଇ ତଳକୁ ଆସିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିଲେ । ଏହି ଘଟଣା ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ସୋମବାର ସକାଳେ ଲୋକେ ରାଜପଥ ଅବରୋଧ କରିଥିଲେ । ନୂଆହାଟ, ଛଚିଣା ଓ ବଳଭଦ୍ରପୁର ଗ୍ରାମବାସୀ ବଳଭଦ୍ରପୁର ଛକରେ ପହଞ୍ଚି ଓଭରବ୍ରିଜ୍ ଉପରେ ଯାଉଥିବା ସମସ୍ତ ବସ୍‌କୁ ଅଟକାଇବା ସହ ତଳ ରାସ୍ତାରେ ଯିବାକୁ ବାଧ କରିଥିଲେ । ବସ୍‌ର କଣ୍ଡକ୍ଟରମାନଙ୍କୁ ଯାତ୍ରୀମାନେ ଚାଲିଚାଲି ଗଲେ କି ଅସୁବିଧା ଭୋଗ କରୁଛନ୍ତି ଜଣାଇବା ପାଇଁ ଜବରଦସ୍ତ ଚଲାଇ ଚଲାଇ ତଳ ରାସ୍ତାକୁ ନେଇଥିଲେ । ଏହି ଭଳି ଘଟଣା ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିବା । ଏଣିକି ସମସ୍ତ ବସ ଓଭର ବ୍ରିଜ୍‌ରେ ନ ଯାଇ ତଳ ରାସ୍ତାରେ ଯିବାକୁ ପ୍ରତିଶ୍ରୁତି ଦେବାପରେ




କଣ୍ଡକ୍ଟରଙ୍କୁ ଚଲାଇଲେ

# କଟେରି ବଜାର ଛକରୁ ହଟିଲା ଜବରଦଖଲ

ନୀଳଗିରି, ୨୪।୧୧ (ସମିସ)



ନୀଳଗିରିର ଜନବହୁଳ କଟେରି ବଜାର ଦୁର୍ଗା ମଣ୍ଡପ ଛକଠାରେ ବହୁଦିନରୁ କିଛି ଲୋକ ଜବରଦଖଲ କରି ବ୍ୟବସାୟ କରୁଥିଲେ। ଏ ନେଇ ବହୁଦିନ ଧରି ବିରୋଧ ହୋଇ ଆସୁଥିଲାବେଳେ ଜୈନିକ ବ୍ୟବସାୟୀ ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ହାଇ କୋର୍ଟ ଜବରଦଖଲ ଉଚ୍ଛେଦ ନ କରିବା ପାଇଁ ରହିତାଦେଶ ଜାରିହୋଇଥିଲା। ମାତ୍ର ନୀଳଗିରି ସହରର ରାସ୍ତା ପ୍ରଶସ୍ତିକରଣ ପାଇଁ ଜବର ଦଖଲ ବାଧକ ସାଜିଥିବା ବେଳେ ତୁରନ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୀଳଗିରି ପୂର୍ତ୍ତ ବିଭାଗ ନୀଳଗିରି ଏନଏସିକୁ ଚିଠି କରିଥିଲେ। ଏ ନେଇ ନୀଳଗିରି ଏନ.ଏ.ସି ର ନିର୍ବାହୀ ଅଧିକାରୀ ହାଇକୋର୍ଟଙ୍କଠାରେ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଉକ୍ତ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ରହିତାଦେଶକୁ ଉଚ୍ଛେଦ କରିଥିଲେ। ତତ୍ ପରେ ଏନଏସି ଓ ରାଜସ୍ୱ ବିଭାଗ ପକ୍ଷରୁ ମାପ କରାଯାଇ ସରକାରୀ ଜାଗା ଚିହ୍ନଟ କରାଯାଇଥିଲା। ସୋମବାର ପୂର୍ବାହ୍ନରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନୀଳଗିରି ତହସିଲଦାର ଶ୍ରୀମତି ସୋନମ ଦାସ, ନୀଳଗିରି ଏନ.ଏ.ସିର ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା ଓ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକଙ୍କ ର ଉପସ୍ଥିତି ରେ ଏହି ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ବହୁ ଦିନରୁ ଏହି ଜବର ଦଖଲ ପାଇଁ ସଧାରଣ ଯାତାୟତରେ ସମସ୍ୟା ଉପୁଜିଥିଲା।

## ରାଜ୍ୟସ୍ତରୀୟ ଆଖଡ଼ା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୪।୧୧(ସମିସ): ବାଲେଶ୍ୱର ମହାବୀର ଆଖଡ଼ା ସଂଘର ଏକଶତ ବର୍ଷ ପୂର୍ତ୍ତି ଉଦଯାପନୀ ଉତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ଆଖଡ଼ା ପ୍ରତିଯୋଗିତା ଆସନ୍ତା ୭ତାରିଖ ସ୍ଥାନୀୟ ବାଲେଶ୍ୱର ଷ୍ଟେସନ କ୍ଲବ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହେବା ପାଇଁ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ସ୍ୱତନ୍ତ୍ର କାର୍ଯ୍ୟକାରୀଣୀ ସଭା ସ୍ଥାନୀୟ ମଠସାହି ନଣ୍ଡାଗୋସ୍ୱାମୀ ମଠ ପ୍ରାଙ୍ଗଣରେ ସଂଘର ସଭାପତି ଗୋପୀନାଥ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରାଜ୍ୟସ୍ତରୀୟ ଆଖଡ଼ା ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲା ସମେତ ସହରରୁ ୩୩ଟି ଆଖଡ଼ା ଦଳ ଅଂଶ ଗ୍ରହଣ କରି ସମର କଳା ପ୍ରଦର୍ଶନ କରିବେ। ଉକ୍ତ ସଭାରେ ଉପସଭାପତି ପଦ୍ମଲୋଚନ ଲେଙ୍କା, ମନୋଜ କୁମାର ରାଉତ, ସାଧାରଣ ସମ୍ପାଦକ ମନୋଜ ଦାସ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାଶ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା ଓ ଲମ୍ବୋଦର ବେହେରା, ସହକାରୀ ସମ୍ପାଦକ ବିଜୟ ପଲାଇ ଓ ଦେବେନ୍ଦ୍ର ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜୀ, ଉପଦେଷ୍ଟା ଦେବବ୍ରତ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ବେହେରା, କୃଷ୍ଣକର ନାୟକ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ବାସନ୍ତୀ ନାୟକ, ଆଶ୍ରୀତା ତରେଇ, ରବିନ୍ଦ୍ର ବେହେରା, ଗୌରାଙ୍ଗ ଚରଣ ଦାସ, ଭାରତ ଭୁଷଣ ଦାସ, ଡା. ପଙ୍କଜ ଦାସ, ଅନନ୍ତ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଲେଶ୍ୱର ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

ବାଲେଶ୍ୱର,୨୪।୧୧(ସମିସ): ବାଲେଶ୍ୱର ଆଇଟିଆଇ ପଡିଆରେ ଆୟୋଜିତ ଲୋକ ମହୋତ୍ସବର ସୋମବାର ଥିଲା ଷଷ୍ଠ ସନ୍ଧ୍ୟା। ମୁଖ୍ୟ ଆକର୍ଷଣ ସାଜିଥିଲେ ଓଲିଉଡ କଣ୍ଠଶିଳ୍ପୀ ଦେବଶ ପତି। ଏହି ଅବସରରେ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ହରି ଉଦ୍ୟୋଗର ଅଧ୍ୟକ୍ଷ ସଂଗ୍ରାମ ଦାସ, ଓମଫେଡ୍ର ମାର୍କେଟିଂ ମୁଖ୍ୟ ଜ୍ୟୋତି ରଂଜନ ସ୍ୱାଇଁ, ସାମ୍ବାଦିକ ଚିତ୍ତରଞ୍ଜନ ଚିରଞ୍ଜିବ ଉପସ୍ଥିତ ଥିଲେ। ସାଂସ୍କୃତିକ ସମ୍ପାଦକ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ



ଉପଦେଷ୍ଟା ବିଭୂପଦ ଦାସ,ଉପାଧ୍ୟକ୍ଷ ବିକାଶ ପାଢ଼ୀ, ଉପାଧ୍ୟକ୍ଷ ଶ୍ରୀମନ୍ତ ମାଝୀ, ସହ ସମ୍ପାଦକ ଦେବଜ୍ୟୋତିଦାସ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ନିତ୍ୟାନନ୍ଦ ସେଠୀ, ଗୌରହରି ମଲ୍ଲିକ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ସୌମ୍ୟ ରଞ୍ଜନ ଯାଦବ,ଅନୁପମ ମିଶ୍ର, ଅଭିନାଶ ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଶିକ୍ଷାବିତ ଘନଶ୍ୟାମ ବିଶ୍ୱାଳ, ଦିବ୍ୟାଂଶୀ ଆଚାର୍ଯ୍ୟଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ନିଶିତ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ସଭାପତି ଆସିତ କୁମାର ଦାସ, ଉପସଭାପତି ସିମନ ଦାସ ମହାପାତ୍ର, ସଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସୌଭାଗ୍ୟ ମାନସ ନାୟକ, ତାପସ ପାଣିଗ୍ରାହୀ, ସତ୍ୟପ୍ରକାଶ ପତି, ହ୍ରିତିକ୍ ନାୟକ, ସିଲାବ ସତ୍ୟକାମ, ରାଜେଶ ମହାକୁଡ଼, ଜିତେନ୍ଦ୍ର ମହାଳିକ, ଅନୁପମ ମିଶ୍ର, ସୁଶୀଲ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର; ୫୧ ୟୁନିଟ୍ ସଂଗୃହୀତ

ବାଲେଶ୍ୱର,୨୪।୧୧(ସମିସ): ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଗୌରୀ କୁମାର ରାଉତଙ୍କ ଶ୍ରାଦ୍ଧ ବାର୍ଷିକୀରେ ଏକ ରକ୍ତଦାନ ଶିବିର ଗୌରୀ କୁମାର ରାଉତ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସାହାଦାସ୍ଥିତ ନେତ୍ରାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାଉତ ଙ୍କ ଧର୍ମପତ୍ନୀ ହରି ପ୍ରିୟା ରାଉତ ଏହି ଶିବିର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଙ୍କ ରବୀନ୍ଦ୍ର କୁମାର ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, କାଉନସିଲର ସଞ୍ଜୀବ ଦାସ, ବିକ୍ରମ ପଣ୍ଡା, ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ଯୋଗ ଦେଇ ଥିଲେ। ଶିବିର ଶେଷ ସୁଦ୍ଧା ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ

ବାଲେଶ୍ୱର,୨୪।୧୧(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୭୭ ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଯୋଗଦେଇ ଏନ୍ ସିସି କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅନିରୁଦ୍ଧ ବେହେରା ଯୋଗଦେଇ ମହାବିଦ୍ୟାଳୟର କ୍ୟାଡେଟମାନଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ସିସି ଆର୍ମି ବାଳକ ବିଭାଗର ଏ ଏନ୍ ଓ ଲେଫ୍ଟନାଣ୍ଟ ଆଶିଷ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ସଭା ପରିଚାଳନା କରିଥିଲେ। ଏନ୍ ସି ନାଭାଲ ବିଭାଗର ସିଟିଓ ପ୍ରଶାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।




ଏନ୍ ସି ସି ଆର୍ମି ବାଳକ ବିଭାଗର ସିଟିଓ ଅନିତା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବାଲେଶ୍ୱର ସହର ଉପକଣ୍ଠ ବିଭିନ୍ନ ଶିକ୍ଷାନୁଷ୍ଠାନର ଏ ଏନ ଓ ସିଟିଓ ସହିତ ମୋଟ ୨୨୨ ଜଣ କ୍ୟାଡେଟ୍ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ହାବିଲଦାର ହରିହର ସାହୁ ପରେଡ୍ ପରିଚାଳନା କରିଥିଲେ। ପୁରାତନ ଛାତ୍ର ବାବାଇ ଦେ, ଅଶୋକ ମାଝୀ ଓ ଅନ୍ୟ କ୍ୟାଡେଟ୍ ମାନେ ଏନ୍ ସି ସି ଦିବସ ପାଳନରେ ସହଯୋଗ କରିଥିଲେ। କ୍ୟାଡେଟମାନଙ୍କ ଦ୍ୱାରା ସାମୂହିକ ଏନ୍‌ସିସି ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

## ଆବାସିକ ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲେଶ୍ୱର,୨୪।୧୧(ସମିସ): ଅଗ୍ରଣୀ ଯୋଗ ପ୍ରଶିକ୍ଷଣ ଅନୁଷ୍ଠାନ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ ଅଫ ନେଚର୍ କିୟର ଏଣ୍ଡ ଯୋଗିକ ସାଇନସ୍ ମିଳିତ ଆନୁକୂଲ୍ୟରେ ଚାନ୍ଦିପୁରସ୍ଥିତ ପୁରବୀ ରିସୋର୍ଟ ପରିସରରେ ଆବାସିକ ଭାବେ ଚାଲିଥିବା ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଭୁବନେଶ୍ୱର ହେଲଥ ଭିଲ୍ଲା ଯୋଗ ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଓ ଡକ୍ଟର ବିଆରସି କ୍ଲିନିକ ସହଯୋଗରେ ଏହି ତିନି ଦିନିଆ ଶିବିର ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହିଭଳି ଶିବିର ଆୟୋଜନ




ଉପରେ ଗୁରୁତ୍ୱାରୋପ କହିଥିଲେ। କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ରୋଗମୁକ୍ତ ହେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଇଣ୍ଟରନ୍ୟାସନାଲ ନେଚୁରୋପାଥି ସଂଗଠନ ସଭାପତି ଡାକ୍ତର ସୁବାଷ ଚନ୍ଦ୍ର ଷଡଙ୍ଗୀ ଓ ଉପଦେଷ୍ଟା ଡାକ୍ତର ସୁଜାତା ପଣ୍ଡା ଏହି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତ ରଞ୍ଜନ ସାହୁ ଏଥିରେ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ସଭା ପରିଚାଳନା କରିଥିଲେ। ଏହି ଶିବିରରେ ବାଲେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେଉଁଝର, ମୟୂରଭଞ୍ଜ ପ୍ରଭୃତି ଜିଲ୍ଲା ସମେତ ପଶ୍ଚିମବଙ୍ଗରୁ ଶହେରୁ ଅଧିକ ବ୍ୟକ୍ତି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସା ସମ୍ପର୍କିତ ପ୍ରଶିକ୍ଷଣ ନେଇଥିଲେ। ଅଧ୍ୟାପକ ଅଭିଷେକ ଦାସ, ଅଧ୍ୟାପିକା କାନ୍ତିକ୍ରିଷ୍ଟା ଦାଶ ଓ ଅନିତା ମିଶ୍ର, ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଶିବିରରେ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରତିଯୋଗିତାରେ ଭାଗନେବେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରୀ

ବାଲେଶ୍ୱର,୨୪।୧୧(ସମିସ): ଆସନ୍ତା ଡିସେମ୍ବର ୩ ରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହାୟତାରେ ଓ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ସଂଘର ଏକ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରତିଯୋଗିତା ଆସନ୍ତା ୨୫, ୨୬ ଓ ୨୭ ତିନି ଦିନ ଧରି ଭୁବନେଶ୍ୱର ସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜନ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବାଲେଶ୍ୱର ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ଛାତ୍ରୀ ବି-୧ ଗ୍ରୁପରେ ପଦ୍ମିନୀ ଟୁଡୁ, ମାହେଶ୍ୱରୀ ପ୍ରଧାନ, ସୁମିତ୍ରା ସିଂ, ମନୀଷା ଟୁଡୁ, ଗ୍ରୁପ ବି-୨ ରେ ସୁଲୋଚନା ସିଂ, ସୁନିତା ସୋରେନ, ବୁଦିନୀ ରାଇଦାସ, ଦୀପା ସିଂ, ମିକି ସିଂ, ଗ୍ରୁପ ବି-୩ ରେ ମିନି



ମହନ୍ତ, ଇତିକୃଷ୍ଣ ଭଞ୍ଜ, ମେଘନା ସିଂ, ସିଲି ମୁର୍ମୁ, ପ୍ରଭାତୀ ମହାଳିକ ଓ ବର୍ଷା ସିଂ, କୋଚ ପ୍ୟାରୀମୋହନ ଭୂୟାଁ, ସହଯୋଗୀ ସନ୍ତୋଷ ନାୟକ ଓ ବାସନ୍ତୀ ସିଂହ ଆଜି ରେଳ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଖେଳାଳିଙ୍କୁ ଜିଲ୍ଲା ରାଜସ୍ୱ ଅଧିକାରୀ, ସୀତାଂଶୁ ଦାସ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କର ବିଜୟୀ ମନାସି ଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ, ପ୍ରତିଭା ବେହେରା ଭିଡିଓ କଲ ମାଧ୍ୟମରେ ଶୁଭେଚ୍ଛା ଜଣାଇବା ସହିତ ଦଳର ବିଜୟ ଲାଭ ବାର୍ତ୍ତା ପ୍ରେରଣ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଦିବାକର ସ ଛାତ୍ରୀମାନଙ୍କ ବିଜୟ ଲାଭ ପାଇଁ ଶୁଭ କାମନା କରିଥିଲେ।

## ଭାରତ ରକ୍ଷା ମଞ୍ଚ ପକ୍ଷରୁ ବଳିଦାନ ଦିବସ

ବାଲେଶ୍ୱର,୨୪।୧୧(ସମିସ): ଭାରତ ରକ୍ଷା ମଞ୍ଚ ପକ୍ଷରୁ ଶ୍ରୀ ଗୁରୁ ତେଗ ବାହାଦୁର ଜୀଙ୍କ ବଳିଦାନ ଦିବସ ବିସିସେନ ରୋଡ୍‌ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ପାଳିତ ହେଇଯାଇଛି। ମୁଖ୍ୟବକ୍ତା



ଭାବେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ଅଧିକାରୀ ଗୌରି ପ୍ରସାଦ ରଥ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର ସଂଘ ଚାଳକ ଗୋପାଳ ଚନ୍ଦ୍ର ନାୟକ, ସ୍ଥାନୀୟ ଶିଖ ସଂପ୍ରଦାୟର ସମ୍ମାନୀୟ ଅମର ସିଂ ୱାଲିଆ, ସୁବେଦାର ହାର୍ନେକ୍ ସିଂ, ସୁବେଦାର ମେଜର ମାଖନ ସିଂହ, ଗୁରୁପ୍ରୀତ ସିଂ ଯୋଗ ଦେଇ ଶ୍ରୀଗୁରୁ ତେଗ ବାହାଦୁରଙ୍କ ଜୀବନୀ ତଥା ହିନ୍ଦୁ ସମାଜକୁ ରକ୍ଷା କରିବାକୁ ଯାଇ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ସେ ବିଷୟରେ ଆଲୋକପାତ କରିଥିଲେ। ଭାରତ ରକ୍ଷା ମଞ୍ଚର ଜିଲ୍ଲା ସଭାପତି ରଜନୀ କାନ୍ତ ଶତପଥୀ ସଭା ପରିଚାଳନା କରିଥିଲେ। ମଧୁସୂଦନ ହୋତା ଅତିଥି ପରିଚୟ କରିଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭା ଭାରତ ରକ୍ଷା ମଞ୍ଚ ରାଜ୍ୟ ସମ୍ପାଦକ ସଞ୍ଜୟ ମହାପାତ୍ରଙ୍କ ମାର୍ଗ ଦର୍ଶନ ତଥା ସଂଗଠନର ପ୍ରମୁଖ କାର୍ଯ୍ୟକର୍ତ୍ତା ମଧ୍ୟରେ ସୁଧାକର ପାଢ଼ୀ, କ୍ଷେତ୍ରମୋହନ ମହାପାତ୍ର, ଜଗବନ୍ଧୁ ପୃଷ୍ଟି, ଅଜୟ ପରିଡା, ସୂର୍ଯ୍ୟକାନ୍ତ ପଣ୍ଡା, ରମାକାନ୍ତ କର, ଭାସ୍କର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ୨୭ରେ ମହିଳା ଜନଶୁଣାଣି

ବାଲେଶ୍ୱର,୨୪।୧୧(ସମିସ): ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ ଆପକେ ଦ୍ୱାରା ମହିଳା ଜନ ଶୁଣାଣି କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ହେବ। ଏହି ଜନଶୁଣାଣି ୨୭ ତାରିଖ ସକାଳ ୧୦ଟାରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ସୁନ୍ଦରଗଡ, ଯାଜପୁର ଓ କେନ୍ଦ୍ରାପଡା ଆଦି ମୋଟ ୬ଟି ଜିଲ୍ଲାର ୭୧ଟି ଅଭିଯୋଗ ଉପରେ ଶୁଣାଣି କରାଯିବ। ଶୁଣାଣି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସହିତ ସମ୍ବନ୍ଧିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିବେ। ଏହି ଜଣଶୁଣାଣିକୁ ଅର୍ଚ୍ଚନା ମଜୁମଦାର, ସଦସ୍ୟା, ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷତା କରିବେ। ମହିଳାମାନଙ୍କ ଅଭିଯୋଗ ସମାଧାନ, ନ୍ୟାୟପାଳନ ଓ ସୁରକ୍ଷା ସୁନିଶ୍ଚିତ କରିବାରେ ଏବଂ ଏ ସମ୍ପର୍କିତ ଆଇନ ପ୍ରଣୟନ କରିବାରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ବିଭିନ୍ନ ଦାବିରେ ସିପିଏମ୍‌ର ବିକ୍ଷୋଭ




ବାଲେଶ୍ୱର,୨୪।୧୧(ସମିସ): ସିପିଆଇ(ଏମ) ରେମୁଣା ଆଞ୍ଚଳିକ କମିଟି ପକ୍ଷରୁ ସମ୍ପାଦକ ହରିପ୍ରିୟା ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ରେମୁଣା ହାତିଆ ଗଣ୍ଡ ଛକଠାରୁ ରେମୁଣା ବ୍ଲକ ଓ ତହସିଲ ଅଫିସ ସମ୍ମୁଖ ରେ ଫହଁଚି ଥିଲା। ଏବଂ ସି.ପି. ଆଇ. (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ର ଙ୍କ ସଭାପତିତ୍ୱରେ ରେମୁଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ରେମୁଣା ବି ଡି ଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୨ଦଫା ଦାବିପତ୍ର ଦିଆଯାଇଥିଲା। ଓଡିଶା କ୍ଷେତ ମଜଦୁର ୟୁନିଅନର ରାଜ୍ୟ ସମ୍ପାଦକ ନିର୍ମଳ ନାୟକ, ଓଡ଼ିଶା କୃଷକ ସଭା ଜିଲ୍ଲା ସମ୍ପାଦକ ଦିଲ୍ଲୀପ ଗିରି, ସି.ଆଇ.ଟି.ୟୁ. ଓଡ଼ିଶା କ୍ଷେତ ମଜଦୂର ୟୁନିଅନର ନେତୃବୃନ୍ଦ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ମଦମୁକ୍ତି ଯୁବବାହିନୀ ପ୍ରଭାତଫେରୀ ଓ ସଭା



ବାଲେଶ୍ୱର,୨୪।୧୧ (ସମିସ): ନବକୃଷ୍ଣ ଚୌଧୁରୀଙ୍କ ୧୨୫ ତମ ଜନ୍ମ ତିଥି ଉପଲକ୍ଷେ ମଦମୁକ୍ତି ଯୁବବାହିନୀ ଦ୍ୱାରା ଏକ ପ୍ରଭାତଫେରି ଏବଂ ସଭା ଆୟୋଜିତ ହୋଇଯାଇଛି। ଏକ ମଦମୁକ୍ତ ତଥା ସ୍ୱାଭିମାନୀ ଓଡ଼ିଶାର ନିର୍ମାଣ ପାଇଁ କାର୍ଯ୍ୟରତ ଯୁବବାହିନୀ ଦ୍ୱାରା ଆହୁତ ଏହି କାର୍ଯ୍ୟକ୍ରମରେ ଯୁବକ ମାନେ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀ ସମୟରେ ଗୃହୀତ ହୋଇଥିବା ଓଡ଼ିଶା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଠାରେ ଦାବି ରଖିଛନ୍ତି। ନିସ୍ୱାର୍ଥପର ଓ ସ୍ୱାଭିମାନୀ ଯୁବକ ଯୁବତୀ ମାନେ ସଙ୍ଗଠିତ ହେଲେ ହିଁ ମଦମୁକ୍ତ ଓଡ଼ିଶା ସମ୍ଭବ ହୋଇପାରିବ ବୋଲି ମଦମୁକ୍ତି ଯୁବବାହିନୀର ସଦସ୍ୟ ସନ୍ତୋଷ ପଣ୍ଡା ମତ ପ୍ରକାଶ କରିଛନ୍ତି। ନବକୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସେମାନେ ମଦମୁକ୍ତି ଓଡ଼ିଶାର ସଙ୍କଳ୍ପ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲା ସଂଯୋଜିକା ମଧୁମିତା ଦାସ ଓ ସହ ସଂଯୋଜକ ବଳରାମ ବାରିକ ପରିଚାଳନା କରିଥିବା ବେଳେ ଜିଲ୍ଲା କାର୍ଯ୍ୟକାରିଣୀ ପ୍ରମୋଦ କୁମାର ମହାଳିକ, କାହ୍ନୁ ଚରଣ ଜେନା, ସୁଶାନ୍ତ ଦୀକ୍ଷିତ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ବାଲେଶ୍ୱର ପୁଲିସ ଲାଇନ ଠାରେ ଥିବା ଡାକବଙ୍ଗଳାରେ ଏକ ସଭା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଦମୁକ୍ତି ଯୁବ ବାହିନୀର ବରିଷ୍ଠ ଉପଦେଷ୍ଟା ପିତାମ୍ବର ଭୂୟାଁଙ୍କ ସମେତ ଅନେକ ସାଥି ଉପସ୍ଥିତ ଥିଲେ।

ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଲିଗ୍ ସିଜିନ-୨

# ୱିଙ୍ଗ ସ୍ମାସର୍ ଚାମ୍ପିଅନ୍ ଓ କଳିଙ୍ଗ ୱାରିଅର୍ସ ରନର୍ସଅପ୍

ବାଲେଶ୍ୱର,୨୪।୧୧(ସମିସ)

୨୧ ତାରିଖରୁ ଆରମ୍ଭ ହୋଇଥିବା "ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଲିଗ୍ ସିଜିନ-୨' ଉଦଯାପିତ ହୋଇଯାଇଛି। ଏହି ଇଭେଣ୍ଟରେ ୮ଟି ଫ୍ରାଞ୍ଚାଇଜର ଦଳ ଅଂଶଗ୍ରହଣ କରିଥିଲେ। ନିଲାମ ଦ୍ୱାରା ବିଭିନ୍ନ ଫ୍ରାଞ୍ଚାଇଜ ଦ୍ୱାରା ୧୫୦ରୁ ଅଧିକ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏହି ଇଭେଣ୍ଟ ଲିଗ୍ ଭିତ୍ତିରେ ଖେଳାଯାଇଥିଲା। ପ୍ରଥମ ସେମି-ଫାଇନାଲରେ ୱିଙ୍ଗ ସ୍ମାଶର ଗୋଲଡେନ୍ ସଟଲର୍ସକୁ ୩-୨ ମ୍ୟାଚରେ ପରାସ୍ତ କରିଥିଲା ଏବଂ ଦ୍ୱିତୀୟ ସେମିଫାଇନାଲରେ କଳିଙ୍ଗ ୱାରିୟର୍ସ ଶାହା ଡିଫେଣ୍ଡର୍ସକୁ ୩-୨ ମ୍ୟାଚରେ ପରାସ୍ତ କରିଥିଲା। କଠିନ ପ୍ରତିଯୋଗିତାର ଫାଇନାଲରେ ୱିଙ୍ଗ ଶାମସର୍ ୩-୧ ମ୍ୟାଚ୍‌ରେ କଳିଙ୍ଗ ୱାରିଅର୍ସକୁ ପରାସ୍ତ କରି ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଲିଗ୍ ସିଜିନ୍ ୨ ଟାଇଟଲ ଜିତିଥିଲା।




ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ୟୁକୋ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ସୁଦୀପ ଡାକୁଆ, ମୁଖ୍ୟବକ୍ତା ଭାବରେ ଓଏଏସ ଆଇଏସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ସଞ୍ଜୟ ସାହୁ, ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ଚିନ୍ମୟ ବିଶ୍ୱାଳ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଟୁର୍ଣ୍ଣାମେଣ୍ଟ ଅଧ୍ୟକ୍ଷ ମାନସ ମହାନ୍ତି ଏବଂ ପ୍ରେମ ପ୍ରସନ୍ନ ଦାସ ମ୍ୟାନେଜର ୟୁକୋ ବ୍ୟାଙ୍କ ଉପସ୍ଥିତ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଥିଲେ। ଚାମ୍ପିଅନ୍ ଦଳକୁ ଏକ ବଡ଼ ଟ୍ରଫି ସହିତ ୩୦ ହଜାର ଟଙ୍କା ପୁରସ୍କାର ଏବଂ ରନର୍ସ ଅପ୍ ଦଳକୁ ଏକ ବଡ଼ ଟ୍ରଫି ସହିତ ୨୦ ହଜାର ଟଙ୍କା ପୁରସ୍କାର ମିଳିଛି। ଫାଇନାଲର ପ୍ରତ୍ୟେକ ଦଳର ସମସ୍ତ ଖେଳାଳିଙ୍କୁ ବ୍ୟକ୍ତିଗତ ପଦକ ପ୍ରଦାନ କରାଯାଇଥିଲା। ସମସ୍ତ ଦଳର ମାଲିକ ଏବଂ ପ୍ରାୟୋଜକମାନଙ୍କୁ ମଧ୍ୟ ଆୟୋଜକ ଟ୍ରଫି ପ୍ରଦାନ କରିଥିଲେ।

# ଶାଗୁଆନ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଗିରଫ

ପରଜଙ୍ଗ,୨୪ ।୧୧(ସମିସ)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ବନାଞ୍ଚଳ ଡିହଡୋଳ ସେକ୍ସନ ରଙ୍ଗଥଳୀ ବିଟ୍ ତଥା ଦଦରାଘାଟି ଫାଣ୍ଡି ଅଧୀନ ମୋହନପଶି ଗ୍ରାମରୁ ଦିବାଲୋକରେ ଟ୍ରାକ୍ଟର ଯୋଗେ ଶାଗୁଆନ ଗଛ କଟାଯାଇ ଚାଲାଣ ହେଉଥିବା ବେଳେ ଗ୍ରାମବାସୀ ଗାଡ଼ି ଅଟକାଇ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଅଭିଯୋଗ ମୁତାବକ ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ମୋହନପଶି ଗ୍ରାମର ଲିଙ୍ଗରାଜ ନାଏକଙ୍କଠାରୁ ବେଆଇନ ଭାବେ ଶାଗୁଆନ ଗଛ କାଟି ଟ୍ରାକ୍ଟର ଯୋଗେ ଚାଲାଣ କରୁଥିଲେ। ଏହା ଦେଖି ଗ୍ରାମର ପୁରୁଷ ଓ ମହିଳାମାନେ ଟ୍ରାକ୍ଟର ଅଟକ



ରଖି ବନ ବିଭାଗକୁ ଖବର ଦେଇଥିଲେ। ରଙ୍ଗଥଳୀ ବିଟ ବନପାଳ ପାର୍ଥସାରଥି ପ୍ରଧାନ ଓ କର୍ମଚାରୀମାନେ ପହଞ୍ଚି ଟ୍ରାକ୍ଟର

**ଫାଣ୍ଡି ଅଧିକାରୀ ଚାଲାଣ କରୁଥିବା ଅଭିଯୋଗ ଆଣିଲେ ଗ୍ରାମବାସୀ**

ଜବତ କରି ମହାବିରୋଡ ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଛନ୍ତି। ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଗ୍ରାମବାସୀ କରିଥିବା ଲିଖିତ ଅଭିଯୋଗ ଉପରେ ତଦନ୍ତ ଜାରି ରହିଛି ବୋଲି ବନପାଳ ପ୍ରଧାନ କହିଛନ୍ତି। ଫାଣ୍ଡି ଅଧିକାରୀ ପୂର୍ବରୁ ଅନେକ ଥର ଶାଗୁଆନ ଗଛ କାଟି ନେଉଥିବା ବେଳେ ଆଜି ଧରାପଡ଼ିଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର କାଳନ୍ଦୀ ମଲ୍ଲିକ ଦାବି କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା କହିଛନ୍ତି ଯେ ତାଙ୍କୁ ବଦନାମ କରିବା ପାଇଁ ଏପରି କରାଯାଇଛି। ଏହି ଚୋରାକାଠ ଚାଲାଣ ସହ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି।

## ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଯୋରନ୍ଦା,୨୪ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ବେଲଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେଳପଡ଼ିଆରେ ବିଦ୍ୟାଳୟର ୧୯ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି କୈଳାସଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପୂର୍ବ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ଦାଶ ମୁଖ୍ୟଅତିଥି, ଅବସରପ୍ରାପ୍ତ ସେନା କର୍ମଚାରୀ ବଂଶୀଧର ମହାରଣା ମୁଖ୍ୟବକ୍ତା ଏବଂ ପୂର୍ବ ପରିଚାଳନା କମିଟି ସମ୍ପାଦକ ବିବେକାନନ୍ଦ ସାମଲ ସମ୍ମାନିତ ଅତିଥି, ସ୍ଥାନୀୟ ସରପଞ୍ଚ ବଳଭଦ୍ର ସାମଲ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ସତ୍ୟାନନ୍ଦ ପାତ୍ର ମୁଖ୍ୟଅତିଥି, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ ମୁଖ୍ୟବକ୍ତା, ସମାଜବାଦୀ ବିଶ୍ୱମ୍ବର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ବେହେରା ଅତିଥି ପରିଚୟ ଏବଂ ସମ୍ପାଦକ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶାରୀରିକ ପ୍ରମୁଖ ଆଚାର୍ଯ୍ୟ କୁଞ୍ଜବିହାରୀ ବାରିକଙ୍କ ଦ୍ୱାରା ବୃତ୍ତକଥନ କରାଯାଇଥିଲା। ସରିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁମାଛି ଆକ୍ରମଣରେ ଜଣେ ମୃତ

କାମାକ୍ଷାନଗର,୨୪ ।୧୧(ସମିସ): ମହିମାଛି ଆକ୍ରମଣରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମର ଧୂଳେଶ୍ୱର ସାହୁ (୬୫)ଙ୍କ ମୃତ୍ୟୁ ହୋଇଛି। ରବିବାର ସକାଳେ ଧୂଳେଶ୍ୱର ଶୌଚ ହେବାକୁ ଯାଉଥିବାବେଳେ କାଦୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମଧ୍ୟାହ୍ନରେ ତାଙ୍କ ମୃତ୍ୟୁ ହୋଇଛି।

● ଜାଲ୍ ମାର୍କସିଟ ଦେଇ ଚାକିରି

## ମେରାମଣ୍ଡଳୀ ମେଡିକାଲର ପୂର୍ବତନ ଆଟେଣ୍ଡାଣ୍ଟଙ୍କୁ ୩ବର୍ଷ ଜେଲ୍

ଢେଙ୍କାନାଳ,୨୪ ।୧୧(ସମିସ): ଜାଲ୍ ମାର୍କସିଟ ଦେଇ ଚାକିରି କରିଥିବା ଅଭିଯୋଗରେ ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଢେଙ୍କାନାଳ ଜିଲ୍ଲା ମେରାମଣ୍ଡଳୀସ୍ଥିତ ସରକାରୀ ଚିକିତ୍ସାଳୟର ପୂର୍ବତନ ୱାର୍ଡ ଆଟେଣ୍ଡା ବିଜୟ କୁମାର ପୃଷ୍ଟିଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ବିଜୟ ଏହି ମେଡିକାଲରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ଅଷ୍ଟମ ଶ୍ରେଣୀର ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ଚାକିରି କରିଥିବାରୁ ସିଡିଏମଓ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ଏହି ଭିଜିଲାନ୍ସ ବିଭାଗ ହାତକୁ ଯାଇଥିଲା। କଟକ ଭିଜିଲାନ୍ସ ଡିଭିଜନର ପୂର୍ବତନ ଅତିରିକ୍ତ ଏସପି ଗଣେଶ୍ୱର ସେଠୀ ଏହାର ତଦନ୍ତ କରୁଥିବା ବେଳେ ମାମଲା ଢେଙ୍କାନାଳ ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ଥିଲା। ସୋମବାର ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ବିଜୟଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ପିପି ହେମନ୍ତ କୁମାର ଖଟୁଆ ଏବଂ ଅନୁଜ୍ଞାନ ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

## ବରିଷ୍ଠ ନାଗରିକମାନଙ୍କ ତୀର୍ଥ ଭ୍ରମଣ

ଢେଙ୍କାନାଳ/ଗଁଦିଆ,୨୪ ।୧୧(ସମିସ): ଢେଙ୍କାନାଳ ଜିଲ୍ଲାର ୮୯ ଜଣ ବରିଷ୍ଠ ନାଗରିକ ସୋମବାର ଉଜ୍ଜୟିନୀ ଏବଂ ଓଁକାରେଶ୍ୱର ଅଭିମୁଖେ ତୀର୍ଥଯାତ୍ରା କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଏବଂ ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ ତୀର୍ଥଯାତ୍ରୀମାନଙ୍କୁ ଗୋଲାପ ଫୁଲ ଦେଇ ଶୁଭକାମନା ଜଣାଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ତୀର୍ଥଯାତ୍ରୀ ବସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୁଇ ବସ୍ ଆଜି ରାତିରେ ଭୁବନେଶ୍ୱରରେ ପହଞ୍ଚିବ। ମଙ୍ଗଳବାର ସେଠାରୁ ଅନ୍ୟାନ୍ୟ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ଟ୍ରେନ ଯୋଗେ ଯାତ୍ରା ଆରମ୍ଭ କରିବେ। ସହଯୋଗ ନିମନ୍ତେ ସେମାନଙ୍କ ସହ ୩ ଜଣ ଏସ୍କର୍ଟ ଅଫିସର ଯାଇଛନ୍ତି। ଆସନ୍ତା ୩୦ ତାରିଖ ସେମାନେ ଫେରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ସୂଚନା ଦେଇଛନ୍ତି।

## କ୍ରସରରେ ଦୁର୍ଘଟଣା; ଶ୍ରମିକ ମୃତ

ଢେଙ୍କାନାଳ,୨୪ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବଡ଼ରାଣୀ ବଣିଆ ବ୍ରାହ୍ମଣବସାରେ ଥିବା ଏକ କ୍ରସରରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି କ୍ରସର ମାଲିକଙ୍କ ନାମ ସନ୍ତୋଷ ପରିଡ଼ା ବୋଲି ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମେଡିକାଲ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ।

## ବରିଷ୍ଠ ନାଗରିକଙ୍କ ବୁଦ୍ଧେଶ୍ୱର ଶିବ ମନ୍ଦିର ପରିଦର୍ଶନ

ଗଁଦିଆ,୨୪ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ କରମୂଳସ୍ଥିତ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଭିନ୍ନ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀମାନଙ୍କୁ ନେଇ ଏକ ତୀର୍ଥ ଭ୍ରମଣ କାର୍ଯ୍ୟକ୍ରମ ଭୁବନ ବ୍ଲକ ବୁଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଇଛି। ଗନ୍ଦିଆ ବ୍ଲକ ଅଶ୍ୱଖୋଲାସ୍ଥିତ ଗିରିଧାରୀ ବରିଷ୍ଠ ଗୃହ, ସଦର ବ୍ଲକ ଆନନ୍ଦନଗରସ୍ଥିତ କୁଞ୍ଜବିହାରୀ ବରିଷ୍ଠ ନାଗରିକ ଗୃହ, ଭୁବନ ବ୍ଲକ ଅଁଳାପାଳସ୍ଥିତ ଚକ୍ରଧାରୀ ବରିଷ୍ଠ ନାଗରିକ ଗୃହ, କାମାକ୍ଷନଗର ଜିରିଡ଼ାମାଳୀସ୍ଥିତ ସାବିତ୍ରୀଦେବୀ ବରିଷ୍ଠ ନାଗରିକ ଗୃହ, କଙ୍କଡ଼ାହାଡ଼ ବ୍ଲକ ଢୋଲପସିସ୍ଥିତ ଲୋକନାଥ ବରିଷ୍ଠ ନାଗରିକ ଗୃହ, ଓଡ଼ାପଡ଼ା ବ୍ଲକ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀମାନେ



ତୀର୍ଥ ଭ୍ରମଣରେ ଅଂଶଗ୍ରହଣ କରିଥିଲେ। ଭୁବନ ବିଡିଓ ଆୟୁଷୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା ବରିଷ୍ଠ ଗୃହରେ ଅନ୍ତେବାସୀମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ କହିଥିଲେ। ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ଜ୍ୟୋତିପ୍ରକାଶ ତ୍ରିପାଠୀ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ର ମଞ୍ଚାସୀନ ଥିଲେ। ସମସ୍ତ ବରିଷ୍ଠ ଗୃହର ପରିଚାଳକ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ସୀତାଂଶୁ ପଣ୍ଡା, ପ୍ରସନ୍ନ ପଣ୍ଡା, ଅମର ମିଶ୍ର, ବବୃବାହାନ ମିଶ୍ର, ଜ୍ଞାନ ବାରି, ତାରା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରତିଷ୍ଠା ଦିବସ



ଢେଙ୍କାନାଳ,୨୪ ।୧୧(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ କ୍ୟାଡେଟମାନେ ପରେଡ, ସମ୍ମାନ ଅର୍ପଣ ଓ ଦେଶଭକ୍ତିମୟ କାର୍ଯ୍ୟକ୍ରମ ମାଧ୍ୟମରେ ଏନସିସିର ଶୃଙ୍ଖଳା, ଶିଷ୍ଟାଚାର ଓ ଏକତାର ମୂଲ୍ୟବୋଧକୁ ପ୍ରକାଶ କରିଲେ। ପ୍ରାରମ୍ଭରେ ଏନସିସିର ଧ୍ୱଜା ଉତ୍ତୋଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ରଜନୀକାନ୍ତ ଖୁଣ୍ଟିଆ ଯୋଗଦେଇ କ୍ୟାଡେଟମାନଙ୍କୁ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଦିଲୀପ କୁମାର ମଲ୍ଲିକ, ଏନସିସି ଅଫିସର ଲେଫଟନାଣ୍ଟ ଡ. ପ୍ରକାଶ କୁମାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଲ୍ଲେଖନୀୟ ସେବା ଓ କ୍ରିୟାକଳାପ ପାଇଁ ବହୁ କ୍ୟାଡେଟଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଏନସିସି ଅଧିକାରିଣୀ ଡ. ମିନୁରାଣୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ଥାନୀୟ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫ ଦିନ ଧରି ୭୭ତମ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷ ପାଳିତ ହୋଇଛି। ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମନୋଜ ରଞ୍ଜନ ଦଳେଇଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ପ୍ରାକ୍ତନ ଏନ୍‌ସିସି ଚିଫ୍ ଅଫିସର ତଥା ବରିଷ୍ଠ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏନସିସି ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ ଏନ୍‌ସିସି ସ୍ଥଳବାହିନୀ ବାଳକ ପ୍ରଥମ, ଆକାଶ ବାହିନୀ ବାଳକ ବିଭାଗ ଦ୍ୱିତୀୟ, ସ୍ଥଳବାହିନୀ ବାଳିକା ବିଭାଗ ଓ ନୌସେନା ବାହିନୀ ବାଳକ ଓ ବାଳିକା ବିଭାଗ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ଭୁବନ,୨୪ ।୧୧(ସମିସ): ଭୁବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ବାଜି ରାଉତ ସେତୁ ଉପରେ ବରଯାତ୍ରୀ ଗାଡ଼ି ସହ ବାଦାମ ବୋଝେଇ ପିକଅପ ମୁହାଁମୁହିଁ ଧକ୍କା ହୋଇଛି। ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ବାହାବଳପୁର ଗ୍ରାମରୁ ଏକ ବାହାଘର ଭୋଜିରୁ କାର ଯୋଗେ ଭୁବନ ଦେଇ କଟକ ଟାଙ୍ଗୀ ଅଞ୍ଚଳକୁ ଫେରୁଥିବା ସମୟରେ ସକାଳେ କୁହୁଡ଼ି ଯୋଗୁଁ ଗଁଦିଆ ପଟରୁ ଆସୁଥିବା ବାଦାମ ବୋଝେଇ ପିକଅପ ସହ ଦୁର୍ଘଟଣା ଘଟିଥିଲା। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପିକଅପ ଭ୍ୟାନରେ ଥିବା ୪ ଜଣ ସାମାନ୍ୟ ଆହତ ହୋଇଛନ୍ତି। ସେହିପରି ଅନ୍ୟ ଏକ ବସ ବରଯାତ୍ରୀ ଧରି ଟାଙ୍ଗୀ ରାସ୍ତାରେ ଆସୁଥିବା ବେଳେ କୋଲ୍‌ହା ମଲ୍ଲାର କଲୋନୀ ନିକଟରେ ଏକ୍ସଲ ଭାଙ୍ଗିଯିବାରୁ ରବିବାର ରାତି ୯ ଟାରୁ ସେଠାରେ ଠିଆହୋଇ ରହିଛି। ଏଥିରେ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।

## ଭାଲୁ ଆକ୍ରମଣରେ ଯୁବକ ଆହତ

ଭୁବନ,୨୪ ।୧୧(ସମିସ): ଭୁବନ ଏନ୍‌ଏସି ୱାର୍ଡ ନଂ-୨ ନାଟକଟା ଅଞ୍ଚଳରୁ ଧାନକାଟି ରେଣନ୍ଦାପାଟଣା ମୌଜାର ମା' ଚଣ୍ଡୀ କ୍ରସର ରାସ୍ତାରେ ଘରକୁ ଫେରୁଥିବା କୁନିନ୍ଦା ଗ୍ରାମର ଭାସ୍କର ବେହେରାଙ୍କ ପୁଅ ରଞ୍ଜନ ବେହେରା (୫୧) ସୋମବାର ସାନ୍ଧ୍ୟରେ ଭାଲୁ ଆକ୍ରମଣର ଶିକାର ହୋଇ ଆହତ ହୋଇଛନ୍ତି। ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭାଲୁ ରଞ୍ଜନଙ୍କ ମୁଣ୍ଡ ପଛପଟରୁ ଆକ୍ରମଣ କରିଥିବା ଜଣାଯାଇଛି। ବନ ବିଭାଗ ତାଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

## ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

ଗଁଦିଆ,୨୪ ।୧୧(ସମିସ): ପୁରୀ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ଢେଙ୍କାନାଳ ଜିଲ୍ଲାରେ ବିଦ୍ୟାଳୟସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ୩୦୦ ଛାତ୍ରଛାତ୍ରୀ ଭାଗନେଇଥିଲେ। ଢେଙ୍କାନାଳ ମୁଖ୍ୟ ଚାରଣ ଅରୁଣ ପୁହାଣ ପରୀକ୍ଷା ପରିଚାଳନା କରିଥିଲେ। କୃତୀ ପରୀକ୍ଷାର୍ଥୀମାନେ ଜଗନ୍ନାଥଧାମରେ ପୁରସ୍କୃତ ହେବା କାର୍ଯ୍ୟକ୍ରମ ରହିଛି ବୋଲି ପୁହାଣ ଜଣାଇଛନ୍ତି।

## ଶିଶୁ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା





ପରଜଙ୍ଗ,୨୪ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତାଲୁକ ଆଇନ ସେବା ସମିତି ପକ୍ଷରୁ ଶିଶୁଦିବସ ଉପଲକ୍ଷେ ସିଭିଲ କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସିଭିଲ କୋର୍ଟ ବିଚାରପତି ଦିଲୀପ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୩ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ଭବାନୀ ଶଙ୍କର ଦାଶ, ଅଶ୍ୱିନୀ ଭୋଇ, ଉପେନ୍ଦ୍ର ନାୟକ, ସନ୍ତୋଷ କୁମାର ବାରିକ ପ୍ରତିଯୋଗିତା ପରିଚାଳନା କରିଥିଲେ।

ଭୁବନ: ଭୁବନ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ ସିଭିଲ କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସିଭିଲ କୋର୍ଟ ବିଚାରପତି ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ଶିବାଶିଷ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ରମାକାନ୍ତ ପାଳ, ବନମାଳୀ ପଣ୍ଡା, ବିକ୍ରମ କୁମାର ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ

ଢେଙ୍କାନାଳ,୨୪ ।୧୧(ସମିସ): ମଙ୍ଗଳପୁର ମଜୁରୀସ୍ଥିତ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମନ୍ଦିରରେ ବାବାଙ୍କ ୧୦୦ତମ ଜୟନ୍ତୀ ପାଳନ କରାଯାଇଛି। ପ୍ରାତଃ ୫ଟାରେ ନଗର ସଂକୀର୍ତ୍ତନ, ୯ଟାରେ ବିଶ୍ୱଶାନ୍ତି ହୋମ, ଦିବା ୧ଟାରେ ପ୍ରସାଦସେବନ, ସନ୍ଧ୍ୟାରେ ଭଜନ, ନାରାୟଣ ସେବା ଏବଂ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଜୁରୀ ଭଜନ ମଣ୍ଡଳୀର ଆବାହକ ବିକାଶ ଚନ୍ଦ୍ର ଦାସଙ୍କ ପରାମର୍ଶ କ୍ରମେ କାର୍ଯ୍ୟକର୍ତ୍ତା ପବିତ୍ର ମୋହନ ଦାସ, ବଲ୍ଲଭ ଚନ୍ଦ୍ର ଦାସ, ଭାସ୍କର ଚନ୍ଦ୍ର ସ୍ୱାଇଁ, ପୁଷ୍ପଲତା ସ୍ୱାଇଁ, ପଞ୍ଚେଇ ସାହୁ, ଲକ୍ଷ୍ମୀ ଦାସ, ନିମେଇ ନାୟକ, ପ୍ରମୋଦ ଚନ୍ଦ୍ର ଦାସ, ଜଳନ୍ଧର ସାହୁ, ତୃପ୍ତିମୟୀ ଦାସ, ପ୍ରଭାକର ଦାସ, ନରୋତ୍ତମ ଦାସ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। କର୍ତ୍ତା ଭାବେ କୀର୍ତ୍ତିଚନ୍ଦ୍ର ଦାସ ଓ ବୈଜୟନ୍ତୀ ଦାସ ଦାୟିତ୍ୱ ତୁଲାଇଥିଲେ।

## ନଦୀରେ ବୁଡ଼ି ମହିଳା ନିଖୋଜ



କାମାକ୍ଷାନଗର,୨୪ ।୧୧(ସମିସ): ତୁମୁସିଙ୍ଗା ଥାନା କନ୍ତିଓ ପୁଟସାହି ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ମହିଳା ନିଖୋଜ ହୋଇଛନ୍ତି। ନିଖୋଜ ମହିଳା ହେଲେ ଗ୍ରାମର ପରମାନନ୍ଦ ସାହୁଙ୍କ ସ୍ତ୍ରୀ ସୁଲୋଚନା ସାହୁ। ରବିବାର ସକାଳେ ସୁଲୋଚନା ନଦୀକୁ ଗାଧୋଇବାକୁ ଆସିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ନଦୀକୂଳରେ ତାଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ସେ ନଦୀରେ ବୁଡ଼ିଯାଇଥିବା ସନ୍ଦେହ କରି କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନାହିଁ। ସନ୍ଧ୍ୟା ହୋଇଯିବାରୁ ସର୍ଚ୍ଚ ଅପରେସନ ସ୍ଥଗିତ ରଖାଯାଇଛି।

## ବାଜି ରାଉତ ସେତୁରୁ ଗୋରୁ ଗାଡ଼ି ଜବତ

ଭୁବନ,୨୪ ।୧୧(ସମିସ): ଭୁବନ ଥାନା ଅନ୍ତର୍ଗତ ବାଜିରାଉତ ସେତୁ ଉପରେ ଯାଉଥିବା ଗୋରୁ ବୋଝେଇ ପିକଅପକୁ ପୁଲିସ ଜବତ କରିଛି। ଭୁବନ ଥାନା ମହୁଲପାଳ ପଞ୍ଚାୟତ ପକ୍ଷରୁ ହାଟ ପିଣ୍ଡିଠାରେ ଗୋରୁ ବେପାରୀଙ୍କ ଦ୍ୱାରା ଅସ୍ଥାୟୀ ଗୁହାଳ କରାଯାଇଛି। ଅଞ୍ଚଳର ବେପାରୀମାନେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଗୋରୁମାନଙ୍କୁ ଆଣି ଏଠାରେ ଏକତ୍ରିତ କରନ୍ତି। ପଡ଼ୋଶୀ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ହରିପୁର ସୋମବାର ହାଟକୁ ଗୋରୁଗୁଡ଼ିକୁ ନେଇ ବିକ୍ରି କରିଥାନ୍ତି। ଗଁଦିଆ ଅଞ୍ଚଳରୁ ଆସୁଥିବା ପିକଅପ ଗାଡ଼ିରେ ବୋଝେଇ ହୋଇଥିବା ଗୋରୁଗୁଡ଼ିକୁ ହାଟକୁ ନେଉଥିଲେ ଜଣେ ବ୍ୟବସାୟୀ। ଏହି ସମୟରେ ପୁଲିସ ଚଢ଼ଉ କରି ଗାଡ଼ି ଜବତ କରିଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି। ସେହିପରି ଅନ୍ୟ ଏକ ପିକଅପ ଗାଡ଼ିରେ ଅମାନବୀୟ ଭାବେ ଗୋରୁ ଚାଲାଣ ସମୟରେ ମହୁଲପାଳ ଗ୍ରାମର ପିକଅପ ଚାଳକ ତଥା ମାଲିକ ରମେଶ ରାଉତଙ୍କ ପୁଅ ଜଗବନ୍ଧୁ ରାଉତ (୪୬)ଙ୍କ ସହିତ ଗୋରୁ ବେପାରୀ ବୁଦ୍ଧିମନ୍ତ ପାତ୍ରଙ୍କ ପୁଅ ଅଲେଖ ପାତ୍ର (୩୧)ଙ୍କୁ ଗିରଫ କରାଯାଇଛି। ତେବେ ଦୀର୍ଘ ବର୍ଷ ଧରି ବେଧଡ଼କ ଭାବେ ବାଜିରାଉତଙ୍କ ଗାଁ ନିକଟ ବାଲିଘାଟ ପାଖ ହାଟ ପଡ଼ିଆରେ ଶହ ଗୋରୁ ବନ୍ଧା ହେଉଛନ୍ତି। ହାଟ ଘରେ ଗୋଖାଦ୍ୟ ମହଜୁଦ ରହୁଛି। ଏ ଦିଗରେ ପୁଲିସ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

କାମାକ୍ଷାନଗର ରାସ୍ତାରେ ବର୍ଜ୍ୟବସ୍ତୁ ପରିବହନ

# ଡାଲମିଆ ସିମେଣ୍ଟକୁ ଲକ୍ଷେ ଟଙ୍କା ଜରିମାନା

ଢେଙ୍କାନାଳ,୨୪ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ରାସ୍ତାରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି)ରୁ ସୁନ୍ଦରଗଡ଼କୁ ବର୍ଜ୍ୟ ବସ୍ତୁ ପରିବହନ ନେଇ ଡାଲମିଆ ସିମେଣ୍ଟ ନିର୍ଦ୍ଦେଶକଙ୍କୁ ୧ ଲକ୍ଷ ଟଙ୍କା ଜରିମନା ସହ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି। ଭୁବନେଶ୍ୱରରୁ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍‌କୁ ଆବର୍ଜନା ପରିବହନ ବେଳେ କାମାକ୍ଷାନଗର ମୁଖ୍ୟ ରାସ୍ତା ଉପରେ ଛିଟିକି ପଡୁଥିବାରୁ ଗୁରୁତର ପରିବେଶଗତ ସମସ୍ୟା ସୃଷ୍ଟି ହେଉଛି। ଏହି ଖବର ଗଣମାଧ୍ୟମରେ ପ୍ରସାରଣ ପରେ ବିଏମ୍‌ସି କମିଶନର ଡାଲମିଆ କମ୍ପାନୀର ବର୍ଜ୍ୟବସ୍ତୁ ପରିବହନ କରୁଥିବା ଗାଡ଼ିକୁ




୧ ଲକ୍ଷ ଟଙ୍କା ଜରିମନା କରିବା ସହ ୩ ଦିନ ମଧ୍ୟରେ କାରଣଦର୍ଶାଅ ନୋଟିସର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଗାଡ଼ି ନିର୍ଦ୍ଦିଷ୍ଟ ରାସ୍ତାରେ ଯାଉ ନ ଥିବା ବେଳେ ଅନୁମୋଦିତ ବହନ କ୍ଷମତାଠାରୁ ଅଧିକ ପରିବହନ କରୁଥିବାରୁ ଲିକେଜ୍ ହୋଇ ରାସ୍ତାରେ ପଡୁଥିଲା। ଏହା କାର୍ଯ୍ୟକ୍ଷମ ପ୍ରୋଟୋକଲ ଏବଂ ସୁରକ୍ଷା ମାନଦଣ୍ଡର ଗୁରୁତର ଉଲ୍ଲଙ୍ଘନ ବୋଲି ବିଏମ୍‌ସି ପକ୍ଷରୁ ଦର୍ଶାଯାଇଛି। ପରିବହନ ସମୟରେ ସତର୍କତା ଅବଲମ୍ବନ ନ କରିବା ଫଳରେ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏଣୁ ଏ ସମ୍ପର୍କରେ ନିର୍ଦ୍ଧାରିତ ସମୟରେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ଆଗାମୀ ଦିନରେ ବିଏମସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କମିଶନର ସ୍ପଷ୍ଟ କରିଛନ୍ତି।

ସର୍ବଭାରତୀୟ ବାଜି ରାଉତ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

# କ୍ୱାର୍ଟର ଫାଇନାଲରେ କଟକ ଇଲେଭେନ




ଢେଙ୍କାନାଳ,୨୪ ।୧୧(ସମିସ)

ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଜିଲ୍ଲା କ୍ରୀଡ଼ା ସଙ୍ଘ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ କଟକ ଇଲେଭେନ ୪-୦ ଗୋଲରେ ମୁମ୍ବଇ ଏମ ୟୁନାଇଟେଡ ଏଫସିକୁ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛି।

ଆଜିର ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା, ଜିଲ୍ଲା ସାମ୍ବାଦିକ ସଙ୍ଘ କାର୍ଯ୍ୟକାରୀ ସଭାପତି ରତନ ନାୟାର, ଉପସଭାପତି ଅଭୟ କୁମାର ସାହୁ, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଶିଶିର ଶତପଥୀ, ବିନୋଦ ମହାନ୍ତି, ନାରାୟଣ ପଟ୍ଟନାୟକ, ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ପରିଚାଳକ ଦେବାଶିଷ ପୁରୋହିତ, ପରିଚାଳକ (ଅପରେସନ) ସୋନାଲି ସାଗରିକା ମହାନ୍ତି, ଦେବାଶିଷ ପରିଡ଼ା ଯୋଗଦେଇଥିଲେ। ରେଫରୀ ଭାବେ ଦେବରାଜ ସ୍ୱାଇଁ, ମହେଶ ପ୍ରଧାନ, ଶଶିକାନ୍ତ ଦାଶିଆ, ଅରୁଣ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ବି ଗ୍ରୁପର କ୍ୱାଟରଫାଇନାଲ ମ୍ୟାଚ କେରଳ ପୁଲିସ ଏବଂ ଆସାମ ରାଇଫଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

# କଟକ ସିଟି



## ଜୁଡିସିଆଲ୍ ଏକାଡେମୀ ଛକରେ ସିରିଜ୍ ଦୁର୍ଘଟଣା; ୪ ଆହତ

### ନିଶାସକ୍ତ ମିନିଟ୍ରକ୍ ଡ୍ରାଇଭର ଗିରଫ



କଟକ,୨୪ ।୧୧(ସମିସ): ଜୁଡିସିଆଲ୍ ଏକାଡେମୀ ଛକରୁ ଡଗରପଡ଼ା ହନୁମାନ ମନ୍ଦିର ଛକ ଭିତରେ ଥିବା ଝିଂବନ୍ଧରେ ଆଜି ଏକ ସିରିଜ୍ ଦୁର୍ଘଟଣା ଘଟି ୪ଜଣ ଆହତ ହୋଇଛନ୍ତି । ଏକ ଚିପ୍ସ ବୋଝେଇ ମିନିଟ୍ରକ ଚଳାଉଥିବା ମଦ୍ୟପ ଡ୍ରାଇଭର ଜୁଡିସିଆଲ୍ ଏକାଡେମୀ ଛକରେ ପ୍ରଥମେ ଏକ ପାସେଞ୍ଜର୍ ଅଟୋକୁ ଧକ୍କା ଦେଇଥିଲା । ଏହାପରେ ଡଗରପଡ଼ା ହନୁମାନ ମନ୍ଦିର ଛକରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା । ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତି ଓ ଜଣେ ମହିଳା ଆହତ ହୋଇଥିଲେ । ପାସେଞ୍ଜର୍ ଅଟୋରେ ବସିଥିବା ୨ଜଣ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି । ମଦ୍ୟପ ଡ୍ରାଇଭରର ଉନ୍ମତ୍ତକାଣ୍ଡ ଯୋଗୁଁ ସମୁଦାୟ ୪ଜଣ ଆହତ ହୋଇଥିବା ଜଣାପଡ଼ିଛି । ଡ୍ରାଇଭରକୁ ସ୍ଥାନୀୟ ଟ୍ରାଫିକ୍ ପୁଲିସ କାବୁ କରି ମର୍କତନଗର ଥାନା ପୁଲିସକୁ ହସ୍ତାନ୍ତର କରିଥିଲା । ଦୁର୍ଘଟଣା ଘଟାଇଥିବା ମିନିଟ୍ରକ୍‌କୁ ଜବତ କରାଯାଇଛି ।

## ଖ୍ରୀଷ୍ଟ କଲେଜ୍ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ

କଟକ,୨୪।୧୧(ସମିସ): ଖ୍ରୀଷ୍ଟ କଲେଜ୍ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ଆଜି ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ସିବି ମେଡିକାଲ୍ କଲେଜ ଓ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଫେସର ସାରଦା ପ୍ରସନ୍ନ ସ୍ୱାଇଁ ଯୋଗଦେଇଥିଲେ । ସେ ଅତ୍ୟାଧୁନିକ ଜୀବନଶୈଳୀରେ ବିଭିନ୍ନ କ୍ଷେତ୍ରରେ ଦେଖାଯାଉଥିବା ମାନସିକ ଅବସାଦ ଏବଂ ଏହାର ନିରାକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ବିଜ୍ଞାନ ସମାଜର ସଂଯୋଜିକା ଡଃ. ସ୍ୱାତୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ମିତାଞ୍ଜଳି ଜେଠୀ ଏବଂ ରଚିତା ସାନ୍ତରାଙ୍କ ପରିଚାଳନାରେ ବିଜ୍ଞାନ ସମାଜ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅଧ୍ୟାପିକା ଡଃ. ଆନନ୍ଦିନୀ ରାଉତ ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ଶୁଭାଶିଷ ଦାଶ ଓ ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଓଲିଉଡ୍ କଣ୍ଠଶିଳ୍ପୀଙ୍କ ଯୌନ କେଲେଙ୍କାରୀ ମାମଲା

# ଅଭିଯୁକ୍ତ ସୌରୀନ୍‌ଙ୍କୁ ଗିରଫ କରିପାରୁନି ପୁଲିସ

କଟକ,୨୪ ।୧୧(ସମିସ):

ଗାୟକ ସୌରୀନ ଭଟ୍ଟ ଯୌନ କେଲେଙ୍କାରୀ ମାମଲାକୁ ୨ ବର୍ଷ ବିତିଗଲାଣି । ଏ ପର୍ଯ୍ୟନ୍ତ କମିଶନରେଟ୍ ପୁଲିସ ଅଭିଯୁକ୍ତ କଣ୍ଠଶିଳ୍ପୀ ସୌରିନ୍‌କୁ ଗିରଫ କରିପାରୁନାହିଁ । ପୁଲିସ ପ୍ରଥମେ ତାକୁ ଗିରଫ କରିବାକୁ ଲୁକ୍ ଆଉଟ୍ ସର୍କୁଲାର୍ ଏବଂ ପରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲା । କିନ୍ତୁ ଏହା ଫଳପ୍ରଦ ହୋଇ ପାରିନଥିଲା । ପୁଲିସ ସହିତ ସୌରିନ୍ ଦୀର୍ଘ ସମୟ ଧରି ଲୁଚକାଳି ଖେଳୁଛି । ଶେଷରେ ପୁଲିସ ସୌରିନ୍ ନାଁରେ ପଳାତକ ଘୋଷଣା କରିଥିଲା । ଏତେସବୁ କାର୍ଯ୍ୟାନୁଷ୍ଠାନ ପରେ ବି ସୌରିନ୍ ଉପରେ କୌଣସି ପ୍ରଭାବ ପଡ଼ିନଥିଲା । ସେ କେତେବେଳେ କୋଲକାତାରେ ତ କେତେବେଳେ ମୁମ୍ବାଇରେ ଆତ୍ମଗୋପନ କରୁଥିବା ପୁଲିସ ଜାଣିବାକୁ ପାଇଥିଲା । ୪ଥର କଟକ ମହିଳା ଥାନା ପୁଲିସ ଓ ସ୍ପେଶାଲ୍ ସ୍କ୍ୱାଡ୍ ଉଭୟ କୋଲକାତା ଓ ମୁମ୍ବାଇ ଘରେ ଚଢ଼ଉ କରିଥିଲେ ମଧ୍ୟ ସୌରିନ୍‌କୁ ଗିରଫ କରି ପାରିନଥିଲେ । ଶେଷରେ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ଏହି ମାମଲା ଉପରେ ଗୁରୁତ୍ୱ ଦେଇ ତଦନ୍ତ କାଜଗପତ୍ର ଯାଞ୍ଚ କରିଥିଲେ । ସେ ମହିଳା ଥାନା ଓ ସମ୍ପୃକ୍ତ ଏସିପିଙ୍କୁ ତୁରନ୍ତ ଅଭିଯୁକ୍ତ ସୌରୀନକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ନିମନ୍ତେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଖୁବଶୀଘ୍ର କୋଲକାତା ଯାଇ ସୌରୀନ ଘର ଉପରେ ଚଢ଼ଉ କରିବା ସହିତ ତାକୁ ଗିରଫ କରିବ ବୋଲି ଜଣାପଡ଼ିଥିଲା । ଅନ୍ୟପଟେ ସେ ମୁମ୍ବାଇରେ ଯେଉଁ ଫ୍ଲାଟ୍‌ରେ ରହୁଛି, ସେଠାକୁ ଏକ ଟିମ୍ ଯାଉ ଚଢ଼ଉ କରିବ ବୋଲି ସୂଚନା ମିଳିଥିଲା । କିନ୍ତୁ ଏପର୍ଯ୍ୟନ୍ତ ପୁଲିସ ଆଖିରେ ଧୂଳି ଦେଇ ଅଭିଯୁକ୍ତ ସୌରୀନ ମୁମ୍ବାଇରେ ବୁଲୁଥିବା ସୂଚନା ମିଳିଛି ।

ପ୍ରକାଶ ଥାଉ କି, ସୌରିନ୍ ଭଟ୍ଟ ଏବେ ଆଉ କଟକ/ଭୁବନେଶ୍ୱର ଅସୁନାହିଁ କି ଓଡ଼ିଆ ଗୀତ ଗାଉ ନାହିଁ । କିନ୍ତୁ କେତେକ ହିନ୍ଦୀ ଓ ବେଙ୍ଗଲୀ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସୌରିନ୍‌ର

### ୨ ବର୍ଷ ହେବ ଚାଲିଛି ଛକାପଞ୍ଝା

### ଲୁକ୍ ଆଉଟ୍ ସର୍କୁଲାର୍, ଏନ୍‌ବିଡବ୍ଲ୍ୟୁ ଓ ପଳାତକ ଘୋଷଣା ପରେ ବି ପୁଲିସ ହାତ ଖାଲି



ଗୀତ ଅପଲୋଡ୍ ହେଉଛି । ଏଥିରୁ ସ୍ପଷ୍ଟ ହେଉଛି, ସୌରନ୍ କୋଲକାତା ଓ ମୁମ୍ବାଇରେ ହିଁ ରହିଛି । ଯଦି ଷ୍ଟୁଡ଼ିଓ ଯାଇ ଗୀତଗାଇ ପାରୁଛି, ତେବେ ପୁଲିସ କାହିଁକି ତାକୁ ଧରି ପାରୁନାହିଁ ବୋଲି ପ୍ରଶ୍ନ ଉଠିଛି । ସେ ତାର ସୋସିଆଲ୍ ମିଡିଆକୁ ନିଷ୍କ୍ରିୟ କରି ଦେଇଛି । ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଏକ୍ସ'ରେ କୌଣସି ଫଟୋ କିମ୍ବା ଭିଡିଓ ଅପଲୋଡ୍ କରୁ ନାହିଁ । ନିଜର ସମସ୍ତ ଫୋନ୍ ନମ୍ବରକୁ ଅକାମୀ କରିବା ସହିତ ଓଡ଼ିଆ ଲୋକଙ୍କ ସମ୍ପର୍କରେ ସେ ଆଦୌ ରହୁନଥିବା ଜଣାପଡ଼ିଛି । ଜଣେ ଅଭିଯୁକ୍ତ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର, ଏନ୍‌ବିଡବ୍ଲ୍ୟୁ ଓ ପଳାତକ ଘୋଷଣା ହେବା ପରେ ସେ କେମିତି ସହଜରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାତାୟତ କରି ପାରୁଛି, ତାହା ସନ୍ଦେହ ସୃଷ୍ଟି ହେଉଛି ।

ଏଠାରେ ସୂଚନାଯୋଗ୍ୟ, କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟ ଓଡିଆ ସିନେମାରେ ଗୀତ ଗାଇବାର ସୁଯୋଗ ଦେବା ପାଇଁ ଜଣେ ଯୁବତୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଥମେ ପ୍ରେମ ଓ ପରେ ବିବାହ କରିବାକୁ ମଧ୍ୟ କହିଥିଲେ । ସେମାନଙ୍କର ସମ୍ପର୍କ ଦିନକୁ ଦିନ ଅଧିକ ନିବିଡତର ହୋଇଥିଲା । ଭଲ ପାଇବା ଆଳରେ ସୌରିନ୍ ସମ୍ପୃକ୍ତ ଯୁବତୀଙ୍କୁ ବାରମ୍ବାର ଯୌନ ନିର୍ଯ୍ୟାତନା ଦେଇଥିଲେ । କେବଳ ସେତିକି ନୁହେଁ, ବିଭିନ୍ନ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ଠକି ନେଇଥିଲେ । ଅବିବାହିତ ବୋଲି ପରିଚୟ ଦେଇଥିବା ସୌରିନ୍ ବିବାହିତ ଓ ତାଙ୍କର ଶିଶୁ କନ୍ୟା ରହିଥିବା ଜଣାପଡ଼ିଥିଲା । ସୌରିନ୍ କେବଳ ଶାରିରୀକ ସୁଖ ପାଇଁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିଲେ । ଏଭଳି ସଂଗୀନ ଅଭିଯୋଗ ଆଣିଥିଲେ ଜଗତପୁର ଅଞ୍ଚଳର ଜଣେ ଯୁବତୀ । ୨୦୨୩ମସିହା ଜୁନ୍ ୧୨ ତାରିଖରେ ପୀଡ଼ିତା ଜଗତପୁର ଥାନାରେ ଏହି ଅଭିଯୋଗ କରିଥିଲେ । ତେବେ କମିଶନରେଟ୍ ପୁଲିସ ଏହି ମାମଲାକୁ ଗୁରୁତର ସହ ଗ୍ରହଣ କରିଥିଲା । ଜଗତପୁର ଥାନାରୁ ଏହି ମାମଲା ବକ୍ସିବଜାର ମହିଳା ଥାନାକୁ ହସ୍ତାନ୍ତର ହୋଇଥିଲା । ତେବେ ମହିଳା ଥାନା ପୁଲିସ ଏଯାବତ୍ ଘଟଣାର ତଦନ୍ତ ଜାରି ରଖିଛି ।

## ଗୁଞ୍ଜନ ନୃତ୍ୟ-ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

### ଦେବଦାସ ଛୋଟରାୟଙ୍କୁ 'ନିବେଦିତା ପଟ୍ଟନାୟକ ସମ୍ମାନ'

କଟକ,୨୪।୧୧(ସମିସ): ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ଗୁଞ୍ଜନ ନୃତ୍ୟ-ସଙ୍ଗୀତ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ମହତାବ ରୋଡସ୍ଥିତ ଗ୍ରାଣ୍ଡ ଅଡିଟୋରିୟମରେ ତିନି ଧରି ଏହି ଉତ୍ସବ ପାଳିତ ହେଉଥିଲା । ଶେଷ ସନ୍ଧ୍ୟାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ଦେବଦାସ ଛୋଟରାୟଙ୍କୁ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାର ଅନନ୍ୟ



ଆକର୍ଷଣ ଥିଲା ଏକାଡେମୀ ପକ୍ଷରୁ ପ୍ରଦର୍ଶିତ 'ମୀରା-ଦି ଡିଭାଇନ ଲଭଷ୍ଟୋରୀ' ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ । ଭଗବାନ ଶ୍ରୀକୃଷ୍ଣ ଏବଂ ମୀରାଙ୍କ ପ୍ରେମକାହାଣୀକୁ ଆଧାର କରି ଏକାଡେମୀର କଳାକାରମାନେ ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ । ଗୁରୁ ମୀରା ଦାସଙ୍କ ସହ ବିଦ୍ୟା ବିଶ୍ୱଜିତା, ପ୍ରିୟଙ୍କା ଜେନା, ସ୍ୱପ୍ନା ଦତ୍ତ, ସ୍ୱୀକୃତି ଦାସ, ଭାଗ୍ୟଶ୍ରୀ ଆଇଚ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ କୁନିକୁନି କଳାକାରଙ୍କ ଦ୍ୱାରା ପତାକା ହସ୍ତ ବିନିଯୋଗ ନୃତ୍ୟ ହୋଇଥିଲା ।

## ଓଷ୍ଟା ମହିଳା କର୍ମକର୍ତ୍ତାଙ୍କ ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ

କଟକ,୨୪ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ୨ ଦିନିଆ ମହିଳା କର୍ମକର୍ତ୍ତାମାନଙ୍କର ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଏହି କର୍ମଶାଳା ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଶିକ୍ଷୟିତ୍ରୀମାନଙ୍କ ଦଳଗତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ୧୨ ଟି ପ୍ରସ୍ତାବ ରାଜ୍ୟ କାର୍ଯ୍ୟକାରୀ କମିଟିରେ ଆଲୋଚନା ପାଇଁ ପଠାଯାଇଥିଲା ।

ପ୍ରକାଶଥାଉକି, ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା କର୍ମକର୍ତ୍ତାଙ୍କ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ସମୃଦ୍ଧିର ବିଭିନ୍ନ ଦିଗ ଓ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଉପରେ ଏକ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଓଷ୍ଟା ତା'ର ଜନ୍ମଲଗ୍ନରୁ ଲଢ଼େଇ ଜାରି ରଖିଛି । ସାଂପ୍ରତିକ ସ୍ଥିତିରେ ସରକାର ବିଦ୍ୟାଳୟ ଗୁଡ଼ିକୁ ବର୍ଗୀକରଣ ନକରି ଏକ ରାଜ୍ୟ, ଏକ ପ୍ରକାର ବିଦ୍ୟାଳୟର ପ୍ରସ୍ତାବ ପ୍ରଦାନ କରିବା ସହିତ ଶିକ୍ଷୟିତ୍ରୀ ମାନଙ୍କର ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ସାଂଗଠନିକ ପ୍ରସ୍ତାବ ଉପରେ ଆଜିର କର୍ମଶାଳାରେ ଆଲୋଚନା ହୋଇଥିଲା । ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ନିଜର ଅଭିଭାଷଣରେ ସଂଗଠନର ଉନ୍ନତିରେ ମହିଳା କର୍ମକର୍ତ୍ତାମାନଙ୍କର ଭୂମିକା ଓ ସେମାନଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତା ସମ୍ପର୍କରେ ଆଲୋଚନା କରି ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । କୋଷାଧକ୍ଷ ଅଶୋକ କୁମାର ମହାପାତ୍ର ସଂଗଠନର ବିତ୍ତ ଓ ବିକାଶରେ ମହିଳାମାନଙ୍କର ଭୂମିକା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । ସଭାପତି ଅକ୍ଷୟ କୁମାର ମିଶ୍ର 'ଆମ ସଂଗଠନ ଇତିହାସ ଓ ବ୍ୟବସ୍ଥାରେ ମହିଳାମାନଙ୍କର ଭୂମିକା' ବିଷୟରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଆମେ ଓ ଆମ ସମ୍ବିଧାନ ଶୀର୍ଷକରେ ଆଲୋକପାତ କରିଥିଲେ । ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଆମ ମୁଖପତ୍ର ଓ ନାରୀ ସଶକ୍ତିକରଣ ଉପରେ ନିଜର ଅଭିଭାଷଣ ରଖିଥିଲେ । ଆନ୍ଦୋଳନ ସମ୍ପାଦକ ରମାକାନ୍ତ ମହାପାତ୍ର 'ଆନ୍ଦୋଳନରେ ଶିକ୍ଷୟିତ୍ରୀଙ୍କର ଭୂମିକା' ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ମହିଳା ଉପସଭାପତି ରାଜଲକ୍ଷ୍ମୀ ବେହେରା ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶେଷରେ ସଂପାଦିକା ଯୁଗପ୍ରଭା ସାବତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ୨ ଦିନିଆ କର୍ମଶାଳାରେ ଶୈକ୍ଷିକ ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ପାଦିକା ରଞ୍ଜିତା ମିଶ୍ରଙ୍କ ସମେତ ଓଷ୍ଟାର ସମସ୍ତ ପଦାଧିକାରୀ ଏବଂ ଜିଲ୍ଲାସମ୍ପାଦକ ନାରାୟଣଚନ୍ଦ୍ର ବାରିକ, ତ୍ରିଲୋଚନା ଦାସ, ରବିନ୍ଦ୍ରନାଥ ଯୋଶୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

## ଟ୍ରିମ୍‌ସରେ ଏମ୍‌ବିବିଏସ୍ ଭିତ୍ତିଭୂମି ପାଠ୍ୟକ୍ରମ ଉଦ୍‌ଯାପିତ



କଟକ,୨୪ ।୧୧(ସମିସ): ଟ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଓ ହସ୍‌ପିଟାଲ' ଏମ୍‌ବିଏସ୍ ୨୦୨୫-୨୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଚାଲିଥିବା ସପ୍ତାହ ବ୍ୟାପୀ ଭିତ୍ତିଭୂମି ପାଠ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ଅବସରରେ କହିଲେ, ପିତାମାତା ଓ ସମାଜ ଜଣେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଖରୁ ଅନେକ କିଛି ଆଶା କରନ୍ତି । ଏଣୁ ଜଣେ ଭଲ ମଣିଷ ଓ ପ୍ରତିଭାବାନ୍ ଡାକ୍ତର ହୋଇ ସେହି ଆଶା ପୂରଣ କରିବା ସହିତ ଈଶ୍ୱରଙ୍କ ଆଶୀର୍ବାଦ ଲାଭ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର 'ଡିନ୍' ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବାବେଳେ ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରମୁଖ ଡାକ୍ତରୀ ବୃତ୍ତିର ମହନୀୟତା ଉପରେ ଆଲୋକପାତ କରି ସମୟର ସଠିକ୍ ବିନିଯୋଗ ଓ ନିଷ୍ଠାପର ସାଧନା ଦ୍ୱାରା ଭବିଷ୍ୟତରେ ଦକ୍ଷ ଡାକ୍ତର ହୋଇ ଅଶେଷ ଗୌରବର ଅଧିକାରୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ' ମୁଁ କାହିଁକି ଡାକ୍ତର ହେବି' ଉପରେ ନିଜର ଅଭିମତ ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ରାଜ୍ୟ କବାଡ଼ି ଦଳର ହରିୟାଣା ଯାତ୍ରା

କଟକ,୨୪।୧୧(ସମିସ): ଚଳିତ ମାସ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ହରିୟାଣାର ସୋନିପଥ ସ୍ଥିତ ଚିଦାନା ରୟତ ବହରା ଇନଷ୍ଟିଚ୍ୟୁଟରେ ୩୫ତମ ଜାତୀୟ ଉପକନିଷ୍ଠ କବାଡି ଚ ମ୍ପି ଆ ନ ସି ପ୍ ଖେଳାଯିବ । ଏଥି ନିମନ୍ତେ ଓଡ଼ିଶା କବାଡି ସଂଘ ପକ୍ଷରୁ



ଘୋଷିତ ରାଜ୍ୟ ଦଳ ଆଜି ହରିୟାଣା ଯାତ୍ରା କରିଛି । ବାଳକ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସମ୍ବିତ କୁମାର ରାଉତ, ପ୍ରାିଂଶୁ ସ୍ୱାଇଁ, ସତ୍ୟଜିତ ପଣ୍ଡା, ଶୁଭମ୍ ମଲ୍ଲିକ, ନୈତିକ ରାୟ, ବିନୋଦ ମାଝୀ, ଆୟୁଷ୍ମାନ ଆଚାର୍ଯ୍ୟ, ଶୁଭମ୍ ମାଝୀ, ଲକ୍ଷ୍ମୀଧର ନାୟକ, ପଦମ୍ ଥାପ୍ପା, ଅଙ୍କୁଶ କୁମାର ଭଞ୍ଜ, ସ୍ୱାଗତ ପରିଡା, ରାଜେଶ ଗୌଡ଼ ଓ ଚନ୍ଦନ ମୁର୍ମୁ । ସେହିପରି ବାଳିକା ଦଳରେ ଶ୍ରାବଣୀ ମାହକୁର, ଏ. କରିସ୍ମା ପାତ୍ର, କୁବୁଲି ସେଠ୍, ସସ୍ମିତା ଓଝା, ରେଣୁକା ମାଝୀ, ପ୍ରଜ୍ଞା ପାରମିତା ସାହୁ, ସୋନାଲୀ ପରିଡା, ଝରଣା ବେହେରା, ନନ୍ଦିନୀ ପାଲ, ନୁଆଁଦେଇ ବିବି, ରିଙ୍କି କିଶାନ, ସଙ୍ଗିତା ବେହେରା, ସୂର୍ଯ୍ୟାଂଶ ନାଏକ ଓ ମାମୁନି ରାଉତ ସାମିଲ ହୋଇଛନ୍ତି । ବାଳକ ଦଳରେ ଜାତୀୟ ଖେଳାଳି ବସନ୍ତ କୁମାର ସାହୁ କୋଚ୍, ଦେବୀପ୍ରସାଦ ଦାସ ମ୍ୟାନେଜର ରହିଥିବା ବେଳେ ବାଳିକା ଦଳରେ କଳ୍ପନା ପ୍ରଧାନ କୋଚ୍ ଓ ପୂଜା ପ୍ରୀୟଦର୍ଶିନୀ ବିଶ୍ୱାଳ ମ୍ୟାନେଜର ରହିଛନ୍ତି । ଅନ୍ୟପକ୍ଷରେ ଅଖିଳ ଭାରତୀୟ କବାଡି ମହାସଂଘ ତରଫରୁ ପୁଲିସ୍ ଅଧିକାରୀ ପ୍ରକାଶ କୁମାର ସାହୁ ଏକମାତ୍ର ରେଫରୀ/ପରିଚାଳକ ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

### ଏସ୍‌ସିବିରେ ଡାଏଲିସିସ୍ ବନ୍ଦ ଘଟଣା

# ସ୍ୱାସ୍ଥ୍ୟ ମିଶନର ଟଙ୍କା ବିନିଯୋଗ ହେଉନି !

କଟକ,୨୪।୧୧(ସମିସ):

ଗତ ଦୁଇ ମାସ ଧରି ଏସ୍‌ସିବି ମେଡିକାଲରେ ପିଡି ଫ୍ଲୁଇଡ୍ ଅଭାବରୁ ବୃକ୍କ ରୋଗୀଙ୍କ ଡାଏଲିସିସ ବନ୍ଦ ରହିବା ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଉଦ୍‌ବେଗ ପ୍ରକାଶ କରିଛି । ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେସନ(ଓଏସ୍‌ଏମସି)ର ବରିଷ୍ଠ ଅଧିକାରୀ ଆଜି ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଏ ବାବଦରେ ଆଲୋଚନା କରିଛନ୍ତି । ସ୍ୱାସ୍ଥ୍ୟସେବାକୁ ସ୍ୱାଭାବିକ କରିବା ପାଇଁ ଓଏସ୍‌ଏମସି ପଦକ୍ଷେପ ନେଇଛି । କୋଲକାତାରୁ ପିଡି ଫ୍ଲୁଇଡ୍ ମଗାଯାଇଛି, ଯାହା ମଙ୍ଗଳବାର ପହଞ୍ଚିବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ପିଡି ଫ୍ଲୁଇଡ କିଣିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଅର୍ଥ ମଞ୍ଜୁର କରେ । ଏକବର୍ଷ ପାଇଁ ଅଗ୍ରୀମ ଟଙ୍କା ଯୋଗାଇ ଦିଆଯାଏ । ତେବେ




### ପିଡି ଫ୍ଲୁଇଡ୍ ବନ୍ଦୋବସ୍ତ କଲା ଓଏସ୍‌ଏମସି

### କୋଲକାତାରୁ ମଗାଗଲା, ଆଜି ପହଞ୍ଚିବ

ଏହି ଟଙ୍କା ସଠିକ ଉପାୟରେ ବିନିଯୋଗ ହୋଇ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଏବେ ଆଲୋଚନା ଜୋର୍ ଧରିଛି । ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ୯୦ଜଣ ରୋଗୀ ଡାଏଲିସିସ ଅପେକ୍ଷାରେ ରହିଛନ୍ତି । ପିଡି ଫ୍ଲୁଇଡ୍ ନ ଥିବାରୁ ଏବେ ରୋଗୀମାନେ ଅପେକ୍ଷା କରି ରହିଛନ୍ତି । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଓଏସ୍‌ଏମସି ପକ୍ଷରୁ ଆଜି ଫୋନ୍ ଯୋଗେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା । କୋଲକାତାରୁ ପିଡି ଫ୍ଲୁଇଡ୍ ମଗାଯାଇଥିବା ବେଳେ ମଙ୍ଗଳବାର ବଡ ମେଡିକାଲରେ ପହଞ୍ଚିବା ପରେ ଡାଏଲିସିସ ପୁର୍ନବାର ଆରମ୍ଭ ହେବ ବୋଲି ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଜଟିଳ ବୃକ୍କ ରୋଗରେ ଆକ୍ରାନ୍ତଙ୍କୁ ବଡ ମେଡିକାଲରେ ଡାଏଲିସିସ ସେବା ମିଳୁନାହିଁ । ପିଡି ଫ୍ଲୁଇଡ୍ ନ ଥିବାରୁ ନେଫ୍ରୋଲୋଜି ବିଭାଗରେ ଏହି ଚିକିତ୍ସା ବ୍ୟବସ୍ଥା ବନ୍ଦ ରହିଥିବା ଅଭିଯୋଗ ହୋଇଛି । ୨୧ ଜଣ ରୋଗୀ ଏଭଳି ଅଭିଯୋଗ ଉଠାଇ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା ।

### ଷ୍ଟୁଆର୍ଟ ସ୍କୁଲରେ ଫାଉଣ୍ଡର୍ସ ଡେ' ପାଳିତ

# ଆଧ୍ୟାତ୍ମିକତା ଓ ଶିକ୍ଷାଗତ ଉତ୍କର୍ଷ ଉପରେ ଗୁରୁତ୍ୱ

କଟକ,୨୪।୧୧(ସମିସ): ଷ୍ଟୁଆର୍ଟ ସ୍କୁଲ୍, କଟକରେ ଆଜି ଏହାର ଗୌରବମୟ ୧୪୩ ତମ ଫାଉଣ୍ଡର୍ସ ଡେ' (ପ୍ରତିଷ୍ଠା ଦିବସ) ସହିତ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆର (ସିଏନ୍‌ଆଇ) ଧନ୍ୟବାଦ ଉପାସନାକୁ ଅତ୍ୟନ୍ତ ଭାବପୂର୍ଣ୍ଣ ଓ ଶ୍ରଦ୍ଧାର ସହ ପାଳନ କରାଯାଇଛି । ସ୍କୁଲର କୋ-ଅର୍ଡିନେଟର ରେଶମା ପ୍ରଧାନଙ୍କ ପରିଚାଳନାରେ ଏହି ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସିଏନ୍‌ଆଇ କଟକ ଡାୟୋସିସର ବିଶପ୍ ତଥା ଷ୍ଟୁଆର୍ଟ ସ୍କୁଲ୍ ଓ କଲେଜର ଚେୟାରମ୍ୟାନ୍ ବିସପ୍ ରାଇଟ୍ ରେଭରେଣ୍ଡ ଏସ୍.କେ. ନନ୍ଦ ଉଦ୍‌ଘାଟନୀ ପ୍ରାର୍ଥନା କରି ସ୍କୁଲ ଓ ସମଗ୍ର ପରିବାର ଉପରେ ଈଶ୍ୱରଙ୍କ ଆଶୀର୍ବାଦ କାମନା କରିଥିଲେ । ସ୍କୁଲର ସେକ୍ରେଟାରୀ ଡା. ଆର୍. ଆର୍. ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରତିଷ୍ଠାତାଙ୍କ ଦୂରଦୃଷ୍ଟିକୁ ସ୍ମରଣ କରିଥିଲେ । ଏହି ଅବସରରେ ଭୁବନେଶ୍ୱରସ୍ଥିତ ସୋଆ ୟୁନିଭର୍ସିଟିର ଭାଇସ୍ ଚାନ୍ସେଲର ପ୍ରଫେସର




ଅନୁପ କୁମାର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ, ଯାହା ସ୍କୁଲର ପ୍ରତିଷ୍ଠା ଆଦର୍ଶକୁ ସ୍ମରଣ କରାଇଥିଲା । କାର୍ଯ୍ୟକ୍ରମକୁ ସ୍କୁଲ କୋୟରଙ୍କ ପ୍ରଶଂସା ଓ ଉପାସନା ଗୀତରେ ଶୁଭାରମ୍ଭ କରାଯାଇଥିଲା । ସ୍କୁଲର ଚାପ୍‌ଲିନ୍ ରେଭ୍. ପଲାଶ ଦେ ଧର୍ମଶାସ୍ତ୍ର ପାଠ କରିଥିଲେ ଏବଂ ଇଂରାଜୀ ବାପ୍‌ଟିଷ୍ଟ ଚର୍ଚ୍ଚର ପାଷ୍ଟର ରେଭ୍. ପରିତୋଷ ରାଉତ ଧନ୍ୟବାଦ ପ୍ରାର୍ଥନା କରିଥିଲେ । ସିଏନ୍‌ଆଇ ଡାୟୋସିସ୍ ବୋର୍ଡର ସିଇଓ ରେଭ୍. ଏଫ୍. ସି. ନର୍ଥ ମଧ୍ୟ ଧନ୍ୟବାଦ ପ୍ରାର୍ଥନା କରିଥିଲେ । ସ୍କୁଲର ପ୍ରିନ୍ସିପାଲ ଡି. ମାର୍ଟିନା ସିଏନ୍‌ଆଇ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ବିସିଟିଏର ଭାଇସ୍ ପ୍ରେସିଡେଣ୍ଟ ରେଭରେଣ୍ଡ ସାମସନ ଦାସଙ୍କ ଦ୍ୱାରା ଆଶିଷ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଫାଉଣ୍ଡର୍ସ ଡେ' ଓ ଧନ୍ୟବାଦ ଉପାସନାର ଏହି ସମ୍ମିଶ୍ରଣ ସ୍କୁଲର ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରତି ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରିଛି ।

# ସୁକିନ୍ଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ସୁକିନ୍ଦା,୨୪।୧୧(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୭୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକିନ୍ଦା ପ୍ରଜ୍ଞାପରିମିତା ପୃଷ୍ଟି, ତହସିଲଦାର ସୁକିନ୍ଦା, ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଉଦ୍ଧାର ହେଲା ବିକ୍ରି ହୋଇଥିବା ନବଜାତ

**ଦଶରଥପୁର,୨୪।୧୧(ସମିସ)**

ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବିଭୁତିପୁର ଗ୍ରାମରେ ଶନିବାର ବିକ୍ରି ହୋଇଥିବା ନବଜାତ ଶିଶୁକନ୍ୟାକୁ ଆଜି ଉଦ୍ଧାର କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ଚାଇଲ୍ଡ ଲାଇନ ସଦସ୍ୟଙ୍କ ସମେତ ଦଶରଥପୁର ସିଡିପିଓ, ସ୍ଥାନୀୟ ଅଙ୍ଗନବାଡି ସୁପରଭାଇଜର, ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀ ଘଟଣାସ୍ଥଳରେ

## ଶିଶୁଯତ୍ନ କେନ୍ଦ୍ରରେ ଥଇଥାନ; ମାମଲା ରୁଜୁ



ପହଞ୍ଚି ତଦନ୍ତ କରିଥିଲେ। ଅଧିକାରୀ ପହଞ୍ଚିବା ପୂର୍ବରୁ ଶିଶୁକନ୍ୟା ଜନ୍ମ ଦେଇଥିବା ଦମ୍ପତି ଘରୁ ଫେରାର ହୋଇଯାଇଥିଲେ। ଶିଶୁକନ୍ୟା ବିକ୍ରି ସମ୍ପର୍କରେ ପଡ଼ୋଶୀଙ୍କ ସୂଚନା ଅନୁସାରେ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଦଶରଥପୁର ଥାନାରେ ନବଜାତ ଶିଶୁକନ୍ୟାକୁ ଜନ୍ମ ଦେଇଥିବା ଦମ୍ପତି ଏବଂ ଶିଶୁକନ୍ୟା ଗ୍ରହଣ କରିଥିବା ଦମ୍ପତିଙ୍କ ମଧ୍ୟରେ ହୋଇଥିବା ବେଆଇନ ହସ୍ତାନ୍ତରକୁ ନେଇ ଦଶରଥପୁର ଥାନାରେ ଏତଲା ରୁଜୁ କରିଥିଲେ। ପୁଲିସ ଡାକରାରେ ଶିଶୁକନ୍ୟାକୁ ସାଙ୍ଗରେ ଧରି ଜନ୍ମ ଦେଇଥିବା ଦମ୍ପତି ଦଶରଥପୁର ଥାନାରେ ପହଞ୍ଚିବା ପରେ ପଚରାଉଚରା କରିବାରୁ ଟଙ୍କା କାରବାରକୁ ଅସ୍ୱୀକାର କରିବା ସହିତ ଯାଜପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ଜଣେ ସମ୍ପର୍କୀୟଙ୍କୁ ଶିଶୁକନ୍ୟାକୁ ଦେଇଥିବା କହିଥିଲେ। ଉଦ୍ଧାର ଶିଶୁକନ୍ୟାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରାଇବା ପରେ ଶିଶୁକନ୍ୟା ସମେତ ଜନ୍ମ ଦେଇଥିବା ଦମ୍ପତିଙ୍କୁ ଜିଲ୍ଲା ଶିଶୁମଙ୍ଗଳ ସମିତି ନିକଟରେ ହାଜର କରାଯାଇଥିଲା। ଶିଶୁମଙ୍ଗଳ ସମିତି ନିର୍ଦ୍ଦେଶକ୍ରମେ ନବଜାତ ଶିଶୁକନ୍ୟାକୁ ଯାଜପୁର ସହର ସ୍ଥିତ ବାଳାଶ୍ରମ ପରିସରରେ ଥିବା ଶିଶୁଯତ୍ନ କେନ୍ଦ୍ରରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇଥିବା ଜଣାଯାଇଛି।

ସୂଚନାଥାଉକି ଦଶରଥପୁର ବ୍ଲକ ବିଭୁତିପୁର ଗ୍ରାମର ଦିନ ମଜୁରିଆ ନରେନ୍ଦ୍ର ଯେନାଙ୍କ ସ୍ତ୍ରୀ ସୁଲୋଚନା ଯେନାଙ୍କର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତ ୨୧ ତାରିଖରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ପୂର୍ବରୁ ସମ୍ପୃକ୍ତ ଦମ୍ପତିଙ୍କର ୩ଟି ଝିଅ ଥିବାରୁ ନବଜାତ ଶିଶୁକନ୍ୟାକୁ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ଯାଜପୁର ବ୍ଲକ ଗୋବିନ୍ଦପୁର ଗ୍ରାମର ମନୋଜ ଯେନାଙ୍କ ସହିତ ଶିଶୁକନ୍ୟାକୁ ହସ୍ତାନ୍ତର କରିଦେଇଥିଲେ। ଦମ୍ପତି ଖାଲି ହାତରେ ଘରକୁ ଯିବାରୁ ଅଙ୍ଗନବାଡ଼ି କର୍ମୀ ଓ ସ୍ଥାନୀୟ ଅଞ୍ଚଳର ସମାଜସେବୀ ପଚାରାଉଚୁରା କରି ସନ୍ଦେହ ହେବାକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ଜିଲ୍ଲା ଚାଇଲ୍ଡ ଲାଇନ ସମେତ ଦଶରଥପୁର ସିଡିପିଓଙ୍କୁ ନବଜାତ ଶିଶୁକନ୍ୟାର ବେଆଇନ ହସ୍ତାନ୍ତର ବିଷୟରେ ସୂଚନା ଦେଇଥିଲେ। ଆଜି ଏହି ଘଟଣା ଜିଲ୍ଲାପାଳ ଅମ୍ବର କୁମାର କର ଜାଣିବା ପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଆଜି ଜିଲ୍ଲା ଚାଇଲ୍ଡ ଲାଇନ ପକ୍ଷରୁ ବରେନ୍ଦ୍ରକୃଷ୍ଣ ଦାସ, ବିନ୍ଦୁସାଗର ସାହୁ, ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀ, ସ୍ଥାନୀୟ ଅଙ୍ଗନବାଡି ସୁପରଭାଇଜର ଶୁଭଶ୍ରୀ ମହଲ, ଅଙ୍ଗନବାଡି କର୍ମୀ ମମତା ଯେନା, ଆଶାକର୍ମୀ ସାବିତ୍ରୀ ଷଡ଼ଙ୍ଗୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ଯେନା ବିଭୁତିପୁର ଗ୍ରାମରେ ପହଞ୍ଚିଥିଲେ। ପୂର୍ବରୁ ବିଭାଗୀୟ ଅଧିକାରୀ ଆସିବା ଖବର ପାଇ ଉଭୟ ସ୍ୱାମୀ ଓ ସ୍ତ୍ରୀ ଘରୁ ଫେରାର ହୋଇଯାଇଥିଲେ। ପଡ଼ୋଶୀଙ୍କୁ ପଚରାଉଚରା କରିବା ପରେ ନବଜାତ ଶିଶୁକନ୍ୟାକୁ ବେଆଇନ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଦଶରଥପୁର ଥାନାରେ ଶିଶୁକନ୍ୟାକୁ ଜନ୍ମ ଦେଇଥିବା ଦମ୍ପତି ଏବଂ ବେଆଇନ ଭାବେ ଗ୍ରହଣ କରିଥିବା ଦମ୍ପତିଙ୍କ ବିରୁଦ୍ଧରେ ଦଶରଥପୁର ଥାନରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ଟ୍ରାଫିକ୍ ସମସ୍ୟା ସୁଧାରିବା ପାଇଁ ସମୀକ୍ଷା

**ପାଣିକୋଇଲି,୨୪।୧୧(ସମିସ):** ଦିନକୁ ଦିନ ପାଣିକୋଇଲିରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଏହି ଟ୍ରାଫିକ ସମସ୍ୟାର ସମାଧାନ ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳ, ଜାତୀୟ ରାଜପଥ ବିଭାଗ, ପର୍ତ୍ତ ବିଭାଗ, ପରିବହନ ବିଭାଗ ଓ ପୁଲିସ ମିଳିତ ଭାବେ ସମୀକ୍ଷା କରିଛନ୍ତି। ପରେ ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ସରକାରୀ ଜମୀକୁ ମାପ କରାଯାଇଥିଲା। ହେଲେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇନାହିଁ। ତେବେ କିପରି ଏହାର ଉଚ୍ଛେଦ କରାଯିବ ଓ କ'ଣ କଲେ ଟ୍ରାଫିକ ସମସ୍ୟା ଦୂରୀକରଣ ହୋଇପାରିବ ସେ ନେଇ ଆଜି ବିଧାୟକ ରାଜପଥ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଓ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ରାଜସ୍ୱ ନିରୀକ୍ଷକ କାଟେ ପୂର୍ତ୍ତି, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ଯୁବ ନେତା ପ୍ରୀତିରଞ୍ଜନ ସାହୁ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ଯୁବନେତା ସେକ୍ ଜହର ଅଲ୍ଲୀ, ସୂର୍ଯ୍ୟମଣି ପଣ୍ଡା, ଗୋକୁଳାନନ୍ଦ ସାହୁଙ୍କ ସମେତ ସ୍ଥାନୀୟ କର୍ମୀମାନେ ଉପସ୍ଥିତ ଥିଲେ। ଜାତୀୟ ରାଜପଥ ୧୬ ଓ ୨୦ର ମିଶ୍ରଣସ୍ଥଳୀ



ପାଣିକୋଇଲି ହୋଇଥିବାରୁ ପ୍ରତିଦିନ ହଜାର ହଜାର ଗାଡ଼ି ମଟର ଜିଲ୍ଲା ତଥା ରାଜ୍ୟ ବାହାରକୁ ଯିବା ଆସିବା କରିଥାନ୍ତି। ଏତଦ ବ୍ୟତୀତ ଜିଲ୍ଲାର ଶିଳ୍ପ ହବ କଳିଙ୍ଗ ନଗରରୁ ଦୈନନ୍ଦିନ ଶହ ଶହ ଟ୍ରେଲର ସମେତ କେନ୍ଦୁଝର ଜିଲ୍ଲାରୁ ଖଣିଜ ପଦାର୍ଥ ମଧ୍ୟ ପାଣିକୋଇଲି ମଧ ଦେଇ ଚାଲାଣ ହୋଇଥାଏ। ଫଳରେ ପ୍ରତିଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଧନଜୀବନ କ୍ଷୟକ୍ଷତି ଘଟିଥାଏ। ଟ୍ରାଫିକ ଥାନାର ଅଭାବ ସହିତ ହାତଗଣତି କିଛି ଗୃହରକ୍ଷୀ ଟ୍ରାଫିକ ନିୟନ୍ତ୍ରଣର ଦାୟିତ୍ୱ ତୁଲାଇଥାନ୍ତି। ସ୍ଥାନୀୟ ଅଧିବାସୀ ମାନେ ଗଳିପୋଲ ପାଇଁ ମଧ ରାଜପଥ ବିଭାଗକୁ ପ୍ରସ୍ତାବ ଦେଇଥିଲେ।

# ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ

**ଧର୍ମଶାଳା,୨୪।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଭଗବାନ ବାବାଙ୍କୁ ସୁସଜ୍ଜିତ ବିମାନରେ ଜାମୁବଣିଆ କୁମାରୀ ଜାରକା ବଜାର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ଜନ୍ମ ଶତବାର୍ଷିକୀ ଉତ୍ସବରେ ୧୦୦ଗୋଟି ଦୀପ ପ୍ରଜ୍ୱଳନ କରାଯିବା ସହ କେକ୍ କଟା ଯାଇ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିବା ବେଳେ ଆବାହକ ଅର୍ଜୁନ ଚରଣ ରାଉତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ସାଇସେବୀ ଶୁଭଲକ୍ଷ୍ମୀ ପତି ଅତିଥି ଭାବେ ଯୋଗଦେଇଥିଲେ। ସାଇସେବକ ଦାମୋଦର ପତି, ରଞ୍ଜନ କୁମାର ସାହୁ, ବାଳ ବିକାଶ ଗୁରୁମା ପ୍ରମୋଦିନୀ ସାମଲ, ସୋନାଲି ଦତ୍ତ, ପ୍ରତିମା ସାହୁ ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଗଗନ ବିହାରୀ ସାହୁ ସଂଯୋଜନା କରିଥିଲେ। ଆଧ୍ୟାତ୍ମିକ ସଂଯୋଜକ ନିରଞ୍ଜନ ଶାନ୍ତି, ସାଇ ସେବକ ଗୋବିନ୍ଦ ଚନ୍ଦ୍ର ସାହୁ, କ୍ଷୀତିଶ ଚନ୍ଦ୍ର ମିଶ୍ର, ବିଦ୍ୟାଧର ସାହୁ, ଯତୀନ୍ଦ୍ର ମୋହନ ଦାସ, ହେମନ୍ତ ଦାସ, ପ୍ରଫୁଲ୍ଲ ଜେନା, ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ, ସୁଶାନ୍ତ କୁମାର ନାୟକ, ସୌରଭ ଜେନା, ସୁମନ୍ତ କୁମାର ସାହୁ, ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନାବାଳିକା ଅନ୍ତଃସତ୍ତ୍ୱାକାରୀକୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁର,୨୪।୧୧(ସମିସ):** ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଗର୍ଭବତୀ ଘଟଣାରେ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡାଦେଶ। ଯାଜପୁର ଆଡହକ ଏଡିଜେ, ଫାଷ୍ଟଟ୍ରାକ ପୋକ୍ସୋ ଜଜ୍ ଶରତ କୁମାର ଦେହୁରୀ ୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତ କାଳିଆ ଓରଫ କାଳନ୍ଦୀ ନାୟକକୁ ୨୦ ବର୍ଷ ସଶ୍ରମ ଜେଲ୍‌ଦଣ୍ଡ ଦେବା ସହ ୧୦ ହଜାର ଜରିମାନା ଅନାଦେୟରେ ଅଧିକ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ମେ' ୨୪ ତାରିଖରେ ଜନୈକା ୧୭ ବର୍ଷୀୟା ନାବାଳିକା ଜିଲ୍ଲାର ଏକ ବାଳିକା ହଷ୍ଟେଲରେ କାର୍ଯ୍ୟ କରୁଥିବା ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଗ୍ରାମର ଗୟାଧର ନାୟକଙ୍କ ପୁଅ କାଳିଆ ଓରଫ କାଳନ୍ଦୀ ନାୟକ(୩୨) ସଂପୃକ୍ତ ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରି ଆସୁଥିଲେ। ନାବାଳିକା ୫ ମାସର ଗର୍ଭବତୀ ହେବାର ପରିବାର ଲୋକେ ଜାଣିବା ପରେ ନାବାଳିକାର ବାପା ଧର୍ମଶାଳା ଥାନରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଧର୍ମଶାଳା ପୁଲିସ ଥାନାରେ କେଶ ନଂ.୩୨୩/୨୩ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ନାବାଳିକା ଜଣକ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି।

# ନାବାଳକ ନିଖୋଜ; ଥାନାରେ ଅଭିଯୋଗ

**ଦାନଗଦି, ୨୪।୧୧(ସମିସ):** ଟମକା ଥାନା ଅନ୍ତର୍ଗତ ଟୋଲକାନିସ୍ଥିତ ଆର୍‌ଏସ କୋଚିଂ ସେଣ୍ଟରରୁ ଅଙ୍କିତ କୁମାର ସେଠୀ ନାମକ ପିଲା ଆଜି ସକାଳୁ ନିଖୋଜ ହୋଇଯାଇଛି। ସୂଚନା ମୁତାବକ ଟମକା ଥାନା ଅନ୍ତର୍ଗତ ନଛିପୁରା ଗ୍ରାମର ସଞ୍ଜୟ କୁମାର ସେଠୀଙ୍କ ପୁଅ ଅଙ୍କିତ କୁମାର ସେଠୀ (୧୫) ଟୋଲକାନିସ୍ଥିତ ଆର୍‌ଏସ କୋଚିଂ ସେଣ୍ଟର ରହି ପାଠ ପଢୁଥିଲା। ସୋମବାର ସକାଳ ସମୟରେ ସେ ହଷ୍ଟେଲରୁ କେଉଁ ଆଡେ ପଳାଇଯାଇଛି। ଘରଲୋକ ଓ ଗ୍ରାମବାସୀ ବହୁତ ଖୋଜାଖୋଜି କରିଲା ପରେ ନିରାଶ ହୋଇ ନ ପାଇବାରୁ ଟମକା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଘର ଲୋକଙ୍କ କହିବା କଥା ଅଙ୍କିତ ଦଶମ ଶ୍ରେଣୀର ଛାତ୍ର। ଅନ୍ୟପକ୍ଷରେ ସରକାର ତରଫରୁ କୌଣସି ଘରୋଇ ହଷ୍ଟେଲରେ ପିଲା ରହିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଥିବା ବେଳେ ଏଠାରେ କିପରି ପିଲା ରହୁଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି।

## ବୁଢ଼ା ନଦୀରୁ ବେଆଇନ ବାଲି ଚାଲାଣ

# ବିଜେପିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ

**ଯାଜପୁର,୨୪।୧୧(ସମିସ):** ଯାଜପୁର ତହସିଲ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଭଗତପୁର ମୌଜାରୁ ବୁଢ଼ା ନଦୀରୁ ବେଆଇନ ବାଲି ଚାଲାଣକୁ କେନ୍ଦ୍ର କରି ବିଜେପିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ପରିସ୍ଥିତି ଏପରି ହୋଇଛି ବିଜେପିର ଗୋଟିଏ ଗୋଷ୍ଠୀ ବାଲି ଉତ୍ତୋଳନ କରୁଥିବା ଗୋଷ୍ଠୀଙ୍କ ବିରୋଧରେ ଥାନାରେ ମାମଲା ଦାୟର କରିଛନ୍ତି।

ସୂଚନା ମୁତାବକ ବୁଢ଼ା ନଦୀର ଭଗତପୁର ମୌଜାରୁ ବାଲି ଚୋରାଚାଲାଣ କରାଯାଉଛି। ରାତି ଅଧିଆ ହାଇୱା ଓ ଟ୍ରାକ୍ଟର ମାଧ୍ୟମରେ ଏଭଳି ଚୋରାଚାଲାଣ କରାଯାଉଛି। କୁନିନ୍ଦା ଗ୍ରାମର ଚିତ୍ତରଞ୍ଜନ ସାହୁ ଏହି ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ଭଗତପୁର ଗ୍ରାମ ପ୍ରତି ବିପଦ ଦେଖାଦେଇଛି। ନଦୀର ବନ୍ଧ ନିକଟରୁ ବାଲି ଉତ୍ତୋଳନ କରାଗଲେ ଭଗତପୁର ଗାଁ ପ୍ରତି ବିପଦ ଦେଖାଦେବ ଏବଂ ନଦୀ ବନ୍ଧ ସଂପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ପୂର୍ବରୁ ମଧ ଏହି ବାଲି ଉତ୍ତୋଳନକୁ ବିରୋଧ କରି କଳସଡ଼ିହ, କୁନିନ୍ଦା ଗ୍ରାମବାସୀ ବିରୋଧ କରି ଜେସିବି ମେସିନକୁ ଜବତ କରି ଖଣି ବିଭାଗକୁ ଜିମା ଦେଇଥିଲେ। ତଥାପି ସେହି

## ଥାନାରେ ମାମଲା ରୁଜୁ

ବାଲି ଚାଲାଣକୁ ବନ୍ଦ କରିବାରେ ପ୍ରଶାସନ ଫେଲ ମାରିଛି। ଯାହାର ପରିଣାମ ସ୍ୱରୂପ ରାତିଅଧିଆ ବେଆଇନ ଭାବେ ଶହ ଶହ ଟ୍ରିପ୍ ହାଇୱା ଯୋଗେ ବାଲିଚାଲାଣ ହେଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସଂପର୍କରେ ସମସରପୁର ଗ୍ରାମର ବିଶ୍ୱନାଥ ପଣ୍ଡା, ଭୁବନେଶ୍ୱରପୁର ଗ୍ରାମର ଉପେନ୍ଦ୍ର ବିହାରୀ ଓ ଭଗତପୁର ଗ୍ରାମର ଚୁମୁକି ଯେନା କୁନିନ୍ଦା ଗ୍ରାମର ଚିତ୍ତରଞ୍ଜନ ସାହୁଙ୍କ ବିରୋଧରେ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ଆଣିଛନ୍ତି। ଏଥିସହିତ ଗ୍ରାମବାସୀଙ୍କୁ ଗାଳିଗୁଲଜ ସହିତ ମିଛ ମକଦ୍ଦମାରେ ଫସାଇ ଦେବାକୁ ଧମକ ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ସୂଚନା ଯୋଗ୍ୟ ରାଜ୍ୟରେ ବାଲି ଚୋରା ଚାଲାଣ ରୋକିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଓ ଏସ୍‌ପି ବୈଠକରେ ନିର୍ଦ୍ଦେଶ ଦେଉଥିବା ବେଳେ ଏଠି ବାଲି ଚୋରାଚାଲାଣ କରିବା ପାଇଁ ବିଜେପି କର୍ମୀ ରାତି ଦିନ ଏକ କରି ଦେଇଛନ୍ତି। ଏଭଳି ସ୍ଥଳେ ପ୍ରଶାସନ କିଭଳି ଶାସକ ଦଳର କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

## ବାଜିଲାନି ଡିଜେ କି ବାଜାବାଣ

# ହରିବୋଲ ଧ୍ୱନି ଭିତରେ ପଡ଼ିଲା ହାତଗଣ୍ଠି



**ଯାଜପୁର,୨୪।୧୧(ସମିସ):** ଯାଜପୁରରେ ଆଜି ହୋଇଛି ଏକ ନିଆରା ବାହାଘର। ନା ଥିଲା ବାଜାବାଣ ନା ଥିଲା ଡିଜେ କି ବିକଟାଳ ଶବ୍ଦ। ଏହା ବଦଳରେ ଥିଲେ ସଂକୀର୍ତ୍ତନ ଦଳ। ସଂକୀର୍ତ୍ତନର ତାଳେ ତାଳେ ବରଯାତ୍ରୀ ବାହାରିଥିଲେ କନ୍ୟା ଘରକୁ। ସବୁଠି ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହେଉଥିଲା ବିବାହ ମଣ୍ଡପ।

## ଯାଜପୁରରେ ନିଆରା ବାହାଘର

ଯାଜପୁର ସଦର ବ୍ଲକର ଲାଖବିନ୍ଧା ପଡ଼ିଆ ନିକଟ ଇସ୍କନ୍ ମନ୍ଦିରରେ ଆୟୋଜିତ ହୋଇଥିଲା ଏଭଳି ଏକ ନିଆରା ବିବାହ ଉତ୍ସବ। ସବୁ ବରଯାତ୍ରୀଙ୍କ ହାତରେ ଥିଲା ଖୋଳ, କରତାଳ ଓ ମୃଦଙ୍ଗ, ଝାଞ୍ଜ, କୁବୁଜି ଆଉ ମୁହଁରେ ହରିବୋଲ ଧ୍ୱନି। ବୈଷ୍ଣବ ରୀତିନୀତିକୁ ଅନୁସରଣ କରି ପୂରା ଭକ୍ତିମୟ ପରିବେଶ ମଧ୍ୟରେ ବରକୁ ସ୍ୱାଗତ କରାଯାଇଥିଲା। ବିଞ୍ଝାରପୁର ବ୍ଲକର ଅଳକୁଣ୍ଡ ପଞ୍ଚାୟତ ନୂଆଗାଁ ଅଞ୍ଚଳର ଗଣେଶ ପ୍ରସାଦ ଦାସଙ୍କ ପୁଅ ରାକେଶ ଦାସ ଯାଜପୁର ସଦର ବ୍ଲକ ଅଞ୍ଚଳର ମାୟାଧର ଦେହୁରୀଙ୍କ ଝିଅ ସୀମା ଦେହୁରୀଙ୍କୁ ବିବାହ ପାଇଁ ସ୍ଥିର ହୋଇଥିଲା। ଉଭୟ ପରିବାର ଭଗବାନଙ୍କ ଆଶ୍ରିତ ହୋଇ ଏଭଳି ନିଆରା ଢଙ୍ଗରେ ବିବାହ କାର୍ଯ୍ୟ କରିବାକୁ ନିଷ୍ପତି ନେଇଥିଲେ। ବୈଷ୍ଣବ ରୀତି ଅନୁଯାୟୀ ତୁଳସୀ ପରିକ୍ରମା, ଜୟମାଳା, ମନ୍ତ୍ରୋଚ୍ଚାରଣ ଏବଂ ପବିତ୍ର ପ୍ରଣୟ ସଙ୍କଳ୍ପ ସହିତ ବିବାହ ସମ୍ପୂର୍ଣ୍ଣ ହୋଇଥିଲା। ସାମାଜିକ ବ୍ୟବସ୍ଥାରେ ଏବେ ବିବାହକୁ ନେଇ କେତେ କ'ଣ ଆୟୋଜନ କରାଯାଇ ନିଜର ଆତ୍ମବଡ଼ିମା ଦେଖାଯାଉଛି। କିନ୍ତୁ ଏଭଳି ଏକ ବିବାହ ଯେ ଭକ୍ତି, ସମ୍ମାନ ଓ ସରଳତାରେ ଶେଷ ହୋଇପାରେ ତାହା ପ୍ରମାଣିତ କରିଛନ୍ତି ଉଭୟ ପରିବାର।

## ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା

# ପୁରୁଷ ଟେକ୍ନିସିଆନ କରୁଛନ୍ତି ମହିଳାଙ୍କ ଇସିଜି

**ଯାଜପୁର,୨୪।୧୧(ସମିସ)**

ଯାଜପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ମହିଳାରୋଗୀଙ୍କ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା ପୁରୁଷ କର୍ମଚାରୀଙ୍କ ଦ୍ୱାରା ହେଉଥିବା ଅଭିଯୋଗ ହୋଇଛି। ଏଠାରେ କୌଣସି ମହିଳା କର୍ମଚାରୀ ନ ଥିବାରୁ ମହିଳାରୋଗୀମାନେ ସଂକୋଚ କରୁଛନ୍ତି। କିନ୍ତୁ ଏହାକୁ ସଂପୃକ୍ତ କର୍ମଚାରୀମାନେ ବେଖାତିର କରୁଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭିଯୋଗ ପରେ 'ସକାଳ' ପକ୍ଷରୁ ଏକ ଅନୁସନ୍ଧାନ ହୋଇଥିଲା। ଏଥିରେ ସତ୍ୟତା ଜଣାପଡ଼ିଥିଲା।

ଯାଜପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନା ପ୍ରାୟ ୧ ବର୍ଷ ତଳେ ମେଡିକାଲ କଲେଜର ମାନ୍ୟତା ପାଇଛି। ସେଥିପାଇଁ ଏଠାରେ ବିଭିନ୍ନ ବିଭାଗ ଖୋଲିଛି। କିନ୍ତୁ ରୋଗୀ ସେବା ନାଁରେ ଏଠାରେ ମହିଳାଙ୍କ ସମ୍ମାନ ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ପ୍ରତିଦିନ ଏଠାରେ ମହିଳାରୋଗୀଙ୍କୁ ଲଜ୍ଜିତ ହେବାକୁ ବାଧ କରୁଛନ୍ତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ପ୍ରତିଦିନ ଏଠାକୁ ବହୁ ମହିଳା ଓ ପୁରୁଷ ରୋଗୀ ନିଜର ଇସିଜି କରିବା ପାଇଁ ଆସୁଛନ୍ତି। ପ୍ରତିଦିନ ଇସିଜି କରିବାକୁ ଆସୁଥିବା ମହିଳା ରୋଗୀ ନାନା ସମସ୍ୟା ଭୋଗୁଥିବା ନେଇ ଅଭିଯୋଗ ଆସିଥିଲା। ଅଭିଯୋଗର ସତ୍ୟତା ଜାଣିବା ପାଇଁ ଆମ ପ୍ରତିନିଧି ଆଜି ଅପରାହ୍ନରେ ଜଣେ ମହିଳା ରୋଗୀଙ୍କୁ ଧରି ଇସିଜି ବିଭାଗକୁ ଯାଇଥିଲେ। ସେଠାରେ ପହଞ୍ଚିବାରେ ଯେଉଁ ସ୍ଥାନରେ ଇସିଜି କରାଯାଉଛି ସେହି ଚାମ୍ବର ଭିତରେ ପାଖାପାଖି ୩ ଜଣ ପୁରୁଷ କର୍ମଚାରୀ ଏବଂ ୫ରୁ ଉର୍ଦ୍ଧ୍ୱ ମହିଳା ଟ୍ରେନି କର୍ମଚାରୀ ଥିବା ଦେଖିବାକୁ ମିଳିଥିଲା। ମହିଳା

## ▶'ସକାଳ' ଅନୁସନ୍ଧାନରେ ଧରାପଡ଼ିଲା

## ▶ଏଡିଏମ୍‌ଓ କହିଲେ ପଦକ୍ଷେପ ନେବି

ଜଣକ ନିଜର ଇସିଜି କରିବା ପାଇଁ କହିବାରୁ ତୁରନ୍ତ ବେଡ୍‌ରେ ଶୋଇବାକୁ କୁହାଯାଇଥିଲା। ଶୋଇବା ପରେ ମହିଳାଙ୍କୁ ନିଜର କପଡ଼ା ଖୋଲିବାକୁ କୁହାଯାଇଥିଲା। ସେହି ଚାମ୍ବରରେ ଉପସ୍ଥିତ ଥିବା ପୁରୁଷ କର୍ମଚାରୀମାନେ କପଡ଼ା ନ ଖୋଲିଲେ ଇସିଜି କରି ହେବ ନାହିଁ ବୋଲି କହିଥିଲେ। ଆଶ୍ଚର୍ଯ୍ୟର କଥା ସେହି ଚାମ୍ବରରେ ମହିଳାଙ୍କ କପଡ଼ା ଖୋଲିବା ପାଇଁ କୌଣସି ପରଦାଟିଏ ମଧ୍ୟ ନାହିଁ। ମହିଳା ଜଣକ ନିଜର କପଡ଼ା ଖୋଲିବାକୁ ମନା କରିଥିଲେ। ପୁରୁଷ କର୍ମଚାରୀମାନେ ବାହାରକୁ ଗଲେ କପଡ଼ା ପରିବର୍ତ୍ତନ



କରିବାକୁ କହିବାରୁ ସେମାନେ ମନା କରିଥିଲେ। ଆମେ ମହିଳା ଟ୍ରେନି କର୍ମଚାରୀମାନଙ୍କୁ ଟ୍ରେନିଂ ଦେଉଛୁ ବୋଲି କହିଥିଲେ। ଏ ସଂପର୍କରେ ଉଭୟ ପୁରୁଷ କର୍ମଚାରୀ କ୍ୟାମେରା ସାମ୍ନାରେ ମଧ୍ୟ ସ୍ୱୀକାର କରିଛନ୍ତି। ଇସିଜି ଚାମ୍ବରରେ ପରଦା ଲଗାଇବା ସଂପର୍କରେ ପଚାରିବାରେ ଆମେ ଏ ସଂପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ ବୋଲି କହିଥିଲେ। ପରେ ମହିଳା ରୋଗୀ ଜଣକ ନିଜର ପରୀକ୍ଷା ସେଠାରେ ନ କରି ଘରୋଇ କ୍ଲିନିକରେ କରାଇବାକୁ ବାଧ୍ୟ ହୋଇଥିଲେ। ତେବେ ମହିଳାଙ୍କ ମାନସମ୍ମାନ ପାଇଁ କେତେ କ'ଣ ଯୋଜନା ଓ ଘୋଷଣା କରାଯାଉଛି ସତ; କିନ୍ତୁ ଏହା ଖୋଦ ସରକାରୀ ଡାକ୍ତରଖାନାରେ ଏହାର ଧଜ୍ଜିଆ ଉଡୁଥିବା ଦେଖିବାକୁ ମିଳିଥିଲା। ପ୍ରକୃତରେ ମହିଳା ରୋଗୀମାନଙ୍କୁ ଏଭଳି କରିବା ଦ୍ୱାରା ଅନେକ ରୋଗୀ ସରକାରୀ ଇସିଜି ନ କରି ବାଧ ହୋଇ ଘରୋଇ କ୍ଲିନିକରେ ଇସିଜି କରି ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳିଛି। ଏଠାରେ ନିୟୋଜିତ କର୍ମଚାରୀମାନଙ୍କ ସହିତ ଘରୋଇ କ୍ଲିନିକ ସହିତ ଥିବା ଭିତିରି ସଂପର୍କ ଯୋଗୁଁ ଏଭଳି ଘଟଣା ଅଧିକ ହେଉଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ଆମେ ଯାଜପୁର ମୁଖ୍ୟ ଡାକ୍ତରଖାନାର ଏଡିଏମ୍‌ଓ ଡା. ମନୋଜ ସେନାପତିଙ୍କୁ ପଚାରିବାରେ ଇସିଜି କରିବା ପାଇଁ ମହିଳା କର୍ମଚାରୀଙ୍କୁ ରଖାଯାଇଛି ବୋଲି କହିବା ସହିତ କେଉଁ ପରିସ୍ଥିତିରେ ପୁରୁଷ କର୍ମଚାରୀ ଥିଲେ ସେ ନେଇ ଅନୁଧ୍ୟାନ କରିବି ଏବଂ ସେଠାରେ ମହିଳାଙ୍କ ସୁରକ୍ଷା ପାଇଁ ପରଦା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବୈଷ୍ଣବ ଚରଣ ପରିଡ଼ାଙ୍କ ସ୍ମୃତିସଭା




**ଭୁବନେଶ୍ୱର, ୨୪।୧୧(ସମିସ):** ପୂର୍ବତନ ସାଂସଦ ତଥା ସୁଲେଖକ ଓ ଭାଷା ଆନ୍ଦୋଳନର ପୁରୋଧା ବୈଷ୍ଣବ ଚରଣ ପରିଡ଼ାଙ୍କ ସ୍ମୃତିସଭା ମଙ୍ଗଳପୁରସ୍ଥିତ ଅନନ୍ତ ସ୍ମୃତି ପାଠାଗାରରେ ପାଳିତ ହୋଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ମାନସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ଓଡ଼ିଆ ଭାଷା ସାହିତ୍ୟକୁ ବୈଷ୍ଣବ ପରିଡ଼ାଙ୍କ ଅବଦାନ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ସର୍ବୋଦୟ ଆନ୍ଦୋଳନର ନେତା ଦୁର୍ଗାଚରଣ ବାରିକ ବୈଷ୍ଣବଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ସ୍ୱର୍ଗତ ପରିଡ଼ା ଋଷୀୟ ଭାଷାରୁ ୧୦୩ଟି ପୁସ୍ତକ ଓଡ଼ିଆ ଭାଷାରେ ଅନୁବାଦ କରିବା ସହ ବହୁ କାଳଜୟୀ ଓଡ଼ିଆ ସାହିତ୍ୟକୁ ମଧ ଋଷୀୟ ଭାଷାରେ ଅନୁବାଦ କରିଛନ୍ତି। ତାଙ୍କର ଅନନ୍ୟ ଅବଦାନ ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ତାଙ୍କ ନାମରେ ଏକ ଗବେଷଣା ଚେୟାର ସ୍ଥାପନ କରିବା ପାଇଁ ଅତିଥିମାନେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ସଭାପତି ବିଜୟ ନାୟକ, ଛାୟାପତି ଜେନା, ଅଭୟ ରୁମାର, ନିର୍ମଳ ପତି, କାର୍ତ୍ତିକ ଜେନା, ପ୍ରଫୁଲ୍ଲ କର, ବିପିନ ସେନାପତି, ଅନୀଲ ରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସନାତନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିର 'ପାର୍ ଏକ୍ସେଲେନ୍ସ' ସ୍ୱର୍ଣ୍ଣ ପୁରସ୍କାର ଲାଭ



**ରାଉରକେଲା, ୨୪ା୧୧(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ-୫)ର 'ଉତ୍କର୍ଷ' ସୁରକ୍ଷା ମଣ୍ଡଳୀ କ୍ୱାଲିଟି ସର୍କଲ୍ ଦଳ ଦୁବାଇରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ କନଭେନସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟସ୍ (ଓସିକ୍ୟୁସି) ୨୦୨୫ରେ ପାର୍ ଏକ୍ସେଲେନ୍ସ ସ୍ୱର୍ଣ୍ଣ ପୁରସ୍କାର ଅର୍ଜନ କରି କମ୍ପାନୀ ପାଇଁ ଗୌରବ ଆଣିଦେଇଛନ୍ତି। ପୁରସ୍କାର ବିଜେତା ଦଳରେ ଇଞ୍ଜିନିୟରିଂ ଆସୋସିଏଟ୍ ଏବଂ ଟିମ୍‌ଲିଡର ସନ୍ତୋଷ କୁମାର ରାୟ, ଜୁନିଅର୍ ଇଞ୍ଜିନିୟରିଂ ଆସୋସିଏଟ୍ ଏବଂ ଡେପୁଟିଲିଡର ସୁଶାନ୍ତ ସ୍ୱାଇଁ, ଇଞ୍ଜିନିୟରିଂ ଆସୋସିଏଟ୍ ଦୀପକ ଦାସ ଏବଂ ଇଞ୍ଜିନିୟରିଂ ଆସୋସିଏଟ୍ ସରୋଜ ନାୟକ ସାମିଲ ଥିଲେ। ବିଏଫ-୫ ବିଭାଗର ଡେପୁଟି ମ୍ୟାନେଜର ବିକ୍ରମ ଝା ଏହି ଦଳର ଫେସିଲିଟେଟର ଥିଲେ। ବିଏଫ-୫ର ୟୁ-ସିଲ୍ କ୍ଷେତ୍ରରେ ଏକ ଅଭିନବ ତଥା ପ୍ରଭାବଶାଳୀ ସୁରକ୍ଷା ଉନ୍ନତିର ଏକ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ସୁରକ୍ଷା ଦଳକୁ ଏହି ମାନ୍ୟତା ମିଳିଛି। ଏହି ପଦକ୍ଷେପଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମତା ବିପଦକୁ ଯଥେଷ୍ଟ ହ୍ରାସ କରିବା ସହିତ ସୁରକ୍ଷା ମାନଦଣ୍ଡକୁ ମଧ୍ୟ ସୁଦୃଢ଼ କରିପାରିଛି। ଏହି ପ୍ରକଳ୍ପର ସଫଳତା ନିରନ୍ତର ଉନ୍ନତି ଆଣିବାରେ ଆର୍‌ଏସ୍‌ପିର ଦୃଢ ପ୍ରତିବଦ୍ଧତାକୁ ଦର୍ଶାଇବା ସହ କର୍ମଚାରୀମାନଙ୍କଠାରୁ ନୂତନ ଚିନ୍ତାଧାରା ପ୍ରଦାନ ପାଇଁ ଉତ୍ସାହିତ କରୁଛି ଏବଂ କର୍ମକ୍ଷେତ୍ର ସୁରକ୍ଷାକୁ ସର୍ବାଗ୍ରେ ରଖିବା ପାଇଁ ପ୍ରୟାସକୁ ପ୍ରତିଫଳିତ କରୁଛି।

ସୂଚନା ଯୋଗ୍ୟ ପୂର୍ବରୁ, ଏହି ଉତ୍କର୍ଷ ସୁରକ୍ଷା ଗୁଣବତ୍ତା ମଣ୍ଡଳୀ ସିସିକ୍ୟୁସି ଭିଲାଇ ଚାପ୍ଟରରେ ସ୍ୱର୍ଣ୍ଣପୁରସ୍କାର ଅର୍ଜନ କରିଥିଲା, ଯାହା ସେମାନଙ୍କୁ ସିଧାସଳଖ ଅନ୍ତର୍ଜାତୀୟ ସମ୍ମିଳନୀ ପାଇଁ ଯୋଗ୍ୟତା ପ୍ରଦାନ କରିଥିଲା। ଏହି ପଦକ୍ଷେପ ବିଏଫ୍ ବିଭାଗର ସିଜିଏମ ସୁମିତ କୁମାର ଏବଂ ସୁରକ୍ଷା ବିଭାଗର ଜିଏମ୍ ତଥା ସୁରକ୍ଷାମଣ୍ଡଳୀ ସଂଯୋଜକ ଅବକାସ ବେହେରାଙ୍କ ତଥା ମାର୍ଗଦର୍ଶନରେ ସମ୍ପନ୍ନ ହୋଇଥିଲା ଯାହାଙ୍କ ନେତୃତ୍ୱ ଏବଂ ପ୍ରୋତ୍ସାହନ ସୁରକ୍ଷା ନବସୃଜନ ପ୍ରତି ଦଳର ଆଭିମୁଖ୍ୟ ଗ୍ରହଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା।

# ଶ୍ରମକୋଡ୍ ବିରୋଧରେ ରାଉରକେଲା ଷ୍ଟିଲ୍ ମଜଦୁର ୟୁନିୟନ୍‌ର ବିକ୍ଷୋଭ

**ରାଉରକେଲା, ୨୪ା୧୧(ସମିସ) :** ସର୍ବ ଭାରତୀୟ ଡାକରା କ୍ରମେ ବିଶ୍ରାଛକଠାରେ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍ ଓ ଏଆଇଟିୟୁସି ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନର କାର୍ଯ୍ୟକାରୀ ସଭାପତି ପ୍ରଦୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରର ଶ୍ରମିକ ବିରୋଧୀ ଶ୍ରମକୋଡକୁ ବିରୋଧ କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ଷ୍ଟିଲ ମଜଦୂର ୟୁନିୟନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ତାଙ୍କ ବକ୍ତବ୍ୟ ରଖି ଶ୍ରମିକ ଶ୍ରେଣୀ ଉପରେ ସରକାରର ମହଙ୍ଗା ମାଡ଼, ବାବା ସାହେବ୍ ଆମ୍ବେଦକରଙ୍କ ସମ୍ବିଧାନକୁ ନ ମାନିବା, ଶ୍ରମିକଙ୍କ ହକ୍ ଛଡ଼େଇ ନେବା, ଆଠ ଘଣ୍ଟା କାର୍ଯ୍ୟ ବଦଳରେ ୧୨ ଘଣ୍ଟା କାର୍ଯ୍ୟ କରିବା, ମହିଳାମାନଙ୍କୁ ରାତିରେ କାର୍ଯ୍ୟ କରିବାକୁ ବାଧ କରିବା, ମାଲିକ ଇଚ୍ଛା ଅନୁସାରେ କାର୍ଯ୍ୟକରିବା ଭଳି ଅନେକ ଶ୍ରମିକ ବିରୋଧୀ ଶ୍ରମ ସହିଁତା ବାତିଲ କରିବା ପାଇଁ ଉଦ୍‌ବୋଧନରେ କହିଥିଲେ। ଅନ୍ୟତମ ସାଥୀ ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ ବକ୍ତବ୍ୟ ରଖି ଇସ୍ପାତ୍ ଶ୍ରମିକଙ୍କ ୩୯ ମାସର ବକେୟା ତୁରନ୍ତ ପ୍ରଦାନ କରିବା, ଏନ୍‌ଜେସିଏସ ପୂର୍ଣ୍ଣାଙ୍ଗ ଚୁକ୍ତି କରି ବକେୟା ପାଉଣା ପ୍ରଦାନ କରିବା ଆଦି ପ୍ରସଙ୍ଗରେ ଶ୍ରମିକ କର୍ମଚାରୀଙ୍କୁ ଉଦ୍‌ବୋଧନରେ ଦେଇଥିଲେ। ସାଥୀ ପ୍ରଦୋଷ ମହାନ୍ତି ଭାଷଣରେ ଇସ୍ପାତ୍ ସହରାଞ୍ଚଳକୁ ଘରୋଇ କରଣକୁ ବିରୋଧ କରିବା ସହିତ ଇସ୍ପାତ୍ ଜେନେରାଲ ହସ୍‌ପିଟାଲକୁ ଘରୋଇକରଣରୁ ନିବୃତ ରହିବା ଓ ଇସ୍ପାତ୍ କାରଖାନାକୁ ସାଗମାଛ ଦରରେ ବିକିବାକୁ ଚାଲିବାକୁ ମସୁଧାରୁ ନିବୃତ ରହିବା ପାଇଁ ସରକାରଙ୍କୁ ଚେତାବନୀ ଦେଇଥିଲେ। ଦଶରୁ କିଷାନ, କୈଳାଶ ନାୟକ, ଅଜୟ ବାରା, ଗୋବିନ୍ଦ କୁକୁର, ଜନ ଆୟୁବ ଯୋଜୋ ପ୍ରମୁଖ ଯୋଗ ଦେଇଥିଲେ।




## ଡକାୟତି ଯୋଜନା ବେଳେ ମାଡ଼ି ବସିଲା ପୁଲିସ
# ମାରଣାସ୍ତ୍ର ଜବତ, ୪ ଗିରଫ



**ରାଉରକେଲା, ୨୪ା୧୧(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ବିଶ୍ରାଛକ ସ୍ଥିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ ନିକଟରେ ଡକାୟତି ଯୋଜନା ଚାଲିଥିବାବେଳେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଚଢଉ କରି ବିପୁଳ ମାରଣାସ୍ତ୍ର ଜବତ କରିବା ସହ ୪ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଗୁରୁଦ୍ୱାରା ରୋଡର ରବି ରାୟ (୨୬), ଗୋପବନ୍ଧୁପାଲିର ଅଜୟ ଯାଦବ(୩୦), ମହତାବ ରୋଡର ଆଦିତ୍ୟ ସାହୁ (୨୦) ଓ ଗାନ୍ଧିରୋଡର ସୋନୁ ସିଂହ (୨୦)। ସେମାନଙ୍କ ଠାରୁ ଗୋଟିଏ ଛୁରି ଓ ୩ଟି ଲୁହା ଛଡ଼ ଜବତ କରାଯାଇଛି। ରବି ରାୟ ନାମରେ ପ୍ଲାଣ୍ଟସାଇଟ୍ ଥାନାରେ ୨ଟି, ଅଜୟ ଯାଦବ ନାମରେ ପ୍ଲାଣ୍ଟସାଇଟ୍ ଥାନାରେ ୧୭ଟି, ମହିଳା ଥାନାରେ ୧ଟି, ଅଜୟ ସାହୁ ନାମରେ ପ୍ଲାଣ୍ଟସାଇଟ୍ ଥାନାରେ ୪ଟି ଏବଂ ସୋନୁ ସିଂହ ନାମରେ ୪ଟି ମାମଲା ରହିଛି।

# ଅଲ୍‌ଚିକିର ଶତବାର୍ଷିକୀ



**ରାଉରକେଲା, ୨୪ା୧୧(ସମିସ):** ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୯୨୫ ମସିହାରେ ସୃଜିତ ସାନ୍ତାଳୀ ଭାଷାର ଲିପି ଅଲ୍‌ଚିକିର ଶତ ବାର୍ଷିକୀ ଆସେକାର ରାଉରକେଲା ଶାଖା, ନହା ତିର୍ଲା ଗାଓଁତା ଓ ଆସେକା ଜୁୱାନ ଗାଓଁତା ଦ୍ୱାରା ମିଳିତ ଭାବେ ପାଳିତ ହେଉଛି। ସେକ୍ଟର ୬ ଟେଲିଫନ ଭବନଠାରୁ ସିଭିକସେଣ୍ଟର ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ହୋଇଥିଲା। ଏହାପରେ ପରେ ଅଲ୍‌ଚିକି ସୃଜନର ଶତାବର୍ଷିକୀ ସମ୍ମିଳନୀ ଉତ୍ସବକୁ ମୁଖ୍ୟ ଅତିଥି ତଥା ଆସେକାର ପ୍ରତିଷ୍ଠାତା ସଭ୍ୟ ଶୋଭକ୍ଷନାଥ ବେଶ୍ରା ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଅଲଚିକିର ପ୍ରଚାର, ପ୍ରସାର ଓ ସମସ୍ୟା ଭିତ୍ତିକ ବିଭିନ୍ନ ବିଷୟ ଉପରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଦେବୀପ୍ରସନ୍ନ ବେଶ୍ରା ଆଦିବାସୀମାନଙ୍କର ଅସ୍ତିତ୍ୱ ଓ ଅସ୍ମିତା ବିଷୟରେ ଚର୍ଚ୍ଚା କରିଥିଲେ। ସମାଜର ନୀତି, ସଂସ୍କାର ଓ ସଂସ୍କୃତିକୁ ବଞ୍ଚାଇବା ଉପରେ ବାସନ୍ତୀ ମୁର୍ମୁ ଗୁରୁତ୍ୱ ଦେଇଥିଲେ। ଅଲଚିକି ମାଧ୍ୟମରେ ଶିକ୍ଷିତ ହେବାପରେ ସ୍ତ୍ରୀ ମାନଙ୍କର ସ୍ଥାନ କେଉଁଠି ବୋଲି ଡ. ଦୁଲୀ ହେମ୍ବ୍ରମ ତାଙ୍କ ବକ୍ତବ୍ୟରେ ପ୍ରଶ୍ନ ଉଠାଇ ଥିଲେ। କେନ୍ଦ୍ରସରକାର ୨୦୦୩ ଡିସେମ୍ବର ୨୨ ତାରିଖ ଦିନ ସାନ୍ତାଳୀ ଭାଷାକୁ ସମ୍ବିଧାନର ୮ମ ତଫସିଲରେ ସାମିଲ କରିଥିଲେ। ଏହି ଅଲଚିକି ଲିପି ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ସୁନ୍ଦରଗଡ଼ ବ୍ୟତୀତ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ ନେପାଳ ଓ ବାଂଲାଦେଶରେ ମଧ୍ୟ ବ୍ୟବହୃତ ହେଉଛି। ଏହି ଉତ୍ସବରେ ଅଲଚିକିର ପ୍ରଚାର, ପ୍ରସାର ଓ ସାନ୍ତାଳୀ ସାହିତ୍ୟରେ ବିଶେଷ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରୁଇହା ମାର୍ଣ୍ଡି, ବୟହା ବିଶ୍ୱନାଥ ଟୁଡୁ, ସିଦ୍ଧିଲାଲ ମୁର୍ମୁ, ଶିରିପ ଚନ୍ଦ୍ର ସରେନ, କୃପାସିନ୍ଧୁ ବାଲାୟ, ଜୟରାମ ଟୁଡୁ, ସାଲଖୁ ମୁର୍ମୁ, ଝାନ ମୁର୍ମୁ, ଲକ୍ଷ୍ମୀ ହାଁସଦା, କମଳାକ୍ଷୀ ମାର୍ଣ୍ଡି ଓ ରମେଶ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ସହ ଅନ୍ୟରାଜ୍ୟର ସହସ୍ରାଧିକ ଭାଷା ସାହିତ୍ୟ ସଂସ୍କୃତି ପ୍ରେମୀ ଯୋଗ ଦେଇଛନ୍ତି ବୋଲି ଆସେକା ସଭ୍ୟ ରମେଶ ଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ।

# ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରୁଛି ଟାଟା ପାୱାର




**ରାଉରକେଲା, ୨୪ା୧୧(ସମିସ):** ଓଡ଼ିଶାରେ ବିଦ୍ୟୁତ ବିତରଣ ଦାୟିତ୍ୱ ଟାଟା ପାୱାର ନେଲା ପରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଶୋଷଣ ବଢ଼ିବାରେ ଲାଗିଛି। ବିଭିନ୍ନ ଉପାୟରେ ଏହି କମ୍ପାନୀ ଗ୍ରାହକମାନଙ୍କୁ ଲୁଟ୍ କରୁଛି। ଏହାର ପ୍ରତିବାଦରେ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ଓ ରଘୁନାଥପାଲି ଆଞ୍ଚଳିକ ସାଂଗଠନିକ କମିଟି ପକ୍ଷରୁ ଉଦିତନଗର ସ୍ଥିତ ଟାଟାପାୱାର ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ୭ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାହକମାନଙ୍କୁ ଶୋଷଣ ବନ୍ଦ ନ କଲେ ଓ ସମସ୍ୟାର ଆଶୁ ସମାଧାନ ପାଇଁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ପାଇଁ ପାର୍ଟି ପକ୍ଷରୁ ଚେତାଇ ଦିଆଯାଇଛି। ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ଜିଲ୍ଲା କମିଟି ସଦସ୍ୟ ବିପି ମହାପାତ୍ର, ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଭାଗୀରଥି ଟୁଡୁ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ରଘୁନାଥପାଲି ଆଞ୍ଚଳିକ ସାଂଗଠନିକ କମିଟି ଆବାହକ ହୃଦୟାନନ୍ଦ ଯାଦବ, ଅରୁ ଦାସ, ବିନୟ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ମାସରେ ବିଭିନ୍ନ ଆଳରେ ଲୋକ ମାନଙ୍କ ଉପରେ ଅଧିକ ଆର୍ଥିକ ବୋଝ ଲଦି ଦିଆଯାଉଛି। ଏହାର ପ୍ରତିକାର କରିବା ପାଇଁ ଟାଟା ପାୱାର ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯାଇଛି। ନଚେତ୍ ଆଗାମୀ ଦିନରେ ସାଧାରଣ ଗ୍ରାହକଙ୍କ ଅସନ୍ତୋଷ ସରକାର ସମ୍ମୁଖୀନ ହେବେ ବୋଲି ଚେତାଇ ଦିଆଯାଇଛି। ଏହି ଅବସରରେ ରାଉରକେଲା ଆଞ୍ଚଳିକ କମିଟି ନେତା ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅଜିତ ଏକ୍କା, ସୁଧାଂଶୁ ଜେନା, ଅନାଦି ସାହୁ, ସମ୍ବିତ ସ୍ୱାଇଁ, ବସନ୍ତ ପାଢ଼ୀ, ସାଗର ଛୋଟରାୟ, କବି ପ୍ରଧାନ, ସଚିନ୍ ରାୟ, ବଛିରାମ ବେହେରା, ପ୍ରମୋଦ ପରିଡ଼ା, ଅନିତା ନାୟକ, ପ୍ରଭାସିନୀ ଦାସ, ସି ଦିବାକର ରାଓ, ଆଦିତ୍ୟ ନାୟକ, ଗୁରୁ ଚରଣ ଦାସ, ଅଶୋକ ଦାସ, ଶତୃଘ୍ନ ବେହେରା, କୁନ୍ଦନ ବେହେରା, କୁଳମଣି ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଏନ୍‌ସିସି ଦିବସ



**ରାଉରକେଲା, ୨୪ା୧୧(ସମିସ):** ସାରା ଦେଶରେ ରବିବାର ପାଳନ ହୋଇଛି ଏନ୍‌ସିସି ଦିବସ ବା ଜାତୀୟ ଶମର ଶିକ୍ଷାର୍ଥୀ ବାହିନୀ ଦିବସ। ଏନ୍‌ସିସି ଭାରତର ୭୮୦ ଜିଲ୍ଲା ମଧ୍ୟରୁ ୭୧୩ ଜିଲ୍ଲାକୁ ବିସ୍ତାର କରିଛି, ଯାହା ଏହାକୁ ଦେଶର ସବୁଠାରୁ ବ୍ୟାପକ ପ୍ରତିନିଧିତ୍ୱ କରୁଥିବା ଯୁବ ପ୍ରତିଷ୍ଠାନ ମଧ୍ୟରୁ ଅନ୍ୟତମ ହୋଇପାରିଛି। ଏହି କ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲଙ୍କ ମାର୍ଗଦର୍ଶନ ଏବଂ ଏନ୍‌ସିସି ଅଧିକାରୀ କ୍ୟାପ୍‌ଟେନ୍ ମୀନା ଦାସ ଏବଂ ଅନ୍ୟତମ ସହାୟକ ଅଧିକାରୀ ଅଧ୍ୟାପକ ତରଣୀ ମେହେରଙ୍କ ସହଯୋଗରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବନ୍ଦେ ମାତରମ୍ ସଙ୍ଗୀତ ରଚନାର ୧୫୦ତମ ପୂର୍ତ୍ତି ଉପଲକ୍ଷେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଦିବସ ପାଳନ ଉପଲକ୍ଷେ ବନ୍ଦେ ମାତରମ୍ ସଙ୍ଗୀତର ରଚୟିତା ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଜୀବନୀ ଓ କୃତୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଭାରପ୍ରାପ୍ତ ଅଧିକାରୀ ମାୟାଧର ବାରିକ ଯୋଗଦେଇ ଏନ୍‌ସିସି କ୍ୟାଡେଟ୍ ଓ ସେମାନଙ୍କ କାର୍ଯ୍ୟସମ୍ପର୍କରେ ବକ୍ତୃତା ଦେବାସହ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ସେଠୀ, ଅଧ୍ୟାପିକା ରାମେଶ୍ୱରୀ ଭୋଇ ଏବଂ ଡ. ଅନ୍ନପୂର୍ଣ୍ଣା ମହନ୍ତ, ଡ. ପ୍ରିୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପ୍ରବନ୍ଧ ଏବଂ ଅନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ୧୭ ବର୍ଷରୁ କମ୍ ଫୁଟବଲରେ ତିନି ଖେଳାଳି ମନୋନୀତ



**ରାଉରକେଲା, ୨୪ା୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡାସ୍ଥିତ ୟଙ୍ଗ୍ ଆସୋସିଏସନ୍ ଫୁଟବଲ୍ ଦଳର ତିନି କ୍ରୀଡାବିତ୍ ତୁଳସୀ ଟପ୍ପୋ, ରିତୁ ବଡାଇକ ଓ ମଧୁସ୍ମିତା ମିଞ୍ଜ ଅଣ୍ଡର -୧୭ ଓଡ଼ିଶା ଫୁଟବଲ ଦଳ ପାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଦଳର ମୁଖ୍ୟ ପ୍ରଶିକ୍ଷକ ଶିତ ମହାକୁଡ, ଆଣ୍ଟୋନି ଭେଙ୍ଗ୍ରା ଓ ରବି ନାରାୟଣ ପାତ୍ରଙ୍କ ସମେତ ଦଳର ସମସ୍ତ ସାଥୀ କ୍ରୀଡାବିତ୍ ମାନେ ଶୁଭକାମନା ଜଣାଇଛନ୍ତି। ୟଙ୍ଗ୍ ଆସୋସିଏସନ୍ ଫୁଟବଲ୍ ଦଳର ଦୁଇ ପ୍ରତିଭାମୟୀ କ୍ରୀଡାବିତ୍ ପ୍ୟାରୀ ଖାଖା ଓ ଜୁଲି କିସାନ ବର୍ତ୍ତମାନ ଜାତୀୟ ଦଳରେ ଅଛନ୍ତି। ଏତଦବ୍ୟତୀତ ପୂର୍ବରୁ ମଧ୍ୟ ୟଙ୍ଗ୍ ଆସୋସିଏସନ୍ ଫୁଟବଲ୍ ଦଳର ଅଭିଜ୍ଞ କ୍ରୀଡାବିତ୍ ରାଜ୍ୟ ଓ ଜାତୀୟ ଦଳରେ ସ୍ଥାନପାଇବା ସହ ଦେଶର ପ୍ରତିନିଧିତ୍ୱ କରି କ୍ରୀଡ଼ା ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

# ତେଲିଡିହିରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବଣାଇଁ, ୨୪ା୧୧(ସମିସ):** ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ବଡ଼ ଗୋଗୁଆ ପଞ୍ଚାୟତର କେଲୋ ଗ୍ରାମର ତେଲିଡ଼ିହିଠାରେ ଏକ ନୂତନ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ଗ୍ରାମର ଭକ୍ତମାନଙ୍କ ଦ୍ୱାରା ଏକ ବିରାଟ କଳସ ଶୋଭାଯାତ୍ରା କରାଯାଇ ଅଧିବାସ ପୂଜା ପରେ ବୈଷ୍ଣବ ଅଗ୍ନି ସ୍ଥାପନ କରାଯାଇଥିଲା। ସୋମବାର ସକାଳୁ ଗୋ ପୂଜା, ପୃଥିବୀ ପୂଜା, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ବିଗ୍ରହ ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ନିମିତ୍ତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଭାଗ୍ୟରଥି ସାହୁ, ବିବେକାନନ୍ଦ ଜେନା, ଗୋପାଳ ସାହୁ, ମନୋଜ କୁମାର ମହାନ୍ତି, ପୁଲସ୍ତି ସାହୁ ସପତ୍ନୀକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ପୁରୋହିତ ଭାବେ ପଣ୍ଡିତ ଅଜୟ କୁମାର ମିଶ୍ର, ମାଗୁଣି ମିଶ୍ର, ଷଡ଼ାନନ ଶତପଥି, ଷଡ଼ାନନ ଷଡ଼ଙ୍ଗୀ, ଶଶୀକାନ୍ତ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଆଜି ଗ୍ରାମ ତଥା ବଣାଇଁ ଅଞ୍ଚଳରୁ ବିଭିନ୍ନ ଭକ୍ତ ଉକ୍ତ ପୂଜାରେ ଯୋଗଦେଇଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ହୋଇଥିଲା। ଗ୍ରାମର ଛନ୍ଦାଚରଣ ଡଗରା, ରମେଶ ଚନ୍ଦ୍ର ରଣା, ଟିକେଶ୍ୱର ଜେନା, ଦାଶରଥି ଜେନା, ମାୟାଧର ଡଗରା, ମିତ୍ରଭାନୁ ସାହୁ, ଭରତ ଚନ୍ଦ୍ର ସାହୁ, ଏକାଦୁଶିଆ କିଷାନ, ଟଙ୍କଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ୨ରୁ ତୃତୀୟ ଇସ୍ପାତ ନାଟ୍ୟମହୋତ୍ସବ

**ରାଉରକେଲା, ୨୪ା୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ୨୭ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ଆୟୋଜନ କରିବାକୁ ଯାଉଛି ବିଶାଳ ନାଟ୍ୟ ମେଳା। ଡିସେମ୍ବର ୨ ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଉରକେଲାର ପ୍ରତିଷ୍ଠିତ ନାଟ୍ୟନୁଷ୍ଠାନମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯିବ। ଆସନ୍ତା ୨ ତାରିଖ ଦିନ ନାଟ୍ୟାନୁଷ୍ଠାନ ଦ ବିଲିଭର୍ସ ତରଫରୁ 'ଭକ୍ତର ଭଗବାନ', ୩ ତାରିଖ ଦିନ ନାଟ୍ୟାନୁଷ୍ଠାନ କୋଶଲ ନାଟକ ପରିଷଦ ତରଫରୁ ନାଟକ 'ଦେବତା', ୪ ତାରିଖ ଦିନ ନାଟ୍ୟାନୁଷ୍ଠାନ ସଂକଳ୍ପ ତରଫରୁ ନାଟକ 'ସଦ୍‌ଗତି', ନାଟ୍ୟାନୁଷ୍ଠାନ ସରନା ନବ ଯୁବକ ସଙ୍ଘର ନାଟକ 'ଚନ୍ଦ୍ରାଦିତ୍ୟ', ୫ ତାରିଖ ନାଟ୍ୟାନୁଷ୍ଠାନ ନାୟିକାର ନାଟକ ଅହି ସୁଲକ୍ଷଣି ଏବଂ ନାଟ୍ୟାନୁଷ୍ଠାନ ଉପହାର ତରଫରୁ ନାଟକ 'ଶେଷ ଚିଠି', ୬ ତାରିଖ ଦିନ ନାଟ୍ୟନୁଷ୍ଠାନ ମହୁମାଛି ତରଫରୁ 'ନାଟକ 'କାଞ୍ଚି ଅଭିଯାନ', ଏବଂ ନାଟ୍ୟାନୁଷ୍ଠାନ ନଟରାଜ ନୃତ୍ୟ ପରିଷଦ ତରଫରୁ ନାଟକ 'ଅବ୍ୟକ୍ତ ଅନେକ', ୭ ତାରିଖ ଦିନ ନାଟ୍ୟାନୁଷ୍ଠାନ ଆମେ ନାଟୁଆ ତରଫରୁ ନାଟକ 'କିଛି ସତ କିଛି ମିଛ', ୮ ତାରିଖ ଦିନ ନାଟ୍ୟାନୁଷ୍ଠାନ ପଞ୍ଚତତ୍ତ୍ୱ ତରଫରୁ ନାଟକ 'ନାଗମଣ୍ଡଳ', ୯ ତାରିଖ ଦିନ ନାଟ୍ୟାନୁଷ୍ଠାନ ରଙ୍ଗମଞ୍ଚ ତରଫରୁ ନାଟକ 'ହନୁମାନ ପଇସା', ୧୦ ତାରିଖ ଦିନ ନାଟ୍ୟାନୁଷ୍ଠାନ ପ୍ରତିବିମ୍ବ ତରଫରୁ ନାଟକ 'ବୃହନ୍ନଳା', ୧୧ ତାତିଖ ଦିନ ନାଟ୍ୟାନୁଷ୍ଠାନ ପ୍ରୟାସ ତରଫରୁ ନାଟକ 'ସୂର୍ଯ୍ୟୋଦୟ ପୂର୍ବେ', ୧୨ ତାରିଖ ଦିନ ନାଟ୍ୟାନୁଷ୍ଠାନ ସ୍ୱସ୍ତି ଝଙ୍କାର ତରଫରୁ ନାଟକ 'ନିଜଠାରୁ ନିଜର ଦୂରତା' ପରିବେଷଣ ହେବ। ପ୍ରତ୍ୟେହ ସନ୍ଧ୍ୟା ୬. ୩୦ମି ସମୟରେ ସେକ୍ଟର - ୧୯ ସ୍ଥିତ ସିଭିକ୍‌ସେଣ୍ଟରଠାରେ ରାଉରକେଲାର ସମସ୍ତ ନାଟ୍ୟପ୍ରେମୀ ଓ ଜନସାଧାରଣମାନଙ୍କୁ ନିଃଶୁଳ୍କ ନାଟକ ଦେଖିବା ପାଇଁ ଏକତ୍ର ପକ୍ଷରୁ ନିବେଦନ କରାଯାଇଛି।

# ଡିସେମ୍ବର ୨୬ରେ ଏବିଭିପିର ରାଜ୍ୟ ଅଧିବେଶନ

**ରାଉରକେଲା, ୨୪ା୧୧ (ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ତରଫରୁ ରାଉରକେଲାରେ ଅନୁଷ୍ଠିତ ହେବ ସ୍ୱର୍ଣ୍ଣ ଜୟନ୍ତୀ ଅର୍ଥାତ ୫୦ ତମ ରାଜ୍ୟ ଅଧିବେଶନ। ଏହି ରାଜ୍ୟ ଅଧିବେଶନରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ ଟି ସାଙ୍ଗଠନିକ ଜିଲ୍ଲାରୁ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରନେତା, ଅଧ୍ୟାପକ ଓ ଶିକ୍ଷାବିତମାନେ ଯୋଗ ଦେବେବୋଲି ଜଣାପଡ଼ିଛି। ଏହି ଅଧିବେଶନରେ ଏବିଭିପିର ରାଜ୍ୟସ୍ତରୀୟ ପଦାଧିକାରୀ ନିର୍ବାଚନ ହେବା ସହିତ ନୂତନ ରାଜ୍ୟ କାର୍ଯ୍ୟକାରିଣୀ ମଧ୍ୟ ଘୋଷଣା କରାଯିବ। ଏହି ଅଧିବେଶନ ଆସନ୍ତା ଡିସେମ୍ବର ୨୬ ତାରିଖରୁ ୨୯ ଡିସେମ୍ବର ପର୍ଯ୍ୟନ୍ତ ସେକ୍ଟର-୬ ସ୍ଥିତ ରାଉରକେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଖେଳପଡ଼ିଆ ଠାରେ ଆୟୋଜିତ ହେବ। ଏହି ସୁବର୍ଣ୍ଣ ଜୟନ୍ତୀ ରାଜ୍ୟ ଅଧିବେଶନ ଦ୍ୱାରା ବିଦ୍ୟାର୍ଥୀ ସମାଜରେ ଏକ ରାଷ୍ଟ୍ରବାଦର ବାର୍ତ୍ତା ସାରା ରାଜ୍ୟବ୍ୟାପୀ ଯିବ ବୋଲି ରାଜ୍ୟ ସମ୍ପାଦକ ଶ୍ରୀମାନ ସେତାଂଶୁ ବରାଇ ନିଜର ମତ ରଖିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବାରାଇ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ଜ୍ୟୋତି ରାଉତ, ରାଉରକେଲା ଜିଲ୍ଲା ସଂଯୋଜକ ସୁମିତ କୁମାର ରାଜ, ରାଉରକେଲା ଜିଲ୍ଲା ସହ ସଂଯୋଜକ ବିଦ୍ୟୋତମା ମାଝୀ, ରାଉରକେଲା ମହାନଗର ସମ୍ପାଦକ ପୃଥ୍ୱୀରାଜ ଝା ପ୍ରମୁଖ ଉପସ୍ଥିତ ଥିଲେ।











'ସକାଳ' ପକ୍ଷରୁ ଆୟୋଜିତ ବିତର୍କ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବର କିଛି ମୁହୂର୍ତ୍ତ